ପଥିକ ନାଁର କାହାଣୀ

ଅନିଲ କୁମାର ବହାଲ

ମଞ୍ଜୁକନ୍ୟାର କାହାଣୀ

ଅବନୀକୁମାର ବରାଳ

ଓଡ଼ିଶା ବୁକ୍ ଷ୍ଟୋର

Digitized by srujanika@gmail.com

ଲେଖକ :
ଅଧ୍ୟାପକ ଅବନୀକୁମାର ବରାଳ, ଏମ୍. ଏ.

ପ୍ରକାଶକ :
ଶ୍ରୀ ଗୋବିନ୍ଦ ଚରଣ ପାଢ
ଓଡ଼ିଶା ବୁକ୍ ଷ୍ଟୋର, କଟକ-୨

ପ୍ରଥମ ପ୍ରକାଶ :
ଜାନୁଆରୀ—୧୯୬୮

ମୁଦ୍ରକ : [illegible]
[illegible]-୨

ମୂଲ୍ୟ :
ସାଧାରଣ—ଚାରିଟଙ୍କା
ବନ୍ଧାଇ—ପାଞ୍ଚଟଙ୍କା

Digitized by srujanika@gmail.com

ଖୁବ୍ ଜୋର୍‌ରେ ହସିଉଠିଲେ ସମସ୍ତେ । ଅମାଲା, ସୀତା, ବେବୀ, ଗୀତା, ସନ୍ଧ୍ୟା—ସବୁ ଅଭିନେତ୍ରୀଙ୍କର ହସର ସମାବେଶରେ ଗ୍ରୀନ୍ ରୁମ୍‌ଟା ଯେପରି କି ଫାଟିପଡ଼ିଲା ।

ଷ୍ଟେଜ୍ ଭିତରୁ ଜଣେ କିଏ ଦଉଡ଼ିଆସି ପୂରାପୂରି ଭିତରକୁ ନ ପଶି କବାଟରେ ଛିଡ଼ା ହୋଇ କହିଲା, "ହେ ଧୀରେ···ଧୀରେ··· ସିଆଡ଼େ ଷ୍ଟେଜ୍ ଭିତରେ ଗଣ୍ଡଗୋଳ ଶୁଭୁଛି—"

ଶେଷ ଅଙ୍କର ଦ୍ୱିତୀୟ କି ପ୍ରଥମ ଦୃଶ୍ୟ ଚାଲିଥିଲା ବୋଧହୁଏ—ଆଉ ଗୋଟିଏ କି ଦୁଇଟି ସିନ୍ ପରେ ନାଟକ ଶେଷ ହେବ । ଅଭିନେତ୍ରୀମାନଙ୍କ ଭିତରୁ ସୀତା, ବେବୀ, ଅମାଲା ଇତ୍ୟାଦିଙ୍କର ସରିଗଲାଣି । ଏଇ ଶେଷ ଦୃଶ୍ୟଗୁଡ଼ିକରେ ସୁମାଳା ଏବଂ ଗୀତାଙ୍କର ଅଛି ।

ଲୁଗା ବଦଳୁ ବଦଳୁ ଅମାଲାର ପୂରା ଦେହରୁ ଲୁଗା ଖସିପଡ଼ିଲା । ଖୋଲା ଦେହକୁ ତାର ଚାହିଁ କ'ଣ ଗୋଟାଏ କହିଲା ବେବୀ । ଆଉ ଜଣେ କିଏ କହିଲା, "ହେ, ଲୁଗାଟା ଜଲ୍‌ଦି ଘେରେଇ ହୋଇଯା—କିଏ ଆସିଯିବ କାଳେ !" ହସି ହସି ସେମିତି ନିର୍ଲିପ୍ତ ଭାବରେ ଅମାଲା କହିଲା, "କିଏ ଆଉ ନ ଦେଖିଚି ଯେ, ଲୁଚି ଲୁଚି ଆସିବ, ଏଇ ଦେଢ଼ ଟଙ୍କାର କଣା ଯୌବନକୁ—? ଦିନରେ ସିନା ସମସ୍ତଙ୍କ ଆଗରେ ସାଧୁ, ସୁପୁରୁଷ, ରାତିରେ ଗୋଟାପଣେ ବାଘ—ଏକାକୀ ପାଇଲେ, ହାଡ଼, ମାଉଁସ ଯାହା ପାଇବେ ଗିଳିଯିବେ ଏକାବେଳକେ ।"

ଠିକ୍ ଏତିକିବେଳେ ଚାହିଁ ଜଣେ କିଏ ପୁରୁଷ ଅଭିନେତା କି ସ୍ୱେଚ୍ଛାସେବକ ଚାଲିଗଲା ।

—"ଦେଖ···ଦେଖ, ଟିକେ ଆଖି ପଡ଼ିଗଲେ କୃତାର୍ଥ ହୋଇଯିବେ···ଏ ରାତିଟା ପାଇଁ ସ୍ୱପ୍ନକୁ ମଧୁର କରିବାର ଉପାଦାନ ମିଳିଗଲା ।"

ତା'ର ରଙ୍ଗଢ଼ଙ୍ଗ ଆଉ ସମାଲୋଚନା କରିବାର୍ ଭଙ୍ଗୀ ଦେଖି ସମସ୍ତେ ହସୁଥିଲେ ।

Digitized by srujanika@gmail.com

ଜଣେ ଦୁଇ ଜଣଙ୍କୁ ଛାଡ଼ିଦେଲେ ବାକି ସମସ୍ତଙ୍କର ବୟସର ଚଳବରଡ଼ା ଖସି ଖସି ଆସୁଛି – ଗହଳ କେଶରାଶି କ୍ରମଶଃ ପାତଳ ହୋଇ ଆସିଲାଣି – ଆଖି କୋରଡ଼ କୋରଡ଼ – ଗାଲ ଝାଲୁଆ । ବହେ ରଙ୍ଗ ବୋଳ, ପାଆଁଶ ହଜାରେ କ୍ୟାଣ୍ଡଲ୍ ଲାଇଟ୍ ଆଗରେ ଠିଆ ହେଲେ, ସବୁ ଝାଲ ଢିପ, ଉଚ୍ଚ ନୀଚ, ଫାଟ ସମାନ ଦିଶେ ବୋଲି, ଏମାନେ ବେଳେ ବେଳେ ଚମତ୍କାର ଦିଶନ୍ତି ।

ଯାଦୁକରୀ ଆଲୋକରେ ଜୀବନର ରଙ୍ଗ ପରିବର୍ତ୍ତିତ ହୋଇ ଦେଖାଯାଏ – କୁତ୍ସିତା କଦାକାର ବି ଅପରୂପା ରୂପସୀ ହୁଏ – ସୁନ୍ଦରୀ ତନ୍ୱୀ ଚମଧୋଡ଼ିକା ବୁଢ଼ୀରେ ପରିଣତ ହୁଏ । ମାୟାବିନୀ ଏ ମଞ୍ଚ –

ପର ଦୃଶ୍ୟରେ ସୁନୀଲର ଅଛି । ଦରକାରୀ ମେକ୍‌ଅପ୍ ଅଦଳ ବଦଳ କରି ଲୁଗା ପାଲଟି ଆସି ସେ ଉଇଙ୍ଗ୍‌ସ କଡ଼ରେ ଛିଡ଼ା ହେଲା । ତା' ଦେଖାଦେଖି ଅନ୍ୟମାନେ ବି ଗ୍ରୀନ୍‌ରୁମ୍‌ରୁ ବାହାରକୁ ଆସି ସେଇଠି ଛିଡ଼ାହେଲେ । ନିଜ ବ୍ଲାଉଜ ଓ ଲୁଗା ପିନ୍ଧି ଷ୍ଟେଜ୍ ତରଫରୁ ଦିଆ ହୋଇଥିବା ଲୁଗା ସେଇଠି ପକେଇ ଦେଇ ଅମଳା ବି ବାହାରକୁ ଆସିଲା ।

ଅନ୍ଧାରିଆ ହୋଇଛି ଷ୍ଟେଜର ଠିକ୍ ପଛ ପାଖଟା – ଦଉଡ଼ା ଦଉଡ଼ି ହୋଇ ପର ଦୃଶ୍ୟ ପାଇଁ ଷ୍ଟେଜ୍ ରିକ୍ୟୁଜାଇଟ୍‌ସ୍ ବୁହା ଚାଲିଛି । ଜଣେ ଦୁଇଜଣ ବିନା କାରଣରେ ଏପଟୁ ସେପଟକୁ ଚାଲିଯାଉଛନ୍ତି । କିଏ ଜଣେ ଧକ୍କା ମାରିଦେଇ ଗଲା ଅମଳା ଦେହରେ । ଆଉ କେତେ ଜଣ ଓର ଉଣ୍ଡି ଠିକ୍ ଚାଉଳ ଲଗାଇଦେଇ ଦେହକୁ ଦେହ ଘଷି, ଝିଅମାନଙ୍କ ପଛରେ ଛିଡ଼ା ହୋଇ ମଞ୍ଚ ଭିତରକୁ ଚାହିଁଛନ୍ତି ସେଇ ଉଇଙ୍ଗସ୍ ପାଖରେ । ସତେ ଯେମିତି ଅନ୍ୟ ସ୍ଥାନଗୁଡ଼ିକ ଭରପୂର ବା ସେଠୁ ସବୁ ଦେଖାଯାଉ ନାହିଁ ଦୃଶ୍ୟଟା । ମଞ୍ଚରେ ଓହ୍ଲାଇବାର ଏମିତି ଅଭିଜ୍ଞତା ଅନେକ ହୁଏ । ଠିକ୍ ଗେଣ୍ଡା ଭଳି ଏ ଲୋକମାନେ । ଅନ୍ଧାର ଭିତରେ ଘୁଞ୍ଚିଏ ଘୁଞ୍ଚିଏ ଭିଡ଼ି ଧରି ଦେହ ଛୁଇଁଦେବେ, ହାତ, ପାଦ, ଚିପିଦେବେ । ଟିକେ ଆଗେଇ ଅକସ୍ମାତ୍ ବାଜିଲା ବୋଲି ଦେଖାଇ ଛାତିରେ ହାତ ବଜେଇଦେବେ । ଅତି ସାବଧାନତାର ସହିତ, ସନ୍ତର୍ପଣରେ ନିଜକୁ ପ୍ରକାଶ କରିବେ ଜଗିରହି । କାଳେ ଆଉ କିଏ ଦେଖିନେବ !

Digitized by srujanika@gmail.com

ଅବା କିଏ ଓଲଟା ପ୍ରଶ୍ନଉତ୍ତର ଦେବ ! ବେଳେ ବେଳେ ଦୟାକରି କି ବରକତରେ ଏଗୁଡ଼ାକୁ କିଛି କହି ହୁଏନା । ହାତ ପାଦ ଗୃପିଦେଇ ନିର୍ମିଷ ଆନନ୍ଦ ପାଆନ୍ତି ଏମାନେ । ପଦେ ପଦେ ବଢ଼ୁଥିବେ । କିଛି ନ କହି, ନ ଅନେଇ, ପ୍ରଶ୍ରୟ ଦେଲେ ହଠାତ୍ ହାତ ଧରି ପକେଇ ଆଖି ଟ୍ରେଁଠକରି ଏକ କଡ଼କଆ ଜାଗାରେ ପ୍ରେମ ନିବେଦନ କରିବେ କି ଫୁଲଟାଏ ଖୋସିଦେବେ । ହଠାତ୍ ବୁଲପଡ଼ି ଘଗିଲା ଆଖି କରି ଚାହିଁ-ଦେଲେ, ଉତ୍ତମର ଅସ୍ଥିର । ଠିକ୍ ଘେଣ୍ଟାଟିଏ ଭଳି ନିଜକୁ ସଙ୍କୁଚିତ କରିନେବେ – ଗୋଟାଇନେବେ ! ସତେ ଯେମିତି କିଛି ଜାଣି ନାହାନ୍ତି ବା ଭୁଲବଶତଃ ଏମିତି ହୋଇଗଲା । ଏମାନେ ଦୁଇଟି କାରଣରୁ ଡରନ୍ତି । ଏଇ ଝିଅମାନଙ୍କ ଭିତରୁ କାଳେ କିଏ ବେଜ୍ଜିତ୍ କରିଦେବ !! କିମ୍ବା କିଏ ଯଦି ଜାଣିବ, ଏମିତି ଝିଅମାନଙ୍କ ସହିତ ମିଶୁଚି ବୋଲି ! କାଚ କଣ୍ଢେଇ ଭଳି ଚରିତ୍ର ଏମାନଙ୍କର ଟିକିଏ ଆଘାତରେ ଚୂର୍ମାର୍ !

ବିଚିତ୍ର ଜୀବଗୁଡ଼ିଏ ! ଅନ୍ଧାରିଆ ଷ୍ଟେଜ୍ କଡ଼ରେ ପ୍ରେମ ନିବେଦନ କରିବାକୁ ବାଘ ! ବାହାରେ ଆଉ ଲୋକଙ୍କ ଆଗରେ ପଦେ କଥା କହିବାକୁ ହେଲେ ଉତ୍ତମର ଅସ୍ଥିରଂ !

ଧକ୍କା ଖାଇଲେ ବି ଉତ୍ତମର ରହିବାକୁ ପଡ଼େ । ଦେହରେ ଦେହ ବାଜି ସ୍ପନ୍ଦନ ଅନୁଭୂତ ହେଲେ ବି କିଛି କହିହୁଏ ନାହିଁ । ପିଠିରେ ଉଷୁମ ଶ୍ୱାସ, ମୁଣ୍ଡରେ ତାତଲା ନିଶ୍ୱାସର ଝଡ଼ ବହିଗଲେ ବି ଚୁପ୍ ରହିବାକୁ ପଡ଼େ ।

ହେଲେ ବି ଦେହ ଆଉ ମନ ବେଳେ ବେଳେ ଅଭିନୟ କରିବାକୁ ନାରାଜ ହୁଅନ୍ତି – ବୋଲ ମାନନ୍ତି ନାହିଁ । ତଥାପି ଏମାନେ ଅଭିନେତ୍ରୀ । ଅଭିନୟ ବାହାରେ ବି ଅଭିନୟ କରିବାକୁ ପଡ଼େ । ହଁରେ ନାହିଁ – ନାହିଁରେ ହଁ ଅଜାଣତରେ, ଅଲକ୍ଷ୍ୟରେ କେତେବେଳେ ସାରା ଜୀବନଟା ଛୁଚ୍ଛା ଅଭିନୟ ପାଲଟିଯାଏ । ରୋକି ହୁଏନା, ଗତି ବଦଳାଇ ହୁଏନା । ବଡ଼ ତିକ୍ତ, ମଧୁର ଅନୁଭୂତି ଏ ନାଟକର–

ହସ ହସ ମୁହଁରେ ତାରି ଆଡ଼କୁ ଚାହିଁ ରସିକମୋହନ-ବାବୁ ଇସାରା ଦେଉଛନ୍ତି ସେ ପାଖକୁ ଯିବାକୁ । ଅମଳା ବୁଝେ ଏ ଇସାରା । ଅନ୍ୟ କେହି ଅନାଇଁ ରହିଲେ ବି ବୁଝିପାରିବେ ନାହିଁ ।

Digitized by srujanika@gmail.com

ଚମତ୍କାର ଅଭିନେତା ଏ ରସିକମୋହନ । ଆଖି, ଓଠ କିଛି ବଦଳିବ ନାହିଁ, ଅଥଚ ଅମଳା ଜାଣିପାରିବ ହସରୁ । ରସିକବାବୁ ମଞ୍ଚ ଉପରକୁ ଉଠିଲେ ଦର୍ଶକ ଆନନ୍ଦରେ ଉତ୍‌ଫୁଲ୍ଲ ହୋଇଉଠନ୍ତି । ଅମଳା ଜାଣେ, ସମସ୍ତେ ବି ଜାଣନ୍ତି, ତାଙ୍କର ଅନେକ ଦୁର୍ଗୁଣ ଅଛି । ତଥାପି ତାଙ୍କ ପାଖରେ ବାହାଘରର ହୋଇ ଚାଲିବାକୁ ମନ ଡାକେ । ବହୁ ନାରୀଙ୍କୁ କୁଆଡ଼େ ଲାଞ୍ଛିତା କରିଛନ୍ତି ରସିକମୋହନ । ତଥାପି ଆଉ ଗୋଟିଏ ସଂଖ୍ୟା ଯୋଗ କରିବାକୁ ଅମଳା ଆଗଭର ।

ଗୋଟାଏ ଗୋଟାଏ ଲୋକର ଏମିତି ଅଦ୍ଭୁତ ଆକର୍ଷଣୀ ଶକ୍ତି ଅଛି କି କ'ଣ ! ଯେତେ ଗ୍ରହଚନ୍ଦ୍ର ଏଡ଼ାଇ ହୁଏନା । ପରିଣତି ଜାଣି ବି ଅନେକ ଗୋଡ଼ ଖସେ । ସୁମିଳା ବୁଝେ । ବୁଝିଲେ ବି କିଛି କରିପାରେନା । ଏକାନ୍ତରେ କହିଲାବେଳେ ଉବଡ଼ିବ ଅମଳାଟା ହୋ' ହୋ' ହୋଇ ହସେ ବଡ଼ ପାଟିରେ । ସତେ ଯେମିତି ତା ହସର ଉଚ୍ଛ୍ୱାସରେ ଦୁନିଆ ଭସେଇଦେବ ସେ ! ହସି ହସି କାନ୍ଦ ପକାଏ — ନ ହେଲେ ରାଗରେ ଇଆଡ଼ୁ ସିଆଡ଼ୁ ବକେ । ପାଟିରେ ତା'ର ବାଡ଼ ବତା ରହେନା । ତାକୁ ଶାନ୍ତ ରଖିବା ଭଲ । ତଥାପି ସୁମିଳା ଜଗେ ।

ନିଜ ଜୀବନରୁ ସୁମିଳା ଜାଣିଚି ଏ ରକତଖିଆ ବାଘଙ୍କୁ । ରସିକମୋହନ ସେଇ ଭିତରୁ ଜଣେ । କଞ୍ଚା ମାଂସର ପ୍ରଲୋଭନ ତା ପାଖରେ ଯେତେ, ଜଙ୍ଗଲର ହିଂସ୍ର ବାଘ ପାଖରେ ସେତେ ଥିବ କି ନାହିଁ ସନ୍ଦେହ । ମନା ନ ମାନିଲେ ବି ଯେତିକି ଜଗିହବ, ସୁମିଳା ସେତିକି କରେ ।

ଅନ୍ୟମନସ୍କ ହୋଇ ମଧ୍ୟ ମଂଚ ଭିତରକୁ ପଶିଗଲା ସୁମିଳା । ତା'ର ପାର୍ଟ ପଡ଼ିଲା ଏଥର । ଅଭ୍ୟାସ ଏମିତି ପଡ଼ିଗଲାଣି ଯେ, ଏସବୁଥିରେ ଆଉ ଭୁଲ ହେବା ଅସମ୍ଭବ । ଆଗରେ ଅଜସ୍ର ଆଖିର ଭେକ ଭିତରେ ସୁମିଳା ଭୁଲିଗଲା ସବୁ । ସେ ସେଇ ରଙ୍ଗ-ପରିବାରର ଜଣେ । ଯନ୍ତ୍ର ଭଳି ଅଭିନୟ କରିଗଲା ସେ ।

ଅମଳା ସିଧା ଚାହିଁଲା ରସିକମୋହନଙ୍କ ମୁହଁକୁ । ସ୍ପଷ୍ଟ ଭାବରେ ଦେଇ ଇସାରା — ସଙ୍କେତ । ଆଉ କଡ଼ ଉଇଙ୍ଗ୍‌ସ୍ କଡ଼ରୁ ରସିକବାବୁ ଆଡ଼େଇଗଲେ । ଝିଅ ଗହଳଭିତରୁ । ଅମଳା ବି ପଛ ଫେରାଇଲା ।

Digitized by srujanika@gmail.com

ସୁମାଲାର ଆକ୍‌ଟିଂ ସମ୍ପର୍କରେ କିଏ କଣେ ଭଲ ବୋଲି କ'ଣ ମନ୍ତବ୍ୟ କଲା ସେଇଠି। ହୁଏତ ଅମାଳାକୁ ଦେଖି। ମନ୍ତବ୍ୟକାରୀ ମୁହଁକୁ ଈଷତ୍ କଣେଇ କଣେଇ ଚାହିଁ ଅମାଳା ଆଗେଇଗଲା ସିନ୍‌ର ପଛପାଖକୁ। ତାପରେ ଧୀରେ ଧୀରେ ସେଇ ଅନ୍ଧାର ଭିତରେ ଆଗକୁ ଆଖି ଫାଡ଼ି ଚାହିଁ ଚାହିଁ ଆରପଟକୁ ଚାଲିଲା।

"ତୋର କ'ଣ ସରି ଗଲାଣି କି ଆଗରୁ ?' ଦରାଣ୍ଡି ହେଲା ଭଳି ହୋଇ ଆଗପଟୁ ବାପା ଆସୁଛନ୍ତି ସିଗାରେଟ୍‌ଟାଏ ଟାଣି ଟାଣି। ଖାଇବା ଜିନିଷ ପାଇଁ ଲୁଚି ଲୁଚି ଯାଉଥିବା ପିଲା ଆଗରେ ହଠାତ୍ ମା'କୁ ଦେଖି ଯେମିତି ମୁହଁ କରେ ସେଇଭଳି ମୁହଁ କରି।" ଅମାଳା କହିଲା— "ହଁ।" ତାର ମୁହଁ ସେ ଅନ୍ଧାର ଭିତରେ ବାରି ହେଲାନି।

—"କ'ଣ ଖିଆପିଆ ସରିଗଲାଣି ତୋର ?"

—"ନା, ଅପାର ସରିଗଲା ପରେ ସମସ୍ତେ ଏକାଠି ଖାଇବୁ।"

—"ଗୁ' ହରିକା କ'ଣ ଦେଲେଣି ?

—'ନା।"

ସାନ ଭାଇ ହୋଇଥିଲେ ବାପାଙ୍କୁ କହିକରି ଗୋଟାଏ ଥାପୋଡ଼ି ଦେଇଥାନ୍ତା ଅମାଳା। ମଦନ ଦାସଙ୍କର ଏ ତତ୍ତ୍ୱ ନେବାର ଅର୍ଥ ତା' ନିକଟରେ ଅତି ସ୍ପଷ୍ଟ। ତାଙ୍କର ଗୁ' ଦରକାର ପଡ଼ିଚି। ଅଭିନେତ୍ରୀଙ୍କର ବାପାକୁ ଗୁ' ଦେବାର ଆବଶ୍ୟକତାଟା ଉପଲବ୍‌ଧି କରି ନାହାନ୍ତି କେହି। ଖାଇବାକୁ ଦେବାର ଦରକାର ନାହିଁ। ଏକାଠି ଖାଇଲେ ବାଧ ହୋଇ ଦେବେ ଏବଂ ଝିଅକୁ ଗୁ' ଦେଇନ, କଳାକାରଙ୍କର ଅବମାନନା କରୁଚ ଇତ୍ୟାଦି କହି, ଏଇନେ ସେ ନିଜେ କପେ ପାଇବେ। ଏଇଥିପାଇଁ ଏତେ ମାତ୍ରବଶ୍ର।

ମୁହଁ ତାଙ୍କର ଭଣଭଣ ଗନ୍ଧାଉଚି। କୋଉ ଲଫଙ୍ଗା ସିନ୍‌ଟଣାଳୀ କି ମଦ ନ ପିଇଲେ କଳା ହୁଏନା ବୋଲି ଥିଓରୀ କାଢୁଥିବା ଟୋକା-ଠାରୁ ଗୃହାକରି, ତୋଳେ ପିଇ ଦେଇଛନ୍ତି ସେ।

ନିର୍ଲଜ୍ଜ ଘୃଣ୍ୟଲୋକ—ବେହିଆ, ମନେ ମନେ ବହେ ଗାଳି ବର୍ଷି ଗଲା ଅମାଳା। ଉପରେ କିନ୍ତୁ ନୀରବ ରହିଲା। •

ଅମାଳା ଜାଣେ, ସୁମାଳା ବି ଜାଣେ, ଆଖପାଖରେ ଡ୍ରାମା ହେଲାବେଳେ, ତତ୍ତ୍ୱାବଧାରକ କାହାରି ଦରକାର ନ ଥିଲେ ମଧ୍ୟ, ମଦନ

Digitized by srujanika@gmail.com

ଦାସ, ତାଙ୍କ ବାପା, ମାଗି ଯାଚ ହୋଇ, ପଶି, ଅକାରଣରେ ମାମଲତକାରୀ କରନ୍ତି, ମାତ୍ବରୀ ଦେଖାନ୍ତି ।

ଡ୍ରାମା ତ ଦେଖାହୁଏ । ନିର୍ଲଜ୍ଜ ଭାବରେ ମାଗି ମାଗି ମାଗଣାରେ ସିଗାରେଟ୍ ଖାଆନ୍ତି ସିଗାରେଟ୍ ବାଣ୍ଟୁଥିବା କୌଣସି ସ୍ୱେଚ୍ଛାସେବକ ପାଖରୁ । କହନ୍ତି, ଏ ବାଜେ ସିଗାରେଟ୍‌ଗୁଡ଼ାକ ମୁଁ ଖାଇପାରେନା—ଚା’ଗୁଡ଼ାକ ମାଗଣା କୋଉଠୁ ଆଣିଚ କି ? ଏମିତି ସବୁ ବାଜେ କଥା । ବାଧ ହୋଇ ସମସ୍ତେ ସହନ୍ତି ବିରକ୍ତି, ଘୃଣା ସତ୍ତ୍ୱେ ମଧ, କାଳେ ଅଭଦ୍ରନେଇ ବଗିଡ଼ିଯିବେ !

ଅପା କ’ଣ କରିବ କେଜାଣି—ଅମଳା ଭାବେ, ତା’ ବାପା ମଦନ ଦାସଙ୍କୁ କେହି ଅପମାନ ଦେଲେ ସେ ବୋଧେ ଖୁସି ହେବ । ସେ ବିରକ୍ତ ହୋଇ ଯେତିକ ଘରେ କହିପାରେ, ତା’ ଅପେକ୍ଷା ଅଧିକ କିଏ ଶୁଣାନ୍ତା କି !

ବେଶ୍ ରୁଚିସମ୍ପନ୍ନ ଭଦ୍ରଲୋକ ଭଳି ପୋଷାକ ତାଙ୍କର । ଅମଳା, ସୁମଳାଙ୍କର ରୋଜଗାରରେ । ନ ଜାଣିଥିବା ଲୋକ ହଠାତ୍ ଦେଖି, ତାଙ୍କର ସଠିକ୍ ବ୍ୟବସାୟ ବାରିପାରିବା ସମ୍ଭବ ନୁହେଁ ।

"—ଶିରୀଷବାବୁ, ଦୁଇ କପ୍ ଚା’ ଦେଇଯିବେ"—ବାପାଙ୍କ ଉଦ୍ଦେଶ୍ୟ ବୁଝିପାରି ବୁଲୁଯାଉଥିବା ଜଣେ ସ୍ୱେଚ୍ଛାସେବକକୁ ଡାକି କହିଲା ଅମଳା । କୃତକୃତ୍ୟ ହୋଇ, ‘ପଠାଇଦେଉଚି’ ବୋଲି କହି, ଶିରୀଷ ବାବୁ ଭଦ୍ରଲୋକଟି ଆଗେଇଗଲେ । ମଦନବାବୁ ପଛରୁ କହିଲେ, "ଏଗୁଡ଼ାକ ଭଲ କଥା ନୁହେଁ—ଆକ୍‌ଟିଂ କରିବୁ ବୋଲି ଜୀବନ ନାହିଁ ? ଏତେବେଳ ହେଲାଣି, ଗର୍ଜି ଗର୍ଜି ପିଲାଗୁଡ଼ାଙ୍କର ତଣ୍ଟି ପଡ଼ିଗଲାଣି । କେହିହେଲେ ଚା’ ଟୋପାଏ କି ସରବତ୍‌ଟା ଦେଇ ନାହାନ୍ତି ? ଏଇଥି-ପାଇଁ, ଏ ଧରଣର ଗ୍ରୁପ୍ ଅର୍ଗାନାଇଜେସନ୍ ସବୁରେ କଣ୍ଟ୍ରାକ୍ଟ ନ ନେବାକୁ ମୁଁ କହେ ।"

କିଛି ଉତ୍ତର ସେ ଆଶା କରୁ ନ ଥିଲେ । ତେଣୁ ଅମଳା ନୀରବ ରହିଲା । ଚା’ ନୁହେଁ, ସର୍‌ବତ୍ ଗିଲାସେ ତାଙ୍କର ଚାହିଦା ଜାଣିଲା ସେ । ଅପ୍ରକୃତିସ୍ଥ ମଦନବାବୁ ଆଗେଇଲେ ପୁଣି କଡ଼ରେ ଛିଡ଼ାହୋଇ ଦେଖିବେ ବୋଲି । ଚା’ ଏଥର ନିଶ୍ଚୟ ଆସିବ ।

Digitized by srujanika@gmail.com

ପୁଣି କ'ଣ ମନେକରି ପଚାରିଲେ ବାଳପଡ଼ି ଆଗଉଥିବା ଅମଳାକୁ କହିଲେ—'ତୁ, ଗୋଟାଏ ଜାଗାରେ ବସୁନୁ ? ଏମିତି ବୁଲୁଚୁ କାହିଁକି ? କୋଉଠି କ'ଣ ଝୁଣ୍ଟିବୁ ସେ ଅନ୍ଧାରଟାରେ—

"—ଇସ୍, ଉପଦେଶ ଦିଆ ହେଉଚି !" ବୋଲି ଫୁସ୍‌କନା କରି ତା ଗନ୍ତବ୍ୟ ପଥରେ ଆଗେଇଗଲା ଅମଳା । ଅପେକ୍ଷା ନ ରଖି ମଦନବାବୁ ବି ଉଇଙ୍ଗସ୍ କଡ଼କୁ ଚାଲିଆସିଲେ ।

ସେଇ ସିନ୍‌ରେ ପାର୍ଟ ଥିଲା ବୋଧହୁଏ ରସିକ ମୋହନଙ୍କର । ବାପାଙ୍କର ଘ'ର ବରାଦ ଶୁଣୁଶୁଣୁ ତାଙ୍କର ପାର୍ଟ ପଡ଼ିଯାଇଛି ।

ନିରବ ହୋଇ କଣେଇ ଚାହିଁଲା ଅମଳା ମଞ୍ଚ ଉପରକୁ ।

ଅପାକୁ କୋଳକୁ ଆଉଜେଇ ଆଣି କ'ଣ ପ୍ରେମର ଡାଇଲଗ୍ କରୁଛନ୍ତି ରସିକବାବୁ ଅତି ଜୀବନ୍ତ ଭାବରେ । କରୁଣତାରେ ଅପାର ମୁହଁ ଲୁଚିଯାଇଚି । ମଳିନ ଦିଶୁଚି ଯେମିତି । କପୋଳରୁ ବହିଆସୁଛି ଧାର ଧାର ଝାଳ, ଆଖି କୋଣରେ ତାର କାକର ବିନ୍ଦୁ ଭଳି ଦୁଇ ଧାର ଲୁହ । ହୁଏତ ଲାଇଟ୍‌କୁ ନିନିମେଷ ଆଖିରେ ଚାହିଁ ଚାହିଁ ଚଳାଇଛି ସେତକ । ସେମାନଙ୍କ ଉପରେ ସ୍ପଟ ଲାଇଟ୍ ପଡ଼ିଚି ।

ଏ ଉବାଲ୍‌ଟା ସେ କରିଥିଲେ ଭାରି ମଜା ହୋଇଥାଆନ୍ତା !

ସୁମିଲା ଅତି ଚମତ୍କାର ଅଭିନୟ କରୁଥିଲେ ମଧ୍ୟ କାହିଁକି କେଜାଣି ସେଇ ମୁହୂର୍ତ୍ତରେ ଅଭିନେତ୍ରୀ ଅମଳାର ମନ ଭିତରଟା ଗୋଳେଇ ଘାଣ୍ଟି ହୋଇଗଲା । ସେ ଭଲ ଭାବରେ ଜାଣିଚି, ମଞ୍ଚ ଉପରର ପ୍ରେମ ଓ ପ୍ରେମିକ, ଏ ଦୁଇଟି କେତେ ବଡ଼ ଭଣ୍ଡାମୀ । ତା' ନ ହୋଇଥିଲେ ମନ ତାର ନିଜର ଏମିତି ବେଳେ ବେଳେ ଗୁମୁରି ଗୁମୁରି ବାହୁନିଉଠେ କାହିଁକି ? ପଚାଶ କି ଶହେ ଥର ତ ସେ ବାହା ହେଲିଣି ଜୀବନରେ !

ଛଳନା ବୋଲି ଜାଣିଲେ ବି ବେଳେ ବେଳେ ଛଳନାକାରୀ ନିଜେ, ଦିନେ ସେଇ ଛଳନାକୁ ବିଶ୍ୱାସ କରେ ସତ୍ୟ ବୋଲି । ଅମଳାର ବୋଧହୁଏ ତାହା ହିଁ ହୋଇଥିଲା ।

ସୁମିଲା ପ୍ରତି ଅହେତୁକ ଭାବରେ ତା'ର ମନ ଈର୍ଷାରେ ପୂରି-ଉଠିଲା । ଅଡ଼ିଟୋରିୟମ୍‌ରେ ଦର୍ଶକମାନଙ୍କ ଆଖିରେ ଆବେଗର ଅଶ୍ରୁ,

Digitized by srujanika@gmail.com

ଆନନ୍ଦର ଅଶ୍ରୁ । ଜଡ଼େଇ ଚାହିଁ ଦେଖିଲା ଅମଳା-- ପ୍ରେମିକାର ସକରୁଣ ବାତାବରଣ ଭିତରକୁ ଟାଣିଆଣୁଚି । ମୁଗ୍ଧତା ସୁସ୍ପଷ୍ଟ ।

ବଷେଇ ଉଠିଲା ଅମଳାର ମନ । ଇଚ୍ଛା ହେଲା, ସେହି ମୁହୂର୍ତ୍ତରେ ମଞ୍ଚ ଭିତରକୁ ପଶିଯାଇ, ରସିକବାବୁଙ୍କ ଗୁଡ଼ିରୁ ତାର ନିଜ ଭଉଣୀ ସୁମଳାକୁ ଓଟାରିଆଣନ୍ତା । ବଦମାସ୍, ଯୋଉଠି ଦେଖିବ ସେଠି ଏ ମୋ ସାଙ୍ଗରେ ଥିବ ! ଏଥରକ ଅଲଗା କଣ୍ଟାକ୍ଟ କରିବ । ଅକାରଣରେ ଅମଳାର ମନକୁ ଆସିଲା, ସୁମଳା ଜାଣିଶୁଣି ତାକୁ ଅନୁସରଣ କରୁଛି ! ବୋକ ଭଳି ଲାଗିରହିଛି ତା' ସାଙ୍ଗରେ – ମଞ୍ଚ ଉପରର ତୀବ୍ର ଆଲୋକରେ ମଧ୍ୟ ତାକୁ ଅନ୍ଧକାର ଦେଖାଯାଉଥିଲା । କିଛି ନ ଦେଖି ଅନର୍ଥକ ସେମିତି ସେ ଛିଡ଼ାହୋଇ ଚାହିଁରହିଥିଲା ମଞ୍ଚଭିତରକୁ— କିଛି ଦେଖୁ ନ ଥିଲା ।

ରସିକମୋହନଙ୍କୁ ସତରେ କ'ଣ ସେ ଭଲ ପାଏ ? ସେ କ'ଣ ଅମଳାକୁ ଭଲ ପାଆନ୍ତି ? ମନଭିତରେ ଅମଳା ନିଶ୍ଚିତ ଯେ ମିଛକଥା ଇଏ ! ଭଲ ପାଇବାଟା ଗୋଟାଏ ବୋଲି, ଗୋଟାଏ ଡାଇଲଗ ଭଳି କହିଯିବା କଥା ! କିଛି ନାହିଁ ସେଥିରେ – ତଥାପି ତାର ମନଭିତରର କେଉଁ ଅନ୍ଧାରୀ କୋଣ ବେଦନାରେ, ଅଭିମାନରେ, ପୁଣି ଈର୍ଷାରେ ଥରି ଉଠୁଥିଲା—ଗୁମୁରି ଉଠୁଥିଲା ।

ତାର ଭାବନାର ଖିଅକୁ ଛିଡ଼ାଇ କିଏ ଜଣେ କାନ୍ଧ ହଲାଇଦେଇ କହିଲା, "ଟିକେ ଟା ନିଅନ୍ତୁ, ଥଣ୍ଡା ହୋଇଯିବ" । ନିଜର ଭାବନାର ଖିଅକୁ ଛିଡ଼ାଇଦେଇ ଅମଳା କାନ୍ଧ ଧରି ହଲାଇ ଦେଇଥିବା ଲୋକଟି ପ୍ରତି ବିରକ୍ତ ହୋଇଉଠିଲା ମନେ ମନେ । ମୁହଁ ବିରକ୍ତ, ଘୃଣାରେ କୁଞ୍ଚିତ କରି ଅମଳା ପଛକୁ ଫେରି ଚାହିଁଲା । କାନ୍ଧ ଛୁଇଁଦେଇଥିବା ଭଦ୍ରଲୋକ ମନେ ମନେ ଗର୍ବିତ ହୋଇଉଠୁଥିଲେ ବୋଧହୁଏ – ହସ ଉକୁଟି ଉଠୁଥିଲା ମୁହଁରେ – ଅମଳାର ଭ୍ରୂକୁଞ୍ଚନ ଦେଖି ମଉଳିଗଲା ତାଙ୍କ ହସ । ବୋଧହୁଏ ତାର ମନୋଭାବ ଜାଣିପାରିଲେ ସେ ଭଦ୍ରଲୋକ । ଅନୁନୟ ଭଙ୍ଗୀରେ କହିଲେ, "ଅନେକ ସମୟରୁ ମୁଁ ଟିକେ ଟା ଧରି ଛିଡ଼ା ହୋଇଛି···ଆପଣଙ୍କୁ ଡାକିଲେ ବି ନ ଶୁଣିବାରୁ······" ଲଜ୍ଜିତା ହେଲା ଅମଳା । ଲୋକଟାର କଥା ଉପରେ ଭରସା ଆସିଲା ତାର ।

Digitized by srujanika@gmail.com

ପଚାରିଲ, "ବାପାଙ୍କୁ ଗୋଟାଏ ଚା···" "ଦେଇଚ" ବୋଲି କହି ଭଦ୍ରଲୋକ ଜଣକ ଆଗେଇଗଲେ ।

ତାତିଲା ମନ ତାର ତାତିଲା ଚା' କପକରେ ସତରେ ଥଣ୍ଡା ହୋଇଗଲା । ଜମାଟ ବାନ୍ଧି ଆସୁଥିବା ବିରକ୍ତି, ହତାଶା, ଘୃଣା, ବିଷଜନିତ ଦୁଃଖ ସବୁ କେମିତି ଅପସରିଗଲା ମାତ୍ର କପେ ଚା'ରେ ।

ମଞ୍ଚକୁ ଚାହିଁ ସେହି ମୁହୂର୍ତ୍ତରେ ସେ ଭାବିଲା, ଅପା, ସେ, ବେବି, ଗୀତା ଏମିତି ଆଉ ଅନେକ ଝିଅ, କେତେ ପୁଅ ସମସ୍ତେ ଗୋଟିଏ ପରିବାରର ଅନ୍ତର୍ଭୁକ୍ତ । ଏଇ ରଙ୍ଗମଞ୍ଚର ଚଉହଦ, ସୀମା ଭିତରେ— ଏଇ ଆଲୁଅ-ଅନ୍ଧାରର ପରିପାର୍ଶ୍ୱ ଭିତରେ, ରଙ୍ଗରେ, ସୁରରେ, ସେମାନେ ସମସ୍ତେ ଗଢ଼ି ତୋଳିଛନ୍ତି ଏକ ଅଭିନବ, ନୂତନ ସଂସ୍ଥା । ଗୋଟିଏ ଘର— ଗୋଟିଏ ପରିବାର । ସେଠି ଆଉ କେହି ନାହାନ୍ତି । ମା' ବାପା, ଭାଇ ଏମାନଙ୍କର ଅସ୍ତିତ୍ୱ ନାହିଁ ।

ଗୋଟିଏ ଧାରରେ, ଗୋଟିଏ ସୁଅରେ କଳ କଳ ତଟିନୀ ଭଳି, ନାନା ବାଧା ପ୍ରତିବନ୍ଧକ ଡେଇଁ ଡେଇଁ ଆଗେଇ ଯାଉଛି ଏମାନଙ୍କର ଜୀବନ । କରୁଣତା, ଆନନ୍ଦ ସବୁର ସମ୍ମିଶ୍ରଣରେ ଏକ ନବୀନ, ନୂତନ ଅନୁଭୂତି ଜାଗ୍ରତ ହେଉଛି, ଯାହାର ସ୍ପନ୍ଦନ କେବଳ ଏଇମାନେ ହିଁ ଅନୁଭୋଗ କରନ୍ତି — ଏଇ କେତେ ଜଣ ହିଁ ଅଙ୍ଗେ ନିଭାନ୍ତି ।

ଅଭିନୟର ରାଜା ରାଣୀ, ସ୍ୱାମୀ-ସ୍ତ୍ରୀ, ନଟନଟୀ ହୋଇ ଏମାନେ ଜୀବନକୁ ଦେଖନ୍ତି ରଙ୍ଗବେରଙ୍ଗ ଚିତ୍ର ରୂପରେ । କେତେ ଘଣ୍ଟାର ଅଗଣିତ ମଣିଷଙ୍କର ସ୍ୱପ୍ନରାଜା, ସ୍ୱପ୍ନରାଣୀ ଏମାନେ, ପରମୁହୂର୍ତ୍ତର, ପରଦା ଉପରେ ଚଳଚ୍ଚିତ୍ରର ଛବି ଭଳି ଉଭେଇଯାଆନ୍ତି ସମସ୍ତଙ୍କର ମନରୁ— ଦୁନିଆର ନାନା ଜୀବନ, ନାନା ଜୀବଙ୍କା, ବହୁ ଧରଣର ମଣିଷଙ୍କର ମନୋବେଦନା ରୂପ ପାଏ ଏମାନଙ୍କ ଭିତରେ । ହେଲେ କେହି କେବେ ଏମାନଙ୍କର ଅନ୍ତର୍ଦାହ ବୁଝିବାକୁ ଦଣ୍ଡେ ହେଲେ ଭାବନ୍ତି ନାହିଁ । ମଣିଷ ଜୀବନର ପ୍ରତିଛବି ବୋଲି, ଧ୍ୱନିର ପ୍ରତିଧ୍ୱନି ବୋଲି ହୁଏତ ଏମାନେ ଏକ ଧ୍ୱନିରେ, ଛବିରେ ପରିଣତ ହୋଇ ଯାଇଛନ୍ତି କାହିଁ କେଉଁ କାଳରୁ—ନା, ମଣିଷ ଏମାନେ ନୁହନ୍ତି । ଦସ୍ୟୁମାସ୍ୟୁ ବୋଲି, ସମାଜଛଡ଼ା ବୋଲି ଏମାନଙ୍କର ଏକ ପରିବାର···ଗୋଷ୍ଠୀ ଯାତ୍ରାକର ରାଜା-ରାଣୀର ସମ୍ମାନ—

Digitized by srujanika@gmail.com

ଘଣ୍ଟାକର ପ୍ରଣୟ-ପ୍ରଣୟିନୀର ମଧୁର, ସୁନ୍ଦର ସ୍ୱପ୍ନ, ମୁହୂର୍ତ୍ତକର ଲୋଭନୀୟ ଜୀବନ ପର ମୁହୂର୍ତ୍ତରେ ଉଭେଇଯାଏ । ନିଜର କଳ୍ପନାର ଦୁନିଆ ଭିତରେ ହଜିଯାଇ, ଏମାନେ ସାରା ଦୁନିଆକୁ ଭୁଲିଯିବାକୁ, ହଜାଇ ଦେବାକୁ ଚେଷ୍ଟା କରନ୍ତି ।

ଅଭିନେତ୍ରୀ-ଅଭିନେତା ଏମାନେ — ନିଜର ଭେକ ବଦଳାଇ, ରୂପକୁ ଫଟା କରି ଜୀଅନ୍ତି — ପରିଚୟ ସେତିକିରେ ସମ୍ପୂର୍ଣ୍ଣ । ଦେହ ଅଛି, ମନ ନାହିଁ — ରୂପ ଅଛି, ପ୍ରାଣ ନାହିଁ । ଦେହସର୍ବସ୍ୱ ପ୍ରାଣୀ ଏମାନେ — ମନଟାକୁ ଫିଙ୍ଗି ଦେଇଛନ୍ତି କାହିଁ କେଉଁ କୋଣରେ କେଉଁଠି ଏ ମଞ୍ଚ ଉପରେ ପାଦ ଦେଲା ଦିନୁଁ ।

ମନ ସେଇ ଦିନଠୁ ଆଉ ଟଣେକେ ନାହିଁ — ଟଣେକବା, ଚହଲିବା କଥା ନୁହେଁ । ମନର କାରବା'ର ଏମାନେ କରନ୍ତି ନାହିଁ ।

ଏକ ଅଶ୍ଚର୍ଯ୍ୟ ଜଗତକୁ ଚାଲିଯାଇଥିଲା ଅମିଳା । ମଞ୍ଚର ଛାଇ ଆଲୁଅ, ତା ଆଖିରେ ଆଙ୍କି ଦେଇଥିଲା ବାଧନ୍ନସହଲ୍ଲନାର ସପ୍ତବର୍ଣ୍ଣ ଇନ୍ଦ୍ରଧନୁର ଝଲକ । ଏମିତି ହୁଏ ବେଳେ ବେଳେ । ଚୁହୁଁ ଚୁହୁଁ ହଜିଯାଏ କୁଆଡ଼େ କେଜାଣି !

ସେହି କ୍ଷଣକରେ ଅପା ସୁମିଳା ପାଇଁ ମନ ତାର ଉଦା ହୋଇ-ଉଠିଲା — କରୁଣତାରେ ପରବଶ ହୋଇଗଲା । ଆଖିକୁ ଲୁହ ନ ଆସିଲେ ବି ଆବେଗରେ କଣ୍ଠ ତାର ରୁଏଁ ରୁଏଁ ରୁଦ୍ଧ ହୋଇଗଲା ଦଣ୍ଡକ ପାଇଁ ।

ଏଇ ପରିବାରର ଜଣେ ସେ । ଯାହାର ମନ ହଜିଯାଇଚି କେବେଠାରୁ । ତା'ର ପୁଣି ଭାବନା ଶକ୍ତି ଆସିଲା କୋଉଠୁ ? ଅମିଳା କା ଈର୍ଷା କରୁଛି କାହାକୁ ? ରସିକବାବୁ ଭଲ ପାଉଛନ୍ତି କାହାକୁ ପୁଣି ? ସବୁ ମିଛ, ଧପ୍ପାବାଜି — ନାଟକର ଗୋଟିଏ ଗୋଟିଏ ଦୃଶ୍ୟ — ଯାହାସବୁ ଗୁନ୍ଥା ହୋଇ ହୋଇ ବଡ଼ ନାଟକଟିଏ ହୁଏ । ସେଇ ମୁହୂର୍ତ୍ତରେ ତାକୁ ଲାଗିଲା, ଯେମିତି ସୁମିଳା ତା' ଅପା ନୁହେଁ । ଏ ମଞ୍ଚ ପରିବାରର କନ୍ୟାଟିଏ । ଆଉ-ମାନଙ୍କ ଭଳି ବଡ଼ ଦୟନୀୟା ସେ । ସେଇମାନେ ସେଇମାନଙ୍କୁ ଦୟା କରନ୍ତି — କରୁଣା କରନ୍ତି । ଆଉ କୌଣସି ସମ୍ପର୍କର ପ୍ରଶ୍ନ ଉଠିପାରେ ନା ।

ନିଜର ଭାବନା ପୁଣି ଥରେ ଭାବିଲାବେଳକୁ ଅମିଳାକୁ ଲାଜ ଲାଗିଲା । ଅଦ୍ଭୁତ ଭାବରେ । କ'ଣ ସେ କଳ୍ପନା କରିପାରୁଚି ? ନାଟକର

Digitized by srujanika@gmail.com

ଲକ୍ଷ ଚରିତ୍ରକୁ ନିଜ ଭିତରେ ପ୍ରକାଶିତ କରାଇ, ବହୁ ବଡ଼ମାନଙ୍କ କଳ୍ପିତ କଳ୍ପିତ ଘଟଣାଟା ବି କେମିତି ପ୍ରଭାବିତ ହୋଇଯାଇଛି ବୋଧହୁଏ । ଅନ୍ତତଃ ତାହା ହିଁ ସତ୍ୟ ବୋଲି ତାର ଧାରଣା ହେଲା । ନ ହେଲେ ଏତେ ବଡ଼ ଚିନ୍ତା ତାର ଆସନ୍ତା କୁଆଡ଼ୁ ?

ଏସବୁ ସେଇ ରଙ୍ଗମଞ୍ଚର ସୃଷ୍ଟି । ନିଜ ଗଢ଼ା ଜିନିଷ ।

ନିଦରୁ ହଠାତ୍ ଉଠିଲା ଭଳି ଲାଗିଲା ତାକୁ । ଘଣ୍ଟା ବାଜିଲା ଏବଂ ଡ୍ରପ୍ ଓ ସ୍କ୍ରିନ୍ ଉଭୟ ପଡ଼ିଯାଇ ଦର୍ଶକଙ୍କଠାରୁ ମଞ୍ଚକୁ ପୂରାପୂରି ବିଚ୍ଛିନ୍ନ କରିଦେଲା । ନିଜ ନିଜ ଭିତରେ ଆଳାପ ଆଲୋଚନାରେ ବ୍ୟସ୍ତ ରହିଲେ ସମସ୍ତେ । କିଏ ପରଚୁଲା ଖୋଲୁ ଖୋଲୁ, ମୁହଁରୁ ରଙ୍ଗ କାଢ଼ୁ କାଢ଼ୁ, କିଏ ବା ଶାଢ଼ୀ ବଦଳୁ ବଦଳୁ, କୃତ୍ରିମ ଏ କେତେ ଘଣ୍ଟାର ଗଢ଼ା ଦୁନିଆଟିର କଥା ଆଲୋଚନା କରିବାକୁ ଲାଗିଲେ ।

ଧୀରେ ଧୀରେ ଗହଳ କମିଆସିଲା ପ୍ରେକ୍ଷାଳୟ ଆଖପାଖରୁ ।

ଗୋଟିକ ପରେ ଗୋଟିଏ ବତୀ ଲିଭିଗଲା । କେବଳ ମଞ୍ଚ ଭିତରର କେତୋଟି ବତୀ ଛଡ଼ା ଆଉ ସବୁ ଲିଭିଗଲା । ଚାରିଆଡ଼ ଅନ୍ଧାର ହୋଇଆସିଲା ।

କିନ୍ତୁ ସମୟ ଆଗରୁ ଲକ୍ଷ ଆଖି ଆଗରେ ଫୁଟି ଉଠିଥିବା ସଂସାରଟି ଘୋର ଅନ୍ଧକାର ଭିତରେ ମିଳେଇଗଲା — ନିଶ୍ଚିହ୍ନ ହୋଇଗଲା । ମୋହ ସୃଷ୍ଟି କରୁଥିବା ସେ ରଙ୍ଗର ବିଭବ, ସେ ଆଲୋକର ବନ୍ୟା, ସବୁ ନିଶ୍ଚିହ୍ନ ହୋଇଗଲା ।

ନା, ଆଉ କଳ୍ପନା ନୁହଁ — କାଳ୍ପନିକ ସେ ଦୁନିଆ ନୁହଁ, ବାସ୍ତବକୁ ଫେରିଆସିବାକୁ ପଡ଼ିବ । ପେଟରେ ପେଟ ଜଳୁଚି । ଖାଇସାରି ଘରକୁ ଯିବାକୁ ହେବ ନିଦ୍ରିତ ସହରର ଏ ଅନ୍ଧକାରାଚ୍ଛନ୍ନ ରାଜରାସ୍ତାରେ । ସବୁ କ୍ରମଶଃ ନୀରବ, ନିସ୍ତବ୍ଧ ହୋଇ ଆସିଲାଣି । ସବୁ ଆଲୁଅ ଲିଭିଯାଇ କେବଳ ଗୋଟିଏ ବତୀ ଜଳୁଥିଲେ ଅନ୍ଧାର ଭିତରେ ଆଖିଟା ଯେମିତି ଧୀରେ ଧୀରେ ସେଇ ଏକକ ଆଲୋକ ନିକଟକୁ ଚାଲିଯାଏ, ଅକାରଣରେ ଠିକ୍ ସେମିତି ଚାରିଆଡ଼ ନୀରବ ହୋଇଗଲେ, ସମସ୍ତେ କିଏ କୁଆଡ଼େ ଚାଲିଗଲେ, ମଣିଷ ନିଜକୁ ଦେଖେ ଏକାକୀ — ନିଜ ଛଡ଼ା ତା' ପାଖରେ

Digitized by srujanika@gmail.com

ଆଉ କିଛି ରହେନା, ସେଇ ଏକାଠିଆ ବସିବାଟି ଭଳି । ମନଟା କ'ଣ ଗୋଟାଏ ପାଇବା ଲାଗି ଛଟପଟ ହୁଏ ।

ଖାଇସାରି ସୁମିଲା ଦେଖିଲା, ବାପା ଏ ଅନୁଷ୍ଠାନର ସେକ୍ରେଟାରୀଙ୍କ-ଠାରୁ ସୁମିଲା-ଅମିଲାର ଗାର୍ଡିଆନ୍ ହିସାବରେ ଟଙ୍କା ଆଣୁଛନ୍ତି ବୋଧହୁଏ । ଟଙ୍କା ଧରିଛନ୍ତି ବୋଲି ତାଙ୍କର ଅନ୍ତଃସ୍ଥଳୀ ଭିତରୁ ହସ ଉପୁଡ଼ିଉଠୁଛି ଆତ୍ମତୃପ୍ତିରେ । ଦରଦାମ କଷାକଷିର ଆବଶ୍ୟକତା ପଡ଼ି ନାହିଁ ବୋଧହୁଏ । ମନଫୁଲ୍ଲିଣିଆ ହୋଇ ବଡ଼ ଆମୋଦରେ ମନଖୋଲା ଗପୁଛନ୍ତି ସେ । କେତେ ଜଣ ବସି ଖାଉ ଖାଉ ଗପୁଛନ୍ତି । ସୀତା, ସନ୍ଧ୍ୟା, ବେଣୀ, ଗୀତା, ଆଉ ଅନ୍ୟମାନେ, ଲୁଗାପଟା ଗୋଟାଏ ଗୋଟାଏ ଧରି କିଏ ବା ଖାଲି ଷ୍ଟେଜ କଡ଼ରେ ପଡ଼ିଥିବା ସୋଫା ଉପରେ ବସି ଖୁସି ଗପରେ ମା'ତିଛନ୍ତି ଜଣ ଜଣଙ୍କ ସହିତ ।

ଅମିଲାକୁ ଖୋଜିବା ପାଇଁ ଆଖି ବୁଲାଇଲା ସେ । କୋଉଠି ହୁଏ ତ ଗପୁଥିବ କାହା ସହିତ । ପ୍ରତି ନାଟକ ଶେଷରେ ଏମିତି ଗପ ଚାଲେ । ଏ ଗପ ମଞ୍ଚ ପରିବାରର ଏକାନ୍ତ ନିଜସ୍ୱ । ଭୋଜି ସରିଲା ପରେ, ବାହାଘରର ଦଉଡ଼ାଦଉଡ଼ି ଶେଷ ହେଲେ, କାମିକା ଲୋକେ ଥକ୍କା ମାରି ବସି ଯେମିତି ଆଲୋଚନା କରନ୍ତି, ନିଜ ନିଜର କାମର ଅବା ଗୋଟାଏ ଗୋଟାଏ ଘଟଣାର, ଠିକ୍ ସେମିତି ଏଠାରେ ଆଲୋଚନା ହୁଏ । କିଏ କେମିତି କଲା, କାହାର ମଉଜର ହେଲା, କେତେବେଳେ ଅବା ଆବଶ୍ୟକୀୟ ଜିନିଷଟି ମିଳିଲା ନାହିଁ, କିଏ ହସିଦେଲା, ଦର୍ଶକ ଲୋକଟିଏ କେମିତି କାହା ଗୃହିଣୀ ଦେଖି ହଡ଼ବଡ଼େଇଗଲା···ଏମିତି ଅନେକ ଗପ···ସବୁ ସରିଲା ପରେ ଖାଁ ଖାଁ ଲାଗେ— ଫାଙ୍କା ଲାଗେ ମନଟା···

କିନ୍ତୁ କାହିଁ ଅମିଲା ? କୋଉ କଣରେ ତ ସେ ଦେଖାଯାଉ ନାହିଁ । ପାଗଳି···ନିଜ କଥା ଆଦୌ ବୁଝେନା···ମନେ ମନେ ବିରକ୍ତ ହେଲା ସୁମିଲା । କୋଉଠି କାହା ସାଙ୍ଗେ ମାତିଥିବ ଏଇନେ । ତା' ପାଇଁ ବଡ଼ ଭଉଣୀ ସୁମିଲାର ମନରେ ଅଜସ୍ର ଆଶଙ୍କା ।

ଜୀବନଟା ଅଭିନୟ ହେଲେ ବି ଅଭିନୟଟା ଯେ ଜୀବନ ହୋଇ-ପାରେନା, ଏ କଥା ସୁମିଲା ବୁଝେ—କିନ୍ତୁ ଅମିଲାକୁ ବୁଝାଇ ହୁଏନା ।

Digitized by srujanika@gmail.com

ଅମଲାପରି ଆଉ କେତେ ଜଣ ବ ବୁଝି ବୁଝନ୍ତ ନାହିଁ । ଚୈତର ଶୁଖିଲା ପତ୍ର ଭଳି ଘୂର୍ଣ୍ଣିବାତ୍ୟାରେ କାହିଁ କୁଆଡ଼େ ଉଡ଼ିଯାଆନ୍ତି—ଭାସିଯାଆନ୍ତି ।

ଟିକେ ଆଗକୁ ଗଲା ସୁମିଲା । ମଞ୍ଚରୁ ଅଧିକାଂଶ ଆଲୁଅ ଲିଭିଗଲାଣି । ଗୋଟିଏ ବେଶୀ ପାୱାର ବଲ୍‌ବରେ ମଞ୍ଚ ଉପରଟି ଆଲୋକିତ ହୋଇଛି । ବହୁ ଅଂଶ ଅନ୍ଧାର । ଟିକେ ଆଗରୁ ସାଜସଜ୍ଜାର ଆତିଶଯ୍ୟରେ ଫାଟିପଡ଼ୁଥିବା ବହୁ ନାୟକଙ୍କ ନିକଟରେ ମୁଖର ଗଳ୍ପବାଦୀ ତରୁଣୀ କ୍ଳାନ୍ତ ଶ୍ରାନ୍ତ ହୋଇ, ଶ୍ଳଥ ବେଶବାସରେ ଢଳିପଡ଼ିଲେ ଯେମିତି ଲାଗେ, ସେଇଭଳି ଦିଶୁଛି ମଞ୍ଚଟା ।

ଯେଉଁଠି ଛିଡ଼ା ହୋଇ କିଛି ସମୟ ଆଗରୁ ଅଭିନୟ କରୁଥିଲା, ଠିକ୍ ସେଇଠି, ସିଧା ଷ୍ଟେଜ୍ ମଝିରେ ଛିଡ଼ା ହୋଇ ପରଦାଗୁଡ଼ାକ ଟେକି କଡ଼େଇ କଡ଼େଇ, ପ୍ରେକ୍ଷାଗୃହକୁ ଚାହିଁଲା ସୁମିଲା । କେହି କୁଆଡ଼େ ନାହାନ୍ତି । ଜଗୁଆଳ ଓ ଝାଡ଼ୁଦାର ଦୁହେଁ ଏକାଠିଆ ଘରଟା ସାରା ଘୂରି ଘୂରି ଚଉକୀ ସଜାଡ଼ି ରଖୁଛନ୍ତି । ସବୁଦିନେ ତାଙ୍କର ଏ କାମ । ସୁମିଲା ଜାଣେ, ଏଇ ମଞ୍ଚଟିରେ ଅଭିନୟ ସରିଲା ମାତ୍ରେ ଖୁଁ ଖୁଁ କାଶି ଜଗୁଆଳୀ ବୁଢ଼ା ପାହାଚ କଡ଼ରେ ଶୋଇପଡ଼ିଥିବା ଝାଡ଼ୁଦାରକୁ ଡାକିବ । ତା'ପରେ ଦୁହେଁ ମିଶି ଘୂରି ଘୂରି ଅସଜଡ଼ା ଚଉକୀକୁ ବାଗେଇ ରଖିଦେବେ— ଝାଡ଼ିଦେବେ । ଆଗାମୀ କାଲି ସକାଳର କାମ ସେମାନେ ଏଇ ରାତିରୁ କାହିଁକି କେଜାଣି ସାରିଦିଅନ୍ତି । ଖାଲି ଫାଙ୍କା ଘରଟାରେ, ଶୂନ୍ୟ ଚଉକୀ-ଗୁଡ଼ାକ ମୃତ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରୁଥିଲା ଭଳି ଜଣାଯାଉଛନ୍ତି । ସେମାନଙ୍କର ସତେ ଯେମିତି ଜୀବନ ଅଛି । ସେମାନେ ଯେମିତି ଦେଖୁଛନ୍ତି ଏଇ ନୀରବ, ଶୁନ୍‌ଶାନ୍ ରଙ୍ଗମଞ୍ଚଟାକୁ । କିଛି ସମୟ ଆଗରୁ କୋଳାହଳ, କଳଗୁଞ୍ଜନରେ ପୂରିଯାଇଥିବା ରଙ୍ଗମଞ୍ଚର ହଠାତ୍ ଏ ମୌନ ବିଜନତା, ନିର୍ଜନତା ସେ ଚଉକୀଗୁଡ଼ାକୁ ଭୀତ କରୁଛି ।

ସୁମିଲର ଖିଆଲ୍ ହେଲା ଯେ, ସେ ଅମଲକୁ ଖୋଜିବାକୁ ଆସି ଚାହିଁଥିଲା ସ୍କ୍ରିନ୍ ଫାଙ୍କରେ । ଦ୍ୱାରର କେଉଁ ପିଠା ଘଣ୍ଟାରେ ରାତି ବାରଟା ବାଜିବାର ସମସ୍ତ ସଙ୍କେତ ଅନେକ ବେଳୁ ଶୁଭିଲାଣି ।

କାହିଁ ଅମଲ ?

ସ୍କ୍ରିନଟା ଛାଡ଼ିଦେଇ ଭିତରକୁ ଆସିଲା ସୁମିଲା ।

Digitized by srujanika@gmail.com

ଜଣ ଜଣ ହୋଇ ଅଭିନେତା, ଅଭିନେତ୍ରୀ ବାହାରିଗଲେଣି । କିଏ କିଏ ବାହାରି ଯାଉଛନ୍ତି ଖୁସିଗପ କରି କରି । ହସରୁ ଚେନାଏ ଚେନାଏ ଟୁଂଟିକି ଆସୁଚି, ରାତିର ପବନରେ ।

ପ୍ରଥମେ ପ୍ରଥମେ ଡ୍ରାମାରେ ଓହ୍ଲାଇଲାବେଳେ ସୋ' ସରିଲାପରେ ଘର ଖରାପ ଲାଗୁଥିଲା । ବହୁଦିନ ପର୍ଯ୍ୟନ୍ତ ଏମିତି ଲାଗୁଥିଲା । ଫାଙ୍କା—ଖାଲି—ଖାଁ ଖାଁ—ଜୀବନର ସମସ୍ତ କୋଳାହଳ, ସରସତା ଯେମିତି ହଠାତ୍ ନୀରବ ହୋଇଗଲା ମୁହୂର୍ତ୍ତକରେ । ଅତି ଗଣ୍ଡଗୋଳ କରୁଥିବା ଦୁଷ୍ଟ ପିଲା ଖୁବ୍ ବେମାର ପଡ଼ି ନୀରବ ହୋଇଗଲେ ଘରେ ଯେମିତି ଲାଗେ ।

କିଛୁଦିନ ପର୍ଯ୍ୟନ୍ତ ରାତିଟାଯାକ ମନେ ପଡୁଥିଲା ନାଟକର କାହାଣୀ, ଅଭିନୟ, ସହ-ଅଭିନେତାମାନଙ୍କର କଥାବାର୍ତ୍ତା, ଚାଲିଚଳଣ, ସବୁ—ଫଳରେ ରାତିରେ ନିଦ ହୁଏନା । ସମୟେ ସମୟେ କାନ୍ଦ ମାଡୁଥିଲା—ଯେମିତି ଆଉ କାହା ସହିତ କେବେ ଦେଖାହେବ ନାହିଁ !

ବ ବଚନ !

ନାଃ, ଅନେକ ଦିନୁ ମନର ଏ ଅଯଥା ଘାରିହାନ୍ତ ହେବାର ଖୋଇ ହଜିଗଲାଣି । ନିତି ନିତି ଦେଖି ଦେଖି ମଂଚର ଆଲୋକ, ଜନଗହଳି ଚିଠା ଲାଗିଲାଣି । ସରିଗଲେ ଖୁସି ଲାଗୁଛି । ଶନିଗ୍ରହ ଗଲା ! ନିତିଦେଖା ଦହଦଷରା ଜନାଷ ପାଇଁ ଆବେଗ କି ଆଗ୍ରହ ନ ଥାଏ ।

ତଥାପି କେତେବେଳେ' ମୁହୂର୍ତ୍ତକ ପାଇଁ ମନର କେଉଁ ଏକ ଗୋପନୀୟ କୋଣରେ ଆଘାତ ଲାଗେ । ଦରଜ ହୋଇଥିବା ଜାଗା ଅଜାଣତରେ ଚିପି ହୋଇଗଲା ଭଳି ।

ନାଟକ ସାରି ବିଦାୟ ମାଗି ଫେରିଲାବେଳେ ଅବା ଅନ୍ୟାନ୍ୟ ସମସ୍ତେ ଚାଲି ଯାଉଥିଲାବେଳେ ସେଇ ଅବସାଦ ଆକସ୍ମିକ ଭାବରେ କ୍ଷଣକ ପାଇଁ ହେଲେ ମଧ୍ୟ ମନଟାକୁ ଆଚ୍ଛନ୍ନ କରିଦିଏ । ଅଲକ୍ଷ୍ୟରେ କାନ୍ଦଉଠେ ମନଟା—ଟଣକଉଠେ କେଉଁଠି ସୂକ୍ଷ୍ମ ତନ୍ତ୍ରୀ । ପର କ୍ଷଣରେ ମିଳେଇଯାଏ ପୁଣି ।

ଫେରିପଡ଼ି ସୁନୀଲା ମଞ୍ଚ ପଛ କଡ଼କୁ ଗଲା । ଅଭିନେତା, ଅଭିରାମ, ନନ୍ଦ, ଭିକାରି, ଏମାନେ ସବୁ ଗୀତାକୁ ଘେରି କ'ଣ ଗପି ଗପି

Digitized by srujanika@gmail.com

ବାହାର ଯାଉଛନ୍ତି । ଷ୍ଟେଜ୍ କବାଟ ପାଖରେ ବାପା ଛିଡ଼ା ହୋଇ, ସିଗାରେଟ୍ ଧୂଆଁ ଉଡ଼ାଇ ଚାଲିଛନ୍ତି ।

କୁଆଡ଼େ ଗଲା ଅମଲା ?

ଷ୍ଟେଜ୍ ଚାରିକଡ଼କୁ ଆଖି ବୁଲାଇଲା ରସିକମୋହନକୁ ଖୋଜିବା ପାଇଁ ।

ସିଏ ବା କାହିଁ ?

ଏକାବେଳକେ ଷ୍ଟେଜ୍‌ର ପଛକଡ଼କୁ ଗଲା । ସୁମିଲା ହଠାତ୍ ଆଲୁଅ ଭିତରୁ ବାହାରକୁ ବାହାରି ଆସିବାରୁ ଅନ୍ଧାର ଆହୁରି ଘନୀଭୂତ ହେଲା ଭଳି ଜଣାଗଲା ତାକୁ । ଆଖି ଦୁଇଟାରେ ଅନ୍ଧାରର କାଳିମା ନେସି ହୋଇଯାଇଛି । ଥରେ ଦୁଇ ଥର ଆଖି ବୁଜି ଫିଟାଇଲା ସେ ।

ସବାଶେଷ କଣରେ କିଏ ଦୁଇ ଜଣ ଖୁବ୍ ପାଖାପାଖି ଲଗାଲଗି ହୋଇ ଛିଡ଼ାହେଲା ଭଳି ଝାପ୍‌ସା ଦେଖାଯାଉଛି । ସନ୍ଦେହ ହେଲେ ମଧ୍ୟ ଆଉ ପାଦେ ଦୁଇ ପାଦ ଆଗେଇଯାଇ ଅଟକିଗଲା ସୁମିଲା । କାହିଁକି କେଜାଣି ଉଚିତ ମଣିଲା ନାହିଁ ସେମାନଙ୍କ ପାଖକୁ ଯିବାକୁ । ନିଜର ଭାବନା ଭିତରେ ସେମାନେ ଏତେ ବେଶୀ ବୁଡ଼ିରହିଥିଲେ ଯେ, ସୁମିଲାକୁ ଦେଖିବାର ଅବକାଶ ପାଇ ନାହାନ୍ତି ।

ଅନ୍ଧାରର କୁହୁଡ଼ି ଏଥର ଆଖି ଆଗରୁ ଅପସରିଗଲାଣି । ଅସ୍ପଷ୍ଟ ହେଲେ ବି ସୁମିଲା ଦେଖିଲା, ପୁଅଟିର ମୁହଁ ଝିଅର ମୁହଁ ସହିତ ମିଶି ପୁଣି ଛାଡ଼ିଗଲା । ସମ୍ଭବତଃ ଝିଅଟିର କଟିବେଷ୍ଟନ କରୁଛି ପୁଅଟିର ଦୁଇହାତ ।

ଅତି ନିବିଡ଼ ଭାବରେ, ଏକ ହୋଇ ସେମାନେ ଛିଡ଼ା ହୋଇଛନ୍ତି ।

ଅମଲା — ତା'ର ସାନ ଭଉଣୀ । ରସିକମୋହନ — ତାର ସହ-ଅଭିନେତା—ବନ୍ଧୁ ।

ବହୁ ନାଟକର ନାୟିକା, ଅଭିନୟରେ ଶତାଧିକ ପ୍ରଣୟୀମାନଙ୍କର ଚୋଖିଲି ଆଉଡ଼ାଇଥିବା ସୁମିଲା ପକ୍ଷରେ ସେମାନଙ୍କର ଉପସ୍ଥିତ କଥାବାର୍ତ୍ତା, ଭଙ୍ଗୀ ସମ୍ପର୍କରେ ଶୁଣିବାକୁ ବା ଜାଣିବାକୁ ଆଗେଇଯିବାକୁ ହେଲା ନାହିଁ । ସେଇଠି ରହି ସେ ସେତିକିମାତ୍ର ଦେଖି ଶୁଣିପାରିଲା ଅମଲା ଓ ରସିକମୋହନଙ୍କର କଥାବାର୍ତ୍ତା ।

Digitized by srujanika@gmail.com

ଗ୍ରୀନ୍ ରୁମ୍ ପଛକଡ଼େ କ'ଣ କଥାବାର୍ତ୍ତା ହୁଏ, ସେ ଭଲ କରି ଜାଣେ । ଢେର୍ ଅଭିଜ୍ଞତା ସେ ଅର୍ଜ୍ଜନ କରିଛି ।

ନାଃ, ଈର୍ଷାରେ ଜଳିଗଲା ନାହିଁ ସେ । କାରଣ ପ୍ରେମ ପାଇଁ ଈର୍ଷା ହୁଏ—ପ୍ରବଞ୍ଚନା ପାଇଁ ନୁହେଁ । ଜଣେ ହୁଏତ ଭାବିପାରେ, ମୋତେ କାହିଁକି ସେ ଭଲ ନ ପାଇଲା ବୋଲି—ମାତ୍ର ମୋତେ କାହିଁକି ସେ ପ୍ରବଞ୍ଚିତ କଲା ନାହିଁ ?

ଦୟା, ଅନୁକମ୍ପାରେ ତା'ର ପ୍ରାଣ ପୂରିଗଲା ଅମଲା ପାଇଁ । ବିଚାରି ! ଟଙ୍କା ରୋଜଗାର କରିବା ପାଇଁ, ବାଧ୍ୟ ହୋଇ ମୁହଁରେ ରଙ୍ଗ ବୋଳୁଛି ସେ । ମନରେ ଟିକେ ରଙ୍ଗ ଆଣିବା ପାଇଁ କି ଅଦମ୍ୟ ଲାଳସା ? କି ଉତ୍କଣ୍ଠା !

ଟଙ୍କା ପାଇବା ପାଇଁ, ଶତାଧିକ ଆଖି ଆଗରେ ଅନେକ ଲୋକଙ୍କର ପାଦ ଧରିବାକୁ ପଡ଼ିଚି । ପ୍ରେୟସୀ ସାଜିବାକୁ ପଡ଼ିଚି ! ସତରେ ପାଦଧରି କାହାର ଜୀବନ ଲୁଟେଇ ଦେବାପାଇଁ ମନ ତଥାପି କାନ୍ଦିଉଠୁଚି !

ଭିକାରି ବି ବେଳେ ବେଳେ ବୁଭୁକ୍ଷୁକୁ ଦୟା କରେ ! ସୁମିଳାର ମନ କରୁଣାରେ ପୂରିଗଲା ।

ଆଉ କେତୋଟି ମିନିଟ୍ ଆଗରୁ ରସିକ ବାବୁ, ଠିକ୍ ଏହି ଭଙ୍ଗୀରେ ତାକୁ ଆଲିଙ୍ଗନ କରୁଥିଲେ ମଞ୍ଚ ଉପରେ । ସେତେବେଳେ ସେ ନାଟକର ଯେଉଁ ସଂଳାପ କହୁଥିଲେ, ବର୍ତ୍ତମାନ ହୁଏତ ସେଇଭଳି କାହାଣୀ ସେ ମିଚ ଗଳାରେ ଶୁଣାଉଛନ୍ତି ଅମଳାକୁ । ଫୁସ୍ ଫୁସ୍ ହୋଇ କହୁଥିବେ ସେ । କାମନା ପ୍ରବଳ-ତେଣୁ ସହଜ ଗଳାରେ କଥା କହିପାରୁ ନଥିବେ । ଅନୁମାନ କଲା ସୁମିଳା ।

ସାରା ମଞ୍ଚ ଶୂନ୍ୟ ହୋଇ ଗଲାଣି । ବାପା, ଅମଳା, ରସିକମୋହନ ଓ ତାକୁ ଛାଡ଼ି ବାକି ସମସ୍ତେ ବୋଧହୁଏ ଚାଲିଗଲେଣି । କର୍ମକର୍ତ୍ତା ଜଣକେତେ ହିସାବ କରୁଛନ୍ତି ଲାଭକ୍ଷତିର । ଏଠି ଯୋଉମାନେ ରୁହନ୍ତି, ସେମାନେ ଗଞ୍ଜି ଲୁଙ୍ଗି ପିନ୍ଧି, ଟହଲ ମାରୁଛନ୍ତି । ମଞ୍ଚ ଖାଲି ହେଲେ, ଏଠି ସେଠି ପଡ଼ିଯିବେ । କେତେଜଣ ଶୋଇବା ପାଇଁ, ପ୍ରସ୍ତୁତିପର୍ବ ଆରମ୍ଭ କରି ଦେଲେଣି,-ଅଙ୍ଗମୋଡ଼ାମୋଡ଼ି ପଛପଟେ ହାଇ ପରେ ହାଇ ଉଠୁଚି ।

Digitized by srujanika@gmail.com

ଅତି ବିରକ୍ତ ହେଲେ ମଧ୍ୟ, ଅମୀଳାକୁ ପାଟିକରି ଡାକିପାରୁ ନଥିଲା ସେ। ଏଇ, ଏମାନେ ବୋଧହୁଏ ପ୍ରକୃତିସ୍ଥ ହେଲେ । ପାଖର ଦୋତାଲା କୋଠାଟା ଉପରେ ଜଳୁଥିବା ଆଲୁଅଟାଏ ନିଭିଗଲା। କିଛି ଅଂଶ ପୁଣି ଅନ୍ଧାର ହୋଇଗଲା । ସେହି ଲିଭିପିବା ଆଲୋକର ସଙ୍କେତରେ ସମ୍ଭବତଃ, ଏ ଜଗତକୁ ଓହ୍ଲାଇ ଆସିଛନ୍ତି । ଅମୀଳା ଓ ରସିକ ମୋହନ ।

ପଛକୁ ଚାହିଁ ସୁମୀଳା ଦେଖିଲା, ବିରକ୍ତିରେ ଓ ଅବସନ୍ନ ଦେହ ମନରେ ହାଇ ମାରି ମାରି ବାପା ରିକ୍ସା ଦୁଇଖଣ୍ଡ ଡାକି ଆଣିଲେଣି। ଅମୀଳା ଫେରୁଚି ।

ଲାଜଟା ସ୍ୱୈରିକୁ ହେବା କଥା । ଯେ ଦୋଷ କରିଥାଏ, ସେ ଲଜ୍ଜିତ ହୁଏ—ମୁହଁ ଲୁଚାଏ । କିନ୍ତୁ ଆଶ୍ଚର୍ଯ୍ୟ ସୁମୀଳାକୁ ଲାଜ ମାଡ଼ିଲା— ସେ ସେଠାରେ ଛିଡ଼ା ହୋଇ ରହି ପାରିଲା ନାହିଁ । ତା' ମୁହଁ ରଙ୍ଗା ପଡ଼ିଗଲା ସତେ ଯେମିତି ।

ଧୀରେ ଧୀରେ ଶ୍ରୀହୀନ ହୋଇ ଆସୁଥିବା ମୁହଁକୁ ତା'ର ଚାହିଁ ଦେଖିବାକୁ ସେତେବେଳେ ସେଠି କେହି ନ ଥିଲେ ବି, କେହି ଥିଲେ, ଜାଣିପାରିଥାନ୍ତା ଯେ, ସୁମୀଳା ମୁହଁରେ, ମନରେ ବି ଇନ୍ଦ୍ରଧନୁ ଅଛି। ଏବେ ବି ଉଭେଇ ଯାଇନାହିଁ ସେ ରଙ୍ଗର ସମାରୋହ ।

ସୁମୀଳା ପାଦ ଘୋଷାରି ଘୋଷାରି ମଞ୍ଚରୁ ବାହାରି ଆସି ରିକ୍ସାରେ ବସିଲା । "ଅମୀଳା କାହିଁ" ? ପଚାରିଲେ ବାପା । "ଆସୁଚି ସେ" ବୋଲି ସଂକ୍ଷିପ୍ତ ଉତ୍ତରଟିଏ ଦେଲା ସେ ।

ଅମୀଳା ଦ୍ରୁତପଦରେ ଆସି ରିକ୍ସାରେ ବସିପଡ଼ିଲା । ରସିକ ମୋହନ ସାଇକେଲ୍‌ରୁ ଚାବି ଖୋଲୁ ଖୋଲୁ, ସେମିତି ନଇଁ ପଡ଼ିଥିବା ଅବସ୍ଥାରେ ନିର୍ଲଜ୍ଜ ଭାବରେ କହିଲା—'କାଲି ଦେଖା ହେବ' ଅମୀଳା କେବଳ ମୁହଁରେ ହସ ଉକୁଟାଇଲା । କୌଣସି ଉତ୍ତର ଦେଲା ନାହିଁ । ତା'ପରେ ମଦନବାବୁଙ୍କୁ ନମସ୍କାର କଲା ସେ । ବାଧ୍ୟ ହୋଇ ସୁମୀଳା, ଅମୀଳା ସହିତ ହାତ ଉଠାଇ ନମସ୍କାର କଲା ତାକୁ ।

ଝିଅଙ୍କୁ ବସାଇଚି ବୋଲି ମୋହରେ, ଯୁବକ ରିକ୍ସାବାଲା ଜୋର୍‌ରେ ପ୍ୟାଡ଼େଲ୍ ଉପରେ ଗୋଡ଼ ଚଳାଇଲା ।

Digitized by srujanika@gmail.com

ହଠାତ୍ ହୋ ହୋ ହୋଇ ହସିଉଠି ଅମଳା କହିଲା, "ତୋତେ ଲାଜ ମାଡୁଚି କିଲୋ, ଅପା ?"

"ଧେତ୍, ବଜାରୁଣୀ"—ବୋଲି ସୁମିଲା ଅଯଥାରେ କହିଲା ।

ଜନଗହଳି ପତଳା ହୋଇ ଆସିଲଣି ଗଳିରାସ୍ତାରୁ । କାଁ ଭାଁ କୋଉଠି କିଏ ଜଣେ ଅଧେ ଯାଉଛନ୍ତି । ରାତି ବଢ଼ି ଚାଲିଚି । ମ୍ୟୁନିସି-ପାଲିଟିର ବତିଗୁଡ଼ାକ ନିର୍ବିକଳ୍ପ ଭାବରେ, ଫିକା ଫିକା ଆଲୁଅ ବାଣ୍ଟି ଚାଲିଛନ୍ତି ।

କାଲୁଆ ଲାଗୁଚି, ଶିକ୍‌ସାଠା ଜୋର୍‌ରେ ଚାଲିବାରୁ । ଦେହରେ କାନି ଘେରେଇ ଆଣିଲା ଅମଳା ।

ନିଦରେ ଆଖିପତା ଟଳମଳ ହେଉଥିଲା ସୁମିଲାର—

ଧୀରେ ଆଖିପତା ମେଲିଲା ସୁମିଲା । ଆଲୋକର କ୍ଷୀଣ ସ୍ରୋତ ସହିତ ଶବ୍ଦର ତରଙ୍ଗ ପଶି ଆସୁଛି, ରୁଦ୍ଧ ଘର ଭିତରକୁ ।

ଦେହରେ, ବିଛଣାରେ ଗତ ରାତିର ଗ୍ଲାନି । ଝାପ୍‌ସା ଅନ୍ଧକାର, ସହିତ ବନ୍ଦ ଘରର ଗନ୍ଧ ଏକ ଅଦ୍ଭୁତ ପରିବେଶ ସୃଷ୍ଟି କରୁଛି ।

ହାତ ବଢ଼ାଇ, ଡାହାଣ ପାଖେ ଥିବା ଝରକାର ଉପର କବାଟଟା ଖୋଲିଦେଲା ସେ । ଆଲୋକ ଓ ପବନ ପଶି ଆସିଲା ଆତୁର ବେଗରେ ।

ସକାଳ ହୋଇଗଲାଣି ।

ଝରକାବାଟେ ଆକାଶରୁ ଖଣ୍ଡେ ଦେଖାଯାଉଚି । ଗ୍ରେଟିଆ ଅଂଶ ଖଣ୍ଡେ । ମୁହଁ ଫଣଫଣ କରିଚି ଆକାଶଟା । ପାଉଁଶିଆ ପାଉଁଶିଆ ରଙ୍ଗ ବୋଳା ହୋଇଚି ଆକାଶଟାରେ—ତା'ପରେ ମାପିଚୁପି ଜଗି ଜଗି କିଏ ଯେମିତି ଅତି ସନ୍ତର୍ପଣରେ ନାଲ୍ ରଙ୍ଗ ବୋଳି ଦେଉଛି । ଆଉଟିକେ ପରେ, ସୁନେଲି ରଙ୍ଗର ପଲସ୍ତରା ଭିତରେ ଏ ଲାଲମିଶା ପାଉଁଶିଆ ରଙ୍ଗ, କାହିଁ କୁଆଡ଼େ ମିଳେଇଯିବ । ଉଭେଇଯିବ ।

ସକାଳୁଆ ପବନଟା, ସତେ କି ନରମ କରି ଆଉଁସି ଦେଇଯାଉଚି ଦେହଟା ସାରା । ଆଖିପତା ପୁଣି ମୁଦି ହୋଇ ଆସୁଥିଲା ସୁମିଲାର—ଜୋର୍ କରି ଫିଟାଇ ରଖିଲା ପତା ଦୁଇଟାକୁ ।

Digitized by srujanika@gmail.com

ସେଇ ବଛଣାରେ ସେମିତି ପଡ଼ିରହି ସେ ଘର ଭିତରେ ଆଖି ବୁଲାଇଲା । ଆର କଡ଼କୁ ଗୁଞ୍ଜିଗାଞ୍ଜି ହୋଇ ଶୋଇଛି ଅମାଲା । ତା' ଆରପଟକୁ ମା' । ଦେହ ମୁଣ୍ଡ ମୁକୁଳା ଫୁଙ୍ଗୁଳା ତାର । ଗୁଣ୍ଡରେ ଲୁଗା ନାହିଁ । ଧୋଉକା ଚମ—କୋରଡ଼ଆ ଆଖି—ଟାକୁଆ ହାଡ଼ୁଆ ମୁହଁ । ହାଡ଼ୁଆ ଦେହର ତାର ବହୁଅଂଶ ସ୍ପଷ୍ଟ ଦେଖାଯାଉଚି । ମୁର୍ଦ୍ଦାରଟାଏ ଭଳି ପଡ଼ିଛି ସେ ।

ଆଗରେ ଅଛି ସାରା ଜୀବନ । ପୁଣି ଆଜି ପାଇଁ ଦିନଟିଏ ।

ସୁମାଲା ମନେ ମନେ ଭାବୁଥିଲା ସାରାଦିନଟାର କାର୍ଯ୍ୟକ୍ରମ—ଯେଉଁ ଦିନଟି ଆସୁଛି, ହାରିଯାଇଥିବା ଯୋଦ୍ଧା ଭଳି ସନ୍ତ୍ରସ୍ତ ହୋଇ ଯେଉଁ ଦିନକୁ ଗତ ରାତି ବାଟ ଛାଡ଼ି ଦେଇଛି ଠିକକ ଆଗରୁ ।

ଆଉ ଖୁବ୍ ଅଳ୍ପ ସମୟ ସେ ଏଇ ବିଛଣାରେ ପଡ଼ି ରହିପାରିବ—ଆକାଶର ଦେଖାଯାଉଥିବା ଅଂଶଟା ନାରଙ୍ଗୀ ହୋଇଆସିବା ପର୍ଯ୍ୟନ୍ତ ।

ତା'ପରେ ? ତା'ପରେ ସେଇ ଆଦିମ ଶୋଷ । ଜୀବନକୁ ପିଇଯିବାର, ସ୍ୱ' ପରି ଶେଷ କରିଦେବାର ଉଦ୍ଦାମ ଶୋଷ ନେଇ ସମସ୍ତେ ଲାଗିବେ । ବ୍ୟାକୁଳ ହୋଇ ଲାଗିପଡ଼ିବେ । ଜୀବନର କଳରୋଳ ଭିତରେ ସଦ୍ୟସ୍ନାତ ଉଷାର ଏ ମଧୁର ନୀରବତା ହଜିଯିବ ।

ଏ ଲାଲିମା, ଏ ସୁନ୍ଦରତା, ଏ ଶୀତଳ ପବନ, ସବୁ ମିଳେଇଯିବ ସେଇ ଆଗାମୀ ରୁଦ୍ର ତପ୍ତଶ୍ୱାସ ଭିତରେ—ଉଜ୍ଜ୍ୱଳ ପ୍ରଖର ତେଜ ଆଉ ବର୍ଣ୍ଣ ଭିତରେ ।

ନିଜର ଅତି ଶ୍ରେଷ୍ଠ ମନ ନେଇ ସୁମାଲା ଚିନ୍ତା କଲା ଏବଂ ବିସ୍ମିତା ହେଲା । ଯାହାକୁ ପଚାର ସମସ୍ତେ ଦୁଃଖୀ—ନ ପାଇବାର ରୋଗରେ ସଭିଏ ଭୋଗୁଛନ୍ତି । କିଏ ବା କ'ଣ ପାଇ ନାହାନ୍ତି, ତଥାପି ପାଇବାର ଦୁର୍ବାର ଲାଳସା ନେଇ ଏ ଦଉଡ଼, ଏ ଧାଁଧପଡ଼ କାହିଁକି ? ସମସ୍ତେ ଶୋଇରହିଲେ କ'ଣ କ୍ଷତି ହୁଅନ୍ତା ?

ମୁହଁରୁ ରଙ୍ଗ ଲିଭିଇବା ଆଗରୁ ସୁମାଲା ଓ ଅମାଲା ପରସ୍ପରକୁ ଚାହିଁ ହସିବେ ଠିକେ । ନିଃଶବ୍ଦ ସେ ହସ । କେବଳ ଓଠ ବଙ୍କେଇଯିବ । ବିଛଣାରୁ ଉଠିଲା ମାତ୍ରେ ଏ ହସ ଦୁହିଙ୍କୁ ମାଡ଼ିବ । ଏଇ ଦୁହିଙ୍କ ଭିତରୁ ଜଣେ ହେଲେ କେହି ସ୍ୱ' କରିବାକୁ ବୋଷେଇ ଘର କବାଟ ଫିଟାଇବେ । ଆଉ କବାଟ

Digitized by srujanika@gmail.com

ଘେଁଟାଇବା ମାତ୍ରେ ଖଡ଼୍‌ଖାଡ଼୍ ହୋଇ ଦୁଇ ଚାରିଟା ମୂଷା, ଚୁଚୁନ୍ଦ୍ରା, ପାଞ୍ଚଏ ଅସରପା ଏଠୁ ସେଠୁ ବାହାରି ପଳାଇଯିବେ ପ୍ରାଣ ବିକଳରେ ।

ଦିନର ଆଲୋକ ମାଡ଼ିଆସିବ ଏଥର । ଖପରଛାତ ଘର ଚାଳରେ— ଅଗଣାରେ । ମା' ବେଳବେଳର ଉଠିବ । ଆଗରୁ ସକାଳୁ ଜଲ୍‌ଦି ଉଠିବାର ଅଭ୍ୟାସ ଥିଲା ବୋଲି ସେ କହେ । କିନ୍ତୁ କେଜାଣି କାହିଁକି ସୁମାଲାର ସ୍ମରଣଶକ୍ତି ଯେଉଁ ପର୍ଯ୍ୟନ୍ତ ଅତୀତକୁ ଯାଇପାରେ, ସେ ଦିନଠାରୁ ମା' କେବେ ସକାଳୁ ଉଠି ନାହିଁ । ଅନ୍ତତଃ ସୁମାଲା କେବେ ଦେଖି ନାହିଁ । ବାପା ଉଠି ପାଖରେ ଥୁଆ ହୋଇଥିବା ଗୋଟାଏ ଡବାରୁ ବିଡ଼ିଟାଏ ଆଣି ଫସ୍ କରି ଦିଆସିଲି ମାରି ଜାଳି ଦମେ ଦି'ଦମ୍ ଟାଣିବେ । ଗୋଡ଼ଗଳା କଠଉଟା ମାଡ଼ି ଖଡ଼୍‌ଖଡ଼୍ କରି ଆଖି ପୋଛି ପୋଛି ହେଉ ବା ଲୁଙ୍ଗିଟା ସଜାଡ଼ି ସଜାଡ଼ି ବାରିପଟକୁ ଉଠିଯିବେ ।

ମା' ଉଠିଲାବେଳକୁ ଏ ଘରକୁ ଦିନ ମାଡ଼ି ଆସିଥିବ । ପିଲାଏ ପଢ଼ୁଥିବେ । ବୋଷେଇ ବସି ସାରିଥିବ । ଅଧେ ଲୋକ ଗାଧୋଇ ସାରିଥିବେ । ବର୍ତ୍ତମାନର ଏ ଫିକା କଅଁଳିଆ ସକାଳ, ପୁଣି ଦିନଟିଏ ପାଇଁ ଛପିଯାଇଥିବ ଆକାଶର କୋଉ ଗୋଟାଏ କୋଣରେ ।

ଅମାଲା ଉପରେ ଓ ସୁମାଲା ତଳେ ଭାଇ—ସୁରେଶ । ଡାକ ନାଁ ସୁରି । ଦାଣ୍ଡଘର ବୋଲି ଯାହାକୁ ସମସ୍ତେ କହନ୍ତି, ସେଇ ଅଣଓସାରିଆ ଗଳି ବାଟ ଘରେ ଶୁଏ ସୁରେଶ । ଖରା ଟାଣ ନ ହେଲା ଯାଏ ତାର ନିଦ ଭାଙ୍ଗେନା । କହେ, ସକାଳୁଆ ସୂର୍ଯ୍ୟଙ୍କୁ ମୋ ଜାଣତରେ କେବେ ମୁଁ ଦେଖି ନାହିଁ । ହଲାଇ, ଗଡ଼ାଇଦେଲେ ମଧ୍ୟ ନୁହେଁ । ରାସ୍ତାଟାରେ ସେ ଶୋଇଥିବାରୁ ବାହାରକୁ ଯିବାକୁ, ଭିତରକୁ ଆସିବାକୁ ଅସୁବିଧା ହୁଏ । ତାକୁ ଅମାଲା ଯାଇ ଡାକିଆଣେ ଘର ଭିତରକୁ । ଆଖିଟା ସେମିତି ବୁଜିରଖି ତେଲଚିକିଟାରେ ଚିକ୍‌କଣ କାଳିଆ ପଡ଼ିଯାଇଥିବା ତକିଆ, ଗୋଟାଏ ସତରଞ୍ଜି ବା କନ୍ଥା ଗୋଟେଇ ଧରି କାଖରେ ଜାକି ସେ ଉଠି ଆସେ ଭିତରକୁ । ପୁଣି ଶୋଇଯାଏ ।

ମା' କୋଳକତର ଜାକିଜୁକି ହୋଇ ଗୁଡି ଶୋଷି ଶୋଷି ବଙ୍କେଇଯାଇ ଶୋଇଚି ଗୋଟାଏ ଦେଢ଼ ବରଷର ସାନ ଭାଇ । ବେଗରେ ତାର ପେଟଟା ବାହାରିପଡ଼ିଚି ଆଣ୍ଠିକା ଭଳି । ଗୁଡି, ପିଠି ଘଷିଯାଇଚି । ଚମ ଧୋଡ଼ିକା ।

Digitized by srujanika@gmail.com

ତା' ଉପରେ ଗୋଟିଏ ଭାଇ ଓ ଗୋଟିଏ ଭଉଣୀ । ସେମାନଙ୍କର ଭବିଷ୍ୟତ ହୁଏ ତ ସେଇମାନେ ହିଁ ଗଢ଼ିବେ । ନ ହେଲେ ବିଧାତା ଥିଲେ—ସେମାନଙ୍କୁ ଟିକେ କଣେଇ ଚାହିଁଲା ସୁମାଲ । ତମ୍ବୁରେ ଯୁଦ୍ଧଶ୍ରାନ୍ତ, କ୍ଲାନ୍ତ ସୈନିକ ଧାଡ଼ିବାନ୍ଧି ପଡ଼ିଥିଲା ଭଳି ପଡ଼ିଛନ୍ତି ସମସ୍ତେ । ଅମାଲ୍, ବୁଠୁ, ଶାନା, ଗ୍ଲେଠ କୁନା ଓ ସେ ନିଜେ ।

ଯୁଦ୍ଧର ନ ହେଲେ ମଧ୍ୟ ପ୍ୟାରେଡ଼୍‌ର ହୁଇସିଲ୍ ବାଜିଲାଣି ଏଥର । ସମସ୍ତେ ସାଜ ସାଜ ରବରେ ଉଠିପଡ଼ିବେ । ବୁଠୁ ଓ ଶାନା କ'ଣ ଦିଇଟା ଖାଇ ଦେଇ ପାଠ ପଢ଼ି ବସିବା ନାଁରେ ସକାଳ ନଅଟାଯାଏ ପିଠାପିଠି ହେବେ । ତା'ପରେ ଗାଧୋଇ ଖାଇ ସ୍କୁଲକୁ ଯିବେ ।

ଶାନାକୁ ସାତ ପୂରି ଆଠ ଚାଲିଲାଣି । ବାପା ଆଉ ମା ବୋଧହୁଏ ମନେ ମନେ ଖୁସି ହେଲେଣି । ସେ ଯେତେ ଶୀଘ୍ର ବଡ଼ ହେବ, ସେତେ ଶୀଘ୍ର ଲାଭ । ଅମାଲ୍, ସୁମାଲ୍‌ଙ୍କ ଭଳି ରୋଜଗାର କରି ଆଣିବ ।

ସୁନ୍ଦର ସକାଳ ! ଏ ବାଜେ କଥା ଭାବି ଅଯଥା ମନ ଭାରାକ୍ରାନ୍ତ କରି ଲାଭ ନାହିଁ । ସୁମାଲ୍ ଜାଣିଶୁଣି ଭାବନାକୁ ରୋକିଦେଲା ।

ଆଉ ଟିକେ ପରେ ହୁଏତ କେଉଁ ଗାଁର କି ସହରର କେଉଁ ବସ୍ତିର ନାଟକ ସଂଘ ବା କ୍ଲବ୍, ସମିତିର ଜଣେ ଦୁଇ ଜଣ ମାମଲତକାର, ମୁଖିଆ ସଫା ବାସି ଧୋତି ପଞ୍ଜାବୀ ଅବା ପ୍ୟାଣ୍ଟ ସାର୍ଟ ପିନ୍ଧି ପୂରା ନୂଆ ସିଗାରେଟ୍‌ଟାଏ ଲଗାଇ ଦାଣ୍ଡ କବାଟ ଖଡ଼୍ ଖଡ଼୍ କରିବେ । ନ ହେଲେ ସାଇକେଲ୍ ଘଣ୍ଟି ଟିଣ୍ ଟିଣ୍ କରିବେ । କବାଟ ଫିଟାଇଲା ମାତ୍ରେ ନାଟକୀୟ ଭଙ୍ଗୀରେ ଆଗରୁ ରିହର୍ସାଲ୍ କରି ଆସିଲା ଭଳି ନମସ୍କାର କରିବେ ।

ତା'ପରେ ଆରମ୍ଭ ହେବ ତାଙ୍କର ବକ୍ତବ୍ୟ । ଟାଉନ୍‌ରୁ ଆସିଥିଲେ ଦୁଇ ଚାରି ପଦ ଠେକାଠେକି କରି କହିବେ, କଳା-ସଂସ୍କୃତି ଇତ୍ୟାଦି ଶବ୍ଦ କହି ଟଙ୍କା କମ୍ କରିବାକୁ କହିବେ, 'ନୂଆ ଅନୁଷ୍ଠାନ', 'ଆପଣମାନଙ୍କ ଭଳି ଅଭିନେତ୍ରୀ' ଇତ୍ୟାଦି ତଗ ଶୁଣାଯିବ—ମଫସଲି ହୋଇଥିଲେ ସାରା ଓଡ଼ିଶାରେ ଆପଣଙ୍କ ଅଭିନୟ ପ୍ରତିଭା ଅଦ୍ୱିତୀୟ, ଅତୁଳନୀୟ ଇତ୍ୟାଦି ଶୁଣାଇବେ ।

Digitized by srujanika@gmail.com

ଏଇଟା ଏତେ ସାଧାରଣ ଓ ଗତାନୁଗତିକ ଯେ, ବେଳେବେଳେ ଲୋକଟିର ବେଶପୋଷାକ ଢଙ୍ଗ ଢାଙ୍ଗ ଦେଖିଲେ ସ୍ପଷ୍ଟ ଜାଣିହେବ ସେ କ'ଣ କହିବେ ।

ଦିନ ତମାମ୍ ଡ୍ରାମା, ରିହର୍ସାଲ୍, ଡିରେକ୍ଟର, ସଂସ୍କୃତି, ସଂଘ, ଡାଇଲଗ ଏମିତି ଗୁଡ଼ାଏ କଥା ଶୁଣିବାକୁ ପଡ଼ିବ । ବହି ମୁଖସ୍ଥ କରିବାକୁ ପଡ଼ିବ । ଛୁଟିଦିନ ହୋଇଥିଲେ ରିହର୍ସାଲ୍‌କୁ ମଧ୍ୟ ଯିବାକୁ ପଡ଼ିବ । ତାରିଖ ଦେଇଥିଲେ ମଫସଲ ବା ଅନ୍ୟ କୌଣସି ବାହାର ସହରକୁ ଯିବା ପାଇଁ ବେଡ଼ିଂ ବାନ୍ଧି ଅପେକ୍ଷା କରିବାକୁ ପଡ଼ିବ ।

ଏଇ ହେଲା ସାରା ଦିନର ରୁଟିନ୍—ସୁମୀଲ-ଅମୀଲଙ୍କୁ ମାନି ଚଳିବାକୁ ପଡ଼ୁଛି ଅନେକ ଦିନ ହେଲା ।

ସକାଳର ମଧୁରତା କ୍ରମଶଃ ମିଳେଇଯାଇଛି – ଚାନ୍ଦର ବର୍ଣ୍ଣ ଫିକା ହୋଇଆସିଛି । ଏଥର ଆଲୋକର ଆନ୍ତରଶଯ୍ୟରେ ଅସ୍ପଷ୍ଟ ହୋଇ-ଗଲାଣି—ଆଉ ଦେଖାଯାଉ ନାହିଁ । ଘରେ ବାହାର ଆଲୋକର ବନ୍ୟା ।

ବେଳେବେଳେ ନିଜର ଭାବନା ନିଜକୁ ଏତେ ଖରାପ ଲାଗେ ଯେ, ଆଉ କାହା ସହିତ ଅଂଶୀଦାର ହୋଇ ଭାବିବାକୁ ଇଚ୍ଛା ହୁଏ । ବେଳେ ବେଳେ ପୁଣି ଜବରଦସ୍ତ ବନ୍ଦ କରିଦେବାକୁ ଇଚ୍ଛା ହୁଏ ।

ସମସ୍ତଙ୍କର ଉଠିବାର ଡେରି ଦେଖି ସୁମୀଲା ଭାବିଲା କାହାକୁ ହେଲେ ଜଣକୁ ଉଠାଇ ଦେବାକୁ । କାରଣ ନିଜର ଭାବନାକୁ ଏକାକୀ ଭାବିବାକୁ ତାକୁ ଡର ଲାଗୁଥିଲା । ଜୀବନ ଓ ଭାବନାର ଭୟଙ୍କରତା ତାକୁ ଗ୍ରାସ କରୁଥିଲା ।

ଅମୀଲାକୁ ଡାକଦେଲେ ହୁଅନ୍ତା··· ଭାବିଲା ସୁମୀଲା ।

ପର ମୁହୂର୍ତ୍ତରେ ପୁଣି ମନେ ପଡ଼ିଲା ତାର, ଗତ ରାତିରେ ସେମାନେ ପ୍ରାୟ ସାଢ଼େ ଗୋଟାଏ ବେଳେ ଘରକୁ ଫେରି ଶୋଇଛନ୍ତି । ଆଜକାଲି ସେ ଓ ଅମୀଲା ରାତିରେ ଘରେ ପ୍ରାୟ ଖାଉ ନାହାନ୍ତି । ଡ୍ରାମା ଥାଉ କି ନ ଥାଉ ଖାଇବାକୁ ମିଳେ ନିଶ୍ଚୟ ।

ଗତ ରାତିରେ ଡ୍ରାମା ଥିଲା ।

Digitized by srujanika@gmail.com

ଅମୀଲାର ମୁହଁକୁ ଚାହିଁଲା ସେ । ରାତିର କୃତ୍ରିମ ଆଲୋକରେ ଯେଉଁ ରଙ୍ଗର ସମାବେଶ ତାକୁ ମଞ୍ଚ ଉପରେ ଏତେ ଲୋଭନୀୟ, ଆକର୍ଷଣୀୟ କରିଥିଲା, ସକାଳର ଆଲୋକରେ କେତେ ବୀଭତ୍ସ, କେତେ ଘୃଣ୍ୟ ଦେଖାଯାଉଛି ସେ ରଙ୍ଗ ! ସେଇ ମୁହଁ ! ଅଥଚ ଅମୀଲା ଅସୁନ୍ଦରୀ ନୁହେଁ । ଅନ୍ତତଃ କେହି ତାକୁ ସେ କଥା କହିବାର ଅମୀଲା ଶୁଣି ନାହିଁ କେବେ ।

ଯୌବନ ତାର ଟଳଟଳ । ପୂରି ରହିଛି ଦେହରେ । ଯାହା ସୁମୀଲାର ଚାଲିଯାଇଛି—ଯାଉଛି···ତା'ରି ଦାଉରେ ଅମୀଲା ବ୍ୟସ୍ତବ୍ୟସ୍ତ । ଅଥଚ ଏତେ କଦର୍ଯ୍ୟ ଦିଶୁଛି ତାକୁ !

ନିଜେ ସେ ତା'ହେଲେ କ'ଣ ଦେଖାଯାଉଥିବ ? ଗତ ରାତିରେ ଅମୀଲା ତାକୁ ଗ୍ରୀନ୍‌ରୁମ୍‌ରେ କହୁଥିଲା, 'ଅପା, ତୋତେ ଆଜିକା ମେକ୍-ଅପ୍‌ଟା ବେଶ୍ ମାନୁଛି ଲୋ !' ଅଇନାରେ ସତେ ସେ ନିଜେ ଭାରି ସୁନ୍ଦର ଦେଖାଯାଉଥିଲା ।

ବାହାରେ ଜନକୋଳାହଳ ଧୀରେ ଧୀରେ ବଢ଼ିଚାଲିଛି—ରିକ୍ସା, ମଟରର ହର୍ଣ୍ଣ ଶୁଭିଲାଣି । ସକାଳ ନିଜର ଆସନ ଜମାଇ ନେଲାଣି ।

ଚା' ଖାଇସାରି ସେମାନେ ପେଣ୍ଟିଂ ପୋଛିବେ ନଡ଼ିଆ ତେଲ ମାରି—ସାବୁନ ଘଷି ଘଷି । ଆଗରୁ ନୂଆ ନୂଆ ଡ୍ରାମା କରିବାକୁ ଯାଉଥିଲା ବେଳେ ଡ୍ରାମା ସାରି ସେଇଠି ସଫା ହୋଇ ପଡ଼ୁଥିଲା ସୁମୀଲା—ଅମୀଲା ମଧ୍ୟ । ଏବେ କିନ୍ତୁ ତା'ର ଆଉ ଆବଶ୍ୟକତା ପଡ଼ୁ ନାହିଁ । ସେତେବେଳେ ଦିନେ ଦିନେ ଏଇ ରଙ୍ଗ ବୋଳି ହେବାକୁ ପଡ଼ୁଥିଲା—ମଝିରେ ମଝିରେ ଦରକାର ପଡ଼ୁଥିଲା । ଏବେ ପ୍ରାୟ ସବୁଦିନେ । ତେଣୁ ଅନର୍ଥକ ସମୟ ନଷ୍ଟ କରିବା ଅପେକ୍ଷା ସେଇ ରଙ୍ଗବୋଳା ମେକ୍-ଅପ୍ ଲଗା ମୁହଁରେ ଶୋଇପିବାଟାକୁ ଅଧିକ ସମୀଚୀନ ଓ ଆରାମପ୍ରଦ ଲାଗେ ବୋଲି ଅମୀଲା-ସୁମୀଲା ତାହା ହିଁ କରନ୍ତି ଏବେ ।

କୋଳ ଛୁଆଟାର ନିଦ ଭାଙ୍ଗିଯାଇଛି କି କ'ଣ ! ମା'ର ସେମିଜଟା ତଳୁ ଜୋର୍‌ରେ ଜୋର୍‌ରେ ଦୁଧ ଓଟାରି ପକାଉଛି ସେ । ମା' କିନ୍ତୁ ନିଶ୍ଚିନ୍ତ ମନରେ ଧେଡ଼ କୁଣ୍ଢା ଭଳି ଦେହ ଫୁଙ୍ଗୁଳା କରି ପଡ଼ିରହିଛି ।

Digitized by srujanika@gmail.com

ମା'କୁ ଖାଲିଦେହରେ ଦେଖିଲେ କାହିଁକି କେଜାଣି ମନଭିତରଟା ବଷେଇଉଠେ । ଘିନ୍ ଘିନ୍ ହୋଇ ଜଳୁସିଉଠେ ଦେହ ।

ଏଇ ମା ପୁଣି କୁଆଡ଼େ ଖୁବ୍ ସୁନ୍ଦରୀ ଥିଲା ! ତା' ଦେହ ବଳିଲା ବଳିଲା ଥିଲା ! ଭସାଣିଆ ଆଖିରେ ଥିଲା ମାଦକତା—ଯାଦୁକରୀ ଆଖି କୁଆଡ଼େ । ଥରେ ଆଖି ମିଳିଲେ ଯାଦୁ କରି ଦେଉଥିଲା ଏଇ ମା'— ମୁଣ୍ଡରେ ଥିଲା ଆଣ୍ଠୁ ଏ ଲମ୍ବା ଗହଳ ବାଳ—କଳା ମୁଚୁମୁଚୁ ହୋଇ ସାରା ପିଠି ଘୋଡ଼ାଇ ପକାଉଥିଲା—ଯୋଉଥିରୁ କେବଏ ଢ଼'କେର ଉଦ୍‌ବୃତ୍ତ ଅଛି ! ଆଜି ଗ୍ରୁଞ୍ଜରେ ଥିଲା ଗ୍ରୁଞ୍ଜଏ ଯୌବନ !

ତାକୁଇ ଦେଖି ସେଦିନର ଯୁବକ ଟ୍ରକ ଡ୍ରାଇଭର ତା' ବାଆ କଡ଼ରେ ବସାଇ ନେଇ ଆସିଥିଲେ । ସମ୍ବଲପୁରର କେଉଁ ଅଖ୍ୟାତ ପଲ୍ଲୀ ଗାଁରୁ—କେତେ କେତେ ସେଇଠି ଦେଖା ହେଉଥିଲା ପ୍ରଥମେ ପ୍ରଥମେ—ଟ୍ରକ ନେଇ ଚଲି ଆସିଲା ବେଳେ । ଏଇ ଝିଅଟିର ଇସାରାରେ ଇଂଜିନ୍ ବାରମ୍ବାର ବିଗିଡ଼ି ଯାଉଥିଲା—ଟ୍ରକର ଆଗଚକ କି ପଛଚକ ପଙ୍କଚର ହୋଇ- ଯାଉଥିଲା ସେଇଠି—ଆଜି ସେଇଠି ଠିକ୍ ରାସ୍ତାକଡ଼ ଗାଁର ଝିଅଟିଏ ନାଲି ଧୂଳି ମାଡ଼ି ଖାଇ ସତେ କି ଅପେକ୍ଷା କରୁଥିଲା ଏଇ ଟ୍ରକର ଡାଲା ପଛରେ ଲେଖା ହୋଇଥିବା 'ଫିର୍ ମିଲେଙ୍ଗେ' ପଢ଼ିବା ପାଇଁ—

ହସିହସି ସିଏ ବ ସେଦିନ ଚାଲିଆସିଥିଲା ମଦନ ଦାସର ଚଉଡ଼ା ଛାତିରେ ମୁଣ୍ଡ ଗୁଞ୍ଜି ଦେଇ । ଆକ୍‌ସିଲେଟର ଦାବି, ସ୍ପିଡ୍‌ରେ ଟ୍ରକ୍ ଉଡ଼ାଇ, ଗଡ଼ କଟି ଆସୁଥିଲାବେଳେ କ୍ଲିନର୍ ମକବୁ କୁଆଡ଼େ ଚଳନ୍ତା ଟ୍ରକ୍‌ର ଡାଲାରେ ନାଚି ନାଚି ତାଳପକାଇ ହିନ୍ଦି ସିନେମାର ପ୍ରେମଗୀତ ଗାଉଥିଲା ଏମାନଙ୍କର ମିଳନରେ ମୁଗ୍‌ଧ ହୋଇ—

ତା' ପରେ—

ତା' ପର କାହାଣୀ ଅତି ସାଦାସିଧା—

ଏମାନେ ଘର ବାନ୍ଧିଥିଲେ । ସୁମାଲା, ପୁଅ ସୁର, ଅମାଲା··· ଏମିତି ଗୋଟିକ ପରେ ଗୋଟିଏ ପେଟରେ ଧରିଥିଲା ମା' ।

ସେ ଏକ ବିରାଟ, ଲମ୍ବା କାହାଣୀ···ସିନେମାର କାହାଣୀ ଭଳି ମଜାଦାର୍ ପୁଣି କରୁଣ । ମନ ଖୁସିଥିଲା ବେଳେ ସେଇ ମା' ଢନେ ବସି ଗପୁଥିଲା ଏସବୁ ।

Digitized by srujanika@gmail.com

ମନକୁ ମନ ଟିକେ ହସିଦେଲା ସୁମିଲା । ବାପା-ମାଆ ଙ୍କର ଏଇ ପ୍ରେମ କାହାଣୀ କଥା ଭାବିଲା ବେଳକୁ କେମିତି ଆଇମା କାହାଣୀ ଭଳି ଲାଗେ । ବିଶ୍ୱାସ କରି ହୁଏନି । ବିଶ୍ୱାସ ଆସିଲେ ସେତେବେଳର ବାପ-ମାଆଙ୍କର ରୂପ, ଚାଲିଚଳଣ, ଢଙ୍ଗରଙ୍ଗ, ସବୁ କଳ୍ପନା କରିକରି ମନକୁ ମନ ଲାଜ ଲାଗେ । ଛି, ଏମାନେ କ'ଣ ଭଲ ପାଉଥିବେ ମ ? ଆମେ ଭଲ ପାଇଲେ ଏବେ ଆମ ମନରେ ଯେଉଁ ଧାରଣାସବୁ ଆସେ, ତାଙ୍କ ମନରେ କଣ ସେଇ ଧାରଣା ସବୁ ଆସୁଥିବ ? ସେମାନେ କ'ଣ ଏମିତି ବ୍ୟବହାର କରୁଥିବେ ? ଛି ! ନିଜ ଲାଜରେ ସେ ସକାଳଟାରେ ନିଜେ ଆଖି ବୁଜି ପକାଇଲା ସୁମିଲା । ତା' ପରେ ଆଖି ଫିଟାଇ ପୁଣି ମା'କୁ ଚାହିଁଲା ।

ଶୋଇଥିବା ମା'ର ରୂପକୁ ଦେଖି ସେ କଳ୍ପନାର ଅତୀତ ଦିନର ମା'ର ଛବି ଉଭେଇଗଲା କାହିଁ, କୁଆଡ଼େ !

ଘରଟା ସାରା ଆଖି ବୁଲେଇ ଆଣୁଆଣୁ ତା' ଆଖି ପଡ଼ିଗଲା ବୁଢ଼ୀ ଉପରେ । ଚଗଲା ଟା ମିଟି ମିଟି କରି ତାକୁଇ ଚାହିଁରହିଛି ବୁଢ଼ୀ । କ'ଣ ଭାବୁଛି କେଜାଣି ମନେ ମନେ ? କେମିତି ଗୋଟାଏ ଆଶ୍ଚର୍ଯ୍ୟ ହେବାର ଭାବ ତା ଆଖିରେ । ମୁହଁରେ ଦୁଷ୍ଟାମିର ଗ୍ରେଟ ହସ । ଆଖି ଦି' କଡ଼କୁ ବହିଆସିଛି ଦୁଇ ମେଞ୍ଚା ଲେଞ୍ଜେରି । ନିଜେ ନିଜକୁ ଦେଖି ନ ପାରିଲେ ବି ସୁମିଲା ବୁଢ଼ୀ ଆଖି ଓ ଭାବଧାରାକୁ ଅନୁସରଣ କରି ନିଜ ମୁହଁର ପ୍ରତିଛବି କଳ୍ପନା କରିବାକୁ ଚେଷ୍ଟା କଲା ।

ସେମିତି ଚାହିଁରହିଛି ସେ—

ଆରେ ! ମୁହଁରେ ତା'ର ଗତ ରାତିର ପେଣ୍ଟିଂ ରଙ୍ଗ ଲାଗିରହିଛି ସେମିତି । ଅପା ମୁହଁରେ ଲାଗିଥିବା ସେଇ ପେଣ୍ଟିଂ ରଙ୍ଗ ବୋଧହୁଏ ବୁଢ଼ୀକୁ ବିଚିତ୍ର ଲାଗୁଛି । ସବୁ ଦିନେ ନ ହେଲେ ବି ଅନେକ ଥର ବୁଢ଼ୀ ଦେଖିଛି ସୁମିଲାର ଏ ରଙ୍ଗବୋଳା ମୁହଁ । ଆଜିକାର ମେକ୍-ଅପ୍‌ଟା ବୋଧହୁଏ ଭିନ୍ନ !

ଓଃ, ଗତ ରାତିରେ ଶେଷ ସିନ୍‌ରେ ତାଙ୍କୁ ବୋହୂ ସାଜିବାକୁ ପଡ଼ିଥିଲା । କପାଳରେ ନାଇଥିଲା ଟିପା ଚନ୍ଦନ ଆଉ ସୀମନ୍ତରେ ବହଳ ସିନ୍ଦୂରରେଖା, ଗଣ୍ଡରେ ହୋଲାହୋଇଥିଲା କସ୍ତୁରୀର ବର୍ଣ୍ଣ ।

Digitized by srujanika@gmail.com

ସେଇ ସିନ୍ଦୂର, ଟିପା ଚନ୍ଦନ, କସ୍ତୁରୀ ଲାଗିରହିଛି ସୁମିଲା ମୁହଁରେ—ଏଇ ରୂପଟା ବୋଧହୁଏ ବୁନ୍ଟୁକୁ ନୂଆ ଲାଗୁଛି ।

—ଅପା, ତୁ ଭାରି ସୁନ୍ଦର ଦିଶୁଛୁ । ଠିକ୍ କନିଆଁ ଭଳି । ସେଦିନ ମହାନ୍ତି ଘର ଶାନ୍ତି ଅପା ବାହା ହେଲାବେଳେ ଏମିତି ବେଶ ହୋଇଥିଲା । ସିଏ ଭଲ ଶାଢ଼ୀ ପିନ୍ଧିଥିଲା—ତୁ ମସିଆଟାଏ ପିନ୍ଧିଚୁ । ଶୋଇରହି ବୁନ୍ଟୁ କହିଲା ।

କାହିଁକି କେଜାଣି, ଶେଷ ସକାଳ ହଠାତ୍ ଆହୁରି ବିବର୍ଣ୍ଣ ହୋଇଉଠିଲା ସୁମିଲା ପାଖରେ । ଛଅ ବରଷର ସାନ ଭାଇର କଥା ଶୁଣି ଅଣ୍ଟାମିଶା ହେମାଳ ପବନ ଚାଟିଲା ଚାଟିଲା ଲାଗିଲା ତାକୁ । ମନଟା ଅଜାଣତରେ କେମିତି ବିଷେଇଗଲା ।

ବୁନ୍ଟୁ କ'ଣ ଥଟ୍ଟା କରୁଛି ?

ଯାହା ଜୀବନରେ କେବେ ହୋଇପାରିବ ନାହିଁ, ସେଭି ଅବସ୍ଥା କଳ୍ପନା କରିବାକୁ ଭଲ ଲାଗେନା । ଅଯଥାରେ ସେଇ କଥା ପ୍ରତି ବିରକ୍ତି ଆସେ । ଆଜେ ବାଜେ କଥା କହି ଏଡ଼ାଇଯିବାକୁ ମନହୁଏ । ଅକସ୍ମାତ୍ ସେଇ କଥା କେହି କହିଦେଲେ ମନଭିତରର କୋଉ ଅଜଣା କୋଣରେ ପରାସ ଲାଗେ । ଧକ୍ କରି ଟକେଉଠେ, ଅଥଚ ଶୁଣିବାକୁ ଭଲ ଲାଗେ ।

ଦରଜ ଲାଗୁଥିବା ଜାଗାଟାରେ କଷ୍ଟ ଲାଗୁଥିଲେ ବି ଯେମିତି ଚିପି ଦେବାକୁ ଇଚ୍ଛା ହୁଏ ।

ଧେତ୍ ! କି ବାଜେ କଥାସବୁ ସେ ଭାବୁଚି ମନକୁ ମନ ? ଏଡ଼େ ଛୋଟ ପିଲାଟା, ସେ ଅବା ଥଟ୍ଟା କରିବ କାହିଁକି ? ସିଏ ବା କେମିତି ଜାଣିବ ସୁମିଲାର ଦେହ ଭିତରର ବ୍ୟଥା ? ସାହି ଝିଅଙ୍କର ବାହାଘରକୁ ଯାଇଥିଲା ବୋଧହୁଏ । କନିଆର ରୂପଟା ଭଲ ଲାଗିଚି । ସେଇଥିପାଇଁ କହିଲା କଥାଟା । ସିଏ କ'ଣ ବୁଝିଚି ଅନ୍ୟମାନେ ଜୀବନରେ ଥରେ ସେ ରୂପ, ସେ ବେଶ ହେଲେ ବି ତା' ଅପା ନିତି ନିତି ସେ ବେଶ ହୁଏ ? ପୁଣି ଲିଭାଇଦିଏ ?

ବୁନ୍ଟୁକୁ କିଛି ଉତ୍ତର ନ ଦେଇ ସେ ନୀରବ ରହିଲା ।

ବିଛଣା ଉପରେ ଉଠିବସିଲା ବୁନ୍ଟୁ । ହସ ହସ ମୁହଁରେ ପଚାରିଲା—ଅପା, ତୋ ବାହାଘର କେବେ ହବ ?

Digitized by srujanika@gmail.com

ହଠାତ୍ କଏ ଜଣେ ଆସି ଥାପଡ଼ ମାରିଥିଲେ ବି ବୋଧହୁଏ ଏତେ ଖରାପ ଲାଗି ନ ଥାନ୍ତା । ବିରକ୍ତ ହୋଇଉଠିଲା ସେ । କିଛି ନ କହିଲାରୁ ଏତେ ଟିକେ ପିଲା ବସି ବସି ବୁଢ଼ା ଖୁଣ୍ଟଙ୍କ ଭଳି ବଡ଼ ବଡ଼ କଥା ପଚାରୁଛି ! କ'ଣ ଗୋଟାଏ କହିଆସୁଥିଲା ସେ ବିରକ୍ତିରେ । ପାଖରେ ଶୋଇଥିବା ଅମଲା ସେମିତି ଆଖିବୁଜି ରହି ପାଟିକରି ଉଠିଲା, "ଗ୍ରେଟ୍ ମେଣ୍ଟାଡ଼ ଟୋକା—ସକାଳୁ ବସି ନବରଙ୍ଗ ବାହାର କରୁଛି ! ଯା—ଦାନ୍ତ ଘଷିବୁ ଯା !"

ସେ ଚେଇଁରହି ଏମିତିସବୁ ଆଜେବାଜେ କଥା ସବୁ ଭାବୁଚି ବୋଲି ଅମଲା କ'ଣ ଜାଣିପାରୁଛି ? ସିଏ ବି କ'ଣ ଅନେକବେଳୁ ଏମିତି ଚେଇଁ ରହିଛି ? ସୁମିଲାର ମନେହେଲା, ଅମଲା ଏମିତି କ'ଣସବୁ ଭାବୁଥିବ ଏଇ ସମୟତକ, ଆଉ ମନ ଖରାପ କରୁଥିବ ? ତା' ଭାବନା ବି ସୁମିଲା ଭଳି ଥଳକୂଳ ପାଉ ନ ଥିବ ?

ନା, ସେ ଆଉ କାହା କଥା ଭାବୁଛି ଶୋଇ ଶୋଇ, ଅନ୍ୟ କାହାକୁ ଜଣାଇବାକୁ ନ ଦେଇ ?

ସେଇ ମୁହୂର୍ତ୍ତରେ ସୁମିଲାର ଇଚ୍ଛାହେଲା, ଅମଲାର ମନ ଭିତରର ସବୁ କାହାଣୀ, ଭାବନା ଜାଣିହୋଇ ପାରୁଥାନ୍ତା କି ? ଆଉ କାହାରି ମନଭିତରର ସେ ଅତଳ ଦରିଆଟାରେ ଡୁବ ମାରି ହେଉଥାଆନ୍ତା କି ? ସମସ୍ତଙ୍କର ମନକଥା ଜାଣି ହୁଅନ୍ତା କି ?

—ଉଠିଲୁଣି କିଲୋ ? ସୁମିଲା ଏଥର ମାଉବଟା ଭାଙ୍ଗି ପଚାରିଲା । ଅମଲା ଆଖିପତା ମେଲାଇଲା ନାହିଁ । ସେଇଭଳି ମୁଣ୍ଡ ଉପରେ ଦି' ହାତ ଟେକିରଖି ଶୋଇରହି କହିଲା — "ତୋର ଅନେକ ଆଗରୁ"—

ବୁନ୍ଟୁ ବିଛଣା ଉପରେ ଉଠି ଠିଆ ହେଲା । କଳ କଳ ହୋଇ ଚାହିଁଲା ବି ଅପାଙ୍କ ଆଡ଼େ । ଜଣକର ମୁହଁର ରଙ୍ଗ ତାକୁ ଭଲ ଲାଗିଥିଲା । ଆଉ ସେଇକଥା କହି ପକାଇଥିଲା ବୋଲି ସେ ନଦରୁ ଉଠୁ ଉଠୁ ଗାଳି ଖାଇଛି । ସେଥିପାଇଁ ଦୁଷ୍ଟ ମନ ନେଇ ସେ କ'ଣ ଗୋଟାଏ କହିବ ବୋଲି ଭାବୁଥିଲା । ସେଇଠି ଠିଆହୋଇ, ବଡ଼ମଣିଷଙ୍କ ଭଳି ହାତ ଉପରକୁ ଟେକି ଗୋଟାଏ ହାଇମାରି କହିଲା, "ବୁଝିଲୁ ସାନଅପା, ତୋ ମୁହଁଟା, ଏକାବେଳକେ ଗୋଟାଏ ରାକ୍ଷସୀ ଭଳି ଦିଶୁଛି ।"

Digitized by srujanika@gmail.com

ଚକ୍ଡ଼ା ଖାଇବ ବୋଲି ସେ ରେଡ଼ି ହୋଇଥିଲା ।

ବିଛଣାରୁ ଉଠିପଡ଼ି ଅମାଲା ପାଟିକରି କହିଲା, "ଯା' ଗ୍ରାକ୍, ପଳା ଏଠୁ ।" ବୁଚୁ ଦୌଡ଼ି ପଳାଇଗଲା । ସୁନା ଉଠିପଡ଼ି ବଡ଼ ବଡ଼ ଆଖି ମେଲି ଚାହିଁଲା ବୁଚୁର ଦୌଡ଼ିଯିବା ଆଡ଼େ । ତା'ପରେ ଚାହିଁଲା ସୁମାଲା ଓ ବିଛଣାରେ ଉଠି ବସିଥିବା ଅମାଲା ଆଡ଼େ ।

ସକାଳ ପହରର କୁଣ୍ଢେଇ ବାହାଘର ସ୍ୱପ୍ନ ତା'ର ଭାଙ୍ଗିଗଲା କି କ'ଣ । ଆଖିରୁ ତା'ର ତନ୍ଦ୍ରାର ଜଡ଼ତା କଟି ନାହିଁ ସେଯାଏଁ । ଚାରିଆଡ଼େ ଖୋଜିଲା ଖୋଜିଲା ଚାହାଁଣୀରେ ଦେଖିନେଇ ବିଛଣାରୁ ଉଠିପଡ଼ିଲା ସେ । ବୁଚୁକୁ ଅନୁସରଣ କରି ବାହାରକୁ ଚାଲିଗଲା ।

ମା' ଅନେକ ଡେରିରେ ଉଠିବ ।

ସୁମାଲାର ନଇଁ ଆସୁଥିବା ଗୁଣ୍ଡରେ ହଠାତ୍ ଲୋଟିପଡ଼ିଲା ଅମାଲା । କୁତୁକୁତୁ ଲାଗିଲା ଭଳି ହସିଉଠି ଜୋରରେ ନିଶ୍ୱାସ ନେଇ ଅମାଲାକୁ ପେଲି ଉଠାଇଦେଇ ନିଜେ ଉଠି ବସିଲା ସୁମାଲା ।

ଘଣ୍ଟରେ ଅସଜଡ଼ା ଲୁଗାପଟା ସଜାଡ଼ିନେଇ ମା' ଆଡ଼କୁ ସନ୍ତର୍ପଣରେ ଚାହିଁ ହସ ରୋକି ଦୁହେଁ ବାହାରକୁ ଦୌଡ଼ି ଆସିଲେ । ଆଗେ ସୁମାଲା—ତା' ପଛେ ପଛେ କାନି ଧରି ଧରି ଅମାଲା ।

କାରଣ ନ ଥିଲେ ବି ଦୁହେଁ ହସିଲେ । 'ପାଗଳ୍' କହିଲା ସୁମାଲା ।

ଅଲଜୁକା ଅମାଲାଟା "ହୋ' ହୋ' ହୋଇ ହସିଉଠିଲା ଜୋର୍‌ରେ···ଜୋର୍‌ରେ···

ସକାଳର ସୂର୍ଯ୍ୟ ମଝିରେ ଲାଲ୍ ହୋଇ ଉଠିଥିଲା । ହଳଦିଆରେ ପରିଣତ ହେଲାଣି ଏଥର । ସକାଳ ସୂର୍ଯ୍ୟର ହଳଦିଆ କିରଣ ଆସି ଚାଳ ଉପରେ ପଡ଼ିଲାଣି । କାଲୁଆ ଶୀତୁଆ ପବନ କ୍ରମଶଃ ତାତିଲା ହୋଇଯାଉଛି ।

ମା' ବାପା ଉଠିବେ ଏଥର ।

ବୁଚୁ, ସୁନା ଦାନ୍ତ ଘଷିସାରି ଖାଇବାକୁ ମାଗିଲେ ସୁମାଲାକୁ । ନଡ଼ିଆତେଲ କାଢ଼ି ମୁହଁରେ ଘଷିବାକୁ ଆରମ୍ଭ କରୁ କରୁ ସେ କହିଲା,

Digitized by srujanika@gmail.com

"ଅନ, ସେ ବାଇଚାଙ୍କୁ କ'ଣ ଦେଇଦବୁଛି ଲୋ ! ରୋଷେଇଘରେ ଦେଖ, ମା' କ'ଣ ରଖିଥିବ ।"

ଦାନ୍ତ ଘଷିବାର ଜଭ ଛେଲୁଥିଲା ଅମାଲା । ଶେଷ ଥର ପାଇଁ ଜଭଛେଲାଟା ଜଭରେ ଘଷିଆଣି ତଳକୁ ଫୋପାଡ଼ଦେଇ ବିରକ୍ତିରେ ମୁହଁଟେକ କହିଲା, "ଓହୋଃ, ମହାରାଣୀ ଭଲଆ ଶୋଇଛୁ ଏତେବେଳ ଯାଏଁ—ମୁଁ ଦେଇପାରିବ ନାହିଁ ଖାଇବାକୁ ।"

ମା' ଉପରେ ସୁମାଲା ବିରକ୍ତ ହେଲେ ବି ତାର ପ୍ରତିଦ୍ୱନ୍ଦୀ ଭଳି ଏମିତି କହିବାକୁ କାହିଁକି କେଜାଣି ମନରେ ଖଟକା ଲାଗେ ତାକୁ । ଯୋଉଟା ଅମାଲାକୁ ଆଦୌ ବାଧେ ନାହିଁ । ସୁମାଲା ଏଥିପାଇଁ ମନେ ମନେ ଅତି ଚିଡ଼ିଲେ ବି ଖରଖିଆ ଅମାଲାକୁ କିଛି କହେ ନାହିଁ—କହିପାରେ ନାହିଁ ମୁହଁ ଖୋଲି । ଏକୁଟିଆ ପାଇ ଯେତେବେଳେ କୁହେ, ସେତେବେଳେ ବରଂ ଅମାଲାର ବିଦ୍ରୋହ ନାଆଁରେ; ନିଜ ମନକୁ ଜାଳିଦେବା ହିଁ ସାର ହୁଏ ।

ମଣିଷ ଏପରି ଏକ ଅବସ୍ଥାରେ ଆସି ପହଞ୍ଚେ, ବୟସ, ଅବସ୍ଥା, ଅଭାବ ସବୁ ମିଶି ତାକୁ ଏମିତି ବିବ୍ରତ କରିପକାନ୍ତି, ଯାହା ଫଳରେ ସେ କେବଳ ନିଜ ଉପରେ ନୁହେଁ, ଜଗତ ଉପରେ ଚିଡ଼େ । ମା'କୁ ମା'ର ଜାଗାରେ, ବାପକୁ ବାପର ଜାଗାରେ ରଖିବାକୁ ମନ ବଳେ ନାହିଁ । ସେମାନେ କୁଆଡ଼େ ଫିଙ୍ଗିହୋଇଯାଆନ୍ତି ରସାତଳକୁ ।

ସୁମାଲା ମା'ର ଯେଉଁ ରୂପ ଦେଖିଛି, ହୁଏତ ଅମାଲା ସେଇଟା ଦେଖିବାକୁ ପାଇ ନାହିଁ । ବାପ ମା'ଙ୍କର ପ୍ରଥମ ସନ୍ତାନ ସେ । ଅଭାବ, ଅସୁବିଧା ପଡ଼ିଲେ ବି ଅମାଲା ବେଳକୁ ସେଇଟା ଯେତେ ବେଶୀ ଅନୁଭବ ହେଉଛି, ତା' ବେଳକୁ ସେଇଟା ଜଣା ଯାଉ ନ ଥିଲା । ମା'ର ଏ ହୀନତା, ଏ ଗ୍ରୈଟଲେମା ତା ଆଖିରେ ପଡ଼ ନ ଥିଲା ବେଶୀ । ତାକୁ ଭଲ ପାଉଥିଲେ ବାପ-ମା'—ସେଇଥିପାଇଁ ମା'କୁ ସେ କିଛି କହି ପାରେନା । ଆଉ ଠିକ୍ ସେଇ କାରଣରୁ ମା'କୁ ମା' ଭଳି ସମ୍ମାନ ଦେଖାଇବାକୁ ଅମାଲା ପ୍ରସ୍ତୁତ ନୁହେଁ ।

ମା' ନୁହେଁ ତ, ଗୋଟାଏ ଛୁଆ ଜନ୍ମ କରିବାର ଯନ୍ତ୍ର ! ଆଉ ତା'ର ତତ୍ତ୍ୱ ନେବାର ନାଁ ଗନ୍ଧ ସୁଦ୍ଧା ନାହିଁ । ତାଙ୍କଠାରୁ କେମିତି

Digitized by srujanika@gmail.com

କେତେ ଉପାୟରେ ଆସ୍ଥ, ଆଦାୟ କରାଯାଇପରେ, ସେଇ ଚିନ୍ତା ସଦାବେଳେ—

ନିଦରୁ ଉଠିଲା ମାତ୍ରେ ମା'ର ଯେଉଁ ଭଟର ଭଟର ହେବା ଆରମ୍ଭ ହୁଏ, ନ ଶୋଇଲା ପର୍ଯ୍ୟନ୍ତ ସେଇଟା ସେମିତି ଲାଗି ରହିଥାଏ । ସେ ଭଲଭାବେ ଜାଣେ, ବାର ଆଡ଼ୁ ବାର ପ୍ରକାର ଲୋକ ଆସିବେ ଅମାଲ-ସୁମାଲଙ୍କ ପାଖକୁ । ମିଛଟାରେ ହେଉ, ସତ କାମରେ ହେଉ, ତାଙ୍କୁ ଜଗିବାର ଅର୍ଥ ନାହିଁ—କୌଣସି ଅର୍ଥ ଥାଇ ନ ପାରେ । ଯେଉଁ ଝିଅ ଅନ୍ୟ ସହରରେ, ଆଉ କାହା ଘରେ ବଢି ବଢାଉଛନ୍ତି, ସମସ୍ତ କଟାଇ ଆସୁଛନ୍ତି, ତାଙ୍କ ଘଣ୍ଟା କେତେଟା ପାଇଁ ଘରେ ଜଗିବାର କୌଣସି ମାନେ ବୋଧହୁଏ ହୁଏନା ! ତଥାପି ସେ କହେ, ମା' ମନ ସହିପାରେନା ବୋଲି ଆଉ ଅଯଥାରେ ଗର୍‌ଗର୍ ଗର୍‌ଗର୍ ହୁଏ, ବକର ବକର ହୁଏ ଦିନସାରା ।

ଅମାଲ ତାକୁ କୁହେ, ହିଂସାରେ ଜଳିପୋଡ଼ି ଯାଉଛୁ ବୋଲି ।

ବରକୁ ହେଲେ ବି ମୁହଁହାତ ଧୋଇ ସାରି ଅମାଲ ଉଠିଗଲା । ପଡର ଉପରୁ ଟଳ ଟଳ ହୋଇ ପାଣି ଗଡ଼ିଆସିଲା ପରି ପେଣ୍ଟିଂବୋଳା ମୁହଁରୁ ତା'ର ପାଣିଗୁଡ଼ାକ ଝରି ଆସୁଥିଲା ।

ପିନ୍ଧା ମଇଳା ଲୁଗା କାନିରେ ମୁହଁଟା ପୋଛିଦେଇ ରୋଷେଇଘରୁ ହାଣ୍ଡି-କୁଣ୍ଡେଇ ଏପଟ ସେପଟ କରି ଦି'ପଟ ବାସି ରୁଟି, ମେଞ୍ଚାଏ ଲେଖାଏଁ ଗୁଡ଼ ତାଙ୍କୁ ଧଇରାଦେଲା । ମୁହଁଟା ଲୁଗାରେ ପୋଛିଦେବାରୁ କେତେକ ଅଂଶରୁ ରଙ୍ଗ ଖସିଯାଇ ଛଉଛଉକା ଦିଶିଲା । ତାକୁ ଚାହିଁ ସୁମି ହସି ହସି ପୁଣି କହିଲା, "ଅଇନାରେ ତୋ ମୁହଁ ଟିକେ ଦେଖୁନୁ ?"

ଖାଁ ଖାଁ କାଶି ବଡ଼ଟାଏ ଲଗାଇ ବାପା ଉଠିଆସିଲେ ଆର ଘରଟା ଭିତରୁ ।

ଘର ବୋଲି ସମୁଦାୟ ଦୁଇ ବଖରା । ଆଉ ଖଣ୍ଡେ ଚାଳ—ଦାଣ୍ଡଘର ସେଇଟା । ବାଟଟାଏ—ସେଇଠି ସାଇକେଲ ଡେବହୁଏ । ଚଟି, ଯୋତା ରଖାଯାଏ ଅଇଲେ, ଗଲେ । ବାକୀ ରୋଷଇଘର । ଯେଉଁ ବଖରାଟିରେ ମା' ଆଉ ପିଲାଏ ଶୁଅନ୍ତି, ସେଇ ଗୋଟିକ ମାତ୍ର ଘର ଟିକେଏ ପ୍ରଶସ୍ତ । ବାପା ଯେଉଁ ଘରଟିରେ ଶୁଅନ୍ତି, ବାକୀ ସମୟତକ ସେଇଟା ପିଲାଙ୍କ ପଢ଼ିବା ଘର, ବୈଠକଖାନା, ସବୁ ଭାବରେ ବ୍ୟବହାର କରାଯାଏ ।

Digitized by srujanika@gmail.com

ବାପାଙ୍କ ବନ୍ଧଣାଟା ଗୁଡ଼େଇ ଦେଇ ଉଠାଇ ଆଣନ୍ତି ଏମାନଙ୍କ ଶୋଇବା ବଖରାକୁ ।

ଏଇ ହେଲା ମଦନ ଦାସଙ୍କର ବ'ଙ୍ଗ୍‌ଲୋର ସାଧାରଣ ରୂପରେଖ । ଅମଲ-ସୁମଲଙ୍କର ଚେମ୍ବର । ସବୁ ।

ଆଗରୁ ବୋଧହୁଏ ବୈଠକଖାନାର ଆବଶ୍ୟକତା ନ ଥିଲା । କିଏ ବା କାହିଁକି ଆସିବ ଟ୍ରକ୍ ଡ୍ରାଇଭର ମଦନ ଦାସ ଘରକୁ ଆଡ୍ଡା ଦେବାକୁ ? କିଏ କଦବା କେମିତି ଓକାହକା କଲେ ତାଙ୍କ ପାଇଁ ଘର ଆଗପଟେ ଥିବା ଅପ୍ରଶସ୍ତ ବାରଣ୍ଡା ଯଥେଷ୍ଟ ଥିଲା ।

ଅମଳା-ସୁମଳା ଏଇ ଅଭିନୟକୁ ପେଶା କରିବା ଦିନଠାରୁ ଅକାରଣରେ ବହୁ ଲୋକ ଆସନ୍ତି ବସି ଗପ କରିବା ପାଇଁ । କହନ୍ତି— ସାଂସ୍କୃତିକ ଆଲୋଚନା କି କଳା ଚର୍ଚ୍ଚା କରିବାକୁ ଆସିଲୁ ବୋଲି ।

ଘରକାମ ପଡ଼େ ବୋଲି ପାଳି କରି ଅଦଳ ବଦଳ କରି ସୁମଳା-ଅମଳା ବସନ୍ତି ଏମାନଙ୍କ ପାଖରେ । ଦିନେ ଦିନେ ବିରକ୍ତିରେ 'ଯାଆନ୍ତୁ' ବୋଲି କହିଲେ କି ମୁହଁ ଟେକି ହାଇ ମାରିଲେ ବି ଏମାନେ ଯାଆନ୍ତି ନାହିଁ । ଅଯଥାରେ ବସି କୋଉଠି କୋଉ ଡ୍ରାମା ହେଲା, କିଏ ରୋଲ୍ କଲା, ଅମୁକ ଲୋକ ପିକ୍‌ଚର କରୁଚ, କାହାଧୁ କାହାକୁ ରୋଲ୍ ପାଇଁ ବାଛୁଚ ଏମିତି ଆଜେ ବାଜେ ଲକ୍ଷେ କଥା ପଡ଼େ ।

ମଦନ ଦାସ ବି ହସି ହସି ଏଇସବୁ କଥାରେ ବେଶ୍ ମଜ୍ଜାରେ ଜମିଯାଆନ୍ତି । ସତେ କି ନାଟକର ପୋଖତ୍ ସମଝ୍‌ଦାର୍ !

ସୁରେଶ ସୁମଳା ତଳର ଆଉ ଅମଳା ଉପରର ଭାଇ । ତା'ର ଏମିତି ଲଫଙ୍ଗା ସାଙ୍ଗ ବାବୁରି ବାଳ ରଖିଥିବା ସାଂସ୍କୃତିକ କର୍ମୀ- ସବୁ ଆସନ୍ତି । କଥା କଥାକେ ଦେଶର ସଂସ୍କୃତି ଆଉ ଅନୁଷ୍ଠାନ ବୋଲି ବସ୍ତୁ ଦିଇଟାକୁ ସତେ କି ଆଉ ଦିନ କେଇଟା ଭିତରେ ସ୍ୱର୍ଗକୁ ଉଠାଇ- ନେବେ । ସେମିତି ଢଙ୍ଗରେ କଥା କହନ୍ତି ଏମାନେ । ସେଇ କାଠର ବହୁ ଲୋକଙ୍କୁ ଡ୍ରାମା ହେଲାବେଳେ ଉଇଙ୍ଗ୍‌ସ୍ କଡ଼ରେ ଉଣ୍ଡୁ ଥିବାର ଦେଖିଛନ୍ତି ସୁମଳ-ଅମଳା । କଥା ପଦେ ଯାଙ୍କ ସାଙ୍ଗରେ କହିଦେଲେ କିବା କାମଟାଏ କରିବାକୁ ବତେଇଦେଲେ ଏଗୁଡ଼ାକ କୃତକୃତ୍ୟ ହୋଇଯାଆନ୍ତି । ସେ କାମ କରିପାରିଥିବାରୁ ତାଙ୍କଦ୍ୱାରା ଅନେକ କାମ

Digitized by srujanika@gmail.com

କିନ୍ତୁ କରାଇ ହୁଏ । ଚା'ପାନ ଅଣା, ରିକ୍ସା ଡକା, ଏମିତି ସବୁ ଛୋଟ ଛୋଟ ବୋଲହାକ ଅବଶ୍ୟ ।

ଖରା ଟାଣ ହୋଇଆସୁଛି । ବାହାରେ କୋଳାହଳ କ୍ରମଶଃ ବଢ଼ି ଚାଲିଛି । ସକାଳର ସେ ଫିକାସିଆ ସୂର୍ଯ୍ୟ ଏଥର ଛାତି ଉଠିଲାଣି ।

କିଏ ସାଇକେଲ୍‌ଟାଏ ରଖିବା ଭଳି ଶୁଭିଲା ।

ଉତ୍କଣ୍ଠ ହୋଇ ଶୁଣୁଥିଲା ଅମିଳା । କାହାକୁ ଯେମିତି ସେ ଅପେକ୍ଷା କରିଛି ! ସୁମିଳା ଜାଣିଥିଲା ରସିକମୋହନ ଆସିବ ବୋଲି । କିନ୍ତୁ ଏତେ ସକାଳୁ ରାତି ନ ପାହୁଣୁ ଆସିବ ବୋଲି ଧାରଣା ନ ଥିଲା ତା'ର ।

ସାଇକେଲ୍ ଘଣ୍ଟି ଟଣ୍ ଟଣ୍ ହେଲା ଖୁବ୍ ଜୋରରେ । ପରସ୍ପର ମୁହଁ ଚାହାଁଚାହିଁ ହେଲେ— ସୁମିଳା ଓ ଅମିଳା ।

ତା'ପରେ ହଠାତ୍ ବାହାରକୁ ଦଉଡ଼ିଗଲା ଅମିଳା ଅପା ମୁହଁକୁ ଚାହିଁ ଫିକ୍‌କିନା ହସିଦେଇ—

ମନେ ମନେ ପ୍ରମାଦ ଗଣିଲା ସୁମିଳା, ସତେ ଯେମିତି ସେ ନିଜେ ଚୋରି କରିବାକୁ ଯାଉଛି ! କନ କନ କରି ଚାରି ଆଡ଼କୁ ଚାହିଁ ଦେଖିଲା ସେ ।

ମା ଏତେବେଳଯାଏ ଉଠି ନାହାଁନ୍ତି । ବାପା ବାରି ଆଡ଼କୁ ଚାଲିଗଲେଣି । ଅନେକ ଡେରିରେ ସେ ଫେରନ୍ତି ପାଇଖାନାରୁ—ବୁଢ଼ୀ ଆଉ ଗିନା ଦହେଁ ଖାଉଛନ୍ତି । ଖାଇ ସାରି, ଶୋଇବା ଘରଟାରେ ପଡ଼ି ବସିବା ନାଁରେ କଜିଆ ଲଗେଇବେ ଏଇନା, ନିଜ ନିଜ ଭିତରେ ଉଖୁରାଉଖୁରି ହୋଇ ।

ମନେ ମନେ ସେ ଚାହୁଁଥିଲା ଏ ବଡ଼ସକାଳୁ ରସିକମୋହନ ଆସି ନ ପହଞ୍ଚୁ ବୋଲି ।

ରସିକମୋହନ ହେଉ କି ଗୋବର୍ଦ୍ଧନ ହେଉ, ସେ କୌଣସି ସମୟରେ ତାଙ୍କ ସହିତ ଦେଖା କରିବାକୁ ଆସିପାରନ୍ତି — ଆସନ୍ତି ମଧ୍ୟ ।

ବାପା ମଧ୍ୟ ଏ ସମ୍ପର୍କରେ କେବେ କିଛି କହିବାର ବା ବିରୁଦ୍ଧ ମତାମତ ଦେବାର ସେ ଶୁଣି ନାହିଁ । ବରଂ ସୁମିଳା ଭାବେ, ସେ ବୋଧହୁଏ ଖୁସି ହୁଅନ୍ତି । କଥା-ଗପ ମଝିରେ ସିଗାରେଟ୍ ପିଅନ୍ତି ମାଗିମାଗି । ନ ହେଲେ

Digitized by srujanika@gmail.com

ଆସିଥିବା ଭଦ୍ରଲୋକଙ୍କଠାରୁ ପଇସା ଆଣି ବୁଟ୍ଟୁକୁ ଡାକି ସାହ୍ନା ଦୋକାନରୁ କିଣି ଆଣିବାକୁ ପଠାନ୍ତି ।

ଅତି ନିର୍ଲଜ୍ଜ ଭାବରେ ହସିଦେଇ ମଝିରେ ମଝିରେ ଉଠିଯାଆନ୍ତି ବାହାରକୁ ସୁମିଲା ବା ଅମିଲା ସହିତ ଆଗନ୍ତୁକ ଭଦ୍ରଲୋକଙ୍କର ନିଭୃତରେ ଆଳାପ କରିବାର ସୁଯୋଗ ଦେଇ ।

ଭଦ୍ରବ୍ୟକ୍ତି ଜଣକ ଯାଇସାରିଲା ପରେ ବୁଝନ୍ତି କିଛି ନୂଆ କଣ୍ଟ୍ରାକ୍ଟ ମିଳିଲା କି ନାହିଁ ବୋଲି । ମିଳିଥିଲେ କେତେ ଦରଦାମ ହେଲା । ବଗିଚ୍ଚରେ ପନିପରିବା କରିଥିବା ଲୋକ ଯେମିତି ଦରଦାମ କଷାକଷି କରେ, ମାଲ କଟାଏ, ଅନେକଟା ସେମିତି । ସୁମିଲା ଆଉ ଅମିଲାଙ୍କୁ ସେ ତାଙ୍କ ବଗିଚ୍ଚର ପରିବା ବୋଲି ବିଚାରନ୍ତି କି କ'ଣ !

ହାତ ବାଜିଲେ ବା ସାମାନ୍ୟ ଆଘାତ ପାଇଲେ ଚେଲୁଣିପୋକ ଯେମିତି ସଂକୁଚିତ ହୋଇଯାଏ ଗୁଁକୁ ଗୁଁ, ମା'ର ପାଟିତୁଣ୍ଡ ଗର୍ର୍ ଗର୍ର୍ ହେବା ସବୁ ଟଙ୍କା ନାଁ ଶୁଣିଲେ ସେମିତି ଠିକ୍ ବନ୍ଦ ହୋଇଯାଏ ।

ଚେଷ୍ଟାକର ମୁହଁରେ ତା'ର ହସ ଫୁଟେ । ଝିଅଙ୍କର ଭାରାକ୍ରାନ୍ତ ମନଜୀବନର ବେଦନା ସେ ଚେଷ୍ଟାକରି ଏଡ଼ାଇଯାଏ—ଭୁଲିଯାଏ । ତଥାପି ବେଳେବେଳେ କିଏ କେମିତି ଆସି ଅଯଥାରେ ଅନେକ ବେଳଯାଏ ଗପିଲେ କି ହେଁ ହେଁ ଫେଁ ଫେଁ ହେଲେ ମା ସୁମିଲାକୁ ଡାକି ଶୁଣାଏ । ଅମିଲାକୁ ତାର ପ୍ରାଣେ ଭୟ ।

ତଥାପି ବାପା କାଲେ କ'ଣ ଭାବିବେ—ମା' ଉଠିଲେ କ'ଣ ଭାବିବେ ବୋଲି ଚିନ୍ତା କରୁଥିଲା ସୁମିଲା ।

ନଜର ପାପ ଦେଖିଥିବା ମନର ପାପ ଛୁଉଁଥିଲା ତାକୁ ।

ବୁଟ୍ଟୁ, ଖାନା ହାତ ଧୋଇ ଘର ଭିତରକୁ ଗଲେ । କ'ଣ କରୁଚି ଅମିଲା ଏତେବେଳେ ଯାଏ ? ସିଆଡ଼େ ଲାଖିଗଲା ଏକାବେଳକେ ! ରସିକମୋହନ ବ କେମିତି ନିର୍ଲଜ୍ଜ ! ସକାଳୁଠାରୁ ଉଠିଆସିଚି ! କୁଆଡ଼େ ଭାରି ବଡ଼ ଲୋକ, ସଂଭ୍ରାନ୍ତ ଘରର ପିଲା ସିଏ !

ଅକାରଣରେ ହେନେ ହେନେ ମନଟା ବଷେଇଯାଏ । ନାନା ଆଡ଼େ ବାଜେ ତୁଚ୍ଛା କଳ୍ପନା, ଖିଆଲ, ମନକୋଣରେ ଦେଖାଦିଏ । ଜମାଟବନ୍ଧା ମେଘ ଭଳି ଖିଆଲଗୁଡ଼ାକ ମନ-ଆକାଶରେ ଚରିବୁଲି, ଢାଙ୍କିଦିଏ—ଆଚ୍ଛନ୍ନ

Digitized by srujanika@gmail.com

କରିଦିଏ ମନଟାକୁ । ଉଦାସ, ଉଦାସ ଲାଗେ । ଇଚ୍ଛା ନ ଥିଲେ ବି ଏକାଠିଆ ରହି ସେଇସବୁ କଥା ଭାବିବାକୁ ଭାରି ଭଲଲାଗେ ।

ଏମିତି ନାନା ବାଜେ କଳ୍ପନା କରୁ କରୁ ସୁମିଲା ଗୋଷେଇ ଘରେ ପଶି ଚୁଲି ଲଗାଇବାକୁ ବସିଲା । ଏପାଏ କେହି ଉଠି ନାହାନ୍ତି— ସାନଭାଇ ସୁରେଶକୁ ହୁଏତ ବର୍ତ୍ତମାନ ରାତି ଅଧ । ଘୁଂଗୁଡ଼ି ମାରୁଥିବ ସେ । ସୁରେଶ, ବାପା, ମା ଏମାନଙ୍କ ଅପେକ୍ଷା ଅମିଲା ଉପରେ ଚିଡ଼ିଉଠିଲା ତା ମନ । ଦାଣ୍ଡପଟେ ଛୁଡ଼ାଟା ହୋଇ ଭୋରରୁ କଥାବାର୍ତ୍ତା ହଉଛି—ଘର ଦୁଆର ମୁହଁଟାରେ ସୁରେଶ ଚିତ୍‌ପଟାଙ୍ଗ ହୋଇ ପଡ଼ିଥିବ । ରସିକମୋହନ କ'ଣ ଭାବୁଥିବ ?

ଚୁଲି ଧରିଆସିଲା ବେଳକୁ ହଠାତ୍ ସୁମିଲା ଉଚ୍ଛ୍ୱସିତ କଳରୋଳ ଶୁଣିଲା ବାରଣ୍ଡାରେ—ଅଭ୍ୟାସବଶତଃ ଦେହ ଉପରକୁ ଖସିଯାଇଥିବା ଲୁଗାପଟାକୁ ଗୁଡ଼େଇ ଆଣିଲା ସେ, ଯଦିଓ ଯୌବନ ତାର ନଗ୍ନ ଭାବରେ ଆଦୌ ଦର୍ଶନୀୟ ନୁହେଁ, ବରଂ ଲୁଗା ଖସିଯାଇଥିବା ଦେହ ଅପେକ୍ଷା ଢାଙ୍କି ହୋଇ ରହିଥିବା ଦେହ ତା'ର ଅଧିକ ଲୋଭନୀୟ ।

ଆରେ ! ବୁଲାଭାଇ ଯେ···ଗୋଟାଏ ଉଚ୍ଛ୍ୱାସରେ ମୁହଁରୁ ତାର ବାହାରି ପଡ଼ିଲା । ଅମିଲା ସହିତ ହସି ହସି ବୁଲାଭାଇ ପଶି ଆସୁଥିଲା ଘର ଭିତରକୁ ।

—କିଲୋ ଦୁର୍ଗା, କ'ଣ କରୁଚୁ ? ଷ୍ଟ' ହୋଇ ନ ଥିଲେ ମୋ ପାଇଁ କପେ କର—କହିଲା ବୁଲା—

ଦୁର୍ଗା ସୁମିଲାର ନାଁ । ଜାତକଦତ୍ତ ଶ୍ରଦ୍ଧା ନାମ । ଯାହା ଏଯାଏ କେବଳ ହଉଟି ଲୋକ, ଏଇ ବୁଲାଭାଇ ଆଉ ମା ମୁହଁରେ ରହିଛି । ଅନେକ ଦିନ୍ତ ମଞ୍ଚରେ ତାର ଏଇ ପୁରୁଣାକାଳିଆ ଠାକୁରାଣୀ ନାଁ ବଦଳାଇ ନାଟ୍ୟକାର ଶୁଭେନ୍ଦୁବାବୁ 'ସୁମିଲା' ବୋଲି ନୂଆ ନାମକରଣ କରିଥିଲେ । ତା'ର ସହିତ ଯୋଡ଼ି ପକେଇ, ତାଳ ରଖିବା ପାଇଁ 'ଅମଳା' ନାଁ ମଧ୍ୟ ଅମିଲାରେ ପରିଣତ ହୋଇଛି । 'ଦୁର୍ଗା', 'ଅମଳା' ନାଁ ହଜିଗଲାଣି କୋଉ କାଳୁ । କେମିତି ଅଖାଡୁଆ ଅଖାଡୁଆ ଲାଗେ ସେ ନାଁ ଶୁଣିଲେ । ଅଖାଡୁଆ ଲାଗିଲେ ବି ବାରବୁଲା ବୁଲାଭାଇର ଏ ଡାକଟା ସୁମିଲାକୁ ଭାରି ଭଲ ଲାଗେ । ନାଁ ତାର କାଙ୍ଗାଳି ନାଁ କ'ଣ । ବାପ ମା କେବେ

Digitized by srujanika@gmail.com

ଦେଇଥିଲେ । ବାପା ମାଙ୍କୁ ବୁଲା ଯେମିତି ଭୁଲିଯାଇଥିଲା—ସେ ନାଁଟାକୁ ମଧ ଠିକ୍ ସେମିତି ଭୁଲିଯାଇଛି । ସମସ୍ତେ ଜାଣନ୍ତି ଆଉ ଡାକନ୍ତି ଏଇ ଡାକ ନାଁରେ—କାହାର କଛି ଦୁଏନା ସେ । ପୁଣି ସମସ୍ତଙ୍କର ସବୁ । ଦରକାର ପଡ଼ିଲେ ସମସ୍ତେ ଡାକନ୍ତି···କାମ କରାନ୍ତି—ଭୁଲିଯାଆନ୍ତି ତାପରେ ପରେ । କୋଉଠି ଥାଏ, କ'ଣ ଖାଏ, କ'ଣ କରେ, କେହି ବୁଝନ୍ତି ନାହିଁ କି ଜାଣନ୍ତି ନାହିଁ ।

ସତରେ ସେ ବୁଲାଟିଏ—ବାରଆଡ଼େ ବୁଲିବା ତାର କାମ । ବାର ଲୋକଙ୍କୁ ନିଜର କରିବା ତା' ଧର୍ମ । କୋଉଠି କାହାର କ'ଣ ଅସୁବିଧା ହେଲା, କାହାର କ'ଣ କଷ୍ଟ ହେଲା, ବୁଲି ବୁଲି ବୁଲି ବୁଝିଯାଏ । ଭଦ୍ର ସେ ନୁହେଁ । ଅଭଦ୍ର କହିହେବ ନାହିଁ । କିନ୍ତୁ ମଣିଷଟା ମଣିଷ, ତା ଛଡ଼ା ତାର ବୋଧେ ଆଉ ପରିଚୟ କିଛି ନାହିଁ । ମଣିଷତ୍ୱରେ, ପ୍ରାଣପ୍ରାଚୁର୍ଯ୍ୟରେ ଭରପୂର, ବାରବୁଲା ଫକୀରଟିଏ—କୁଟୁମ୍ବ କେହି ନାହିଁ, ସହରରେ ସମସ୍ତେ ପୁଣି ତା' ନିଜର, କିଏ ଭାଇ, କିଏ ଦାଦା, କିଏ ଅପା, କିଏ ଭାଉଜ, କିଏ ଖୁଡ଼ୀ, କିଏ ମଉସା—କେତେ କ'ଣ ତାର ।

ସେଇ ବୁଲାଭାଇ ସକାଳୁ ଆସିଛି—ସକାଳୁ ବୁଲାଭାଇକୁ ଦେଖି କାହିଁକି କେଜାଣି ସୁମିତ୍ରାର ମନଟା ଉଲ୍ଲସିତ ହୋଇଉଠିଲା ।

ଆପଣାର କହିଲା ଭଳି ପରମଣିଷଟିଏ ଏଇ ଏକା ।

ବୁଲା ଘର ଭିତରକୁ ପଶିଆସି ପଚାରିଲା—"ମାଉସୀ କ'ଣ ଉଠି ନାହିଁ ଏତେବେଳ ଯାଏ ?"—ଘର ଭିତରକୁ ପଶିଆସିବା ଆଉ ନିଜର ଲୋକ ଭଳି ବ୍ୟବହାର କରିବା ପାଇଁ ବୁଲା ଛଡ଼ା ଆଉ ବୋଧେ କାହାର ଅଧିକାର ନାହିଁ ।

ଏ ଅଧିକାର ତାକୁ କେହି ଦେଇ ନାହାନ୍ତି । କିନ୍ତୁ ନିଜେ ନିଜେ ଏ ଅଧିକାର ସେ ବିସ୍ତାର କରିଛି ।

—ଶୋଇଛି ମା' ।

—ମାଉସୀଟା ଗଧଟାଏ ।

"କିରେ ବୁଲା, ତୁ କୁଆଡ଼ୁ ଏଡ଼େ ସକାଳୁ ?" ମା' ନିଦମଳମଳ ଆଖିରେ ଉଠି ଆସୁ ଆସୁ ପଚାରିଲା ।

Digitized by srujanika@gmail.com

— "ସକାଳୁ ଉଠି ଶଦରୁ ଏଇ ଦୁର୍ଗା ମୁହଁଟା ଦେଖିବାକୁ ଆସିଲ ଯେ, ଚଣ୍ଡୀଟାର ମୁହଁ ଦେଖିଲ । ଦାଣ୍ଡ ଘରଟାରେ କାଠଗଡ଼ ଭଳି ଗଡ଼ୁଚ ସୁରେଶଟା, ତାକୁ ବ ଦେଖିଲି ।"

ମୁହଁରେ ପାଣି ଛିଞ୍ଚା ମାରୁ ମାରୁ ମା' ହସୁଥିଲା । ସମସ୍ତେ ହସିଲେ ।

— "ମୋ ମୁହଁ କାହିଁକି ଦେଖିବ କଉ ?"

"ପ୍ରଭାତେ ଉଠିଆ···ଶୁଣିନୁ କଲେ ସେ ଗୀତ ? ଶେଷଟା କ'ଣ, "ଧନ ଯାବେ ଆଜ ଭଲେ – " ନା କ'ଣ ?"

ସୁମିଲର ମୁହଁ କାହିଁକି କେଜାଣି ଲଜରେ ରଙ୍ଗା ପଡ଼ିଗଲା ।

"ଧେତ୍, ଫାଜିଲ୍ କୋଉଠିକାର—"

"ହଉ ହଉ, ସା' ଗୁ କର"— ବୁଲି ଆଦେଶ ଦେଲା ।

"ବୁଲଭାଇ, ଏତେଦିନ ଯାଏ ତମେ କୋଉଠି ଲୁଚିଯାଇଥିଲ ?" — ଅମାଲ ପଚାରିଲା ।

"କାହିଁକି ? ସତେ ଯେମିତି ମୋ କଥା ତୁ ସବୁଦିନେ ଭାବୁଥିଲୁ ?" ତା'ପରେ ଆଉରି କ'ଣ ଗୋଟାଏ କଥା ଫୁସ୍‌କନା କହିଲା ବୁଲି, ବୋଷେଇଘରେ ଚୁଲିଟା ଲଗାଉ ଲଗାଉ କଥାଟାର ଧାସ ବାଜିଗଲା ସୁମିଲ କାନରେ । ମନକୁ ମନ ହସିଲା ସେ ।

ନିଶ୍ଚେ ରସିକ କଥା ପଚାରୁଚ ବୁଲି । ଅମାଲ ଚୁପ ହୋଇଗଲା କିଛି ସମୟ ପାଇଁ । ଭାବୁଥିବ ବୋଧେ କ'ଣ କହିବ ବୋଲି ।

ଗୁଡ଼ାଖୁ ଟିପେ ଧରି ଦାନ୍ତରେ ଘଷୁ ଘଷୁ ମା' ସାନବାରଣ୍ଡାଟାରୁ କହିଲା, "ବୁଲ, କାଲ ଏମାନେ କୋଉଠିକି ଗୋଟାଏ ଯିବେ — ଇଏ ତ ଯାଇପାରିବେ ନାହିଁ । ତମେ ଟିକେ ଯାଇ ଛୁଡ଼ିଦେଇ ଆସନ୍ତ ନାହିଁ ? ସେଠି ନ ରୁହନ୍ତ ପଛେ···ପରେ ଯାଇ ନେଇଆସନ୍ତ—!"

ମନେ ମନେ ସୁମିଲ ସେଇଆ ହିଁ ଭାବୁଥିଲା । ଭାରି ମଜା ହବ କିନ୍ତୁ ! ହେ ଭଗବାନ ! ବୁଲଭାଇ ହଁ କହନ୍ତା କି !

କିଛି ସମୟ ପର୍ଯ୍ୟନ୍ତ ନୀରବ ରହିଲା ବୁଲି । ତା'ପରେ କହିଲା, "ହଉ ଆଜି ସଂଧ୍ୟାବେଳେ ମୁଁ କହିବ, ଯାଇପରିବ କି ନାହିଁ — "

Digitized by srujanika@gmail.com

"ଓହୋଃ, ସତେ ଯେମିତି ଭାରି ଗୋଟାଏ ବଡ଼ କାମରେ ଲାଗିଯାଇଚ କୋଉଠି !" ଚଡ଼େଇବା ପାଇଁ ଅମାଲ କହିଲା ତାକୁ ।

"ମୁଁ କ'ଣ ଆଉ ରାତିଏ ଯାଇଁ ହାତିଏ ଆଣୁଚ ?" ଉତ୍ତର ଦେଲା ବୁଲା—ଯେତେ ଦୋଷାବହ କଥା କହିଲେ ବି ତା' କଥାରେ କେହି କେବେ କ୍ଷୁଣ୍ଣ ହୁଅନ୍ତି ନାହିଁ । ଠିକ୍ ସେମିତି ଅତି ଅପମାନିତ କଲେ ବି ବୁଲାକୁ ଅପମାନ ବାଧୁଚି ବୋଲି କେହି ଶୁଣି ନାହାନ୍ତି ।

"କାହିଁକି ଲଗେଇଚ ରେ ?" ମମତା ଦେଖାଇ ମା' କହିଲେ—"ଦୁର୍ଗା, ତୁ' କଲୁଣି କଲେ ?"

"ହଁ କରୁଚ ।" —ସୁମାଲ ଉତ୍ତର ଦେଲା ।

"ସେ ବଜାରୀ-ବାଜାରୁଣୀ ଦିଇଟା କାହାନ୍ତି ?" ବୁଠୁ ଆଉ ଶାନାଙ୍କ କଥା ପଚାରିଲା ବୁଲା ।

"ସେଇ ଘରେ ବସି ପଢୁଛନ୍ତି ବୋଧେ ।" ଅମାଲ ଉତ୍ତର ଦେଲା ।

"ପଢୁଚନ୍ତି ନା ଚଣ୍ଡଗୋଳ କରୁଚନ୍ତି ?" କହୁକହୁ ଶାନାର କାନ୍ଦ ଭାସିଆସିଲା ସେଇ ବଖରା ଭିତରୁ । କାନ୍ଦି କାନ୍ଦି ଶାନା ବୋଧହୁଏ କଣଗୁଡ଼ାଏ ଗାଳି ଦେଇଯାଉଥିଲା ବୁଠୁକୁ । ବୁଠୁ ପ୍ରତିଉତ୍ତରରେ ନିଜର ବଡ଼ଭାଇତ୍ୱ ଜାହିର୍ କରି କହୁଥିଲା ଧମକାଣି ସ୍ୱରରେ, "ସେମିତି କହିଲେ, ପୁଣି ଏଇନେ ଦିଇଟା ବସେଇଦେବି ଯେ, ମଜା ଗୁଡ଼ିଯିବ ।"

"କେହି କାହାଠାରୁ ଊଣା ନୁହେଁ ବାଉତ୍ୱରେ—" ବୋଲି କହି କହି ବୁଲା ସେଇ ଘରଭିତରକୁ ଗଲା । ସାଙ୍ଗେ ସାଙ୍ଗେ ଶାନାର କାନ୍ଦ ବନ୍ଦ ହୋଇଗଲା । ଆଉ "ଆରେ, ବୁଲାଭାଇ ରେ ବୁଲାଭାଇ—" ବୋଲି ପାଟିକଲେ ବୁଠୁ ଆଉ ଶାନା । ମଝିରେ ମଝିରେ ବୁଲାର "ରହ···ରହ··· ଦଉଚି···ଦଉଚି—" ବୋଲି ଡାକରା ଶୁଭୁଥିଲା ।

ସୁମାଲ ଚୁଲି ଉପରେ ଚା' ବସାଇ ଜଳନ୍ତା ନିଆଁକୁ ଚାହିଁ ରହିଥିଲା ।

ମା' ପାଟି କଲେ ବାରଣ୍ଡାରୁ—"ହେ, ଅମାଲ—ବୁଲାଭାଇକି ଛୋର କହିଦବୁଟି ଲୋ, ସେ ଘରୁ ସେ ଦିଇଟାଙ୍କୁ ବାହାରକୁ ଆଣି ପାଟି କରେଇବ—ଛୁଆଟା ଏଇନେ ସନ୍ଧ ଉଠିବ ତ କିଛି କାମ କରେଇ ଦବ ନାହିଁ ।"

Digitized by srujanika@gmail.com

ପରେ ପରେ କନ୍ଥ ଗଦାଧର ଛୁଆଟା କାନ୍ଦଉଠିଲା । ମୁହଁ ପୋଛୁ ଆସୁ ଅସୁ ମା’ ଜୋର୍‌ରେ ପାଦପକାଇ ପଶିଗଲା ଶୋଇବା ଘରକୁ । ଗଲାବେଳେ ପୁଣି ଥରେ “ଅମଲକୁ କହିଦେଇଗଲା, ଅମଲ, ଭାଇକୁ କହିବୁ ନେଲେ ସେ ଗୋହିରିଟାରେ ଶୋଇଚ, ଏ ଘରକୁ ଉଠିଆସିବ ।”

ଛୁଆଟା ତୁନି ହୋଇଗଲା । ଅମଲ ବୋଧେ ସୁରେଶକୁ ଉଠାଇ ପୁଣି ଥରେ ଶୁଆଇବାକୁ ଚାଲିଗଲା ।

ବାରିଆଡ଼ୁ ଜୋର୍‌ରେ କଠଉ ଶବ୍ଦ କରି ଲୁଙ୍ଗି ଭଳି ପିନ୍ଧାଥିବା ଚିରା, ମଇଳା ଲୁଗାଟାର କାନିରେ ମୁହଁ ପୋଛୁ ପୋଛୁ, ଓଦା ସରସର ବାଁ ହାତଟାକୁ ପୋଛୁ ପୋଛୁ ପଶିଆସିଲେ ମଦନବାବୁ ।

“କ’ଣ ମା ସୁମିଲା ! ଚୁହା ହେଲାଣି ?” ମୁଣ୍ଡ ହଲାଇ ସମ୍ମତି ଜଣାଇଲା ସୁମିଲା ।

“ମୋତେ କପେ ଦେଇଆସିବୁ ସେଇ ଘରେ । କିଏ ଆଇଚ କଲେ ? ପାଟି ଶୁଭୁଚ ।” ଶୁଣିପାରିଲେ ବୋଧେ ବୁଲାଭାଇର କଣ୍ଠସ୍ୱର “ବୁଲାଭାଇ— ସେ ଘରେ ବୁଝୁ, ଘନାହେରିକାଙ୍କ ସାଙ୍ଗେ ଗପୁଛନ୍ତି” ବୋଲି ଜଣାଇଲା ସୁମିଲା ।

“କିଓ ବୁଲା···ସକାଳୁ କେମିତି ମନେ ପଡ଼ିଲା ?”

ସେଇଠୁ ଡାକ ଡାକ ଆଗେଇଲେ ବାପା । ବୁଲା ତାଙ୍କୁ ସଂଭ୍ରମରେ ଗୁରୁଜନ ଭଳି ଦେଖିଲେ ମଧ୍ୟ ସେ ତାକୁ ବଂଧୁ ଭଳି ବ୍ୟବହାର କରନ୍ତି । ବେଳେ ବେଳେ ପୁଣି ଦୁହେଁ ଅତି ନିର୍ଲଜ୍ଜ ଭାବରେ ଥଟ୍ଟା ପରିହାସ ବି ହୁଅନ୍ତି ।

ବୁଲା କୌଣସି ବୟସର ସରହଦ ମାନେନା । ସେଇଥିପାଇଁ ବହୁ ପରିବାରରେ ସେ ବଡ଼ଭାଇ ସାନଭାଇ ଉଭୟଙ୍କର ବଂଧୁ, ବାପପୁଅ ଦୁହିଙ୍କର ବି ବଂଧୁ । ସତରେ ସେ ବୁଲାଟିଏ—

ଚା’ ପାଣି ଟକ୍‌ମକ୍ ହୋଇ ଫୁଟୁଚି । ବାହାର ବାରଣ୍ଡାକୁ ଖରା ଓହ୍ଲାଇ ଆସିଲାଣି । ଆକାଶଟା ସାରା ଫୁଟିଲା କନିଅର ଫୁଲର ବର୍ଣ୍ଣ ଗୋଳି ହୋଇଗଲାଣି ।

ରହିରହି ଶୁଭୁଛି ଛୁଆଗୁଡ଼ାଙ୍କର କୋଳାହଳ । ବାପା ବୁଲାଭାଇ ଆଜି ମା କ’ଣ କଥାବାର୍ତ୍ତା କରୁଛନ୍ତି । ଏଇ ଆଗାମୀ କାଲି ଯିବା ବିଷୟରେ ବୋଧେ ।

Digitized by srujanika@gmail.com

ଅମଲା ଥର ଥର କର ଡାକ ଶୁଭୁଛି । ଜଁ କହି ସୁର ଶୋଇ-ଯାଉଛି ପୁଣି । ବହେ ବେଳଯାଏ ଏମିତି ଗେଁ ଗେଁ ହୋଇ ସେ ଉଠେ ।

ବାପା-ମା'ଙ୍କ ମୁହଁରେ ଏଇ ସୁମଲା, ଅମଲା ଡାକ କେମିତି ଖାପଛଡ଼ା ଶୁଭେ ।

"ସୁମଲା···ଗୃ' ହେଲ ?" — ବାପା ପଚାରୁଥିଲେ ସବୁବେଳେ । ଏ ଡାକ ନୂଆନୂଆ ନାଟକର, ନୂଆ ଚରିତ୍ରର ନାଁ ଭଲ ଲାଗେ । ଅଣ୍ଡ ନୂଆ ଲୋକଟିଏ ସତେକି ଡ୍ରାମାର ଡାଇଲଗ ଆଉଡ଼ଉଛି । ଶୁଣିବାକୁ ଭଲ ଲାଗେ ନାହିଁ । ମନକୁ ବ ସୁହାଏ ନାହିଁ···

ଆଗରୁ ମା' ତାକୁ ଦୁର୍ଗା ବୋଲ ଡାକବାକୁ ଅସୁବଧା ହୁଏ ବୋଲ 'ଦୁଗି' ନ ହେଲେ 'ଦୁରୁଗୀ' ବୋଲ ଡାକୁଥିଲ । ଅମଲାକୁ ଡାକୁଥିଲା 'ବମ', ନ ହେଲେ 'ବମଲା' ବୋଲ ।

ସିଏ ବମଲା ଡାକପାରୁନଥିଲା, ସିଏ ପୁଣି ଡାକୁଛି ଅମଲା !

ତାକୁ କଣ ଲାଗେ କେଜାଣି, ନଜକୁ ଭାର ଲାଜ ଲାଗେ ଏ ଏ ଡାକ ଶୁଣି··· ।

ସୁମଲାର ହଠାତ୍ ମନେପଡ଼ଲା, ପ୍ରଥମ କର ଯେଉଁ ଦନ ଦୁର୍ଗା ନାଁ ବଦଳ ସୁମଲା ହେଲା, ସେଇଦନର କାହାଣୀଟା—

ବାର କ ତେର ବରଷର ଝିଅଟିଏ । ସେଦନ ରଂଗମଞ୍ଚର ମ୍ୟାନେଜରଙ୍କ ଆଗରେ ଠିଆ ହୋଇଥିଲା—ଗୁଡ଼ ତା'ର ଦୁକ୍ ଦୁକ୍ ହୋଇ ପଡ଼ୁଥିଲା···ପଡ଼ୁଥିଲା-ଉଠୁଥିଲା, ଗୁଡ଼ାଏ ନୂଆ ନୂଆ ମୁହଁର ଗହଣରେ—

ଖେଦାରେ ପଡ଼ଥିବା ନୂଆ ହାତୀଟିକୁ ପେଷା ମନାହେଲାବେଳେ ପୁରୁଣା ପୋଷାହାତୀଙ୍କ ଭଳ ଆଉ ଚାର ପାଞ୍ଚ ଜଣ ଝିଅ ତାକୁ ଚାହିଁ ମୁରୁକ ମୁରୁକ ହସୁଥିଲେ । ବେଳେ ବେଳେ ଥଙ୍ଗ କର କ'ଣ ସବୁ କହୁଥିଲେ !

କେମିତ କନ୍ତୁ ଅଲଗା ଅଲଗା ଲାଗୁଛନ୍ତି ଏମାନେ । ସାଧାରଣ ଝିଅସବୁ ଯାହା, ସେମିତ ଦଶୁ ନାହାନ୍ତି । ବେହିଆ-ଢଙ୍ଗଢଙ୍ଗୀ-ଅଲାଜୁକୀ ଜଣାଯାଉଛନ୍ତି ।

ଠିଆ ହୋଇଥାଆନ୍ତି ଆଉ ଜଣେ ଦଜଣ ଟୋକା । ଝିଅଗୁଡ଼ାକ ତାଙ୍କ କାନରେ କ'ଣ ଫୁସ୍ ଫୁସ୍ କର କହିଦେଉଛନ୍ତି—ସେମାନଙ୍କ କାନ୍ଧରେ ଭରଦେଇ ଠିଆ ହୋଇ ଯାଉଥାଆନ୍ତି—

Digitized by srujanika@gmail.com

ସେଥିରୁ ଜଣେ ଗୋଟାଏ ଟୋକାକୁ ଗୃହିଁ ଏ ଝିଅଟି ଆଡ଼କୁ ଦେଖାଇଦେଇ ଅଶ୍ଳୀଳ ଇଙ୍ଗିତ ଦେଲା—ଏ ଝିଅଟି ବୁଝିପାରିଲା ସେ ଇଙ୍ଗିତର ଅର୍ଥ । "କେମିତି ହୋଇଛୁ ? ମନକୁ ଯାଉଚି ତ ?"—

ସବୁ ଥଟ୍ଟା ପରିହାସ, ଇଙ୍ଗିତ, ବେହିଆ ଝିଅ ପୁଅଙ୍କର ସେ ଆଡ଼ ଡ଼ା । କିଛି ପଡୁ ନ ଥିଲା ଏ ଝିଅଟି କାନରେ—କାନ୍ଥରେ ମରିହୋଇଥିବା ଛବି, ଫୋନ୍, ଏଇସବୁକୁ ଗୁରେଇ ଗୁରେଇ ଗୃହୁଁ ଥିଲା ଆଉ ତା'ର ଉଚ୍ଚତାର କ ତାଠାରୁ ଅଳ୍ପ ନୀଚ ଗୋଟାଏ ଟେବୁଲ୍‌ର କଡ଼ଟାକୁ ଧରି ଛିଡ଼ାହୋଇଥିଲା ସେ—

ପାଦଠାରୁ ହାତ ପର୍ଯ୍ୟନ୍ତ ତା'ର ନିଜ ଅଜାଣତରେ ଥରୁଥିଲା ।

ଏକ ନୂଆ ଜୀବନର ଅଭିଜ୍ଞତା ତା'ର ଆଜି ହେବାକୁ ଯାଉଛି । ସଂପୂର୍ଣ୍ଣ ଅଜଣା, ଅପରିଚିତ ଏକ ପରିବେଶ ।

ସେ ମଂଚକୁ ଆସିଛି ଅଭିନୟ କରିବ ବୋଲି । ଅଭିନୟ ନୁହେଁ··· ଚ୍ଛକଣି କରିବ ବୋଲି । ଆଉ ସେଇ ଚ୍ଛକଣିଟା ତା'ର ହେବ ମୁହଁରେ ରଙ୍ଗ ବୋଳି ଆଲୁଅରେ ଠିଆ ହେବା । ଅଗଣିତ ଲୋକଙ୍କ ଆଗରେ ନିଜକୁ, ନିଜ ଦେହକୁ ଦେଖାଇଦା—ମିଛ ହସ ହସି, ମିଛ କାନ୍ଦ କାନ୍ଦି ତାଙ୍କର ମନ ବହଲେଇବା ।

ଗ୍ରେଟିଆ ଜୀବନଟିର ଗ୍ରେଟ ପରିସର ଭିତରେ ଥରେ କି ଦ୍ୱ'ଥର କାହା ସାଙ୍ଗେ କେତେବେଳେ ଆସି ନାଟକ ଦେଖିଛି ସେ । ଭଲକି ଭଲ ଆଲୁଅରେ ମଞ୍ଚ ଉପରେ ଛିଡ଼ାହୋଇ କଥା କହୁଥିବା ପୁଅଝିଅଙ୍କ ହସ କାନ୍ଦ ସହିତ ନିଜକୁ ସାମିଲ କରି କାନ୍ଦିଛି—ହସିଛି—ବଡ଼ ଅଦ୍ଭୁତ ଲାଗିଛି ସେମାନଙ୍କୁ । ସୁନ୍ଦର ସୁନ୍ଦର କାହାଣୀର କି ଉପନ୍ୟାସର ମଣିଷ ଭଳି ବରିଷ—

ଏବେ ସେ ନିଜେ ବି ଗୋଟିଏ କାହାଣୀର ଜୀବ ହେବାକୁ ଯାଉଛି···ତା'ର ରୂପ, ଆଖି, କାନ, ହାତ, ଗୋଡ଼, କଥାବାର୍ତ୍ତା, ଚ୍ଛଲଚଲନ ମଧ୍ୟଦେଇ କାହାଣୀ ଫୁଟିଉଠିବ—ରୂପ ପାଇବ ରୂପ କଥା ।

ବଡ଼ ବରିଷ ଅଭିଜ୍ଞତା କିନ୍ତୁ—!

ମାଇନର ଯାଏ ପାଠ ପଢ଼ିବା ପାଇଁ ସ୍କୁଲକୁ ଯାଇଛି ସେ । ସ୍କୁଲରେ ସବୁଠାରୁ ଭୟ ଲାଗେ ପରୀକ୍ଷାକୁ । ସେଇ ପରୀକ୍ଷା ସେ

Digitized by srujanika@gmail.com

ଜୀବନରେ ତିନି ଚାରି ଥର ଦେଇଛି । ଭୟ ଲାଗିଲେ ବି ସାଙ୍ଗ ସାଥୀ-ମାନଙ୍କ ସହିତ ମିଶି ସେ ଭୟକୁ ଅତିକ୍ରମ କରିଛି

ପିଲାଦିନର ସେ ସ୍କୁଲ ପରୀକ୍ଷା ଅପେକ୍ଷା ଏ ପରୀକ୍ଷା ଆହୁରି କଷ୍ଟକର, ଭୟପ୍ରଦ ବୋଧ ହେଲା ତାକୁ—

ତାର ସମସ୍ତ ସ୍ୱାତନ୍ତ୍ର୍ୟ ସବୁ ମନଫୁଲାଣିଆ ହାବ ଭାବ, ସବୁ କିଛି କେମିତି ଧୀରେ ଧୀରେ ସଙ୍କୁଚିତ ହୋଇଆସୁଥିଲା—ତେଲୁଣି ପୋକକୁ ଛୁଇଁଦେଲେ ଗୋଟାଇ ହୋଇଗଲା ପରି ।

ବେଳେ ବେଳେ ସେ କଣେଇ କଣେଇ ଚାହୁଁଥିଲା, ଚଉକିରେ ଚାରିକଡ଼େ ଘେରି ବସିଥିବା ଭଦ୍ର ଲୋକମାନଙ୍କୁ—ବାପା ଆସି ବସିଛନ୍ତି ଗୋଟାଏ କଡ଼ରେ । ଏପଟକୁ ବୁଲାଇ । ତା'ର ବିଷୟରେ ସେମାନେ ସବୁ କ'ଣ ପଚାରୁଛନ୍ତି—ଏମାନେ ସବୁ କୁଆଡ଼େ ବଡ଼ ବଡ଼ ଅଭିନେତା, ନିର୍ଦ୍ଦେଶକ, ନାଟ୍ୟକାର—ଲୋକେ ଜାଣନ୍ତି—ଭାରି ପ୍ରସିଦ୍ଧ ଏମାନେ ।

ସୁମିଳା କିନ୍ତୁ ଆଗରୁ ଏମାନଙ୍କ ଭିତରୁ କାହାକୁ ଦେଖି ନ ଥିଲା କି ଜାଣି ନ ଥିଲା—

ରେଡ଼ିଓରୁ ଗୋଟାଏ କୌଣସି କାର୍ଯ୍ୟକ୍ରମ ସରିଗଲେ ଯେମିତି ହଠାତ୍ ନୀରବତା ଆସେ, ସେମିତି ତାଙ୍କ କଥାବାର୍ତ୍ତା ସବୁ ଥିମେଇ ଆସିଲା—

କାହିଁକି କେଜାଣି ସମସ୍ତେ ତା'ର ଆଡ଼କୁ ଅନାଇଲେ ଖୋଜିଲା ଖୋଜିଲା ଆଖିରେ—ଯେମିତି ସେ ଆଖିଗୁଡ଼ାକ ଶାଣୁଆ ବର୍ଚ୍ଛା—କୋଉ ଭିତରକୁ ପଶିଯିବ ଏକାବେଳକେ । ଓଟାରି କାଢ଼ିଆଣିଲା ବେଳକୁ ମେଞ୍ଚାଏ ଅନ୍ତବୁଜୁଳା ବାହାରକରି ଆଣିବ ; ଭିତରଟାକୁ ଦେଖାଇଦେବା ପାଇଁ—

ଜଣ ଜଣଙ୍କର ଆଖି ସୁମିଲାର ଦେହର ପ୍ରତ୍ୟେକ କନ୍ଧ ବିକନ୍ଧକୁ ଏପରି କି ଅଶ୍ଳୀଳ ଭାବରେ ସୁମିଲାର ନୂଆହୋଇ ଫୁଟିଉଠୁଥିବା ନାରୀତ୍ୱର ସଙ୍କେତ ଉପରେ ଚରି ବୁଲୁଥାଏ ।

ସୁମିଳା ଆହୁରି ସଙ୍କୁଚିତ ହେଲା—ତାର କାନମୂଳ ଲାଲ୍ ହୋଇଉଠିଲା ।

ବାହାରେ ଛିଡ଼ାହୋଇଥିବା ଝିଅମାନଙ୍କ ଭିତରୁ ଜଣେ ହଠାତ୍ କାହିଁକି ହୋ ହୋ ହୋଇ ହସିଉଠିଲା—ହୁଏତ ତା'ର ଲାଜ ଲାଜ ଭାବ ଦେଖି ।

Digitized by srujanika@gmail.com

ଏଠି ଲାଜ ରହି ପାରେନା—ସବୁ ମିଛ ସହିତ, ଲାଜ ବି ଏଠି ମିଛ ହୋଇଯାଇଛି—ଯେଉଁଟିକକ ଲାଜ ଥାଏ, ସେତକ ସାଇତା କେବଳ ମଞ୍ଚଉପରେ ବେଳେ ବେଳେ ଦେଖାଇବା ପାଇଁ—

ସୁମିଲା ଆହୁରି ବିବ୍ରତ ବୋଧକଲା ଝିଅଟିର ବୟସ ପାଇଁ ।

ବସି ରହିଥିବା ଲୋକଙ୍କ ଭିତରୁ ଜଣେ ପୁରୁଣା ପୁରୁଣା ହୋଇ ଗେଡ଼ା ସୁନ୍ଦରିଆ ମଣିଷଟିଏ—ଆଖି ଦୁଇଟା ତାଙ୍କର କୁତ୍ସିତ ଭଳି ସୁମିଲାର ଦେହସାରା ବାନ୍ଧ ହେଉଛି । ହଠାତ୍ ପଚାରିଲେ ସେଇ—

"ତମ ନାଁ କ'ଣ ?"

ସବୁ କଥା ନ ଶୁଣିଥିଲେ ମଧ୍ୟ ଯେତକ ତା'ର କାନରେ ବାଜୁଛି ସେତକରୁ ସେ ବୁଝିଛି, ବାପା ଆଉ ବୁଲାଭାଇ, ଏଇ ସ୍ୱଳ୍ପ ସମୟର ଆଲୋଚନା ଭିତରେ ତା' ନାଁ ଲକ୍ଷେ ଥର କହିଛନ୍ତି—ପୁଣି ନାଁ କ'ଣ ?

ବୟସ ନ ହୋଇଥିଲେ ମଧ୍ୟ; ଲାଜରେ ଗାଲଦୁଇଟା ଲାଲ୍ ହୋଇଗଲା ଭଳି ବୟସ ହୋଇଯାଇଥିଲା ତାର । ଅନେକ କଥା ବୁଝିଲାଣି—

ଗାଲଟା ତାର ଲାଲ୍ ହୋଇଆସିଲା—କାନମୂଳ ଦୁଇଟା କେମିତି ଜୁଷୁମ୍ ଜୁଷୁମ୍ ହୋଇଗଲା—

ଅଚିହ୍ନା ଅଜଣା ଜାଗାରେ ଅପରିଚିତ ଲୋକର ପ୍ରଶ୍ନରେ ଝାଉଁଳିପଡ଼ି ସେ ତଳକୁ ମୁହଁ ପୋତିଲା—

"ଲାଜ କଲେ ଚଳିବ ? ଏଁ ? ତମେ ଯିବା ଅଭିନୟ କରିବ ?"
ବୁଝେଇ କହିଲା ଭଳି ବେଶ କଅଁଳ ଗଳାରେ କହି ସେଇ ଭଦ୍ରଲୋକ ଜଣକ ବେଶ ନିର୍ଲିପ୍ତ ଭାବରେ ତାର ଗାଲର ଠିକ୍ ଗୋଲାପୀ ହୋଇଯାଇଥିବା ଅଂଶଟିକୁ ଚିପିଧରି ମୁହଁ ଟେକିଦେଲେ ଉପରକୁ ।

ବାପା, ବୁଲାଭାଇ ଏମାନେ ମଧ୍ୟ କିଛି କହିଲେ ନାହିଁ ।

ଲାଜର ଜୁଆର ମାଡ଼ି ଆସୁଥିଲେ ବି ସେଥିରେ ବାନ୍ଧ ପକାଇଲା ସେ ଏଥିରୁ ମୁକ୍ତିପାଇବା ପାଇଁ । ଅସ୍ଫୁଟ ସ୍ୱରରେ କହିଲା—"ଦୁର୍ଗା" ।

ସେଇ ପୁଣି କହିଲେ, "ଦେଖନ୍ତୁ ମଦନବାବୁ, ଏ ମା ଠାକୁରାଣୀଙ୍କ ନାଁ ଏଠି ଚଳିବ ନାହିଁ—ଏ ନାଁ ବଦଳାଇବାକୁ ପଡ଼ିବ । ଭୁଲିଯିବାକୁ ପଡ଼ିବ ବିଲ୍‌କୁଲ ।"

Digitized by srujanika@gmail.com

"—ହେଁ···ହେଁ···ଆଉ ଗୋଟାଏ ନାଁ ବାଛୁଛଅନ୍ତୁ ଏବେ—"
ବାପା କହିଲେ ।

"ବେଶ୍ ବେଶ୍, କୁହନ୍ତୁ ଗୋଟାଏ ନାଁ ଶୁଭେନ୍ଦ୍ରବାବୁ—ଆପଣ ତ ନାଟ୍ୟକାର—ସେଇ ନାଁଟି ଆମ ଦୁର୍ଗାର ହେବ ଷ୍ଟେଜ୍ ନାଁ—"

ଭାବନା ଭଳି ହୋଇ; ଶୁଭେନ୍ଦ୍ରବାବୁ ବୋଲି ଯାହାଙ୍କୁ ଗୃହୀଁ ସମସ୍ତେ କହିଲେ, ସେଇ ବ୍ୟକ୍ତି ଜଣକ କିଛି ସମୟ ପାଇଁ···ଉଁ···ଉଁ ହୋଇ ମୁଣ୍ଡ ଉପରକୁ ଟେକିରଖି, ତା କାନ୍ଧରେ ହାତରଖି କହିଲେ—'ବେଶ ତମ ନାଁ ହବ···ନାଁ, ହବ···ସୁମିଲା—'

'ଚମତ୍କାର···ଚମତ୍କାର···'

'ବଢ଼ିଆ ନାଁଟିଏ—'

'ସୁନ୍ଦର ଶୁଭିବ—'

"ବମ୍ବେର ଫିଲ୍ମଷ୍ଟାରମାନଙ୍କ ଭିଳିଆ ନାଁ ଭଳି ଏଇଟା ବେଶ୍ ଲୋକମାନଙ୍କୁ ଭଲ ଲାଗିବ—"

ସେଇଦିନଠାରୁ ଦୁର୍ଗା ବୋଲି ସହଜ ସରଳ ସାଧାରଣ ଗୋଟିଏ ଝିଅ ସୁମିଲା ଭିତରେ ହଜିଗଲା—ମିଳେଇଗଲା । ଦୁର୍ଗାର ଅସ୍ତିତ୍ୱ ମିଭିଗଲା ସେଇ ମୁହୂର୍ତ୍ତରୁ ।

ସ୍ଲେଟ୍ ପିଠିରୁ ଖଡ଼ିରେ ଲେଖାହୋଇଥିବା ଅକ୍ଷରଟାଏ ପୋଛି ହୋଇଗଲା···

ନୂଆ ନୂଆ ଅକ୍ଷର ଲେଖାହେଲା—ଲିଭିଲା—ପୁଣି ଲେଖା ହେଲା ।

ନାରୀ ସୁମିଲା ଭିତରେ ଗ୍ରାମ୍ୟ ଦୁର୍ଗାର କନ୍ୟାତ୍ୱର ମୃତ୍ୟୁ ଘଟିଲା—ସେହି ମୁହୂର୍ତ୍ତରୁ ଦୁର୍ଗା ନାରୀ ହୋଇଗଲା ।

ଆଉରି କେତେ ଘଟନା···କେତେ କାହାଣୀ···ଷ୍ଟେଜ ଉପରକୁ ତାକୁ ନେଇ ସେଇ ବେହିଆ ଝିଅ ପୁଅମାନଙ୍କ ଭିତରେ ଛିଡ଼ାକରି; ଜଣେ କହିଲେ, ଏଇ ବାବୁ ଯାହା କହିବେ, ତୁ ସେସବୁ କହିବୁ ଷ୍ଟେଜ୍ ଉପରେ—ତାଙ୍କ ନାଁ ପ୍ରମଟର—ସ୍ମାରକ ।

ଶୁଆ କହିଲା ଭଳି ସୁମିଲା ଆଉଡ଼ାଇଗଲା ସବୁକଥା ସେଦିନ ।

ସମସ୍ତେ ହସୁଥାଆନ୍ତି···

Digitized by srujanika@gmail.com

ତା'ର କଣ୍ଠସ୍ୱନ ପରେ ସେଇ ମଂଚ ଉପରେ ରଙ୍ଗବେରଙ୍ଗୀ ଆଲୁଅ ମୁହଁରେ ପକାଇ ସେଇ ଝିଅଟି ଭଲକା ଭଲ କଥା ଡଗ ଡଗ କରି କହିଗଲା —

ଲୋକେ ତାଳମାରିଥିଲେ···

ଦୁର୍ଗା···ଦୁରୁଗୀ ସୁମିଲା ଭିତରେ ପେଷି ହୋଇଗଲା କୋଉଠି···

ତଥାପି ବେଳେ ବେଳେ ସୁମିଲା ଭିତରୁ ସେଇ କଅଁଳ ଛନଛନିଆ ଦୁରୁଗୀକୁ ଖୋଜାପଡ଼େ । ଦୁର୍ଗା ପାଇଁ ମନ ବ୍ୟାକୁଳ ହୋଇ କାନ୍ଦଉଠେ—

ସୁମିଲା ଦୁର୍ଗାକୁ ମନେପକାଇ ଖୋଜି ଖୋଜି ଗୁମୁରି ଗୁମୁରି କାନ୍ଦଉଠେ ବେଳେ ବେଳେ·

ସେଇ ମୋଟା ସୋଟା, ଗଞ୍ଜାଭଳି ଭଦ୍ରଲୋକ···ଫୁଲିଲା ଫୁଲିଲା ବେକ···ସେକା ପାଉଁରୁଟି ଭଳି ଗାଲ ଯାହାଙ୍କର, ବିଖ୍ୟାତ ନିର୍ଦ୍ଦେଶକ··· ସେଦିନ, ପାର୍ଟ ଶିଖାଇବାପାଇଁ, ତାଙ୍କ ଭାଷାରେ ଆର୍ଟିଷ୍ଟ ଗଢ଼ି ତୋଳିବାପାଇଁ, ତାକୁ ଏକୁଟିଆ ସେ ଘରଟାକୁ ଡାକନେଲେ—ଷ୍ଟେଜ ଉପରେ ସୁମିଲା କାଳେ 'ସାଏ' ଫିଲ୍ କରୁଛି—ତାକୁ ଏକାକୀ ବୁଝାଇବା ଦରକାର—ଶିଖାଇବା ଦରକାର—

ସୁମିଲା ତାଙ୍କୁ ସମ୍ମାନ କରୁଥିଲା – ସେ ଗୁରୁ ।

ଘର କବାଟ ଆଉଜାଇ ଅ.ଣି, ଗମ୍ଭୀର ହୋଇ ବହିଟା ଧରି, ସେ ବସି ପଡ଼ିଲେ । ତା'ପରେ ଗୁଡ଼ାଏ ଡାଇଲଗ ପଢ଼ିଗଲେ ବଡ଼ ପାଟିରେ ମନକୁ ମନ । ସୁମିଲା ତାଙ୍କୁ କେବଳ ଚାହିଁ ରହିଥାଏ –

ପାଖକୁ ଡାକିଲେ – ଗୋଟିଏ ଡାଇଲଗ ପଢ଼ି ଶୁଣାଇଲେ ତାକୁ··· 'ମୁଁ ତମକୁ ଭଲପାଏ'— ନାଟକଟିରେ, ଏକାନ୍ତରେ ଝିଅଟିଏ ପୁଅକୁ କହୁଛି—

—"ବୁଝିପାରୁଚ ? ପ୍ରେମ କ'ଣ ଜାଣିଚ ? ···ଭଲପାଇବା କ'ଣ ବୁଝିଚ ?—"

ସୁମିଲା କେବଳ ତାଙ୍କ ମୁହଁକୁ ଚାହିଁରହିଲା, କୌଣସି ଉତ୍ତର ନଦେଇ ।

ଧୀରେ ଧୀରେ ସେ ଉଠି ଛିଡ଼ାହେଲେ । ସୁମିଲାର କାନ୍ଧ ଉପରେ ଦ'ହାତ ଦେଇ, ତା ମୁହଁକୁ ଚାହିଁଲେ । "କେହି ତମକୁ ଭଲପାଇ

Digitized by srujanika@gmail.com

ଯନ୍ତ୍ର ଏମିତି ଧରେ, କ'ଣ ତମେ କରିବ କହିଲ ? କି ଆକ୍ସନ ଦବ ?"

ସୁମିଲା ବୋକାଙ୍କ ଭଳି ସେମିତି ଚାହିଁ ରହିଲା । ଏଥର ସୁମିଲାର ଚିବୁକ ଧରି, ସେ ମୁହଁଟାକୁ ତା'ର ଉପରକୁ କରିଦେଲେ —

"ଦେଖିଲ—ମୋ ଆଖିକୁ ଚାହିଁ···କ'ଣ ଦେଖୁଚ ?"

ଆଖିରେ ତାଙ୍କର ହିଂସ୍ର ବାଘର ଲୋଭ—କ୍ଷୁଧା—ଲୋକଟା ସତେକି ବଦଳିଗଲାଣି—ମୁହଁଟା ତା'ର ଆଉ କେମିତି ଭୟଙ୍କର ହୋଇଗଲାଣି···କଣ୍ଠ ତା'ର ଥରିଲା ଥରିଲା ଶୁଭୁଛି—ଜିଭ ଶୁଖିଗଲାଣି ବୋଧେ—

"କ'ଣ ଦେଖିଲ ?"

"କିଛି ନାହିଁ ତ ?" —ସୁମିଲା ନୀରବତା ଭାଙ୍ଗି କହିଲା ।

"ତମେ ଶିଖିନ—ମୋ ଆଖିରେ ଚଳ ଚଳ କରୁଛି ପ୍ରେମ··· ଭଲପାଇବା···ମୁଁ ତମକୁ ଭଲପାଏ ସୁମିଲା···।"

ଏଥର ସେ ସୁମିଲାକୁ ଆଉଜାଇନେଲେ ଆହୁରି ନିକଟକୁ—ନିଜ ଛାତିରେ ଚାପି ଧରିଲେ ।

ଦେହ ତାଙ୍କର ଥରୁଥିଲା···

ସୁମିଲା ଧୀରେ ଧୀରେ ନିଜକୁ ହଜାଇ ଦେଉଥିଲା···ଭୟ, ସଂକୋଚ, ସମ୍ଭ୍ରମ ସବୁ ମିଳିମିଶି ତା' ମୁଣ୍ଡଭିତରେ ଗୋଟାଏ ଅଦ୍ଭୁତ ପରିବେଶ ସୃଷ୍ଟି କରୁଥିଲେ—

ତାଙ୍କ ମୁହଁ ସୁମିଲାର ମୁହଁ ଉପରକୁ ନଇଁ ଆସୁଥିଲା···

ସୁମିଲା ଆଖି ବୁଜିଦେଲା—ବିଖ୍ୟାତ ନିର୍ଦ୍ଦେଶକ ତାକୁ ଅଭିନୟ ଶିଖାଉଥିଲେ ।

ସେ ଦିନଗୁଡ଼ାକର କଥା ମନେ ପଡ଼ିଲେ, ସୁମିଲାକୁ ହସ ମାଡ଼େ—କାନ୍ଦ ବି ଆସେ ।

ସେଦିନ ସେ ହୁଏତ ତାଙ୍କୁ ମାରି ପାରିଥାଆନ୍ତା—ଦଉଡ଼ି ପଳାଇ ଆସି ପାରିଥାଆନ୍ତା—ଚିତ୍କାର କରି ପାରିଥାଆନ୍ତା ।

ସୁମିଲା ନୁହେଁ, ନିସ୍ସହା ଦୁର୍ଗା କିନ୍ତୁ ସେଦିନ କିଛି କରିପାରି ନଥିଲା—

Digitized by srujanika@gmail.com

ଆଜିର ସୁମିଳା ସେଦିନ ହୁଏତ ଅନ୍ୟ ପ୍ରକାରର ବ୍ୟବହାର କରିଥାଆନ୍ତି—ସୁମିଳା ଲାଜକୁଳୀ ଲତାଟିଏ ନୁହେଁ—

ବସ୍ତିର ଦୁର୍ଗା···ମଫସଲ···ଦୁନିଆ ନ ଦେଖିଥିବା, ସହରର ବଜାର ନ ଜାଣିଥିବା, ବୋକା ଝିଅଟିଏ—କିଛି ଜାଣି ନଥିଲା···କିଛି ଜାଣି ନଥିଲା ସେ—

ବୁଲାଭାଇର ଦୁର୍ଗାଡାକ କ୍ଷଣକ ପାଇଁ ଅନ୍ତତଃ ମନେ ପକାଇ ଦିଏ ଯେ, ସେ ଛଳନା ନୁହେଁ—ସେ କେବଳ ଅଭିନୟ ନୁହେଁ। ତା' ଭିତରେ ଅସ୍ତିତ୍ୱ ଅଛି। ମଣିଷଟା ମରିନାହିଁ ଭିତରେ ତା'ର। ତା'ର ନାରୀତ୍ୱ ଅଛି।

ସେ ନାରୀତ୍ୱ, ତାକୁ ସୁମିଳା ଦେଇ ପାରିବନାହିଁ। ସୁମିଳା ନାରୀତ୍ୱର ଅପମୃତ୍ୟୁ···ଧୋକା···ଛଳନା···!

ଛେଳିଛୁଆ ବାଘଛାଲରେ ପଶିଲା ଭଳି ସୁମିଳା ଗୋଟାଏ ଆବରଣ ମାତ୍ର—

କିନ୍ତୁ ଦୁର୍ଗା କାହିଁ ? କାହିଁ ସେ ଛନ୍ଦଚପଳା ବାଳିକା···କୁଆଡେ଼ ବେପତ୍ତା ହୋଇଯାଏ ସେ—ବାହବ୍‌ବାର ବୃଥା କୋଳାହଳ ଭିତରେ ହଜିଯାଇ ବୟସ, ନାରୀତ୍ୱ, ମନ ସବୁ କିଛି ପୋଡ଼ପାଡ଼ ଖାଇସାରିଛି ସେ—

ନାଁ କାନ୍ଦୁନାହିଁ ସେ···! ଏ ଦୁଇବିନ୍ଦୁ ପାଣି ବୋଧହୁଏ ତା'ର ଛଳନାର ପ୍ରତୀକ ! କିନ୍ତୁ ଝାଳ ତ ନୁହେଁ ଇଏ। ଭ୍ରମରେ ପଡ଼ିଲା ସୁମିଳା।

ସୁରେଶକୁ ଉଠାଇଦେଇ ଅମିଳା ଆସି ପହଞ୍ଚିଲା ସେଇ ଗ୍ରୀନ୍‌ରୁମ ଘରେ। ତା'ର ବି ଏମିତି ଅପମୃତ୍ୟୁ ହୋଇଥିଲା ଦିନେ। ସିଏ ବି ଏମିତି ବଳି ପଡ଼ିଥିଲା···ନାରୀତ୍ୱ ତାର ଛଟପଟ ହୋଇ ହୋଇ, ଠିକ୍ ବଳି ଦିଆଯାଇଥିବା ଜନ୍ତୁଟିଏ ଭଳି ଚୁପ ହୋଇଗଲା।

ଦୁର୍ଗାର ଆଦରର ଗୁଳୁଗୁଳିଆ ସାନଭଉଣୀ ରଙ୍ଗର ସମାରୋହ ଭିତରେ, ଛପିଗଲା—ମିଶିଗଲା ଆଲୋକର ପ୍ରଖର ବନ୍ୟା ସ୍ରୋତରେ—!

ତାର ଇଚ୍ଛା ହେଲା, ସେଇ ସକାଳୁ, ଦିନର ସେହି ପ୍ରାରମ୍ଭ ମୁହୂର୍ତ୍ତରେ, ଅମିଳାକୁ ଧରି ବହେ କାନ୍ଦିବାପାଇଁ।

Digitized by srujanika@gmail.com

ଅମିଲାକୁ ଯେ ଆଉ ଟିକେ ଆଗରୁ ସେ ସନ୍ଦେହ କରୁଥିଲା, ଜଗିବାକୁ ଚାହୁଁଥିଲା, ସେ ସବୁ ଭୁଲିଗଲା ସୁମିଲା ! ଘର ନିସ୍ତବ୍ଧ ବୋଧହେଲା ତାକୁ, ବିସ୍ମିତ ଅମିଲାର ମୁହଁଟି ! ବିଚ୍ଛିନ୍ନ…!

ଶ୍ରେଷ୍ଠ ମୁହଁଟି ଶେଥା ପଡ଼ିଗଲାଣି—ସେ ଘଞ୍ଚ, କଳା କେଶରାଶି କାହିଁକି କେଜାଣି କ୍ଷୀଣ ହୋଇ ଆସିଲାଣି – ଏଇ ଶ୍ରେଷ୍ଠ ଝିଅଟି, ଥରେ ଥରେ ବୁଲୁଥିଲା…ଦଳେଇଟି ତୁଣ୍ଡରେ ତାକୁ ଅପା ବୋଲି ଜାବୋଡ଼ି ଧରିଥିଲା—ଗେଲ କରୁଥିଲା—ଅମିଲାର ମୁହଁ ତାକୁ ହଠାତ୍ ଭୟଙ୍କର ଭାବରେ କରୁଣ, ଦୁଃଖକାତର ବୋଧହେଲା ତାକୁ ।

ନିଜ ଉପରେ ଅନୁକମ୍ପା, ତା'ର ହଠାତ୍ ଅମିଲା ଉପରେ, ସ୍ନେହ ରୂପରେ ଅଜାଡ଼ି ହୋଇ ପଡ଼ିବାକୁ ଚାହିଁଲା କେମିତି ।

ବାପା-ମା'ଙ୍କ ମୁହଁରୁ ସେଇ ପୁରୁଣା ହଜିଲା ନାଁଟାକୁ ଶୁଣିବାକୁ, ହନେ ହନେ ଭାରି ଇଚ୍ଛାହୁଏ । ଭୁଲିଯିବାକୁ ଇଚ୍ଛା ହୁଏ ଛଳନାର ଏ ନୂତନତ୍ୱକୁ !

ସେଦିନର ସେଇ ମେଣ୍ଟାଳୁଆଭଳି ଶାନ୍ତ, ସରଳ ଝିଅଟି, ଅବିନାଶ, ଶୁଭେନ୍ଦ୍ର, ରସିକମୋହନ, ଜଗନ୍ନାଥ, ସୁରଜିତ୍, ଶଚୀ, ସୀତା, ଗୀତା, ଜାହ୍ନବୀ, ମାଧବୀ, ଆଉ ଏମିତି ବହୁ ମଣିଷଙ୍କର ମେଳା ମହୋତ୍ସବ ଭିତରେ ନିଜକୁ ଦେଖିବାପାଇଁ, ସାମାନ୍ୟତମ ଅବସର ପାଇବାକୁ ବ୍ୟାକୁଳ ହୋଇଉଠିଲା ।

ମଞ୍ଚକନ୍ୟା ସୁମିଲାକୁ ମାରିଦେଇ, ତା'ର ଶବଉପରେ ଥରକପାଇଁ, ମୁହୂର୍ତ୍ତିକପାଇଁ ମଧ୍ୟ ସେଇ ସରଳା ଦୁର୍ଗା, ଯିଏ ଗାଲ ଚିପିଦେଲା କ୍ଷଣି ତଳକୁ ମୁହଁପୋତି ଲାଜେଇ ଯାଉଥିଲା, ଝାଳେଇଯାଉଥିଲା, ମଞ୍ଚ ଉପରେ ଛିଡ଼ାହେଲା ବେଳେ ଥର ଥର ଯାହାର ଆଣ୍ଠୁରେ ଆଣ୍ଠୁ ବାଜୁଥିଲା, ତାକୁଇ ଦେଖିବାକୁ ଚାହେଁ ସୁମିଲା— !

ଥରକପାଇଁ…ମାତ୍ର ମୁହୂର୍ତ୍ତିକପାଇଁ…

ସକାଳଟା ଅକସ୍ମାତ୍ ବିଷଣ୍ଣ ହୋଇଉଠିଲା । ଆଖିଲୁହର ସୁଅରେ, ସକାଳର ହେମାଳ ସ୍ନିଗ୍ଧତା ମିଳେଇଗଲା —

ଅପାର ଲୁହଧୁଆ ଆଖିପତାକୁ ଚାହିଁ ଚାହିଁ, ଅମିଲା ଚା' ପତ୍ର ପକାଇ ଚା' ଡେକଚିଟାକୁ ଚୁଲିରୁ ଓହ୍ଲାଇ ଆଣି, ଦୁଧ ଡେକ୍‌ଚିଟା

Digitized by srujanika@gmail.com

ବସାଇ ଦେଲା ଗରମ କରିବାକୁ । ତାକୁ ସେମିତି ଅନେକ ଅନେକ ଦେଖୁଥିଲା ସେ ।

କ'ଣ ତା'ର ହେଲା କେଜାଣି ?

ଅମିଲା ଜାଣେ, ଅପା ଏମିତି ବେଳେବେଳେ ଆନମନା ହୋଇ କାନ୍ଦେ । କ'ଣ ଭାବେ କେଜାଣି ?

ନିଜେ ଯେତେବେଳେ ସେ ଅଭିନୟ କରିବାପାଇଁ ବାହାରିଲା, ସେତେବେଳେ ଅପାର ଏ ଅବସ୍ଥା ଦେଖିଲେ ସେ ଭାବେ, ପ୍ରତିଶ୍ରୁତି ଦେଇଥିବା କୌଣସି ପ୍ରଣୟୀ ହୁଏ ତ ତାକୁ ପ୍ରତାରଣା କରିଛି—

ତା'ପରେ ପରେ ଅଭିଜ୍ଞତାରୁ ଜାଣିଲା, ଏ ଅଞ୍ଚଳରେ ପ୍ରଣୟ ବୋଲି କୌଣସି ବସ୍ତୁ ନାହିଁ ! ସମସ୍ତେ ଘୋଷିଥିବା ବୋଲ ଆଉଡ଼ାନ୍ତି— ପରସ୍ପରକୁ, ମଞ୍ଚ ଉପରେ—ମଞ୍ଚ ବାହାରେ ମନ ଦେହ ସବୁ ସେଇ ଅଭିନୟର ଅଙ୍ଗଭଙ୍ଗୀ ମାତ୍ର —

ତେଣୁ ପ୍ରତାରଣାର ପ୍ରଶ୍ନ ଉଠୁଚି କୋଉଠି ?

ଗୋଷେଇ ଘରର ଅଲନ୍ଧୁ କଳା ବୋଲା, କିରାସିନି ପଟାର ଥାକ ଉପରୁ, ଭଙ୍ଗା ଭଙ୍ଗା କପ, ଗ୍ଲାସ୍ ସବୁ ଆଣି ସଜେଇ ଥୋଇଲା ଅମିଲା । ସେଥିରେ ସବୁ ଦୁଧ କରିଚୁଲିଏ ଲେଖାଏଁ ଡାଲି ଲିକର୍ ଡାଳୁ ଡାଳୁ ଭାବୁଥିଲା······

କାଳକ୍ରମେ ସେ ଧାରଣା ତା'ର ଭାଙ୍ଗି ଆସିଲାଣି—ଅପାକୁ କେନ୍ଦ୍ର କରି କୋଉ ଗୋଟିଏ ହେଲେ ନିର୍ଦ୍ଦିଷ୍ଟ ମଣିଷକୁ ଦେଖିନାହିଁ ସେ ଯେଉଁମାନେ ଅଭିନୟ କରିଆରେ, ବନ୍ଧୁତା କରିଆରେ ତା' ସହିତ ମିଶୁଥିଲେ, ସେମାନଙ୍କ ମଧ୍ୟରୁ କାହାକୁ ପ୍ରଣୟୀ ବୋଲି ଭାବି ପାରିନାହିଁ ଅମିଲା, ଏପରି କି ଛଳନାରେ ମଧ୍ୟ ନୁହେଁ ।

ସେମାନେ ଆସୁଥିଲେ ଗୁରି ପାଞ୍ଚବର୍ଷ ତଳେ ସୁମିଲାର ଦେହର ପୁନେନ୍ତା ଫୁଲ ଯେ ପର୍ଯ୍ୟନ୍ତ ଝାଉଁଳି ଯାଇ ନଥିଲା—

ଏବେ ଯେଉଁମାନେ ଆସନ୍ତି, ସେମାନେ ଚକଟି ଦଳି ମନ୍ଥି ଦବାକୁ ଆସନ୍ତି ସିନା ! କବିମାନେ ଯାହା କହନ୍ତି, ଫୁଲକୁ ଆଦରରେ ତୋଳି ଧରି ସାଉଁଟି ରଖିବାପାଇଁ କି ସୌନ୍ଦର୍ଯ୍ୟ ଉପଭୋଗ କରିବାପାଇଁ କେହି ଆସନ୍ତି ନାହିଁ—

Digitized by srujanika@gmail.com

ସେ ସୌନ୍ଦର୍ଯ୍ୟ ଆଉ ନାହିଁ—

ଛଅ କପ ଚା' ଦରକାର—ଗିଲାସ, କପ ହୋଇ ମୋଟେ ପାଞ୍ଚଟା ଅଛି ।

'ଅପା, ଜାଗା ତ ମୋଟେ ପାଞ୍ଚଟା ଅଛି—ଛଅ ଜଣଙ୍କୁ ଚାହା ଦେବ କେମିତି ?'

ନିଦରୁ ଉଠିଲା ଭଳି ଚମକ ପଡ଼ି ସୁମିଳା ଚାହିଁଲା, ତା'ର ପାଖରେ ଘଷିଘାଷି ହୋଇ ବସିଥିବା ଅମିଳାକୁ—

ଏତେବେଳଯାଏ, ସେ ତାଆରି କଥା ଭାବୁଛି, ତାକୁ ଦେଖିଛି—ଦେଖି ନ ଦେଖିଲା ପରି ଚେଇଁ ଚେଇଁ ସ୍ୱପ୍ନ ଦେଖୁଥିଲା ହୁଏତ ଏତେବେଳେ ଯାଏଁ ।

ଅମିଳାର ପ୍ରଶ୍ନ ସେ ଶୁଣିପାରିଲା ନାହିଁ । ତେଣୁ ପଚାରିଲା, "ଚା' କରିସାରିଲୁଣି ? କ'ଣ ପଚାରୁଥିଲୁ ?"

ଟିକେ ମୁରୁକି ହସି ଅମିଳା ପୁଣି ଥରେ ସେଇ ପ୍ରଶ୍ନ ପଚାରିଲା ।

"କାହିଁକି, କେତେ ଜଣ ଅଛନ୍ତି କି ?" ଲୁଗା କାନିରେ ଆଖିପତାଟା ଚାପିଦେଇ ସୁମିଳା କହିଲା । ବୁନ୍ଦାଏ ଦୁଇ ବୁନ୍ଦା ଝରି ଆସିଥିବା ଲୁହ ଠିକ୍ ଆଖି ତଳେ ଶୁଖିଯାଇଛି । ଆଖିଟା କେବଳ ଓଦା ଓଦା ଲାଗୁଛି ।

—"ତୁ, ମୁଁ, ବାପା, ବୁଲା ଭାଇ, ଭାଇ, କେଇ ଜଣ ହେଲେ ?" ଆଙ୍ଗୁଠି ଗଣି ଗଣି ଅମିଳା କହିଲା—"ଛଅ ଜଣ ନା ?"

ହସି ଦେଇ ସୁମିଳା କହିଲା, "ସୁରେଶ ତ ଶୋଇଛି, ତାକୁ ପଛରେ ଦବୁ । ଆଗ ଯା, ବାପା, ମାଆ ଆଉ ବୁଲା ଭାଇକୁ ଦେଇ ଆ— ବାକି ଚା' ସେଇ କେଟଲିଟାରେ ଗୁଣି ରଖିଦେ, କାଲେ ପଛରେ ପୁଣି ମାଗିବେ ?"

'ହଉ' କହି ଦୁଇଟା ଗ୍ଲାସ୍ ଗୋଟାଏ ହାତରେ ଆଉ କପ୍‌ଟା ଆର ହାତ ପାପୁଲିରେ ଧରି ଦେଇ ଆସିବାକୁ ଅମିଳା ଉଠିଗଲା ।

ବାକି ଦୁଇ କପ୍‌ରୁ ସୁମିଳା ନିଜେ ଗୋଟାଏ କପ୍ ଉଠାଇନେଇ ଶୋଷଡ଼ାଏ ପିଇଦେଇ ପୁଣି ତଳେ ଥୋଇଦେଲା, ଅତି ଗରମ ହୋଇଛି ବୋଲି ବୋଧହୁଏ ।

Digitized by srujanika@gmail.com

ଅମାଳା ଫେରିଆସି ତା ପାଖରେ ବସି ଆଉ ଗ୍ଳ'ଚା ପିଇବାକୁ ଆରମ୍ଭ କଲା ।

ଅପାକୁ ତା'ର ମନ କଥା ପଚାରିବାକୁ, ବିଶେଷ କରି ସିଏ କାହିଁକି ଏ ସକାଳଠାରୁ ବସି କାନ୍ଦୁଥିଲା, ସେଇ କଥା ଜାଣିବାକୁ ଅମାଳାର ମନଟା ଖଲଖଲ ହେଉଥିଲା । କେମିତି ସେ ଅତି ସହଜ ଭାବରେ ପଚାରିପାରିବ ଅପାକୁ, ସେଇ କଥା ବସି ଭାବୁଥିଲା, ଗ୍ଳ' ପିଉପିଉ ।

ଅତି ଧୀରେ ଧୀରେ ଗ୍ଳ'ରେ ଚୁମା ଦେଉଥିଲା ସୁମାଳା—ଉଦ୍ଭ୍ରାନ୍ତ ।

"କାଲି କେତେବେଳେ ଯିବା ?" ପଚାରିଲା ଅମାଳା ।

"ସକାଳେ ତ ବସ୍—ନ ଗଲେ ହୁଅନ୍ତା ନାହିଁ ?"—ବଡ଼ ଅନୁନୟ କଲା ଭଳି କହିଲା ସେ ।

"କିନ୍ତୁ ତାଙ୍କୁ ପରା ଜବାବ ଦେଇଛେ ? ନ ଗଲେ ପୁଣି କ'ଣ ବୋଲି କ'ଣ କରିବସିବେ । କାହିଁକି ? ତୋର କ'ଣ ହେଇଚି କି ?"

ଖୁବ୍ ସୁଧାର ପିଲା ଭଳି ପଚାରୁଥିଲା ଅମାଳା । ମନ ଭିତରେ କିନ୍ତୁ ତାର ସେଇ ଗୋଟିଏ ମାତ୍ର ପ୍ରଶ୍ନ ଉଙ୍କି ମାରୁଥିଲା । ପରିଧି ଚାରିକଡ଼େ ଘୂରିଲେ ବି କେନ୍ଦ୍ରକୁ ଆସି ପାରୁ ନ ଥିଲା ସେ । ଶର ଲକ୍ଷ୍ୟ ଭେଦ ନ କରି ଏପଟ ସେପଟ ଆଖପାଖ ସବୁ ଜାଗାରେ ବାଜିଲେ ମନଟା ଯେମିତି ହୁଏ, ତାକୁ ସେମିତି ଲାଗୁଥିଲା ।

—"ଓହୋଃ, ଆମକୁ ଜବାବ ଦେଲେ ଯେମିତି ରଖିପକାନ୍ତି ସମସ୍ତେ ! ନ ହେଲେ ଏଣେ କେସ୍ କରିବେ—କରନ୍ତୁ । ସବୁବେଳେ ତ ସମସ୍ତେ କହନ୍ତି, ଗରିବ ଅନୁଷ୍ଠାନ, କିଛି ଚାନ୍ଦା ଆକାରରେ ଦେଇ-ଯାଆନ୍ତୁ···ଉପିଦିନଟିଏ ବଢ଼ାଇ ଦିଅନ୍ତି ମିଛରେ···ଯୋଉଠି କି ଗଲେ ସେଇ ଏକା କଥା···ଆଉ ଆମରି ନେଳକୁ ସବୁ···"

ବିରକ୍ତିର ଯଥାର୍ଥ କାରଣ ଯେ ଅନ୍ୟମାନେ ଜବାବ ନ ରଖିବାଟା ଆଉ ପଇସା ଦେବାରେ ଗଣ୍ଡଗୋଳ କରିବା ଆଦୌ ନୁହେଁ, ସେ କଥା ଅମାଳା ବୁଝି ପାରୁଥିଲା । ତେଣୁ ଆଉ ସମ୍ଭାଳି ନ ପାରି ପଚାରିଲା—

କିନ୍ତୁ ତୋର କ'ଣ ହେଇଚି ? ତୁ ଏଠି ଏମିତି ବସି ଏକୁଟିଆ କାନ୍ଦୁଥିଲୁ କାହିଁକି ? କହିଲୁ ନାହିଁ ତ ?

କଥାରେ ତାର ଗଭୀର ସମବେଦନା ।

Digitized by srujanika@gmail.com

ସାନ ପିଲାଙ୍କୁ ଇଆଡ଼ୁ ସିଆଡ଼ୁ କଥା ପଦେ ଦୁଇ ପଦ କହିଦେଇ ଭଣ୍ଡାଇ ଦେଲା ଭଳି ଅମଳାର ପ୍ରଶ୍ନକୁ ଏଡ଼ାଇ ଯିବାକୁ ଚେଷ୍ଟା କଲା ସୁମଳା । କହିଲା, କାହିଁ ମୁଁ କାନ୍ଦୁ ନ ଥିଲି ତ ! ଚୁଲ୍ଲୀ ମୁଣ୍ଡେ ବସି ନିଆଁ ଧାସ ବାଜିବାରୁ ଆଖିରୁ ପାଣି ଗଡ଼ୁଥିବ । ମୁଁ ଏ ସକାଳଠାରୁ କାନ୍ଦିବି କାହିଁକି ମ ! ମୁହଁରେ ଶୁଖିଲା ହସ ଫୁଟାଇବାକୁ ଉଦ୍ୟମ କରୁଥିଲା ସେ ।

"ମୁଁ ଜାଣେ ଲୋ ଅପା, ତୋ ଆଖିରୁ ଯାହା ଝରି ଝରି ଶୁଖିଯାଇଛି, ସିଏ ପାଣି ନୁହେଁ— ନିଆଁ ଧାସ ବି ନୁହେଁ । କାହିଁକି କାନ୍ଦୁଥିଲୁ ନ କହିବୁ ଯଦି ନ କହ ପଛେ, ମିଛ କହ ନାହିଁ । ମୁଁ କ'ଣ କୁଆଟିଏ ହୋଇଛି ? ଅପା, ଗ୍ଲିସରିନ୍, ପିପର୍‌ମେଣ୍ଟ ମାରି ଛଳନାର ଲୁହ ଗଡ଼ାଉ ବୋଲି କ'ଣ ଆଖିରୁ ସତ ଲୁହଧାର ଚିହ୍ନି ହେବ ନାହିଁ ?"

ଅଭିନୟ ଭଙ୍ଗୀରେ ଅମଳା କହୁଥିବା ଡ୍ରାମା ଡାଇଲଗ୍ ଭଳି ବଡ଼ ବଡ଼ କଥା ଶୁଣି ସୁମଳା ଫିକ୍‌କିନା ହସିଦେଲା । ଜାଣିଶୁଣି ହସିଲା ସେ ଅମଳା କଥାର ଗୁରୁତ୍ୱ କମାଇଦେବା ପାଇଁ । ଆଖିରୁ କିନ୍ତୁ ତା'ର ଲୁହର ଧାର ପୁଣି ଥରେ ଝରି ଆସୁଥିଲା ଅଲକ୍ଷ୍ୟରେ ।

"ହଇରେ ବଡ଼ ବଡ଼ କଥା କହୁଚୁ ଲୋ ସକାଳୁ ?"

"ମିଛରେ ମୋତେ ଧପ୍‌ପେଇ ଦବାକୁ ଚେଷ୍ଟା କରୁଚୁ କାହିଁକି କହିଲୁ ? କାନ୍ଦୁଥିଲୁ କାହିଁକି, କହିବୁ ନାହିଁ ?"

ଏଥର କିନ୍ତୁ ସୁମଳା, ତାକୁ ଏଡ଼ାଇଯାଇ ପାରିଲା ନାହିଁ ସହଜରେ ।

"ନାଇଁ ଲୋ, ସକାଳୁ ଏମିତି ମନେ ପଡ଼ିଗଲା ବାରି କଥା— ଇଆଡ଼ୁ ସିଆଡ଼ୁ..."

"କ'ଣ ?"

"ଏଇ ଆମ ଅଭିନୟ ଜୀବନ... ଘର କଥା...ବାପାଙ୍କ କଥା... ସବୁ ମିଳିମିଶି ମନଟା କାହିଁକି କେଜାଣି କେମିତି ହୋଇଗଲା ।"

ଅମଳା ଗମ୍ଭୀର ହୋଇଗଲା ହଠାତ୍ । କୋଉ ମର୍ମସ୍ଥଳରେ ତା'ର ବାନ୍ଧିଲା ବଗଲଯୌବନ, ପ୍ରୌଢ଼ତ୍ୱର ପ୍ରଥମ ପାହାଚରେ ପାଦ ଦେଇଥିବା ଅପାର ତା'ର ସକରୁଣ ଆତ୍ମଲିପି ।

Digitized by srujanika@gmail.com

ସୁନ୍ଦର ହଳଦିଆ ସକାଳଟା ପାଣ୍ଡୁର ବିବର୍ଣ୍ଣ ହୋଇଉଠିଲା । ଦୀର୍ଘଶ୍ୱାସର ତାତିରେ ସତେ କି ସକାଳର ହେମାଳ ପବନ ଉତପ୍ତ ହୋଇଉଠିଲା ।

ଦିନ ପରେ ଦିନ, ବର୍ଷ ପରେ ବର୍ଷ ଅତିକ୍ରମ କରି ହୁଏତ ସେ ବି ଦିନେ ତା'ର ଅପା ଭଳି ଶୁଖିଲା କାଠ ହୋଇଯିବ । ଜୀବନ-ପାତ୍ରରୁ ତା'ର ରସ ନିଃଶେଷ ହୋଇଯିବ ।

ଦୀର୍ଘଶ୍ୱାସ ପକେଇ କ'ଣ ଗୋଟାଏ କହିବାକୁ ଯାଉଥିଲା ସେ··· ସିଆଡ଼ୁ ସୁରେଶ ପାଟିକଲା — "ଅପା ! ଗରମ ପାଣି ମୁନ୍ଦାଏ ମୋତେ ମିଳିବ ନାହିଁ କିଲୋ ?"

ସେମାନଙ୍କର ଚ'ପିଆ ସରିଯାଇଥିଲା । ତଳେ ପାଣି ଗୋଟାଏ କପ୍‌ରେ ପକାଇ ଧୋଇଦେଇ ଅମିଲା ଥୋଇଲା ଆଣି । ସୁମିଲା କେଟ୍‌ଲିରୁ ଢାଳିଲା ଚ'ପାଣି ଅଜାଡ଼ିଲା ସେଥିରେ । ଅମିଲା କରଚୁଳାଏ ଦୁଧ ଦେଇ ଚାମୁଚରେ ଗୋଳାଇଦେଇ ଉଠାଇ ଆଣିଲା ସେଇଟା ବାହାରକୁ ।

ଲୁଙ୍ଗିଟା ପିନ୍ଧି ପିନ୍ଧି ନିଦମଳମଳ ଆଖିରେ ବାହାରକୁ ଆସି ଛିଡ଼ା ହୋଇଛି ସୁରେଶ । ସେଇଠୁ ସେ ଡାକୁଥିଲା ଚ' ପାଇଁ ।

ଚ'ଟା ତାକୁ ଦେଲାବେଳେ ଠିକ୍ ଭିତରୁ ବୁଲି ଭାଇ ଡାକିଲା, "କ'ଣ ନିଦ ଭାଙ୍ଗିଲା କଳାହାଣ୍ଡି ? ନିର୍ଲଜ୍ଜ କୋଉଠିକାର ! ଏତେବେଳଯାଏ ଶୋଇଥିଲୁ କାହିଁକି ? ସତେ ଯେମିତି ରାତିସାରା ଅନିଦ୍ରା ହୋଇ ଗୋଟାଏ କ'ଣ ବଡ଼ କାମ କରୁଥିଲା !"

"ସେଇଆ ତାକୁ କହ ପୁଅ ! କିଛି ତ ହେଲା ନାହିଁ ସେଇଟା··· ଭଉଣୀ ଦିଇଟାଙ୍କ ପଛରେ ଗୋଡ଼େଇବ—ଇଆଡ଼େ ସିଆଡ଼େ ବୁଲି ବୁଲି ଦିଇଟା ମାଗିଯାଚି ଖାଇଦେଇ, ଶୋଇବ କୁମ୍ଭକର୍ଣ୍ଣ ଭଳିଆ ।" ଘରୁ ଟାଁ ଟାଁ ପାଟିକରି କହିଲେ ମା ।

"ନିଦରୁ ଉଠିଲେ, ଜାମାଯୋଡ଼ି ହୋଇ ନିତ୍ୟକର୍ମ ସାରି ବାହାରି ପଡ଼ିବେ ଏଇନେ—ଲାଜ ନାହିଁ ଯାହା, ଭଉଣୀଙ୍କ ପଇସାରେ ଫୁଟାଣି ଦେଖାଇବାକୁ ।" ବାପା ସହଯୋଗ କଲେ ।

ବୁଲି ତଥାପି ନୀରବ ରହିଥିଲା । ହସହସ ମୁହଁରେ ଉଠି ଆସିଥିଲା ସେ ବାହାରକୁ । ତା'ର ହସ ଗୁଏଁ ଗୁଏଁ ବନ୍ଦ ହୋଇଗଲା । ସେ ନିଜେ ଦୋଷୀ ବୋଲି ଲାଗିଲା ତାକୁ ।

Digitized by srujanika@gmail.com

ବାପାଙ୍କର ଶେଷ କେଇ ପଦ କଥା ସୁରେଶକୁ ବାଧିଥିଲା ନିଶ୍ଚୟ । କିନ୍ତୁ ସକାଳୁ ଉଠି ପ୍ରଥମ ଗଣ୍ଡଗୋଳରେ ଝନଟା ଆରମ୍ଭ କରିବାକୁ ତାକୁ ଭଲ ଲାଗିଲା ନାହିଁ । ସେଥିପାଇଁ ନୀରବ ରହିଲା ସେ । ନ ହେଲେ ତାଙ୍କର 'ଭଉଣୀ' ଜାଗାରେ 'ଝିଅ' ବୋଲି ଲଗାଇଦେଇ ସୁରେଶ ବେଶ୍ ଉତ୍ତର ଦେଇ ପାରିଥାନ୍ତା—ଅନ୍ତତଃ ଝିନଟାଯାକ ଗଜର ଗଜର କରାଇବା ପାଇଁ ଯଥେଷ୍ଟ ।

ବୁଲା ସମ୍ଭବତ ମା' ବି ବାହାର ଆସିଥିଲେ ଘରଭିତରୁ । କହୁଥାନ୍ତି "ତାକୁ ଟିକେ ବାପ ବୁଝାଇ କହୁଛନ୍ତି···ଏଗୁଡ଼ା ସବୁ ଭଲ କଥା ନୁହେଁ ବୋଲି । ଏତ୍ତୁଟିଏ ହେଲୁଣି···କାମଦାମ କିଛି ନାହିଁ !"

ସୁରେଶକୁ କିଛି ଗୋଟାଏ ଉପଦେଶ ନ ଦେଲେ ଏ ସୁଅ ଯେ ବନ୍ଦ ହେବ ନାହିଁ, ଆଜି ସେମାନେ ଏମିତି ରହିରହି କଥାର ଝିଲକା ଫୋପାଡ଼ି ଚାଲିବେ, ଏକଥା ବୁଲା ଭଲଭାବରେ ଜାଣେ । ସେ ଆରମ୍ଭ କଲା—

"ସତେ ସୁରେଶ, ତୁ ଘରେଇ ଭାବରେ ମାଟ୍ରିକ୍‌ଟା ଦେଇ ଦଉନୁଁ ? କୋଉଠି ଗୋଟାଏ ଭର୍ତ୍ତି ହେଇଯିବୁ—ନ ହେଲେ ଏବେ ପ୍ରେସ୍ ଫ୍ରେସ୍ ଦେଖୁନୁଁ ? ଏମିତି ବାଜେ ସମୟ ନଷ୍ଟ କରୁଚୁ କାହିଁକି ?"

ତାର ମୁରବିପଣିଆକୁ ଏଡ଼ାଇଦେଇ ସୁରେଶ ଖାଲି କପ୍‌ଟା, ସେତେବେଳଯାଏ ଛୁଡ଼ା ହୋଇ ରହି ଏସବୁ ଶୁଣୁଥିବା ଅମିଲା ହାତକୁ ବଢ଼ାଇଦେଲା । ବାରିଆଡ଼କୁ ଯିବାକୁ ପାଦ ବଢ଼ାଇଦେଲା । ପାଇଖାନାରେ ପଶିଗଲେ ଅନ୍ତତଃ ଅଧଘଣ୍ଟାଏ ପାଇଁ ନିଶ୍ଚିନ୍ତ ।

ପଛରୁ ମା' ଡାକିଲେ, "କିରେ, ତୋତେ କ'ଣ ଶୁଭୁ ନାହିଁ ? ବୁଲା କ'ଣ କହିଲା ?"

କିଛି ଉତ୍ତର ନ ଦେଇ ବାରିଆଡ଼େ ଅଦୃଶ୍ୟ ହୋଇଗଲା ସୁରେଶ ।

ଅନ୍ୟ ପକ୍ଷ ବାଧ୍ୟ ହୋଇ ନୀରବ ହୋଇଗଲେ କିଛି ସମୟ ପାଇଁ । କାରଣ ଶରବ୍ୟ ଅଦୃଶ୍ୟ ।

—"କିଲୋ ଦୁର୍ଗା କୋଉଠି ? ସେଇ ରୋଷେଇ ଘରେ ? କ'ଣ କରୁଚି ସେ ସେଠି ଏକୁଟିଆଟା ବସି ?" ଅମିଲାକୁ ପଚାରିଲା ବୁଲା ।

Digitized by srujanika@gmail.com

ତା'ପରେ ବଡ଼ ପାଟିରେ ଡାକିଲା—"କଲୋ ଦୁର୍ଗା, ସେ ଗେଷେଇ ଘରଟାରେ କବାଟକଣରେ ପଶି କ'ଣ କରୁଚୁ ? ଏଣିକ ବାହାରକୁ ଆ', ତୋ ସାଙ୍ଗେ କଥା ଅଛି ।"

ହାତଟା ପୋଛୁ ପୋଛୁ ସୁମିଳା ଆସି ଠିଆ ହେଲା ପାହାଚ ତଳେ ଅମିଳା ପାଖରେ ।

"କ'ଣ କହୁଚ ?" ପଚାରିଲା ସେ । ମୁହଁ ତାର ହସହସ । ଟିକେ ଆଗର ସେ ଲୁହ ଲିଭିଗଲାଣି କେତେବେଳୁ ।

ବାରବୁଲା ଅଧୋଗା ବୁଲାଭାଇକୁ ଦେଖିଲେ ନିଜର ଅଲକ୍ଷ୍ୟରେ, ମୁହଁ ଉଜ୍ଜ୍ୱଳ ହୋଇଉଠେ, ପ୍ରସନ୍ନତା ଫୁଟିଯାଏ । ଅପାର ଏ ପ୍ରଶାନ୍ତ ରୂପ ଅମିଳା ବହୁତ ଥର ଲକ୍ଷ୍ୟ କରିଛି । କିନ୍ତୁ କିଛି କୂଳକିନାରା ପାଏନା ସେ ।

ଜଗତଯାକର ଭାଇ ଏ ବୁଲାଭାଇର ମନର ପ୍ରଶାନ୍ତ ମହାସାଗରର ଗଭୀରତା କଳନା କରିବାକୁ ସାହସ କୁଳାଏ ନାହିଁ ତାର ।

"କ'ଣ କରୁଥିଲୁ ?" ପଚାରିଲା ବୁଲା ।

"ଗୃ' କରିସାରି ସେ ବାସନଗୁଡ଼ାକ ଧୋଉଥିଲି ।"

"ଏତେବେଳଯାଏ··· ?"

"କଣ କହିବ, କହୁନ କାହିଁକି ମ···?"

"କାଲି ସକାଳୁ ରେଡ଼ି ହୋଇ ଷ୍ଟେସନ ବସ୍‌ଷ୍ଟାଣ୍ଡକୁ ଗୁଲିଆସିବ ରିକ୍‌ସା ଖଣ୍ଡେ କରି—ମୁଁ ସେଇଠି ଅପେକ୍ଷା କରିଥିବି ।"

ଅମିଳା, ସୁମିଳା ଉଭୟଙ୍କୁ ଉଦ୍ଦେଶ୍ୟ କରି କହୁଥିଲା ସେ । କେହି କିନ୍ତୁ କିଛି ଉତ୍ତର ଦେଲେ ନାହିଁ ତା' କଥାରେ—ବୁଲାଭାଇ ପୁଣି ପଚାରିଲା —"ନା ନାହିଁ ? ମୋତେ ଆସି ମହାରାଣୀମାନଙ୍କୁ ନିଦ ଭଙ୍ଗାଇ ଉଠାଇ ନେବାକୁ ପଡ଼ିବ ?"

"ଟିକେ ଏଇ ବାଟରେ ତମେ ଗୁଲିଆସିବ ନାହିଁ··· ?"

"ଆହାଃ ହା, କାହିଁକି ତମେ ଯିବ ନାହିଁ ଗୁଲି···?" ଥଟ୍ଟା କରି ବିକୃତ ସ୍ୱରରେ କହିଲା ବୁଲା ।

"ତମେ ନା ଆସିଲେ ନାହିଁ, ଆମେ ଯିବୁ ନାହିଁ ।" ଅମିଳା କହିଲା ।

Digitized by srujanika@gmail.com

"ନ ଗଲେ ଏବେ ମୋର କଣ୍ଢାକୁ ଗୋଟାଏ ମାଡ଼ ଖାଇଯିବ ? ସେ ସୁନ୍ଦରପୁରରେ ତ ନ ହେଲେ ମୋତେ ଗୋଡ ଟେକି ଅପେକ୍ଷା କରି ବସିଥିବେ ?"

"ନ ଗଲେ କଣ ଫାଶୀ ଦେବେ ?"

"ତୋ ସାଙ୍ଗେ କିଏ ଏତେ ବକର ବକର ହବ ଭଲା ? ଫାଶୀ ନ ଦେଲେ ବି ମାଡ଼ ଦେବେ।...ହଉ ଏବେ, ମୁଁ ଆସିବି।"

ବୁଲା ଲାଜ ହୋଇଯିବାରୁ ସୁମିଲା ମୁହଁରେ ପୁଣି ସେମିତି ଏକ ନୀରବ ହସ ଖେଳିଗଲା । ଅମିଲା ବି ଖୁସି ହୋଇଗଲା । ମା' ଏସବୁ କଥାବାର୍ତ୍ତା କିନ୍ତୁ ସେଇଠି ଠିଆ ହୋଇ ଶୁଣୁଥିଲେ । ହଠାତ୍ କହିଲେ, "ନାଇଁମ ପୁଅ, ତୁ ଭୁଚ୍ଛାଟାରେ ଏତେ ସକାଳୁ କଷ୍ଟ କରି କାହିଁକି ପୁଣି ଏଠିକି ଆସିବୁ ଭଲା ? ଏମାନେ କ'ଣ ବସ୍ ଷ୍ଟାଣ୍ଡ ପାଖକୁ ଏକା ଏକା ଯାଇପାରିବେ ନାହିଁ...? ଅକାଳେ ସକାଳେ ପୁଣି ଯା' ଆସ କରୁଛନ୍ତି ନା ? ନ ହେଲେ ଏବେ ସୁରେଶ ନେଇ ଛାଡ଼ିଦେଇ ଆସିବ।"

"ତାର ସକାଳୁ ଯାହା ନିଦଟା ଭାଙ୍ଗିଯିବ ନା...ସିଏ ପୁଣି ଆମକୁ ନେଇଯିବ !" ସୁମିଲା କହିଲା । ବୁଲା ଅନ୍ତତଃ ଏତିକି ଜାଣିପାରିଲା ଯେ, ସୁମିଲା ଚାହୁଁଛି, ସେ ସକାଳୁ ଆସୁ ।

ବୁଲା ସୁମିଲା ଆଡେ ଚାହିଁ ଟିକେ ହସି ଦେଇ କହିଲା—"ନାହିଁ ମାଉସୀ, ମୁଁ ଆସି ନେଇଯିବି...କ'ଣ ଆଉ ଏମିତି କଷ୍ଟ ହବ ଯେ, ରିକ୍ସାରେ ତ ଆସିବି ଯିବି ।"

"ହଉ, ତମ ଇଚ୍ଛା । କହି ମା ବୋଷେଇ ଘର ଆଡକୁ ଯାଉ ଯାଉ ସୁମିଲାକୁ ଲକ୍ଷ୍ୟ କରି ପଚାରିଲେ—ଚୁଲିରେ ନିଆଁ ଅଛି ନା ?"

"ହଁ, ଡାଲି ଆଟିକାଟା ବସେଇ ଦେଇଛି ମୁଁ—ତୁ ଡାଲି ଧୋଇ ପକେଇ ଦେ।"

"ଆଉ ? ସବୁ ଖବର କ'ଣ ?"—ଟିକେ ଅନୁଚ୍ଚ ଗଳାରେ ପଚାରିଲା ବୁଲା ।

"କି ଖବର ?"

"ତମର ରଙ୍ଗ...ଆଉ ମଞ୍ଚ ?"

Digitized by srujanika@gmail.com

ଇଙ୍ଗିତ ବୁଝିଲ ସୁମୀଲା । ମୁହଁ ବୁଲେଇନେଇ କହିଲା—"ଏ ବୟସରେ ଆଉ କ'ଣ ଢଙ୍ଗ ଥାଏ ବୁଲାଭାଇ ? କୋଉକାଳୁ ଧୋଇଗଲାଣି । ମଞ୍ଜଟା ରହିଯାଇଛି ଖାଲି···"

"ଇଏ କୋଉ ଡ୍ରାମାର ଡାଇଲଗ୍ ?" ଥଟ୍ଟା କରି ପଚାରିଲା ବୁଲା ।

"ଜୀବନ-ଡ୍ରାମାର"—

"ବେଶ ତ କଥା କହିଲୁଣି ଲୋ ତୁ ! ଆଉ ତୋ ଶ୍ରୀନିବାସବାବୁ କେମିତି ଅଛନ୍ତି ?"

ଲାଜରେ ତଳକୁ ମୁହଁ ପୋତିବାକୁ ଇଚ୍ଛା ହେଉଥିଲେ ସୁଦ୍ଧା ସୁମୀଲା ଉପରକୁ ମୁହଁ ଟେକି ସିଧାସିଧା ବୁଲାଭାଇର ମୁହଁକୁ ଚାହିଁଲା ।

ନା, ଆଖିରେ ତାର ଲୁହ ନାହିଁ । ଲୁହ ରୋକିଦେଇ ହସ ହସ ମୁହଁରେ ଚାହିଁବାକୁ ଚେଷ୍ଟା କଲାବେଳର ଚାହାଁଣୀ—

ଅମୀଲା ଘର ଭିତରକୁ ପଶିଗଲା ହଠାତ୍ । ସୁମୀଲାର ଆଖିରେ କାଉଁଶର ସମ୍ବୋଧନ ନାହିଁ—ଅଛି ନିଛକ କରୁଣ ଆତ୍ମନିବେଦନ, ସକରୁଣ ଆବେଦନ ।

ଅନୁକମ୍ପା ଲୋଡ଼ା ତାର—

ବୁଲାଭାଇର ହସହସ ସରଳ ମୁହଁକୁ ସଲଖ ଭାବରେ ଅନାଇଁ ସୁମୀଲାର ମନ କୁଆଡ଼େ ପଛକୁ ପଛକୁ ଫେରିଯାଉଥିଲା—

ଅନ୍ଧକାରାଚ୍ଛନ୍ନ ଅତୀତକୁ·

ବୁଲାଭାଇ ଜାଣେ, ସୁମୀଲା ଦିନେ ପାଗଳ ହୋଇଯାଇଥିଲା ଶ୍ରୀନିବାସ ବୋଲି ଜଣକ ପାଇଁ । ତା' କଥା ପଡ଼ିଲେ ସୁମୀଲାର ଗଣ୍ଡରେ ଫଗୁ ବଞ୍ଚି ହୋଇଯାଉଥିଲା । କଅଁଳିଆ ସକାଳ ସୂର୍ଯ୍ୟର ଲାଲିମା ବୋଲି ହୋଇଯାଉଥିଲା ତା' ମୁହଁସାରା । ସେଇ ଶ୍ରୀନିବାସ ଥିଲା ସୁମୀଲାର ମଞ୍ଜ-ଜୀବନରେ ରାଜକୁମାର—ନିଜ ସ୍ୱପ୍ନରେ ବିଭୋର ଥାଇ ତାର ପରିବେଶ, ବନ୍ଧୁ-ବାନ୍ଧବ, ହିତାକାଙ୍କ୍ଷୀ, କାହାକୁ ଆଉ ଆଖିରେ ବି ଚାହିଁବାକୁ ସମୟ ପାଉ ନ ଥିଲା ସୁମୀଲା···

ସେତେବେଳର ସୁମୀଲାର ଆଖି କୋରଡ଼ ଭିତରକୁ ପଶି ଯାଇ ନ ଥିଲା—ସୁନ୍ଦରୀ ଥିଲା ସେ···

Digitized by srujanika@gmail.com

ଶ୍ରୀନିବାସ ସୁମିଳାଠାରୁ ବୟସରେ ସାମାନ୍ୟ ଜ୍ୟେଷ୍ଠ ବି ହୋଇ ଥାଇପାରେ—ସୁନ୍ଦର ଚେହେରା—ଛନଛନିଆ ବୟସ – ଝିଅଙ୍କ ଆଗରେ ଦେଖାଇବା ପାଇଁ ପ୍ରଚୁର ପୌରୁଷବୋଧ—ବଡ଼ ବଡ଼ କଥା – ଆଦର୍ଶବାଦର ବୋଲି – ତା’ ଛଡ଼ା ଧାର କରି ହେଉ ବା ନିଜର ହେଉ, ତା’ର ଯେ ଯଥେଷ୍ଟ ପଇସା ଅଛି ତାର ସୂଚନା ଦେବା—

ଏସବୁ ଥିଲା ଶ୍ରୀନିବାସ ନାମକ ସେ ଯୁବକଟିର—ଯିଏ ବର୍ଷ ବର୍ଷ ଧରି ଅଭିନେତ୍ରୀ ସୁମିଳାର ଦେହ, ମନ, ରୂପ ସବୁକୁ ଆବୋରି ବସିଥିଲା ।

ବୁଲା ଏସବୁ ଦେଖିଚି, ଜାଣିଚି – ଜାଣିଚି ବୋଲି ସେ କେବେ-ହେଲେ ସ୍ତ୍ରୀ’ର ପ୍ରତିରୋଧ କରି ନଥିଲା । ପ୍ରତିରୋଧ କରିବାର ଶକ୍ତି କାହାରି ନ ଥାଏ । ସୁମିଳା ହୁଏ ତ···ହୁଏ ତ ନୁହେଁ, ନିଶ୍ଚିତ ଭାବରେ ଭୁଲ ବୁଝିଥାଆନ୍ତା ବୁଲାକୁ –

ବୁଲା ଲକ୍ଷ୍ୟ କରିଛି, ବର୍ଷକରୁ ଅର୍ଦ୍ଧାଧିକ ରାତିରେ ବିବାହ, ହାତଗଣ୍ଠି, ମୁଣ୍ଡରେ ପେଣ୍ଟିଂ, ନାଲି ବହଳ ସିନ୍ଦୂର ବୋଳିବାର ଅଭିନୟ କରୁଥିଲେ ବି ସୁମିଳା ବୋଧହୁଏ, ଛଳନା ଅଭିନୟକୁ ସେଇ ଅରକ ପାଇଁ ଜାଣିପାରି ନ ଥିଲା—ଚିହ୍ନିପାରି ନ ଥିଲା ।

ଅଭିନେତ୍ରୀ ହୋଇ ବି ଶ୍ରୀନିବାସର ଅଭିନୟ ବୁଝି ନ ପାରି ନିଜ ସୀମନ୍ତରେ ଜାଣିଶୁଣି ବହଳ ସିନ୍ଦୂରର ରେଖା, କପୋଳରେ ସିନ୍ଦୂର ଟିପା ଦେଇ ନିଜକୁ ଭାଗ୍ୟବତୀ ମଣୁଥିଲା । ମୁଣ୍ଡରେ ପାଣି କାଚ କେଇପଟ ଲଗାଇଦେଇ ଶ୍ରୀନିବାସର ମଙ୍ଗଳ କାମନା କରୁଥିଲା ।

ମଞ୍ଚ ଉପରେ ଅଭିନୟ କରିସାରି ମଞ୍ଚ ବାହାରେ ସମସ୍ତଙ୍କ ଅଲକ୍ଷ୍ୟରେ, ନିଜର ଅଗୋଚରରେ ଯେ ସେ ଅଭିନୟ ଆରମ୍ଭ କରିଦେଇଛି, ବୁଦ୍ଧିମତୀ ହେଲେ ବି ସୁମିଳା ିସେଇଟା ବୁଝିପାରୁ ନଥିଲା ।

କେଜାଣି ବୁଝିପାରନ୍ତା ନାହିଁ···

ସେତେବେଳେ ବି ବୁଲା ହସିଥିଲା । ବୁଲାର କେଜାଣି ନାହାନ୍ତି ନିଜର—ସମସ୍ତେ ତାର ପର ବୋଲି ବୋଧହୁଏ ସମସ୍ତଙ୍କୁ ସେ ଆପଣାର କରିପାରିଛି ।

ଜୀବନର ପରିସର ତାର ଅତି ସୀମିତ । ତାର ରୋଗଶଯ୍ୟାରେ ବ୍ୟଥାତୁର କୌଣସି କୋମଳ ହାତ କପାଳରେ ଘୂରି ବୁଲେନା—

Digitized by srujanika@gmail.com

ଅଦର୍ଶନରେ କାହାର ହୃଦୟରେ ଚଞ୍ଚଳତା ହୁଏ ତ ପ୍ରକାଶ ପାଏନା— କୌଣସି ଜୀବନ, ତା'ର ପ୍ରତୀକ୍ଷାରେ ବେଦନାବିଧୁର ହୋଇଉଠେ ନା ସତ୍ୟ···

ମାତ୍ର ସେଇ ସୀମିତ ଜୀବନପରିସର ଭିତରେ ବୁଲି ଦେଖିଛି ଅନେକ. ଶୁଣିଛି ତେଣିକି—ପାଇଛି ପ୍ରଚୁର ଅଭିଜ୍ଞତା—ଜୀବନ ବିଷୟରେ ଜ୍ଞାନ—ମଣିଷର ଘଡ଼ିକ ଘଡ଼ି ବଦଳୁଥିବା ଭିନ୍ନକ ଭିନ୍ନ ରୂପ ବୁଲି ବୋଧହୁଏ ସବୁଠାରୁ ଭଲ କରି ଦେଖିଥିଲା, ଚିହ୍ନିଥିଲା, ଜାଣିଥିଲା—

ପାଣି ଭିତରେ ଫୋପାଡ଼ିଦେଲେ ଉଠିବେଇଠୁ ବିଇ ହୋଇ ବଞ୍ଚିବାର ଚେଷ୍ଟାରେ ପିଲା ପହଁରିବାକୁ ଶିଖିଯାଏ—ଜମାଟବନ୍ଧା ଅନ୍ଧାର ଘର ଭିତରେ ଆବଦ୍ଧ ହୋଇ ରହିବା ପାଇଁ ବାଧ୍ୟ ହେଲେ ମଣିଷ ମନରୁ ଅନ୍ଧାରର ବିଭୀଷିକାର ଭୟ କଟିଯାଏ—ମରଣର ଭୟରେ, ବଞ୍ଚିବାର ଦୁର୍ବାର, ଅଲଙ୍ଘମୀୟ ମୋହରେ ମଣିଷର ଭୟ, ଅବସାଦ, ଭ୍ରାନ୍ତି ଦୂର ହୋଇଯାଏ—

ଦୁନିଆ ଭିତରକୁ ଫିଙ୍ଗା ହୋଇ ବୁଲି କଳନା କରି ଶିଖିଛି, ଦୁନିଆର ଗଭୀରତା—ମଣିଷ ଭିତରର କଳା ଅନ୍ଧାରକୁ ସେ ଭୟ କରି ଶିଖି ନାହିଁ ।

ସମସ୍ତଙ୍କୁ ପର କରି ସେ ଅତି ଆପଣାର କରିଛି···ପୁଣି ପ୍ରତ୍ୟେକଙ୍କୁ ଆପଣାର କରି ନିଜେ କାହାର ହୋଇପାରି ନାହିଁ—

ଜୀବନ, ତା' ପାଖରେ ନିଛକ ଜୀବନ ଛଡ଼ା ଆଉ କିଛି ନୁହେଁ— ବହୁ ରଙ୍ଗର ସମାବେଶ ନୁହେଁ—ଭିନ୍ନ ଭିନ୍ନ ଭାବରେ ବହୁ ରଙ୍ଗକୁ ଜାଣିବା ପାଇଁ ଜୀବନ ଏକ ଅଧ୍ୟୟନ ।

ଏସବୁ କିଛି ଜାଣେନା ସିଏ—ବଞ୍ଚିବାକୁ ବଞ୍ଚନା ବୋଲି ଧରି-ନିଏନା ସେ, ଅବା ମଣିଷକୁ କୁଣ୍ଢାକାଠିର ଖେଳନା ବୋଲି କହେନା ।

ସେଇଥିପାଇଁ, ଆଜଠାରୁ ଅନେକଦିନ ତଳେ, ବୋଧହୁଏ ସୁମିଲି-ଶ୍ରୀନିବାସର କାହାଣୀ ଶୁଣି, ତାକୁ ଭଲ ଲାଗିଥିଲା । ମା'ମରା ପିଲା ଅନ୍ୟର ମାତୃସ୍ନେହ ଦେଖିଲେ ଦୁଃଖମିଶା ଆନନ୍ଦ ଭିତରେ ବୁଡ଼ିଗଲା ଭଳି ଲାଗିଥିଲା ତାକୁ—

ସୁମିଲା, ଅମିଲଙ୍କୁ ଭଲପାଏ ସେ—ଆଜ ଅନେକ ଲୋକଙ୍କୁ ଭଲ ପାଇଲା ଭଳି । ସେଥିପାଇଁ ହୁଏତ ନିଜର ଅଜାଣତରେ ସେ ଶ୍ରୀନିବାସକୁ

Digitized by srujanika@gmail.com

ଚହିବାକୁ ଚେଷ୍ଟା କରିଥିଲ । ହତାଶ ହୋଇଥିଲ—ଶ୍ରୀନିବାସ ଫୁଲର ପୋକଟିଏ···ଫୁଲକୁ ଆଦର କଲା ଭଳି ମଣିଷ ନୁହେଁ ସେ ।

ଅନେକ ସମୟରେ ସେ ଦେଖେ, ସୁମିଲା ଆଜି ଶ୍ରୀନିବାସ ଘୁରି ବୁଲୁଛନ୍ତି ଚିତ୍ରିତ ପ୍ରଜାପତି ପରି—ଖଟକା ଲାଗେ ।

ଘରେ, ବାହାରେ, ମଞ୍ଚରେ, ସହର ବାହାରେ ଲଜ୍ଜାର ସୀମା ଲଙ୍ଘନ କରି ସୁମିଲା ଶ୍ରୀନିବାସ ସହିତ ଏକାନ୍ତ ହେବାର ପ୍ରଚେଷ୍ଟା କରେ—ଅନ୍ତତଃ ତାହା ହିଁ ଦେଖାଇହୁଏ—

ଭିକ୍ଷା କରିବାର ଇଚ୍ଛା ନ ଥିଲେ ମଧ୍ୟ ବୁଲିର ସୁମିଲା ପ୍ରତି ମମତା ତାକୁ ଏଇ ସର୍ବଗ୍ରାସୀ ଇଚ୍ଛାର ଦାଉରୁ ବଞ୍ଚିବାର ରକ୍ଷା କରିଛି—ଅକସ୍ମାତ୍ ଦିନେ ବୁଲି ସୁମିଲାକୁ ଏକାନ୍ତରେ କହିବାକୁ ବସିଥିଲା ଶ୍ରୀନିବାସର ଅସଲ ରୂପର କଥା—ଆଉ ତାର ପ୍ରତି ଉତ୍ତରରେ ଯେଉଁ ଅପମାନ ସେ ପାଇଥିଲ, ଆଜି କେହି ହୋଇଥିଲେ ହୁଏତ ଜୀବନରେ କେବେ ଦେଖା ଦେଇ ନ ଥାନ୍ତା ସୁମିଲାକୁ—

ବୁଲି ହସି ହସି ସହିଥିଲା ସବୁ—ଆତ୍ମାଭିମାନ ତାର ନାହିଁ । ଅପମାନ ତେଣୁ ତାର ଅଭିଧାନର ଶବ୍ଦ ନୁହେଁ ।

ଈର୍ଷାରେ କୁଆଡ଼େ ଜଳିପୋଡ଼ି ମରି ଶ୍ରୀନିବାସର କୁତ୍ସାରଟନା ସେ କରୁଛି ବୋଲି ସୁମିଲା କହିଥିଲା ତାକୁ । ମୁହଁ ଛୁଆଁଡ଼, ମୁହଁକୁ ନ ଚାହିଁ, ସୁମିଲା କହିଥିଲ ସେଦିନ—ମୋର ଦେହ ପାଇଁ ତମର ଅସମ୍ଭବ ଲାଳସା, ଆଉ ସେଇଥିପାଇଁ ଶ୍ରୀନିବାସ ସହିତ ମୋ ମିଳାମିଶାକୁ ତମେ ଭ' ଆଖିରେ ଦେଖିପାରୁନ—ଚେତାଇ ଦେଇଥିଲ—ଆଉ କେବେ ଏମିତି କଥା କହିବ ନାହିଁ ।

ଏସବୁ ଅତୀତର କଥା । ସବୁ ମନେପଡ଼ିଲେ ଭାରି ହସ ମାଡ଼େ । ବୁଲାର କିନ୍ତୁ ବେଳ କାହିଁ ଏଇସବୁ ପଛ କଥାଗୁଡ଼ାକ ଆଉଡ଼େଇବାକୁ ?

ବୁଲି କାନ୍ଦି ଜାଣେନା—ସେ କେବେ କାନ୍ଦିଛି, ମନଦୁଃଖ କରିଛି, କି ମନମାରି ବସିଛି, ଏକଥା ତାର ଶତ୍ରୁ ବି କେବେ କହିବନାହିଁ । ତେଣୁ ହୋ ହୋ ହସି କହିଥିଲ—ମୁଁ ଥଟ୍ଟାରେ କହିଲି ବୋଲି ।

ମାରିବରେ ଗୁବୁକମାଡ଼ ହଜମ କରି ବାହାରି ଆସିଥିଲ ସେଠାରୁ—

Digitized by srujanika@gmail.com

ପରିଚୟ ହୀନ, ଅଜ୍ଞାତକୁଳଶୀଳ, ଘରଦୁଆର ନ ଥିବା ବୁଲାକୁ, ସୁମିଲା ହେୟ ଜ୍ଞାନ କରୁଥିଲା । ଗୋଟାଏ ବୁଲା କୁକୁର !

ଆଉ ଶ୍ରୀନିବାସ ?

ସୁମିଲାର ଗୁଣ୍ଡ ଫୁଲି ଉଠୁଥିଲା···ମୁହଁରେ ଖୁସି ଉବୁକି ଉଠୁଥିଲା ତା' କଥା ପଡ଼ିଲେ –

ଆଜି ସକାଳୁ, ତଳକୁ ମୁହଁ ନ ପୋତି, ଲାଜ ନ କରି ଆଖିରେ କ୍ଷମା ମାଗିନେଇ, ଶ୍ରୀନିବାସ କଥା ଏଡ଼ାଇ ଯାଉଥିବା ଏଇ ସୁମିଲାର ନିଷ୍ପାପ କରୁଣ ମୁହଁ ଦେଖି ବୁଲାର ମନେପଡ଼ୁଥିଲା ଆଉ ଏକ ସନ୍ଧ୍ୟାର କଥା – ସନ୍ଧ୍ୟା ନୁହେଁ ରାତି—

ବର୍ଷଣମୁଖର ସେ ଭୟଙ୍କର ରାତିରେ, ଝର ଝର ହୋଇ ବର୍ଷା ସତେ କି ବାହୁନି ବାହୁନି କାନ୍ଦୁଥିଲା – ଗୁମୁରି ଉଠୁଥିଲା ତାର କରୁଣ କାହୁନା ସୁର ।

ହାତରେ ମୁହଁ ଚାପି, କଇଁ କଇଁ ହୋଇ କୋହ ଉଠାଇ, ଥରି ଥରି କାନ୍ଦୁଥିଲା ସୁମିଲା—ବାହାରେ ଝର ଝର ବର୍ଷାର ଧାର ସତେ କି ହାର ମାନୁଥିଲା ଦିଓଟି ନିଷ୍ପ୍ରଭ ଆଖିର ଲୁହକୁ—

ସେ ଅନ୍ଧକାର କୋଠରୀରେ, ସହରଠାରୁ ଅନେକ ଦୂରରେ, ନିଃସହାୟା ସୁମିଲା ପାଖରେ କେବଳ ବୁଲା ହିଁ ଥିଲା । ସେଦିନ ରାତିରେ······

ସୁମିଲା କାନ୍ଦି ଚାଲିଥିଲା······

ବିଜୁଳିର କ୍ଷଣିକ ଆଲୋକରେ ବୁଲା ଦେଖିଥିଲା, ସୁମିଲାର ସେ ଚେଇଁ କୁଆଁରୀ ହଜିଗଲାଣି···ମଉଳିଗଲାଣି···

କାନ୍ଦି କାନ୍ଦି ଲୋଟିପଡ଼ୁଥିବା, ସୁମିଲାର ଫୁଲି ଫୁଲି ଉଠୁଥିବା ଝାଲଭିଜା ପିଠି, ଗହଳ ଓଦା କେଶରାଶିକୁ ଆଉଁସି ଦେଇ ଦେଇ ଅଜ୍ଞାତ-ଗୋତ୍ର ବୁଲା ଭାବୁଥିଲା, ସତେ କେତେ ଅସହାୟ ଏ ମଣିଷ !

ବୁଲା ବି ନିଜ ଆଖିରୁ ଲୁହ ଝରାଉଥିଲା ।

ସୁମିଲାର ଆଶଙ୍କା, ଭୟ ସବୁ ପଣ୍ଡ କରି ପଦେ ହେଲେ ବିଗତ କଥା କହି ନ ଥିଲା ବୁଲା—

ଦୁର୍ଯୋଗର ସେ ରାତିରେ, ସୁମିଲାର ଅସହାୟତା ଛଡ଼ା ବୁଲାର ଆଉ କିଛି ବା ଆଉ କେହି ମନେ ନ ଥିଲେ—ଏପରି କି ଯାହା ପାଇଁ ସୁମିଲା

Digitized by srujanika@gmail.com

ଅସହାୟା, ସେ ଶ୍ରୀନିବାସଙ୍କର କଥା ମଧ୍ୟ ତା'ର ମନେ ଥିଲା—ନା, ଶ୍ରୀନିବାସ ପାଇଁ ନୁହେଁ—ବ୍ୟର୍ଥ ପ୍ରଣୟ ପାଇଁ ମଧ୍ୟ ନୁହେଁ···ଅବା ନୂଆ ନୂଆ ଧୋକା ଖାଇଥିବା ଯୋଗୁଁ ହତାଶା ପାଇଁ ମଧ୍ୟ ନୁହେଁ··ସୁମିଲା କାନ୍ଦୁଥିଲା କେବଳ ତା ନିଜ ପାଇଁ···ଝିଅ ସୁମିଲା—ନାରୀ ସୁମିଲା ଗୁମୁରି ଗୁମୁରି କାନ୍ଦୁଥିଲା, ତା' ନିଜପାଇଁ—ତା'ର ଆତ୍ମାଭିମାନ ପାଇଁ—

ସହରଠାରୁ ଅନେକ ଦୂରକୁ, ଏକାକୀ ଏ ନିର୍ଜନ ଡାକବଙ୍ଗଳା ଭିତରକୁ ଶ୍ରୀନିବାସ ଅଭିନୟ କରି ବୁଲାଇ ନେଇ ଆସିଥିଲା ଅଭିନେତ୍ରୀ ସୁମିଲାକୁ ।

ତା'ପରେ ଯାହା ସଚରାଚର ହୁଏ— ! ଦେଖା ମିଳି ନ ଥିଲା ଆଉ ତା'ର—

ଦିନକ ପରେ, ଅତି ଆକସ୍ମିକ ଭାବରେ ବୁଲାଭାଇ ପହଞ୍ଚିଲା ସେଇଠି—

ଉପହାସ କରିବା ପାଇଁ ନୁହେଁ···ସାହାଯ୍ୟ କରିବା ପାଇଁ—

ଆଉ ତା'ପରେ ଏଇ କାନ୍ଦର ବନ୍ୟା ! ସେଇ ବର୍ଷଣମୁଖର ଅନ୍ଧାର ରାତିରେ, ସୁମିଲାର ଲୁହ ରୋକିବାପାଇଁ, ତା' ପିଠିରେ କପାଳରେ ଗଣ୍ଡରେ ହାତ ବୁଲାଇ ଦେଉ ଦେଉ ବୁଲା ମଧ୍ୟ କାନ୍ଦିଥିଲା—

···ନିଜ ଅଜାଣତରେ, ଆକସ୍ମିକ ଭାବରେ, ଅକାରଣରେ··· ଲୁହକୁ ରୋକିବାର ସମସ୍ତ ଚେଷ୍ଟା ସତ୍ତ୍ୱେ ବି ଓଠ ଚୁପି ଚୁପି ଥରିଉଠିଲା ବୁଲା—ସେ କାନ୍ଦୁଥିଲା ।

ପର ମୁହୂର୍ତ୍ତରେ ଦୁହେଁ କାନ୍ଦୁଥିଲେ······ । ସୁମିଲା ବି ସେଇ କଥା ଭାବୁଥିଲା ହୁଏତ, ବୁଲାଭାଇର ମୁହଁକୁ ଚାହିଁ ଚାହିଁ—

ଦିନ ହଜିବା ସାଙ୍ଗେ ସାଙ୍ଗେ ଶ୍ରୀନିବାସ ବି କୁଆଡ଼େ ହଜିଯାଇଚି, ଏଇ ସହରରେ ଦେଖା ହେଲେ ବେଳେ ଅବେଳେ ମୁହଁ ବୁଲାଇ ନ ଚିହ୍ନିଲା ପରି ଚାଲିଯାଏ ।

ସୁମିଲା ଶୁଣିଥିଲା, ବୁଲା ନାଁରେ ସେ କାହାଣୀ କୁଆଡ଼େ ଆରୋପ କରି କହିଥିଲା ଶ୍ରୀନିବାସ—ଥରଟି ପାଇଁ ବି ଭୁଲିରେ ସୁଦ୍ଧା ବୁଲା ସେ କାଳମାମସ୍ୟ ରାତିର ଇତିହାସ କଥା, କେବେ କେଉଁଠି କହି ନାହିଁ—ଦିନେ ହେଲେ ଉଠାଇ ନାହିଁ ସୁମିଲା ଆଗରେ···

Digitized by srujanika@gmail.com

ଭୟଙ୍କର ଏକ ଦୁଃସ୍ୱପ୍ନ ଦେଖି ଭୟରେ ପାଖରେ ଶୋଇଥିବା ନିଜର ଲୋକକୁ ଜାବୁଡ଼ି ଧରି, ଚିତ୍କାର କରିଉଠିଲା ଭଳି ନିର୍ଜନ ନିଶୂନ୍ ଏକାଠିଆ ସେ ଡାକବଙ୍ଗଳାଟାରେ, ଭୟରେ, ଦୁଃଖରେ, ବେଦନାରେ ଶ୍ରାନ୍ତକ୍ଲାନ୍ତ ଦେହ ମନ ନେଇ କିଛି ବିଚାର ନ କରି, କାନ୍ଦିକାନ୍ଦି ବୁଲାଭାଇ କୋଳରେ ଲୋଟି ପଡ଼ିଥିଲା ସୁମିଲା—ଅଭୟ ମାଗୁଥିଲା—

ଛୋଟ, ଅବୋଧ ଶିଶୁକୁ ବୁଝେଇ ସୁଝେଇ ଭୁମି କଲାଭଳି ବୁଲାଭାଇ ତାକୁ ଆଉଁସିଦେଇ, ପିଠି ଥାପୁଡ଼େଇ କେତେ କଥା ବୁଝାଇଥିଲା ସେଦିନ—

ସାରା ରାତି ବିନିଦ୍ର ରହି ସୁମିଲା କାନ୍ଦିଥିଲା···ଆଉ ସେମିତି ଚେଇଁ ଚେଇଁ ବସିରହି ବୁଲାଭାଇ ତା' ପିଠି ଆପୁଡ଼େଇ ଦେଇଥିଲା ।

ଗୋଟିଏ ଥର ବି ସେକଥା କହି ଗର୍ବ ନେବା ପାଇଁ, ପୌରୁଷ-ବୋଧ ଦେଖାଇବା ପାଇଁ ଚେଷ୍ଟା କରି ନାହିଁ ବୁଲା—

ଆଉ କେହି ସେଠି ନ ଥିଲେ···ଏକାକୀ, ନିର୍ଜନ ସେ ଡାକ-ବଙ୍ଗଳାରେ ଥିଲେ ସୁମିଲା ଓ ବୁଲା । ଜଗୁଆଳି କେତେବେଳୁ କୁଆଡ଼େ ଯାଇଥିଲା—ପାଖ ଗାଁରେ ସମ୍ଭବତଃ ତା' ଘର ।

ନାଃ, ବୁଲାଭାଇର ମନ କଳୁଷିତ ହୁଏନି, ବର୍ଷା ଝିପିଝିପି ସେ କଳା ଅନ୍ଧାର ରାତିରେ, ଜଗୁଆଳି ଆଉ ଫେରି ନଥିଲା—ଆଖପାଖରେ କେହି କୁଆଡ଼େ ନଥିଲେ···ଝିଙ୍କାରୀର ଝିଁ ଝିଁ ରାବ, ବେଙ୍ଗର କେଁକଟର ଡାକ, ଝଡ଼ା ଝମ ବାରିପାତର ଅନବରତ ଧାରାବାହିକ ସ୍ୱର ସହିତ ମିଶି ଯାଉଥିଲା ସୁମିଲାର ସ୍ୱର—

ଏକାଠିଆ ସେମାନେ ଥିଲେ···ଗୋଟିଏ ତରୁଣ ଓ ଗୋଟିଏ ତରୁଣୀ ! ଲାଗିଲାଗି ରହିଥିଲା ଦୁଇଟି ଉଷୁମ ଦେହ—ବାହାରେ ବହୁଥିଲା ଶିରିଶିରି ହୋଇ କାକୁହା ପବନ—ଆଲୁଅ ନ ଥିଲା—ସନ୍ଦେହ କରିବାକୁ କେହି ବୋଲି କେହି ନ ଥିଲେ···

କାହିଁ ? ଏତେଟିକେ ଦୁର୍ବଳତା ତ ସେ ଦେଖାଇ ନ ଥିଲା ସେଦିନ ? ଅଥଚ ତା' ନାଁରେ କେତେ କୁତ୍ସା ନ ଶୁଣିଛି ସୁମିଲା ? ସହରସାରା ତାକୁ ଗାଳିମନ୍ଦ ଲମ୍ପଟ, ବଜାରୀ, ଛତର ବୋଲି ଘୃଣା କରନ୍ତି—ଡରନ୍ତି ଝିଅମାନେ···

Digitized by srujanika@gmail.com

ଲୋଭନୀୟ ସମସ୍ତ ବସ୍ତୁ ନିକଟରେ ଥାଇ ସୁଦ୍ଧା ଯେ ପ୍ରଲୋଭନକୁ ଏଡ଼ାଇପାରେ, ସେ କୁଆଡ଼େ ଜିତେନ୍ଦ୍ରିୟ !

ସେଇ ବିଶ୍ୱାସିକାମୟ, ଭୟଙ୍କର କାହାଣୀର ଜୀବ ବୁଲାଭାଇ କିନ୍ତୁ ମେଣ୍ଢାଟି ଭଳି ଶାନ୍ତ ହୋଇ ତାକୁ ସାନ୍ତ୍ୱନା ଦେଉଥିଲା ।

ଜୀବନର ସେ ଅପମୁହୂର୍ତ୍ତରେ, ସେ ବିଚିତ୍ର ପରିବେଶ ଭିତରେ, ସେଇ ନିରବଚ୍ଛିନ୍ନ କାନ୍ଦଣାର ସୁଅ ଭିତରେ ମଧ୍ୟ ସୁନୀଲର ମନ କାହିଁକି କେଜାଣି ବୁଲାଭାଇ ପାଇଁ କ୍ରମଶଃ ଦୁର୍ବଳ ହୋଇ ଉଠୁଥିଲା···

ଯାହା ମାଗିଥାଆନ୍ତା, ତା' ବୁଲାଭାଇକୁ ଦେବାପାଇଁ କୁଣ୍ଠାବୋଧ କରି ନ ଥା'ନ୍ତା ସୁନୀଲ—ହୁଏତ ଖୁସି ହୋଇଥାନ୍ତା –

କିଛି କିନ୍ତୁ ଚାହିଁ ନାହିଁ ସେ !

ନୀଳକଣ୍ଠ ଭଳି ଆକଣ୍ଠ ପାନ କରିଛି କୁତ୍ସିତ କୁତ୍ସାର ବିଷ ! ନିରର୍ଥକ ଭାବରେ ତା'ର ବଦନାମ ବହ୍ନିଟିକୁ ଆହୁରି ପରିପୁଷ୍ଟ କରିଛି ! କିନ୍ତୁ କେବେହେଲେ ଅଜ୍ଞାତରେ ସୁଦ୍ଧା ପଦେହେଲେ କହି ନାହିଁ ସୁନୀଲକୁ—

ସୁନୀଲ ଆଉ ବୁଲା ଏଇ ଦୁଇ ଜଣଙ୍କ ଛଡ଼ା ଆଉ ସମସ୍ତେ ଏ ଘରର ଶୁଣିଛନ୍ତି ତାଙ୍କର କଳଙ୍କର କାହାଣୀ । ବାହାରେ ସମସ୍ତେ ଜାଣିଛନ୍ତି । କିଏ ବିଶ୍ୱାସ କରିଛି—କିଏ ଅବା ବିଶ୍ୱାସ କରି ନାହାନ୍ତି ।

ଅନିଲ ତ ତା' ପରଦିନ ପଚାରିଥିଲା "ସତେ ଅପା, ବୁଲାଭାଇକୁ ତୁ ଭଲ ପାଉ ତ ଆଗରୁ କାହିଁକି କହୁ ନ ଥିଲୁ ?"

ଯା'ଠାରୁ ବଡ଼ ସତ୍ୟ ବୋଧହୁଏ ସୁନୀଲ ଆଉ କିଛି କହିପାରି ନ ଥାନ୍ତା ! ଏଇ ପଦକ କହିସାରି ସୁନୀଲ ନିଜକୁ ନିଜେ ମଧ୍ୟ ଆବିଷ୍କାର କରିଥିଲା !

କ'ଣ ବୁଝିଲା କେଜାଣି, ଅନିଲ କିଛି ସମୟ ପର୍ଯ୍ୟନ୍ତ ଚାହିଁ ରହିଥିଲା ଅପା ମୁହଁକୁ ତା'ର । କିନ୍ତୁ କିଛି କହି ନ ଥିଲା । ଅତି କରୁଣ ଭାବରେ ଚୁପ୍ ହୋଇ ରହିଥିଲା ।

ଏତେ ଭାବନା ପୁଣି ଏମିତି ଦଣ୍ଡକରେ ଭାବିହୁଏ ? ଛବି ଭଳି ଗୋଟାକ ପରେ ଗୋଟାଏ ଘଟଣା ଆଖିଆଗରେ ଭାସି ଚାଲିଯାଏ ।

ସକାଳଟା ଏଥିଭିତରେ କେତେବେଳେ ଦିନ ହୋଇଗଲାଣି !

ବୁଲା ଚାହିଁରହିଥିଲା ସୁନୀଲର ମୁହଁକୁ । ମନେ ମନେ ସେ କ୍ଷମା ମାଗିନେଉଥିଲା ତା'ଠାରୁ । ଜୀବନରେ ଯେଉଁ ଅଧ୍ୟାୟଟିରେ ପୂର୍ଣ୍ଣଚ୍ଛେଦ

Digitized by srujanika@gmail.com

ପକାଇ ଭୁଲିଯିବାକୁ ଚେଷ୍ଟା କରୁଛି ସୁମିଲା, ନିଜ ଅଜାଣତରେ ସେଇ କଥାଟିକୁ ଶୁଣାଇ ଦେଇଥିବାରୁ ନିଜେ ନିଜେ ଦୁଃଖ ଅନୁଭବ କରୁଥିଲି ବୁଲି । ପୁଣି ନିଜ ପାଇଁ ନିଜେ ସେ ଆଶ୍ଚର୍ଯ୍ୟାନ୍ୱିତ ହେଲି ।

ମନ ଭିତରେ କୋଉଠି ଗୋଟାଏ ଗୋଟାଏ କଥା ଲୁଚିଛପି ରହିଥାଏ କେଜାଣି ? ଉପରକୁ ନ ଦେଖାଗଲେ ମଧ୍ୟ ବେଳେ ବେଳେ ଉଙ୍କିମାରି ଉପରମନକୁ ଫିଟି ବାହାରିଆସେ ସେଇ କଥାଟା—ପୁଣି ନିଜକୁ ତଟସ୍ଥ କରି !

ସେମିତି ଠିକ୍ ବୁଲି ମନର କୋଉ କୋଣରେ ଏଇ ଶ୍ରୀନିବାସ ପାଇଁ ବୋଧହୁଏ ଆଶ୍ରୟ ନେଇଥିଲି ଏତେଟିକେ ଈର୍ଷା—ପୁଣି ଘୃଣା । ସେଇଟା ସୁମିଲା ପାଇଁ ପଦେ ଟିହାଇଦା ହୋଇ ବାହାରିଆସିଲି—

ନିଜ କଥାର ମୋଡ଼ ଘୂରାଇ ଏ ବିଳମ୍ବିତ ମୀରବତାକୁ ଭାଙ୍ଗିବାକୁ ଆଉ କିଛି ଗୋଟାଏ କଥା ଆରମ୍ଭ କରିବାକୁ ବୁଲି ଛଟପଟ ହେଉଥିଲା । ସୁମିଲା ଆଉ ବୁଲା ମୁହଁକୁ ଚାହିଁପାରୁ ନାହିଁ—ଷୋଡ଼ଶୀଟିଏ ଭଳି ଥରକୁ ଥର ଉପରକୁ ଚାହିଁବାକୁ ଚେଷ୍ଟାକରି ଲାଜରେ ମଥା ନତ କରୁଛି ସେ—କିଛି କଥା କହିପାରୁନି—

ଅମିଲା କୁଆଡ଼େ ଗଲା କେଜାଣି ? ଘର ଭିତରେ କୋଉଠି ବୋଧହୁଏ ଚୁପ୍ ହୋଇ ବସିଛି । ସୁରେଶ ଏପର୍ଯ୍ୟନ୍ତ ଆସି ନାହିଁ ତା'ର ନିତ୍ୟକର୍ମ ସାରି । ମା' ଜେଜେଇ ଘରେ—ଦୁଇଟା ଚୂଲି ଲଗାଇ ରନ୍ଧାବଢ଼ା ଆରମ୍ଭ କରି ଦେଇଛନ୍ତି । ବୁଲା ନ ଥିଲେ ସୁମିଲାକୁ ଡାକ ପକାନ୍ତେଣି ସେ । କିନ୍ତୁ କାହିଁକି କେଜାଣି, ଏ ଘରଛଡ଼ା ବାଉବୁଲା ଲୋକଟି ଉପରେ ତାଙ୍କର ଅଗାଧ ସ୍ନେହ, ଅସୀମ ସହାନୁଭୂତି ଅଛି । ସୁମିଲା ଜାଣେ, ଦୁନିଆ ସାକର ଆଉ ଯାହାକୁ ଦେଖନ୍ତୁ, ମା' ଖିଚ୍ ଖିଚ୍ ଲଗାଏ । ଇଆଡ଼େ ସିଆଡ଼େ କାମ ବରାଦ କରି ପଠାଇଦିଏ । ସବୁବେଳେ ଚାହୁଁଥାଏ କେମିତି ଏ ଅବାଞ୍ଛିତ ଆଳାପ ଆଲୋଚନା ବନ୍ଦ ହେଉ । କିନ୍ତୁ ବୁଲା ସେମାନଙ୍କ ତୁଳନାରେ ଅଶିକ୍ଷିତ, ଅମାର୍ଜିତ ହେଲେ ବି ତା' ପାଇଁ ମା'ର ଆଇନ ଓଲଟା । ଘଣ୍ଟା ଘଣ୍ଟା ଧରି ବୁଲାକୁ ଅଟକାଇ ରଖିବାକୁ ଚାହେଁ ସେ ।

ସୁମିଲା ତା' ସହିତ କଥାବାର୍ତ୍ତା କଲେ ବିରକ୍ତ ହୁଏନା—ବରଂ ଖୁସି ହୁଏ ।

Digitized by srujanika@gmail.com

ଏ ସହରର ଲୋକଟା ପ୍ରତି ତା'ର ଗୋଟାଏ ମମତା ଆସିଯାଇଛି । ଘରେ ଭଲ ପାଏ ସେ ତାକୁ । ଆଉ ଟିକେ ଆଗରୁ ହାଫ୍ ପ୍ୟାଣ୍ଟ, ହାତକଟା ଗଞ୍ଜି, ଉପରେ ତା'ର ପତଳା ଅଦ୍ଧ କନାର ଗୋଟାଏ ଅଧାହାତ ହାଓ୍ୱାଇନ୍ ପିନ୍ଧି, ହାଓ୍ୱାଇ ଚଟି ଫଟ୍ ଫଟ୍ କରି ବାପା କୁଆଡ଼େ ବାହାରିଗଲେ ।

ଗଲାବେଳେ ଟିକେ ବଙ୍କେଇ ଗୃହିଁଦେଇ ଗଲେ ଏଇ ଆଡ଼କୁ । ବେଶ୍ ଅର୍ଥପୂର୍ଣ୍ଣ ତାଙ୍କର ଏ ଗୃହାଁଣୀ । ସେ ସବୁପାରନ୍ତି ନାହିଁ ବୁଲାର ଏ ମିଳାମିଶାକୁ ।

ସମ୍ଭବତଃ ବଜାର ଆଡ଼େ ଗଲେ ସେ । ପକେଟ୍‌ରେ ଝୁଲାମୁଣି ନେଇଯାଇଥିବେ ।

ଏ ବୟସରେ ବି ଶସ୍ତା ଏସେନ୍‌ସର ଭୁରୁ ଭୁରୁ ଗନ୍ଧ ଭାସି ଆସୁଛି ତାଙ୍କ ଯିବା ରାସ୍ତାରୁ ।

କାଉଟାଏ କା' କା' ରାବ ପିଟା ଉପରେ ବସିଗଲା । ସେଇଠି ବସି ସେମିତି ରାବିବାକୁ ଲାଗିଲା । ଟିକେ ପରେ ଆଉ ଗୋଟାଏ କାଉ ଆସି ତା' ସହିତ ଯୋଗ ଦେଲା ।

ବୁଲା ହାତ ହଲେଇ ତାଙ୍କୁ ହୁରୁଡ଼େଇବାରେ ଲାଗିଗଲା । ଅନ୍ତତଃ ଏ ଅସ୍ୱସ୍ତିକର ପରିବେଶରୁ ତ ମୁକ୍ତି ମିଳିବ !

ସ୍ଥିର ଛଳଛଳ ଆଖିରେ ସୁମାଲା ଗୃହିଁ ରହିଥିଲା ବୁଲା ଆଡ଼କୁ । ଆଖିର ଭାଷା ତା'ର କହୁଥିଲା, 'ତମେ ବି ବୁଲାଭାଇ, ମୋତେ ବେଳ ଉଣ୍ଡି ଏତେ ଦିନେ ଥଟ୍ଟା କଲ ?' ଅଥଚ ବୁଲାର ଥଟ୍ଟା କରି ଉଡ଼ାଇ ଦେବା କଥା, ତା'ର ଆତ୍ମଦୈନ୍ୟ, ସକରୁଣ ଆବେଦନ ବୁଲାକୁ ବିବ୍ରତ କଲା ।

ବହୁ ସମୟ ତୁନି ରହିବା ପରେ ସେ ନିଜ ଆଡ଼ୁ ଆରମ୍ଭ କଲା—

"ସୁନ୍ଦରପୁରରେ କି ଡ୍ରାମା ହେଉଚି ?"

"ଆମ ଗାଁ ମାଟି ।"

"କୋଉ ତାରିଖରେ ?"

Digitized by srujanika@gmail.com

"ଆଜି କେତେ ତାରିଖ, ଚବିଶ ନା ? ଆଉ ତା'ହେଲେ ଆଠ ଦିନ ପରେ—ଆଉ ମାସ ଦୁଇରେ ।"

"ଆଗରୁ କୋଉଠି ଏ ଖେଳସବୁ କରିଥିଲ ତମେ ଦିହେଁ, ନା ଏଥର ନୂଆ କରି କରିବ ?"

"ବହୁତ ଜାଗାରେ ।"

"ରିହର୍ସାଲ ତେବେ ଆଠ ଦିନ ହେବ କାହିଁକି ? ଆଉରି ପରେ ଗଲେ ତ ଚଳିବ ?"

"ସେମାନେ କିନ୍ତୁ ଚାହାନ୍ତି ଆଗରୁ ଦିବାକୁ ।"

ପକେଟରୁ ଗୋଟାଏ ଲୋଚୁକୋଚୁ ହୋଇଯାଇଥିବା ସିଗାରେଟ୍ କାଢ଼ିଲା ବୁଲା । କିନ୍ତୁ ପକେଟରେ ହାତମାରି ଦେଖିଲା, ଦିଆସିଲି ନାହିଁ । ଅନୁନୟପୂର ଆଖିରେ ସୁମିଲାକୁ ଚାହିଁ କିଛି କହିବା ଆଗରୁ ସୁମିଲା ବୁଝିପାରିଲା ବୁଲାଭାଇ ଦିଆସିଲି ମାଗୁଛି ବୋଲି । ରୋଷେଇଘରେ ଦିଆସିଲି ନ ପାଇ, ସେଇଠୁ ଅମିଲାକୁ ପାଟିକରି ପଚାରିଲା, "ଦିଆସିଲିଟା କୋଉଠି ରଖିଚୁ କିଲୋ ?"

"ମୁଁ କାହିଁକି ନେବି ଦିଆସିଲି ? କ'ଣ ସିଗାରେଟ୍ ଖାଉଚି ନା କ'ଣ ?" ଅମିଲା ଉତ୍ତର ଦେଲା ଘରଭିତରୁ ।

"ତମେ ଦିହେଁ ମିଛରେ କାହିଁକି କଳି ଲଗାଉଚ ? ସୁରେଶ ଦିଆସିଲିଟା ନେଇଯାଇଥିବ ପାଇଖାନାକୁ"—କହି କହି ବୁଲା ରୋଷେଇ-ଘର ଦୁଆର ମୁହଁକୁ ଆସି ମା'ଙ୍କୁ କହିଲା, "ମାଉସୀ, ସେ କାଠଖଣ୍ଡିକ ଇଆଡ଼େ ବଢ଼େଇ ଦେବଟି, ଟିକେ ମୁଁ ମୁହଁରେ ନିଆଁ ଦିଏ !"

"ଓ ହୋଃ ହୋ, ଇଏ କି ଅଲକ୍ଷଣା କଥା ତୁ କହୁଚରେ ପୁଅଟା ! ଆଲୋ ହେ, ତାଙ୍କୁ କିଏ ଟିକେ ଦିଆସିଲିଟା ଦିଅ ଭଲା !"

ସୁମିଲା ଚିମୁଟାରେ ଖଣ୍ଡେ ରଡ଼ନିଆଁ ଆଣି ଦେଲା । ଆଉ ସେଇଥିରୁ ସିଗାରେଟ୍‌ରେ ନିଆଁ ଧରାଇ ଦମେ ଟାଣି, ଧୂଆଁ ଛାଡ଼ି, ହସି ହସି ବୁଲା କହିଲା, "ବୁଝିଲ ମାଉସୀ, ସୁମିଲା ମୋ ମୁହଁରେ ନିଆଁ ଦେଲା ।"

"ନିଜେ ତ ନିଜ ମୁହଁରେ ନିଆଁ ଦଉଚ, ଆଉ କାହାର କ'ଣ ଦରକାର ଅଛି ତମ ମୁହଁରେ ନିଆଁ ଦବାର ?"

Digitized by srujanika@gmail.com

"ହଉ ମାଉସୀ, ମୁଁ ଯାଏଁ ଏଥର, ଏଁ ? କ'ଣ କାଲି ଯିବା କଥା ଠିକ୍ ତ ?"

"ନାଇଁ ନାଇଁ, ଠିକ୍ କ'ଣ ? ସେମାନେ କହୁ ଯାଇଛନ୍ତି, ଆଜ ସନ୍ଧ୍ୟା ସୁଦ୍ଧା କାହାକୁ ପଠାଇବେ—ଏଯାଏଁ ବହୁନା କୋଉଠି ଦେଲେଣି ? କଲେ ଅପା ? ଯିବାକୁ କେମିତି କହୁଦଉଛୁ ଆଗରୁ ?"

"ବହୁନା କ'ଣ କଲେ ?"

"ହାଃ, ଏଇ ତମ ଆଉ୍ଡାନ୍ସ, ଟି. ଏ., ଫେଆର୍ ଏସବୁ ଆମ ପୁରୁଣା ବହୁନା ସାଙ୍ଗେ ସମାନ—ମୁଁ ମୋର ସେଇଆ କୁହେ ସଦାବେଳେ ।"

"ସତେ କୁଲଭାଇ, ତମେ ଟିକେ ସନ୍ଧ୍ୟାରେ ଆଜ ଆଉ ଥରେ ଆସିବ, ଏକଥା ବୁଝିଯିବ । ତା' ଛଡ଼ା ସନ୍ଧ୍ୟାରେ ରେଡ଼ିଓ ଷ୍ଟେସନ୍ ଟିକେ ଯିବା—ମାସେ ଦେଢ଼ ମାସ ହେଲା କାହିଁକି ଗୋଟାଏ ହେଲେ କଣ୍ଟ୍ରାକ୍ଟ ଦେଇ ନାହାନ୍ତି, ପଚାରି ଆସିବ ।"

"ଯଥା ଆଜ୍ଞା !"

"ସେମିତି ଗୋଟାଏ ଚ୍ଚେପତ୍ର କାହିଁକି ହୁଅ ମ ?"

"କ'ଣ ବାହାରିଲ କୁଲଭାଇ ?" ବାଉଆଉ୍ ମୁହଁ ପୋଛୁ ଆସୁ ଆସୁ କହିଲା ସୁରେଶ ।

"ହଁ, ଆଉ ତମର ପ୍ରୋଗ୍ରାମ୍ ଏଇନେ କ'ଣ ?"

"ନା···ଏମିତି ଟିକେ···"

"କ'ଣ, ନଟସାହୁ ଦୋକାନରେ ବସି, କପେ ଦ'କପ ସିଙ୍ଗଲ ଚା' ଗୁନ୍ଦା କରି ତମର ଫିଲ୍ମ କମ୍ପୋଜ ଗୁଳିବ ?"

ସୁରେଶ ଖାଣ୍ଟିମନ୍ତ କ୍ଷୁଣ୍ଣ ହେଲା । କିନ୍ତୁ ମୁହଁରେ ହସ ଫୁଟାଇ କହିଲା, "ତମେ ବ ଆସ ଏବେ···ତମକୁ ଆଜ ନିମନ୍ତ୍ରଣ ରହିଲା ।"

"ଏତେ ବଡ଼ ବଡ଼ କଥା, ପୁଣି ହଜାରେ···ଲକ୍ଷେ ଆଲୋଚନା ପାଇଁ ଆମର ମୁଣ୍ଡ କାହିଁ ? ଚ୍ଚୁଣ୍ଡା ପକେଟ୍‌ରେ ସେସବୁ ରହିବ ନାହିଁ·· ହଉ, ଗୁଲିଲି"···

"ହଉ ।"

"ଆସିବ ନିଶ୍ଚେ ସନ୍ଧ୍ୟାରେ ?"

Digitized by srujanika@gmail.com

"ପଢ଼ା ନ ଆସେ ?"

"ଆଜି କଥା କହିବ ନାହିଁ ।"

"କଥା ନ କହିଲେ ମୋର ରାଜ୍ୟ ଭାସିଯିବ ସେଠି ?"

"ଆସିବ ତ ମାଷ୍ଟ୍ରେ, ଏତେ ସିଆଣାପଣିଆ କାଢ଼ କାହିଁକି କହିଲ ?" ଥଟ୍ଟାମିଶା ରାଗ ଦେଖାଇ ଅମଳା ଯୋଗ କଲା ।

"ସକାଳୁ ତ ତୋର ମୁହଁ ଚାହିଁଛୁ, ଦିନ କେମିତି ଯିବ କେଜାଣି ?"

"କୋଉଠି କ'ଣ ପାଇଯିବାର ଅଛି କି ?" ସୁରେଶ ପଚାରିଲା ।

"ପାଇବାର ଚେଷ୍ଟା ତ ସବୁବେଳେ ଚାଲିଛି—ହେଲେ ମିଳୁଛି କୋଉଠି ?" ସୁମଳା ମୁହଁକୁ ଚାହିଁ ହସିହସି ଉତ୍ତର ଦେଇ ବୁଲା, ଆଉ ଆଗେଇଲା ଦାଣ୍ଡ କବାଟ ଆଡ଼େ ।

ସୁମଳା ଆଉ ଅମଳା ଦୁହେଁ ଅନୁସରଣ କଲେ ତାକୁ । ସାଇକେଲ ଚାବି ଫିଟାଇ ଠିକ୍ ବାହାରିଲା ବେଳକୁ ମଦନବାବୁ ପହଞ୍ଚିଲେ ବଜାରରୁ । ହାତରେ ଝୁଲାମୁଣିରେ ପରିବା । ଈଷତ୍ ଗମ୍ଭୀର କଣ୍ଠରେ କହିଲେ, "ଆରେ ତମେ ଅଛ ? ମୁଁ ଭାବୁଥିଲି ଯିବଣି ଚାଲି—କ'ଣ ବାହାରିଲ ନା କ'ଣ ?"

"ହଁ, ଆପଣ ତ ଆଜ ଭାରି ଜଲ୍‌ଦି ଫେରିଛନ୍ତି ବୋଧେ ।"

ଫୋପଡ଼ା ଟେକାକୁ ଓଲଟାଇ ମାରିଲା ବୁଲା ସାଇକେଲ ପାଡ଼ିଲ ଉପରେ ଗୋଡ଼ ଥୋଇ ଥୋଇ ।

ଘର ଭିତରକୁ ମଦନବାବୁ ପାଦ ବଢ଼ାଇଲେ । ବିରକ୍ତ ହେଲେ ମଧ୍ୟ ସେଇଟାକୁ ପ୍ରକାଶ ନ କରି ଦୁମ୍ ଦୁମ୍ ଚାଲି ଘର ଭିତରେ ପଶିଗଲେ ।

ଅମଳଟା ଫେଁକରି ହସିଦେଲା ହଠାତ୍ । ବଡ଼ ବଡ଼ ଆଖି କାଢ଼ି, ନ ହସିବାକୁ ବାରଣ କରି, ତାକୁ ଯେତେ ଆକଟ କଲେ ବି ସେ ସେମିତି ହସିଚାଲିଲା ।

ଫେର ପଡ଼ିଥିଲେ ମଦନବାବୁ ଦେଖିଥାଆନ୍ତେ, ସାଇକେଲରେ ବସି ଚଳେ ଗୋଟାଏ ଗୋଡ଼ ଦେଇ ବୁଲା ଓ ଅମଳା, ସୁମଳା ମୁହଁରେ ଲୁଗା ଦେଇ ହସୁଛନ୍ତି ।

Digitized by srujanika@gmail.com

ଘର ଭିତରୁ ମା' ପାଟିକଲା କ'ଣ ଗୁଡ଼ାଏ ଏଣୁ ତେଣୁ ବାଜେ ପଚରିବା ଆଣିଚ ବୋଲି । ବାପାଙ୍କର ପାଟି ଶୁଭିବା ଆଗରୁ ସାଇକେଲ୍‌ରେ ପାଦ ଚାପି ଆଗଭ ଆଗଭ ବୁଲି କହିଲା, "ଯାଅ ଯାଅ, ଘର ଭିତରକୁ ଯାଅ...ମୁଁ ସନ୍ଧ୍ୟାବେଳେ ଆସିବି ।"

ଅସଂଖ୍ୟ ସାଇକେଲର ଶବ୍ଦ ଭିତରେ ବୁଲାଭାଇର ସାଇକେଲ ମିଳାଇଗଲା ।

ସୁମୀଲ ଓ ଅମୀଲ ନୀରବରେ କିଛି ସମୟ ଚାହିଁ ରହିଥିଲେ ତା'ର ଗତିପଥକୁ ।

ଭିତରକୁ ଫେରୁ ଫେରୁ ଅମୀଲ ପଚାରିଲା, "ବୁଲାଭାଇ ଭାରି ମଜାର ଲୋକ, ନା ଲୋ ଅପା ?"

"ହୁଁ"—ଅକାରଣରେ ମାତ୍ରାଧିକ ଭାବରେ ଗମ୍ଭୀର ହୋଇ, ଉତ୍ତର ପଦକ ଦେଇ, ସୁମୀଲ ଘର ଭିତରକୁ ପଶିଆସିଲା । ଅମୀଲ ତାକୁ ଅନୁସରଣ କଲା ।

ସୂର୍ଯ୍ୟ ଏଥର ମଥାନ ଉପରକୁ ଉଠିଆସିବେ । ଖରା ତେଜ ହେଲାଣି । ସକାଳର କାକୁଡ଼ା ପବନରେ ମିଶିଗଲାଣି ଦିନର ତାତି ।

ହଳଦିଆ ରଙ୍ଗର ଖରା ଛାତ ଉପରୁ ଆସି ବନ୍ଦୀ ହୋଇଗଲାଣି ଦୁଆର ପାଖ ।

ପାଣ୍ଡୁର, ବର୍ଣ୍ଣହୀନ ସକାଳ ମିଳେଇଗଲାଣି ଦିନ ଭିତରେ ।

ଦିନ ।

କୋଳାହଳ ବଢ଼ି ଆସିଲାଣି ।

ବେଦନାବିଧୁର ସ୍ମୃତିର ମେଘ ସୁମୀଲର ହୃଦୟାକାଶରେ ଜମାଟ ବାନ୍ଧି ମେଘାଚ୍ଛନ୍ନ କରୁଥିଲା ।

ମଣିଷଜୀବନର ବହୁ କାହାଣୀ ଘୂରି ଫେରିଆସେ ମନକୁ— କାରଣରେ ବା ଅକାରଣରେ ହେଉ । କଳା କଳା ମେଘର ଦଲକାରେ ଆକାଶଟା ସାରା ଓହଳି ପଡ଼ିଲା ଭଳି ଦେଖାଯାଏ ମିଛେ କି ଛିଡ଼ି ପଡ଼ିବ ! ନୀଳ ଆକାଶ ଘନଘୋର ହୋଇଯାଏ ।

Digitized by srujanika@gmail.com

ପୁଣି ଧୀରେ ଧୀରେ ଫେରିଯାଏ ଆକାଶକୁ ମୁକ୍ତ କରି ।

ବାରଣ୍ଡା ଉପରେ ପଡ଼ିଥିବା ଗୁଇଁଗୁଇଁଆ ଖରାର ଧାସରେ ତାତି ଉଠୁଛି ଘର ଭିତରଟା । ପବନ ନାହିଁ । ଗୁମ୍‌ସୁମ୍ ଲାଗୁଛି ।

ମଧ୍ୟାହ୍ନ ।

ଖରାବେଳ ।

ଦେହରୁ, ମୁଣ୍ଡରୁ ଅଜସ୍ର ଝାଳ ବୋହି ପିନ୍ଧା ଲୁଗାର କାନିକୁ ଜଡ଼ାଇ ଦେଇଛି ପିଠିରେ, ଗ୍ରୀବାରେ । ବ୍ଲାଉଜଟା ପୂରାପୂରି ଓଦା ଜଡ଼ସଡ଼ ।

କପାଳ ଉପରେ ବିନ୍ଦୁ ବିନ୍ଦୁ ହୋଇ ଜମା ହୋଇ ଟିକେ ପରେ ଝରି ଆସୁଥିବା ଝାଳର ସୁଅକୁ ବଢ଼ି ଆଙ୍ଗୁଠିରେ, ନ ହେଲେ ଲୁଗା କାନିରେ ପୋଛି ଆଣି ଆଣି ସୁମିଲା ବସି ଗୋଟାଏ ବ୍ଲାଉଜର ବେକ ଷ୍ଟିଚ୍ ମାରୁଥିଲା ।

ମଝିରେ ମଝିରେ ଦାନ୍ତରେ ସୂତାଟା କାଟୁକାଟୁ ତାର ଆଖି କନକନ ହୋଇ ଘୁରି ଆସୁଥିଲା ଘରଟା ସାରା । ବେଳେବେଳେ ବାହାରକୁ ।

ଝାଳରେ ଗୋଟାପଣେ ଭିଜିଯାଇ, ଚଟାଣଟାକୁ କାଦୁଅ ଭଳି କରିଦେଇ, ଅମିଲା ଗ୍ଲାଇ ନିଦରେ ଶୋଇ, ହୁଏତ ବଢ଼ା ସ୍ୱପ୍ନ ଦେଖୁଥିବ । ଖାଲି ଚଟାଣଟାରେ ଗଡ଼ୁଛି ସେ । ଶାଢ଼ୀ, ବ୍ଲାଉଜ ସବୁ ତାର ଭିଜିଯାଇଚି ଝାଳରେ ।

ସୁମିଲା ତାକୁ ଚାହୁଁଥିଲା । ଗ୍ରୀବା ଉପରର ଲୁଗାଟା ତାର ଅସଂଯତ ଭାବରେ ଖସିଯାଇଛି—ତଳେ ଲୋଟୁଛି । ଝିଙ୍ଗୁ ଗ୍ରୀବାଟା ଝାଳରେ ଓଦା ହୋଇ ବ୍ଲାଉଜ ସହିତ ଜଡ଼ିଯାଇଛି । ପେଟ ଉପରେ ଗୋଟାଏ ହାତ ରଖିଛି ସେ—ଆର ହାତଟା ତଳେ ଘୁଷୁରୁଛି । ବେଳେବେଳେ ମାଛି ବସିଗଲେ ଗୋଡ଼ ହାତ ଛଟଛଟ୍ କରି ପୁଣି ସ୍ଥିର ହୋଇଯାଉଛି ।

ନିଦ୍ରିତା ଅମିଲାର ମୁଦା ଆଖିପତା ଦିଓଟିକୁ ଚାହିଁଲା ସୁମିଲା— ଆଖି ବନ୍ଦ ହୋଇଥିଲେ ବି ଡୋଳାଦୁଇଟା ଭିତରେ ରହି ରହି ଥରି ଥରି ଘୁରିଯାଉଛି ।

ସ୍ୱପ୍ନରେ ହୁଏ ତ କୌଣସି ଏକ ମଧୁର କାହାଣୀ ସେ ଦେଖି ବିଭୋର ହୋଇ ରହିଛି । ସେଇ ସ୍ୱପ୍ନର କାହାଣୀର କୋଉ ଚରିତ୍ରକୁ କି କୌଣସି ଘଟଣାକୁ ଅନୁସରଣ କରୁଛି ତାର ଡୋଳା ।

Digitized by srujanika@gmail.com

ଜୀବନ ଯାହା ହେଉ ପଛେ, ସ୍ୱପ୍ନ ଅନ୍ତତଃ ମଧୁର ହେଉ ! ସ୍ୱପ୍ନରେ ବି ମଣିଷ ଜୀବନ ଉପଭୋଗ କରୁ ! ହେଉ ପଛେ ସେ ମିଛ, ହେଉ ପଛେ ଅଲୀକ, ସେଇ ମିଛ ସ୍ୱପ୍ନ ଦେଖି ବି ମଣିଷ ଦଣ୍ଡେକ ପାଇଁ ଲୋଭମୀୟ, ମଞ୍ଜୁଳ ଏକ ଧରଣୀର ରସ ଆସ୍ୱାଦନ କରୁ !

ଅମଳର ଏ ସ୍ୱପ୍ନ ଯଦି ସେ ଦେଖିପାରନ୍ତା ! ଅମଳ ସାଙ୍ଗେ ସାଙ୍ଗେ ସିଏ ବି ଏମିତି ତନ୍ମୟ ହୋଇଉଠନ୍ତା ! ବିଭୋର ହୋଇଯାଆନ୍ତା !

ଘୁମନ୍ତ, ଶାନ୍ତ ମୁଖମଣ୍ଡଳରେ ତା'ର ହଠାତ୍ କାନ୍ଦର ରେଖା ଫୁଟିଉଠିଲା । ବହଳ ଓଠ ଥର ଥର ଉଠିଲା । ନିଦ ଭିତରେ ଆଖିଡୋଳା ଦୁଇଟା ଚଞ୍ଚଳ ହୋଇଉଠିଲା । ନାକପୁଡ଼ା ଫୁଲି ଫୁଲି ଗଲା ।

ସେଇ ସ୍ୱପ୍ନରେ ଅମଳ କାନ୍ଦୁଛି ! ସ୍ୱପ୍ନ ଭିତରେ ବି ମଣିଷର ଶାନ୍ତି ନାହିଁ ! ମିଛ ଭିତରେ ବି ମଣିଷ ଦୁଃଖ ପାଏ !

ବହୁ ଦ୍ୱନ୍ଦ୍ୱ, ବହୁ ଦ୍ୱିଧା ପୂରିରହିଛି ବିହ୍ୱଳ ମନରେ ତା'ର !

ହୁଏତ ବର୍ତ୍ତମାନ ସେ ସ୍ୱପ୍ନରେ ଦେଖୁଛି, ଦୟିତ ପୁରୁଷ ତାର ତାକୁ ଉପେକ୍ଷା କରି ଚାଲିଯାଉଛି କାହିଁ କୁଆଡ଼େ !

ତା'ରି ପାଇଁ କାନ୍ଦୁଚି ଅମଳ ।

ଦାନ୍ତରେ ସୂତାଟା କାଟିଦେଇ, ଛୁଞ୍ଚିରେ ନୂଆ ସୂତାଖିଏ ଦେଇ, ହାତ ପୂରାଇ ଗୁଡ଼ି ଭିତରଟା ଆଉ ବେକଡଲଟା ପୋଛି ଆଣି, ସୁମିଳା ପୁଣି ସିଲେଇରେ ମନୋନିବେଶ କଲା ।

ନିଜ ଜୀବନରେ ଦୁଃଖରେ ହାରି ଗୁହାରି ନ ଥିଲେ ବି ମଣିଷ ଅନ୍ୟର ଦୁଃଖ ପାଇଁ ସମବେଦନା ଜଣାଏ । ବେଦନାହତ ହୋଇ ମଣିଷ ଅନ୍ୟର ବେଦନା ବୁଝିପାରେ ।

ସୁମିଳ ପରେ ପରେ ଅମଳର ପାଳି । ଜଣକର ଲୁହ ଶୁଖିଗଲା ପରେ ଆଉ ଜଣକର ଆଖିର ଗଙ୍ଗାଯମୁନା ଦୁଇ କୂଳ ଖାଇ ଝରିଆସିବ ।

ସ୍ୱପ୍ନର କାନ୍ଦ ଅମଳ ଜୀବନରେ ସ୍ୱପ୍ନ ହେଉ—ସତ ନ ହେଉ !

ପୁଣି ଭାବିଲା ସେ ପରକ୍ଷଣରେ, ଏମିତି ବୃଥା ଶୁଭ ମନାସିବାରେ ଲାଭ ବା କ'ଣ ଅଛି ?

ଝରକାର କର୍ଣ୍ଣ ମଳୟ ପଡ଼ିଆସୁଛି । ତାତଲା ପବନ ସହିତ ମିଶି ଦଲକାଏ ଦଲକାଏ ପବନ ଗଛ ପତର ଦେଇ ବହିଆସି ଝାଳଭିଜା ଓଦା ଦେହଟାରେ ବୋଳିହୋଇ ଯାଉଛି । ଉତ୍ତପ୍ତଟାକୁ କୋହଳ କରିଦେଉଛି ।

Digitized by srujanika@gmail.com

ଆଗତପ୍ରାୟ ଅପରାହ୍ଣର ଦଲକାଏ ଶୀତଳ ପବନ !

ମନଭିତରର ଏ ତାତି କ'ଣ କେବେ ଓହ୍ଲାଇ ଯାଇପାରେ··· ?

କପାଳ ଉପରେ ଜମିଯାଇଥିବା ଝାଳବିନ୍ଦୁସବୁକୁ ଲୁଗାକାନିରେ ପୋଛୁ ଆଣୁ ଆଣୁ ସୁମାଳ ଶୁଣିଲା, ବାହାରେ ଦୁଇ ତିନିଟା ସାଇକେଲ୍ ଅଟକିବାର ଶବ୍ଦ । କାନଡେରି ରହିଲି ସେ କିଏ ବୋଲି ଜାଣିବା ପାଇଁ ।

କିଏ ଆଉ ଆସିପାରେ ଏ ଉଦୁଉଦିଆ ଦ୍ୱିପ୍ରହରଟାରେ ?

ଖାଇପିଇସାରି ବାପା ଶୋଇଛନ୍ତି ଦାଣ୍ଡଘରେ—ଅଫିସ—ଦପ୍ତର, କାମ-ଧନ୍ଦା କିଛି ନାହିଁ । ବେଧଡ଼କ୍ ଶୋଇଛନ୍ତି ସେ । ଭାଇମାନେ ସ୍କୁଲକୁ ଯାଇଛନ୍ତି—ଆସିବାବେଳ ହୋଇ ନାହିଁ ଏଯାଏଁ ।

କୋଳଭାଇଟା ମୁହଁରେ କ୍ଷୀରଭୁଣ୍ଡି ଲଗେଇଦେଇ ମା' ନିଘୋଡ଼ ନିଦରେ ଗଡ଼ୁଛି ସେ କଣଟାରେ—ଭାଇ, ମା ଦିହିଁଙ୍କର ଦେହ ଓଦା ହୋଇଯାଇଚି । ଭାଇ ମୁତିଛି କି କଅଣ, ଗୁଡ଼ାଏ ମାଛି ଭଣଭଣ ହଉଛନ୍ତି ସେଇଠି ।

ଦିନ ସରିଯିବାର ସୂଚନା ଦେଇ ମଧ୍ୟାହ୍ନ ଏଥର ଅପରାହ୍ଣରେ ମିଳିଯାଉଛି ।

ଅତି ସନ୍ତର୍ପଣରେ ଦୁଇ ତିନି ଜଣ କିଏ ଦାଣ୍ଡବାରଣ୍ଡାରେ କଥାବାର୍ତ୍ତା କରୁଥିବାର ଶୁଣିଲା ସୁମାଳ ।

ରସିକମୋହନ··· ? ଏତେବେଳେ ନିଦ ଭାଙ୍ଗି ଆସିଲି ଭଲ ଭଲ ପାଇବା ଲୋକ ବା ପ୍ରେମିକ ଅନ୍ତତଃ ରସିକମୋହନ ନୁହେଁ ବୋଲି ତାର ଧାରଣା । ନିଜ କଥା ପ୍ରକାଶ କରିବା ପାଇଁ ତା'ର ଏକ ନିର୍ଦ୍ଦିଷ୍ଟ ପରିବେଶ ଦରକାର ।

ସେ ଅଳସ ଅପରାହ୍ଣରେ ତା' କଥା ମନେପଡ଼ିବାରୁ ସୁମାଳର ମନଟା ଅଯଥା ବିରକ୍ତିରେ ପୂରିଗଲା ।

ଖସଡ଼ା ରାସ୍ତାରେ ଅମାଳ ପାଦ ବଢ଼ାଉଛି, ଏକଥା ସୁମାଳାଠାରୁ ବେଶୀ ଆଉ କିଏ ଜାଣେ ? ଜାଣି ସୁଦ୍ଧା ତାକୁ ପ୍ରତିରୋଧ କରିବାର ମାନସିକ ଶକ୍ତି ସୁମାଳର ନାହିଁ ।

ଯାଉ ! ଠକିଲେ ଶିଖିବ··· । ନ ହେଲେ ଗୋଡ଼ ଖସିଯାଇ ଅତଳ ଦରିଆରେ ବୁଡ଼ିମରିବ ।

Digitized by srujanika@gmail.com

ବିପଦରେ ପଡ଼ି କିଏ ଶିଖେ—ପୁଣି କିଏ ବିପଦରେ ଚଳଚଞ୍ଚଳ ହୋଇଯାଏ ।

ନିରର୍ଥକ ଶୁଭ ମନାସିବା ଛଡ଼ା ତା'ର କର୍ତ୍ତବ୍ୟ ଆଉ କିଛି ନାହିଁ !

ସେମାନଙ୍କ ଭିତରୁ ଜଣକର ପାଳି ବାଉପାଉଳି ସୁମିଲ—ସେ ସ୍ୱର ସୁରେଶର । ଖାଇସାରି, ଲୁଗାପଟା ପିନ୍ଧି କୁଆଡ଼େ ଗସ୍ତରେ ଯାଇଥିଲା । ଆଉ୍ଡ଼ା ମାରିସାରି ଏତେବେଳେ ଫେରୁଛି ବୋଧହୁଏ ।

ଟି' କପେ ଖାଇ, ଅନ୍ୟାନ୍ୟ ସବୁ ନିତ୍ୟକର୍ମ ସାରି, ମୁଣ୍ଡରେ ପାଣି ମାରି ଦେଇ, ସିନେମା ଷ୍ଟାରଙ୍କ ଭଳି ମୁଣ୍ଡ କୁଣ୍ଡାଇ, ପୁଣି ସନ୍ଧ୍ୟାରେ ବାହାରିଯିବ ସେ—ସାଂଧ୍ୟ ଓ ରାତ୍ରିଭ୍ରମଣରେ ।

ଆସିବ ରାତି ଦଶଟାରେ···କିବା ଆହୁରି ଅନେକ ପରେ । ଡେରିରେ··· ।

କିନ୍ତୁ ସୁରେଶ ଆଉ କାହାକୁ ସବୁ ଧରିଆଣିଚି ସାଙ୍ଗରେ ? ସେଇ ପୁରୁଣା ଦିନର ଅଭ୍ୟାସ କ'ଣ ସେମିତି ରହିଥିବ ତା'ର ? ସୁମିଲ, ଅମିଲାଙ୍କର ଦଲାଲ୍ ଭଳି ଅନେକଟା ବ୍ୟବହାର କରେ ସେ ଅପରିଚିତ ଲୋକଙ୍କ ସହିତ ।

କିଛି ନ କହିବା ପାଇଁ ମନସ୍ଥ କରିଥିଲେ ବି ବେଳେ ବେଳେ ତାକୁ ନ ବକି ରହିପାରେ ନାହିଁ ସୁମିଲା । ଗାଁରୁ ସବୁ ଡ୍ରାମା ପାଇଁ ହିରୋଇନ୍ ଯୋଗାଡ଼ କରି ଆସିଥିବା ଲୋକମାନଙ୍କୁ ସେ ଭେଟେ ବିଭିନ୍ନ ସିନ୍, ପୋଷାକ ଭଡ଼ା ଦେଉଥିବା ଦୋକାନମାନଙ୍କରେ—'ରୂପ-ଘରଣି', 'ରୂପ-ମହଲ', 'ଶିଳ୍ପାଳୟ' ଏମିତି ସବୁ କେତେ ଦୋକାନ ଅଛି । ସେଇଠି ଆସି ଗାଁ ଦୂରଦୂରାନ୍ତର ଲୋକେ ପହଞ୍ଚନ୍ତି—ସୁରେଶ ସେଠିକି ସବୁ ଯାଏ । ବସି ଗପ କରୁଥାଏ । ପହଞ୍ଚୁଥିବା ଲୋକଙ୍କଠାରୁ ହିରୋଇନ୍ ପଠାଇବା ନାଁରେ ଆଡ଼ଭାନ୍ସ ନେଇଯାଏ, ନ ହେଲେ ତାଙ୍କୁ ସବୁ କହେ, ସେମାନଙ୍କର ବହୁତ ଦାମିକା କଣ୍ଟ୍ରାକ୍ଟ ମୁଁ କ୍ୟାନ୍‌ସେଲ୍ କରାଇଦେଇ ଆପଣଙ୍କ ଡ୍ରାମା ପାଇଁ ପଠାଇଦେବି—ଯେତେହେଲେ ଆପଣ ନିଜ ଲୋକ ତ ଆମର ।

ଏଇସବୁ କହି ସେ ଟଙ୍କା ନିଏ । ସୁମିଲା ଉତ୍କର୍ଣ୍ଣ ହୋଇ କାନ ପାତିଲା, କ'ଣ କଥାବାର୍ତ୍ତା ସେମାନେ ହେଉଛନ୍ତି ସେକଥା ଜାଣିବା ପାଇଁ—

Digitized by srujanika@gmail.com

"—ହଁ, କାଲି ଯିବା ପାଇଁ ଆମେ କହିଯାଇଥିଲୁ – ସକାଳୁ ବସ୍‌ରେ ବସିଲେ ଖରାବେଳକୁ ପହଞ୍ଚିଯିବେ । ସେଠି ରହିବା ପାଇଁ ଡାକ-ବଙ୍ଗଳାରେ ବନ୍ଦୋବସ୍ତ ହୋଇଛି—ଖାଇବା ପିଇବାର ଆୟୋଜନ ବି ଆମେ କରିଦେଇଛୁ ।"

ଆଗନ୍ତୁକମାନେ ଯେ ସୁନ୍ଦରପୁରର ଡ୍ରାମା ଦଳର ଲୋକ, ଏ କଥା ବୁଝିବାପାଇଁ ବାକି ରହିଲା ନାହିଁ ସୁମିତ୍ରାର ।

ଉଠିଯିବା ପାଇଁ ଇଚ୍ଛା ହେଉଥିଲେ ମଧ୍ୟ ସୁରେଶ କ'ଣ କହୁଛି, ସେ କଥା ଶୁଣିବା ପାଇଁ ଧୈର୍ଯ୍ୟ ଧରି ନିଜ ଇଚ୍ଛା ଦମନ କରି କାନ ଡେରି ବସିରହିଲା ସୁମିତ୍ରା ।

"ତା' ତ ସବୁ କରିଥିବେ···ଆଚ୍ଛା, ଆପଣମାନେ ଆଡ୍‌ଭାନ୍‌ସ ଦେଇଯାଇଥିଲେ ତ ?"

"ଅନ୍ୟ ସବୁ ଠିକ କରିସାରି ସୁମିତ୍ରା ଦେବୀଙ୍କୁ କହିଯାଇଥିଲୁ, ଆଡ୍‌ଭାନ୍‌ସ ପଠାଇଦେବାକୁ । ତା'ପରେ ଭାବିଲୁ, ଆମେ ନିଜେ ତ ଯିବୁ, ମିଛରେ ପୁଣି ଡାକରେ ପଠାଇବୁ କାହିଁକି ? ଡେରି ବି ହୋଇ-ଯାଇପାରେ—ଆଜି ସାଙ୍ଗରେ ନେଇଆସିଚୁ ।"

"ସେଦିନ ଠିକ୍ କରିସାରିଲା ପରେ, ଆଉ କ'ଣ କିଛି ଖବର ଦେଇ ନାହାନ୍ତି କି ?" ଖୁବ୍ ବିସ୍ମିତ ହେଲା ଭଳି ଆଉ କିଛି ଦୁର୍ଘଟଣା ଘଟିଗଲା ଭଳି କହୁଥାଏ ସୁରେଶ ।

"ନା···କିନ୍ତୁ ସବୁ ତ ଠିକ୍‌ଠାକ୍ ହୋଇ ଯାଇଥିଲା—ଆଉ କୌଣସି ଖବର···"

"ତା ଠିକ ଯେ, ତାଙ୍କୁ ସବୁ କ'ଣ ଦୋଷ ଆଉ ଦେଇହେବ ?··· ବୁଝୁ ନାହାନ୍ତି ? ଏମିତି ଅନେକ ଆସି କହିଦେଇ ଯାଉଛନ୍ତି···ତେଣେ ଯାଇଁ ତାଙ୍କର କ'ଣ ସୁବିଧା ଅସୁବିଧା ଯୋଗୁଁ ଡ୍ରାମାର ତାରିଖ ଘୁଞ୍ଚାଇ ଦେଉଛନ୍ତି—ଏଣେ କୌଣସି ଖବର ବି ଦେଉ ନାହାନ୍ତି । ଫଳରେ ଏମାନେ ସବୁ ତାଙ୍କ କହିଯାଇଥିବା କଥା ଉପରେ ନିର୍ଭର କରି ଅନ୍ୟ କଣ୍ଟ୍ରାକ୍ଟ ଲୁଜ୍ କରୁଛନ୍ତି···ସେଥିପାଇଁ ଏଣିକି ଆଡ୍‌ଭାନ୍‌ସ ନ ଦେଇ ଯାଇଥିଲେ ସେ ଧରଣର କଣ୍ଟ୍ରାକ୍ଟ ପ୍ରତି ଅଧିକ ଗୁରୁତ୍ୱ ଦେଉ ନାହାନ୍ତି—କ'ଣ ବୁଝିଲେ ନା···?" ବେଶ୍ ମାମଲତକାରି ଢଙ୍ଗରେ କଥାଟା କହିଲା

Digitized by srujanika@gmail.com

ସୁରେଶ । କଥାଟା ମିଛ ନୁହେଁ । ଏମିତି ସତରେ ବହୁବାର ଘଟିଛି । ସେଇଥିପାଇଁ ଅନେକ ସମୟରେ କଥା ପ୍ରତି ଗୁରୁତ୍ୱ ନ ଦେଇ ଟଙ୍କା ପାଇଁ ନଜର ଦେବାକୁ ପଡ଼େ ।

କିନ୍ତୁ ସୁରେଶ ଚମତ୍କାର ଭାବରେ ଯେଉଁ "ତାଙ୍କୁ କ'ଣ ଦୋଷ ଦେଇହେବ" ବୋଲି କଥା ପଦକ କହିଲା, ସେଥିରୁ ତା'ର ମନୋଭାବ ବୁଝି ସୁମିଲା ସ୍ୱଭାବତଃ ବିରକ୍ତ ହୋଇଉଠିଲା—ତଥାପି ଧୈର୍ଯ୍ୟ ଧରି ଅପେକ୍ଷା କଲା ସେ ।

ଆଗନ୍ତୁକ ଭଦ୍ରଲୋକଟି କୌଣସି ବାଦାନୁବାଦ ନ କରି ସେ ସଂକ୍ରାନ୍ତରେ କେବଳ 'ହଁ, ତା ନୁହେଁ କ'ଣ' ବୋଲି କହିଲେ । ତା'ପରେ ଅତି ବ୍ୟଗ୍ର ଆଉ ଅଧୀର ହୋଇ ପଚାରିଲେ—"ଏମିତି କ'ଣ କହୁଛନ୍ତି ଆଜ୍ଞା, ଆଉ କୁଆଡ଼େ ଯିବେ ବୋଲି କ'ଣ ଠିକ୍ ହୋଇଛି କି ?...ତା' ହେଲେ ତ ଆମର ଭେଲା ବୁଡ଼ିଲା ।"...

ବିଚାରି ସୁମିଲା ମନେ ମନେ ଭାବୁଥିଲା ।

ନା,,...ନା, ସେସବୁ ମୁଁ କିଛି ଜାଣେନା... ଏସବୁ କଥାରେ ଆପଣ ଯେମିତି ଅଜ୍ଞ, ମୁଁ ବି ସେମିତି...ତେବେ ସେମାନେ ଏଇ ଆଡ଼୍‌ଭାନ୍‌ସ ବିଷୟରେ କ'ଣ କଥାବାର୍ତ୍ତା ହେଉଥିଲେ ...ସମ୍ଭବତଃ ଅପେକ୍ଷା କରିଥିଲେ ଆପଣମାନଙ୍କୁ ।"

"ଏବେ କିନ୍ତୁ କ'ଣ ହବ ?"

"ତା' ତ ମୁଁ କହିପାରିବି ନାହିଁ—ତେବେ ସନ୍ଦେହରେ ପଡ଼ି ଆପଣମାନେ ନ ଆସିବାରୁ ସେମାନେ ଆଉ ଗୋଟାଏ କଣ୍ଟ୍ରାକ୍ଟ ଧରି ନେଇ ପାରିଥାନ୍ତି..."

"ମାନେ ?"—ସ୍ୱଭାବତଃ ତ୍ରସ୍ତ ହୋଇ କହିଲେ ଭଦ୍ରଲୋକ ।

"କାଲି ବା ପଅରଦିନ ସେମାନେ କୈଠିକି ଯିବେ—ଆଡ଼୍‌ଭାନ୍‌ସ ରଖିଚନ୍ତି କି କ'ଣ ?" ସମ୍ପୂର୍ଣ୍ଣ କାଳ୍ପନିକ କଥା କହିଯାଉଥାଏ ସୁରେଶ ।

"କୋଉଠିକି ? ଆମେ ତ ଆଜ୍ଞା, ସମସ୍ତ କଣ୍ଟ୍ରାକ୍ଟର ଟଙ୍କା ଆଡ଼୍‌ଭାନ୍‌ସ ଆଣି ଆସିଚୁ"...

"କୋଉଠିକି, ସେ କଥା ମୁଁ ଜାଣେନା...ଦେଖୁ ନାହାନ୍ତି ? ଆପଣମାନେ ଆଡ଼୍‌ଭାନ୍‌ସ ଦେଇଛନ୍ତି କି ନାହିଁ ସେକଥା ପରି ପଚାରୁଥିଲି

Digitized by srujanika@gmail.com

ମୁଁ ?···ମୁଁ ଖାଲି ଶୁଣୁଥିଲି, ସେମାନେ ପଅରଦିନ ଯିବେ···ଆପଣମାନେ କାଲି ଯିବା କଥା କହିବାରୁ ସନ୍ଦେହ ହେଲା···ସେଇଥିପାଇଁ ପଚାରୁଥିଲି ନା······"

"ଦେଖନ୍ତୁ, ଆପଣଙ୍କୁ ବନ୍ଧୁ ଭାବରେ ଆମେ ଅନୁରୋଧ କରୁଛୁ— ଟିକେ ସୁମୀଳି ଦେବୀଙ୍କୁ ବୁଝାନ୍ତୁ···ନ ହେଲେ ଆମର ଇଜ୍ଜତ ରହିବ ନାହିଁ— ମାଡ଼ ଖାଇଯିବୁ ଆମେ—ତାଙ୍କ କଥା ଉପରେ ଭରସା ରଖି ଆମେ ଟିକେଟ୍ ଛପାଇ ସାରିଲୁଣି—ତାଙ୍କ ନାଁ ଦେଇ ଲିଫ୍‌ଲେଟ୍ ଦେଇ ସାରିଲୁଣି···"

—"ମୋ ଅବସ୍ଥାଟା ଆପଣମାନେ ବୁଝନ୍ତୁ···ମୁଁ କ'ଣ ସେମାନଙ୍କୁ ବାଧ୍ୟ କରିପାରିବ···?"

"ତା' ନ ହେଲେ ମଧ୍ୟ, ଆପଣଙ୍କ କଥାର ଓଜନ ଆମମାନଙ୍କ ଅପେକ୍ଷା ତ ଅଧିକ ହେବ—ଆପଣଙ୍କ କଥା ଭାଙ୍ଗିବେ ନାହିଁ ! ଏ ବିପଦରୁ ରକ୍ଷା କରନ୍ତୁ ଆଜ୍ଞା !"

ସୁରେଶ କହିଲେ ବରଂ ତା' କଥା ଆଦୌ ରହେ ନାହିଁ— ସେଇ କଥା ଭାବୁଥିଲି ସୁମୀଳି, ଆଉ ଭାବୁଥିଲି ଏ ଭଦ୍ରଲୋକଗୁଡ଼ିକ ବିଚରା ଅଯଥା କି କଷ୍ଟରେ ପଡ଼ି ସେ ବାଜେ ପିଲାଟାକୁ ନିରର୍ଥକ ଅନୁରୋଧ କରି ଲାଗିଛନ୍ତି—ସୁରେଶ ପୁଣି କହି କହି ଆଣି କି ଚରମ ଅବସ୍ଥାରେ ପହଞ୍ଚାଇଲଣି !

"ହେଁ···ହେଁ···ଓହେଁ···ମୋ କଥା ସେ ଭାଙ୍ଗେ ନାହିଁ କେବେ— ହେଲେ ଭାରି ଚିଡ଼େ···ମୁଁ ତା'ର ଅତି ଆଦରର ସାନଭାଇଟା ନା ?"

ସମସ୍ତେ ହସିଲେ । ସୁମୀଳାର ଇଚ୍ଛା ହେଉଥିଲା, ସୁରେଶକୁ ଆଗରେ ପାଇଲେ ଧୋକ୍ଷାର ଆଣି ଠାଏକନା ଗୋଟାଏ ଚଟକଣା ବସାନ୍ତା—ବଜାରୀ କୋଉଠିକାର । ଦଲାଲି ଦେଖାଉଛି—

ପୁଣି ମନେପଡ଼ୁଥିଲା, ଏ ଭଦ୍ରଲୋକ ଯେଉଁ ଟେକଟାକ କହୁଛନ୍ତି, କାମ ପଡ଼ିଲାବେଳେ ଏମିତି ସମସ୍ତେ କହନ୍ତି—ହେଲେ କାମ ସରିଗଲେ ଜିନିଷ ଟିକେ ବସରେ ଉଠାଇଦେବାକୁ କି ବଳାଇଦେବାକୁ ବି କେହି ଜଣେହେଲେ ଆସନ୍ତି ନାହିଁ । ଯେଉଁମାନେ ବି ଆସନ୍ତି ଆଉ ଯିବାଯାକେ ଏପଟ ସେପଟ ଘୁର୍‌ଘୁର୍ କରୁଥାନ୍ତି, ସେଥିଭିତରୁ ବଡ଼ବଡ଼ିଆ ଗୋଷ୍ଠୀର

Digitized by srujanika@gmail.com

କେହି ନ ଥାନ୍ତି—ଡ୍ରାମା ଚାଲିଥିଲା ବେଳେ ଚା’ ନବା ଆଣିବା କଲାବାଲା ବା ପିନ୍‌ଟଣାଳୀ ଅବା ସେହି ଦଳର କେହି ପାଖରେ ଥାଆନ୍ତି—

ସେତେବେଳେ କେହି ଆସିଲେ ଲୋକେ କାଳେ କହିବେ ଦୁଷ୍ଟଗିରି ! ପାର୍ଟ କଲା ଝିଅଙ୍କ ପଛରେ ଗୋଡ଼େଇଛି···ଏମିତି କେତେ କଥା !

ନାଟକ ହେବା ଆଗରୁ, ମଝିରେ ବହୁ ଲୋକ ଆସନ୍ତି—ଅଯଥା ଗୋଟାଏ ଢଇଟା ବୋଲହାକ କରିଦଅନ୍ତି···ଖୋସାମତ କରି ତାଙ୍କ ଡ୍ରାମାରେ ଭଲ ପାର୍ଟ କରିବେ ବୋଲି ନୁହେଁ—ଅଭିନୟ କରିବାକୁ ଆସିଥିବା ଝିଅମାନେ କୁଆଡ଼େ ଭାରି ସହଜରେ ମିଳନ୍ତି ! ଟଙ୍କାଏ ମଣାଏ ଦେଇ ତାଙ୍କୁ ସହଜରେ ଶଯ୍ୟାସଙ୍ଗିନୀ କରିହେବ, ଅନ୍ତତଃ ରାତିକ ପାଇଁ··· ମଉଜ ମଜଲିସ୍ କରିହେବ—

ଏଇ ଧାରଣା ନେଇ ପୋକ ପରି ଲାଗନ୍ତି ପଛରେ ପଛରେ—ଆପଣଙ୍କ ଚେହେରା, ଅଭିନୟ, ଗ୍ଲାଉଜକଟିଂ, ଚାଲି, ସବୁ ସୁନ୍ଦର ବୋଲି କହୁଥାଆନ୍ତି—ସୌଖୀନ ନାଟକ କଲାବେଳେ ଟିକେ ଯଦି ଫୁର୍ତ୍ତି ଫାଜିଲାମି ନ କରିବ ଆଉ କରିବ ବା କଅଣ ?

ମଦ ଯେମିତି ବଜାରରୁ କିଣି ପିଆଯାଇପାରେ, ଠିକ୍ ସେମିତି ଅତି ମାମୁଲି ଭାବରେ ଏ ଝିଅଗୁଡ଼ାଙ୍କୁ ଗୋଟାଏ ରାତିର ସାଥୀ କରା ଯାଇପାରେ ।

ଦଲାଲ୍ ସୁରେଶ ଉପରେ ଚଢ଼ିବା ସାଙ୍ଗେ ସାଙ୍ଗେ ସୁମିଲାର ମନ ଆଗନ୍ତୁକ ଭଦ୍ରଲୋକଗୁଡ଼ାକ ଉପରେ ମଧ୍ୟ ବିରକ୍ତ ହୋଇ-ଉଠିଲା । ସୁମିଲାକୁ ନ ଡାକି ସୁରେଶ ସାଥିରେ ଗପ ଜମାଇ ତାକୁ ଖୋସାମତ କରି କ’ଣ ପାଉଛନ୍ତି ସେମାନେ କେଜାଣି ? କ’ଣ ବା ସେମାନେ ଆଶା କରୁଛନ୍ତି ତା’ ପାଖରୁ କେଜାଣି ?

ସୁରେଶ ବି ଏତେ ବାଜେ କଥାସବୁ ଏମିତି କହିପାଉଚି କାହିଁକି ? ପଇସା ଦରକାର ଥିଲାବେଳେ ସେ ଏମିତି ସବୁ କହି ଟଙ୍କା ଆଦାୟ କରେ, ଆଉ ଘରେ କୁହେ, ତମେସବୁ ସେଠିକି ନ ଗଲେ ମୋ ମୁହଁ ରହିବ ନାହିଁ—ମୁଁ ପରା ଜବାବ୍ ଦେଇଦେଇଛି—ମୋର ଅନେକ ବ୍ୟକ୍ତିଗତ ବନ୍ଧୁ ସେଥିରେ ଅଛନ୍ତି···ଯଦି ତଥାପି ଏମାନେ ଅବଜ୍ଞା ହୁଅନ୍ତି, ସୁମିଲାର ଗୋଡ଼ ଧରି ପକାଇ ପଡ଼ଯାଏ, ଖୋସାମତ କରେ ।

Digitized by srujanika@gmail.com

ଅନେକ ଥର ସୁମିଲା ତାକୁ ଏଥିପାଇଁ ଗାଳିଗୁଲଜ କରିଛି, ବାରଣ କରିଛି । ରାହାବାଳୀ ଅମିଲା ବହୁବାର ତାକୁ ମୁହେଁ ମୁହେଁ ଜଘନ୍ୟ ଭାବରେ ଅପମାନ ଦେଇଛି । ଦଲାଲ୍ ବୋଲି ବେଙ୍ଗିଚ କରିଛି··· ତଥାପି ତା'ର ଏ ରୋଗ ଯାଇ ନାହିଁ ।

ବେଳେ ବେଳେ ଭଉଣୀମାନଙ୍କ ନାଁରେ ଅଯଥା କୁତ୍ସା ପ୍ରଚାର କରିବା ପାଇଁ ବି ସୁରେଶ ପଛାଏ ନାହିଁ । ଆଉ ଦଶ ଜଣ ଦେହଲୋଭୀ ଯୁବକ ଯାହା, ସୁରେଶ ବି ତାଙ୍କ ପାଖରେ ସେଇଆ । ଖାଲି ମା' ପେଟରୁ ଜନ୍ମ ହେବାର ସମ୍ପର୍କଟାକୁ ଏଡ଼ାଇ ଦେଇପାରେ ନାହିଁ ଯାହା— ଲୁହାର କବାଟ ଭଳି ସେତିକ ତାକୁ ଧକ୍କା ଦିଏ, ବାଧା ଦିଏ—

ଏଇ ତା'ର ଭାଇ ! ସହୋଦର !

ଛିଃ···ଜଘନ୍ୟ—କଦର୍ଯ୍ୟ ! ଘୃଣାରେ, ଲଜ୍ଜାରେ ସୁମିଲାର ମନଟା ବିଷେଇଗଲା ସେଇ ମୁହୂର୍ତ୍ତରେ । ଟଙ୍କା ଓଟାରିନେବା ପାଇଁ ବାପା କଅଁଳ ମାଂସଲୋଭୀ ଛଞ୍ଚାଣ ଭଳି ବ୍ୟବହାର କରନ୍ତି । ସେ ସିଧାସିଧା ପଚାରନ୍ତି, ଏ ସପ୍ତାହରେ ବା ଏ କଣ୍ଟ୍ରାକ୍ଟରେ ରୋଜଗାର କେତେ ? ବେଳେବେଳେ ଆଗତୁରା ଟଙ୍କାଟା ପକେଟରେ ପକାଇନେଇ ଅଭିଭାବକ ଭଳି କଥା କହନ୍ତି । ଘରେ ପହଞ୍ଚିଲେ ଦେହ କେମିତି ଅଛି, ଭଲରେ ଫେରିଲ ତ ନ ପଚାରି ପଚାରନ୍ତି, କେତେ ରୋଜଗାର ହେଲା ବୋଲି ।

ଆଉ ଭାଇ ? ବେଶ୍ୟାର ଦଲାଲ୍ ଭଳି ଭଉଣୀଙ୍କର ଭାଉ ବଢ଼ାଇ, ତାଙ୍କୁ ବିକି, ତାଙ୍କର ଦେହ-ଯୌବନ, ମୁହଁର ହସ ବଜାରରେ ପଣ୍ୟକରି ନିଜର ଦରୁଆନ୍ ହେବାର ପାରିଶ୍ରମିକ, ମଜୁରି ଆଦାୟ କରିନିଏ— ଏମାନଙ୍କଠାରୁ ନିଅନ୍ତା, ଗରାକଙ୍କଠାରୁ ନେଉଛି—ତଫାତ୍ ଏତିକି !

ଜଣେ ଅର୍ଥଲୋଭୀ ପଣ୍ଡା—! ଆଉ ଜଣେ ଦଲାଲ୍—! ଛିଃ···

ଶେଷ ଦ୍ୱିପ୍ରହରର କାଳୁହା ହୋଇ ଆସୁଥିବା ପବନ ହଠାତ୍ ବିଷାକ୍ତ ହୋଇଗଲା କେମିତି···ସୁମିଲାର ମନର ଉଷ୍ଣତା ତାକୁ ଉତ୍ତପ୍ତ କରିଦେଲା ସତେ କି !

ଅମିଲାର ଡାକରେ ଚମକି ପଡ଼ିଲା ସୁମିଲା । ସେ ଲୋକମାନେ ଫେରିଗଲେଣି କି କ'ଣ ? ଅମିଲା କେତେବେଳେ ବାହାରକୁ ଉଠିଯାଇ-ଥିଲା—ଫେରୁଛି ବାହାରଆଡୁ । ବାପା ବି ଦାଣ୍ଡପଟୁ ଆସୁଛନ୍ତି ।

Digitized by srujanika@gmail.com

ଇସ୍, ଅଯଥା ଏ ଝଡ଼ଝଞ୍ଜାର ଝିଙ୍ଗାସନିଆ, ପୁଣି ଯାହାର ପ୍ରତିକାର ଖୁଣ୍ଟିଁଲେ ବି କରିହେବ ନାହିଁ, ସେମିତି ବାଜେ କଥାଗୁଡ଼ାଏ ଭାବିଭାବି ସୁରେଶର ଶେଷ କଥାବାର୍ତ୍ତା ଶୁଣିପାରିଲା ନାହିଁ ସେ । ବାପା ସେମାନଙ୍କ ସହିତ କଥାବାର୍ତ୍ତା କରି ଟଙ୍କା ଆଣିଥାଉଥାଆନ୍ତି—କମ୍ପା ସୁରେଶ ମନକୁମନ ସେମାନଙ୍କୁ ପ୍ରତିଶ୍ରୁତି ଦେଇପାରିଥାଏ--କାରଣ ସେ ଶୁଣିଛି, ଏମାନେ କାଲି ସକାଳୁ ସୁନ୍ଦରପୁର ଯିବେ ବୋଲି ସବୁ ଠିକ୍‌ଠିକ କରିସାରିଛନ୍ତି ।

ଦର୍ପଣଟାଏ ଆଗରେ ଥୋଇ, କ'ଣ ଗୋଟାଏ ନୂଆ କଣା ବାସନାତେଲ ମୁଣ୍ଡରେ ମାରି ଅମଳା ମୁଣ୍ଡ କୁଣ୍ଡାଇବାକୁ ବସିଯାଇଛି । ଶାଢ଼ୀର ଗୋଟାଏ କାନ୍ଥ ଓଠରେ ଚାପି ଧରିଛି ସେ । ବାଳ ଅଗରେ ଫିତାଟାଏ ବାନ୍ଧୁ ବାନ୍ଧୁ ସେ କହିଲା, "ହେ ଅପା, ସେଠି ଗୋଟାଏ ସେମିତି ଖୁଣ୍ଟଟାଏ ଭଳି ବସିଚୁ କାହିଁକି କଲେ ମିଛଟାରେ ? ବୁଣାବୁଣି ତ କରୁଛୁ କରୁନୁ !"

ନିଜ ଭାବନାର ଖିଅ ଛିଡ଼ାଇ ସୁମନା ଚାହିଁଲା ତା'ଆଡ଼େ । ମୁହଁରେ ତା'ର ସେଇ ଫାଜିଲମିର ହସ । ସଜ ହେଉଛି ସେ ବୋଧେ ରସିକମୋହନ ଆସିବ ବୋଲି ଆଜ ସନ୍ଧ୍ୟାବେଳେ । ସନ୍ଧ୍ୟାବେଳକୁ ଢଷିମାଜ ହୋଇ ଟିକେ ସଫାସୁତୁରା ହୋଇଯିବା ସମସ୍ତଙ୍କର ଅଭ୍ୟାସ ।

ବେଣୀ ପକାଉ ପକାଉ ଅମଳା ଶୁଣି ପଚାରିଲା, "କଲେ, ମୁଣ୍ଡ ବାନ୍ଧିବୁ ନାହିଁ କି ? ରେଡ଼ିଓ ଷ୍ଟେସନ ନା କୁଆଡ଼େ ଯିବୁ ପରା ତୁ ? ବୁଲାଇବାକୁ କହିଚୁ ଆସିବ ବୋଲି ?"

"ହଁ, ତୁ ସାର ଆଗ ।"

କ୍ଳାନ୍ତ, ଶ୍ରାନ୍ତ ହେଲା ଭଳି ସୁମନା ତା' ବସିଲା ଜାଗାରୁ ଧୀରେ ଧୀରେ ଉଠିଲା । ସିଲେଇ ଜନିଷପତ୍ରସବୁ ଥୋଇଦେଲା ଥାକଉପରେ ।

ବୋଉ ଉଠିଗଲାଣି ବାହାରକୁ । ଆକାଶଟାର ଗୋଟାଏ ଅଂଶରେ ଛେନା ଛିଡ଼ଯାଇଛି—ଆଉ ଗୋଟାଏ ପାଖ ନାଲି-ସୁନେଲି ମିଶା ରଙ୍ଗରେ ଗୋଳହୋଇ ଜକ୍‌ଜକ୍ ଦିଶୁଛି ।

ବେଳ ଗଡ଼ିଗଲାଣି ।

Digitized by srujanika@gmail.com

ପିଲାଏ ସ୍କୁଲରୁ ଫେରିଲେଣି । ତାଙ୍କୁସବୁ ବୋଉ ପଖାଳ ବାଢ଼ି ଦେଇଚି କି କଅଣ ରୋଷେଇ ଘରେ । ପାଟି କରୁଛନ୍ତି ସେମାନେ ।

ବାହାରକୁ ଉଠିଆସି ମୁହଁରେ ସାବୁନ୍ ମାରି ଧୋଇ ଧାଇ ହୋଇ, କାନରେ ମୁହଁ ପୋଛୁ ଘର ଭିତରକୁ ପୁଣି ପଶିଗଲା ସୁମିଲ । ଅମିଲର ମୁଣ୍ଡବନ୍ଧା ସରିଯିବା ଉପରେ । ଘରଟା ଭିତରେ ଅକାରଣରେ ଥରେ ଦୁଇ ଥର ଘୂରିବୁଲି ଖଟତଳୁ ସୁଟ୍‌କେଶଟାଏ ଘୋଷାରିଆଣି ଗୋଟାଏ ଶାଢ଼ୀ ଆଉ 'ବ୍ଲାଉଜ୍‌ଟାଏ କାଢ଼ିଲା ସେ । ତାକୁ ଖଟଉପରେ ଥୋଇ ସୁଟ୍‌କେଶଟାକୁ ପୁଣି ପେଲିଦେଲା ଖଟ ତଳକୁ ।

ଅଇନାରେ ସୁମିଲକୁ ଚାହିଁ ଅମିଲ ପଚାରିଲା, "ତୋ ଲୁଗାପଟା କ'ଣ ସଜାଡ଼ିଲୁଣି କିଲେ ଅପା ? ମୋ'ଟା ବି ତୁ ସଜାଡ଼ିଦେବୁ କାଲିକା ପାଇଁ ।"

"କାଲି ଯିବା ନାହିଁ ବୋଲି ଭାବୁଛି ।"

କାହିଁକି କେଜାଣି ବେଶ୍ ଗମ୍ଭୀର ଭାବରେ କହିଲା ସୁମିଲ । ସୁରେଶ ସହିତ କଥାବାର୍ତ୍ତା ହେଲା ପରେ କ'ଣ କ'ଣ ଘଟିଛି, ସେକଥା ଜାଣିବା ପାଇଁ ହୁଏତ ସେ କହିଲା । କଥାରେ ତା'ର କିନ୍ତୁ ସେ ଖାମଖିଆଲି ଭାବ ଆଦୌ ନ ଥିଲା । ଭାରି ଗମ୍ଭୀର ହୋଇ ଦୃଢ଼ଭାବରେ ସେ କଥାଟା କହିଥିଲା । ଚମକି ପଡ଼ିଲା ଭଳି ବୁଲିପଡ଼ିଲା ଅମିଲ ତା'ର କଥାର ଢଙ୍ଗରେ । ତାକୁ ଚାହିଁ କହିଲା—"କିଲେ, ସବୁ ଆୟୋଜନ ସାରି, ବୁଲାଭାଇଟାକୁ କହି, ଶେଷକୁ ଯିବା ନାହିଁ କ'ଣ ?"

"ଆୟୋଜନ ଆଉ କ'ଣ ? ବୁଲାଭାଇକି ତ କହିଦେଲେ ହେଲା । ତା' ଛଡ଼ା ସେମାନେ ତ କାହିଁ ଆସିଲେ ନାହିଁ !"

ଆରପଟ ଘରେ ବସି ମଦନବାବୁ ବୋଧେ ଶୁଣୁଥିଲେ ଏମାନଙ୍କ କଥା । ସେଇଠି ଥାଇ କହିଲେ, "ହଁ, ହଁ, ସେମାନେ ଏଇନେ ଆସିଥିଲେ । ବାଟଖର୍ଚ୍ଚ ଆଉ ଦଶ ଟଙ୍କା ଆଡ୍‌ଭାନ୍‌ସ ଦେଇଯାଇଛନ୍ତି—"

ଉଃ, ସତେ କି ଆମେ ବାଘ ଆଉ ଇଏ ଆମ ରିଙ୍ଗ୍ ମାଷ୍ଟର—ଯୋଉଠି ନଚେଇବାକୁ କହିବେ ନାଚିବୁ ? ଏଇଆ କହିବାକୁ ଇଚ୍ଛା ହେଉଥିଲା ସୁମିଲାର । ନିଜକୁ ଯଥାସମ୍ଭବ ସଂଯତ କରିନେଇ କିଛି କହିଲା ନାହିଁ ସେ ।

Digitized by srujanika@gmail.com

କିନ୍ତୁ ନିଜ ଅଜାଣତରେ ଅବଚେତନ ମନ ତା'ର ବିଦ୍ରୋହ କରି-ଉଠିଲା ଏ ଘଟଣାରେ । ତାଙ୍କୁ ନ ଜଣାଇ, ଟଙ୍କା ରଖି, ଆଉ ଜଣେ ଲୋକ ହାତରେ ପଠାଇ ଦେବାକୁ ତିଆରି ହେବା, ଏସବୁ କଥା ବିଷ ଭଳି ଲାଗିଲା ତାକୁ ।

ନିଜ ବାପାଙ୍କର ସ୍ୱର ତାକୁ ଲାଗିଲା ଗୋଟାଏ ଇତର, ସ୍ୱେଚ୍ଛା-ଲୋକ କ ଗୋଟାଏ ଭୟଙ୍କର ଚକ୍ରାନ୍ତକାରୀ ଖୁନୀ ଲୋକର କଣ୍ଠସ୍ୱର ଭଳି । ନିଜ ଅଜାଣତରେ ତା' ଭିତରୁ କିଏ ଜଣେ ଜବାବ ଦେଲା, "ଟଙ୍କା ଦେଲେ କ'ଣ ହେଲା ? ମୋ ଦେହ ଭାରି ଖରାପ ଲାଗିଲାଣି – ମୁଁ ଯିବି ନାହିଁ ।"

"କାଲି ଭଲ ହୋଇଯିବ ନାହିଁ ?"

"ରାତିକ ପାଇଁ କ'ଣ ଦେହ ଖରାପ ହୋଇଛି ନା କ'ଣ ଯେ, ସକାଳ ହେଲା ମାତ୍ରେ ଭଲ ହୋଇଯିବ ? ଭଲ ଲାଗିଲେ ତ ନିଶ୍ଚେ ଯିବ ।"

ବାପାଙ୍କର ସ୍ୱରକୁ ଅନୁସରଣ କରି ଓ ସୁମିଲାକୁ ଗୁହାଁ ଗୁହାଁ, ମୁଣ୍ଡ ବାନ୍ଧିସାରି ଅମିଲା ଅଇନା, ପାନିଆ ଅପା ଆଗରେ ରଖୁ ରଖୁ ଭାବୁଥିଲା, ତା' ଶୋଇବା ଭିତରେ କିଛି ଗୋଟାଏ ଘଟଣା ଘଟିଛି ନିଶ୍ଚୟ । ଅପା ମନା କରୁଛି, ବାପା ରଖିଛନ୍ତି ଟଙ୍କା—ଏସବୁ ତାକୁ କେମିତି ଖାପଛଡ଼ା ଲାଗିଲା । ସାଧାରଣତଃ ଏମିତି ସବୁ ଘଟଣାରେ ବିରୋଧଟା ଆରମ୍ଭ ହୁଏ ତା'ରି ଆଡ଼ୁ । ସୁମିଲା ବେଳେବେଳେ ତା'ର ନୀରବ ସମର୍ଥକ ହୁଏ—ପୁଣି କେତେବେଳେ ତାକୁ ବୁଝାଏ ଜିଦ୍ ନ ଧରିବାକୁ । କିନ୍ତୁ ଅପାର ପୁଣି କ'ଣ ହେଲା ଆଜି ?

ଅମିଲାର ଆଗ୍ରହ ବଢ଼ିଗଲା ଧୀରେ ଧୀରେ ଘଟଣାଟା ଜାଣିବା ପାଇଁ । ସେ ସ୍ପଷ୍ଟ ଭାବରେ ଜାଣିପାରୁଥିଲା ଯେ ଅପା ସତରେ ତା'ର ଦେହ ଖରାପ ବୋଲି ଯିବାକୁ ମନା କରୁ ନାହିଁ । କହୁଛି ଏମିତି କିଛି ଗୋଟାଏ ମାନସିକ କାରଣରୁ । ଧୀର ଗଳାରେ ସେ ପଚାରିଲା, ସୁମିଲାକୁ—

"କ'ଣ ହେଲା କିଲୋ ଅପା !"

"କିଛି ନାହିଁ – ମୁଁ କିନ୍ତୁ ଯିବ ନାହିଁ ।"

Digitized by srujanika@gmail.com

"ତୁ ତ ଚେଇଁଥିଲୁ, ସେମାନେ ଆସିବା କଥା, ଟଙ୍କା ଦେବା କଥା ଜାଣିପାରିଲୁ ନାହିଁ କେମିତି ? ଆଗରୁ କ'ଣ ଦେଇଥିଲେ ?"

ଅମଲା ମନେମନେ ଠିକ କରି ନେଇଥିଲା, ଏଇ ସଂକ୍ରାନ୍ତରେ ଗଣ୍ଡଗୋଳଟା ଘଟିଛି ବୋଲି ।

ଦୁଇ ଅଭିନେତ୍ରୀ ଝିଅଙ୍କର କଥୋପକଥନ ଶୁଣିବାକୁ ଅତି ନିର୍ଲଜ୍ଜ ଭାବରେ କାନ ଡେରିଥିଲେ ବି ମଝିରେ ମଝିରେ ଗୋଟାଏ ଗୋଟାଏ ଶବ୍ଦ ଛଡ଼ା ତାଙ୍କୁ ଆଉ କିଛି ଶୁଭୁ ନ ଥିଲା । ନିଜ ବଖରାର ଝରକା ପାଖକୁ ସେ ଆହୁରି ଆହୁରି ଘୁଞ୍ଚିଆସି ବସୁଥିଲେ—ଏମିତି ଲାଗି କରି ବସିଲେ କାଳେ କିଛି ଶୁଭିଯିବ ! ଭାବୁଥିଲେ ବାହାରକୁ ଉଠିଆସି ଶୁଣିବେ ।

ସେମାନେ ଆସି ନାହାନ୍ତି ବୋଲି ପ୍ରଥମରୁ କହିଥିଲେ ବି ଚିଡ଼ିଯାଇ ଏଥର ସବୁ କହିଦେଲା ସୁମିଲା ।

"ସେମାନେ ଆସିଥିଲେ—ସୁରେଶ ପାଇଁ ସେମାନଙ୍କ ସଙ୍ଗେ ଦଲାଲି କରୁଥିଲା କିଛି ପଇସା ଝଡ଼େଇବ ବୋଲି । ବାପା ମଝିରେ କେତେବେଳେ ଉଠିଯାଇ ପକ୍ଷ ଭଲ ପଇସା ନେଇ ଆସିଛନ୍ତି । ଆମକୁ ନ ଜଣେଇ, ନ କହି ଟଙ୍କା ପକେଟରେ ରଖିବେ ସେ କାହିଁକି ? କ'ଣ ଆମ ଭଡ଼ା ରଖିବାକୁ ମ୍ୟାନେଜର ସେ ?"

ବଡ଼ବଡ଼ ଆକ୍‌ଟ୍ରେସଙ୍କର ସବୁ ସେକ୍ରେଟାରୀ ଥାଆନ୍ତି ବୋଲି ଶୁଣିଥିଲା ସେ । ସେଥିପାଇଁ ବେଶ୍ୟା ଦଲାଲ୍‌ କି କିରାଣୀ ବୋଲି ନ କହି ମ୍ୟାନେଜର ଶବ୍ଦ ବ୍ୟବହାର କଲା ସେ ସମ୍ମାନ ରକ୍ଷା କରି ।

କଥାର ଶେଷ ଅଂଶ ମଦନବାବୁ ଶୁଣିଛନ୍ତି । ଅନ୍ତତଃ ଶେଷ ଅଂଶଟା । ସାପ ପଦ୍ମତୋଳା ଶୁଣି ଗାତରୁ ବାହାରିଲା ପରି ଘରୁ ବାହାରିଆସି ସେ କହିଲେ, " ତମେସବୁ ଆଗରୁ ପ୍ରସ୍ତୁତ ହୋଇଚ ବୋଲି ଶୁଣିଥିଲି— ଏଇ ତ ସେମାନେ ଏଇନେ ଗଲେ । ମୁଁ ତାଙ୍କୁ ସବୁ ବିଦାକରି ଏଠି ବସିଛି ଆସି । କହିଲି ନାହିଁ କ'ଣ ? ତମର ଇଚ୍ଛା ନ ଥିଲେ ମୁଁ କ'ଣ ବାଧ କରିବି ? ଇଏ ପରା କଳାର କଥା···ବାଧବାଧକତାରେ କ'ଣ ଏସବୁ ହୁଏ ?"

ନା, ସେ ରାଗିଲେ ନାହିଁ । କାରଣ ଏ ଅବସ୍ଥାରେ ରାଗିଲେ ଚଳିବ ନାହିଁ । ଦରକାର ପଡ଼ିଲେ ଗାଳି ଶୁଣିଲେ ବି, ଅପମାନ ପାଇ ସୁଦ୍ଧା ମଦନବାବୁ ଏମିତି ନଇଁମିଯାଇ, କଅଁଳିଆ କଥା କହି, ଶୁଣାଶୁଣି କରି

Digitized by srujanika@gmail.com

ଶିଖିଥିବା କଳାର ମର୍ଯ୍ୟାଦା, କଳାର ବୈଶିଷ୍ଟ୍ୟ ସମ୍ପର୍କରେ ଭଡ଼ାଏ ଉପଦେଶ ବଖାଣନ୍ତି ।

ତାଙ୍କର ଏଇ ଉଲେଇଦେବା ଆଉ ଉପଦେଶ ଦେବା ଶୁଣିଲେ ସୁମିଲର ହାଡ଼ ଜଳଯାଏ । ବାଧ୍ୟ କରି ଭଡ଼ା ଆଦାୟ କରି, ପେଟ କଥା କହି, ଠେଲି ପେଲି ପଠାଇବା ବରଂ ବରଦାସ୍ତ କରିହେବ, କିନ୍ତୁ ଶୁଆ ଭଳି କଳା ବିଷୟରେ ଶିଖିଥିବା ବୋଲି ଆଉଡ଼େଇଲେ ବଡ଼ ଅସହ୍ୟ ହୋଇଉଠେ । ବାପା ବୋଲି ସମ୍ମାନ ଦେବା ତ ଦୂରର କଥା, ବରଂ ମୁହଁ ଦେଖିବାକୁ ଇଚ୍ଛା ହୁଏନା । ସ୍ୱଭିମତ ଟାଉଟଣ୍ଟ—

ସୁମିଲ ମୁହଁ ଫିଟାଇ କିଛି କହିବା ଆଗରୁ ଅମିଲ ଉତ୍ତର ଦେଲା—

"ହଁଃ, ଆଗରୁ ଶୁଣିଥିଲ କାହାଠୁଁ ? ଆମକୁ ଡାକିଦେଲ ନାହିଁ ? ଆମର ତାଙ୍କଠୁଁ ଆଉ ସବୁ କଥା ଜାଣିବାର ଥିଲା—କୋଉଠି ରହିବୁ ?—ଆଉ ଭାଇ କ'ଣ ଦଲାଲି କରୁଥିଲ ପରା ? ବେଶ୍ହିଆ—"

ଆହ୍ଲତ ମୋଲାୟମ ଗଳାରେ ନିଆଁରେ ପାଣି ପକାଇବା ପାଇଁ ମଦନବାବୁ କହିଲେ, "ତମର ସବୁ ସୁବିଧା, ଅସୁବିଧା କଥା ମୁଁ ବୁଝିଛି—ମୁଁ ତମ ବାପ ନା ପର ? ଏତିକ ବୁଦ୍ଧି କ'ଣ ମୋର ନାହିଁ ? କୋଉଠି ରହିବ, କ'ଣ ଖାଇବ ? ତା ଛଡ଼ା ବୁଲି ପରା ତମ ସାଙ୍ଗେ ଯାଉଚି ? ତମର ଅସୁବିଧା ହେଲେ ସିଏ ତାଙ୍କୁ ସବୁ ଆଉ ରଖିବ ?"

ବିଦ୍ରୋହ ଘୋଷଣା କରି ନ ପିବାକୁ ସ୍ଲୋଗାନ୍ ଦେଇ ସାରିଥିଲେ ମଧ୍ୟ ବୁଲିଭାଇ ପିବ ଗୁଡ଼ିବା ପାଇଁ—ତା ସହିତ ଏକନିଷ୍ଠ ଯାତ୍ରାଟା ହେବ···ଏଇ ମଧୁର ମୋହଟା ସୁମିଲକୁ ଅଭିଭୂତ କଲା । ଲୋଭନୀୟ ଏ ଆକର୍ଷଣ ପାଇଁ ଏ ସାଧାରଣ ଅପମାନ ଟିକକ ଭୁଲି କରିଦେବା ପାଇଁ ମନଟା ହାଇଁପାଇଁ ହୋଇଉଠିଲା ତାର ।

ଗୋଟାଏ କିଛି ସମାଧାନ କରି ପିବା କଥାଟା ପୁଣି ଥରେ ନିଶ୍ଚିତ କରାଇବାକୁ ଭାବିବସିଲା—

"ହଁଃ, ଭାରି ନଜର···ହିଁଅ, ଭଉଣୀ ନାଁରେ ସିଏ ପଇସା ରୋଜଗାର କରନ୍ତୁ, ତାଙ୍କୁ ନଜର କହିବାକୁ ସତରେ ଭାରି ବାଧେ—"

Digitized by srujanika@gmail.com

ମୁହଁଟା ଛୁଆଁଡ଼ କହିଲା ଅମାଳ । ଥରେ ଚଢ଼ିଗଲେ ତା' ପାଟିରେ ବାଡ଼ବତା ରହେନା—ମୁହଁକୁ ଅନେଇ ସେ କଥା କହେ ନାହିଁ ସେତେବେଳେ ।

କ୍ଷୁବ୍ଧ ଏବଂ ବିରକ୍ତ ହେଲେ ମଧ୍ୟ ମଦନବାବୁ ନୀରବ ରହିଲେ—ଉପରକୁ ତାଙ୍କର ବିରକ୍ତିର ଲେଶମାତ୍ର ପ୍ରକାଶ କରାଇ ଦେଲେ ନାହିଁ ।

"ଆମେ ଯିବୁନି ଯା"—ଅମାଳ କହିଲା ।

"ଆଉ ଏଠି ଣ,କ ଖାଇବ ବସି ?"—ମଦନବାବୁ ଚଢ଼ାଗଳାରେ କହିଲେ ଏଥର ଆଉ ସହି ନ ପାରି ।

"କାହିଁକି ? ଜନ୍ମ କରିବାକୁ କ'ଣ ଖୁସି ଲାଗୁଥିଲା ସେତେବେଳେ, ଖାଇବାକୁ ଦେଇ ନ ପାରିବ ଯଦି ? ନା, ଆଗରୁ ଠିକ୍ କରିଥିଲ ମ, ଝିଅ ହେଲେ ତାଙ୍କୁଇ ବିକାଭିଙ୍ଗି ଚଳିବ ?"...

ଅତି ଅଶ୍ଳୀଳ ଭାବରେ ଅମାଳ କହିଲା । ଅନ୍ୟ ସମୟରେ ହୁଏତ ଏକଥା ପାଟିରେ ପଶନ୍ତା ନାହିଁ । ସେ କିନ୍ତୁ ରାଗରେ ଥରୁଥିଲା । କଥାରେ ତାର କେବଳ ରାଗ ନୁହେଁ, ଘୃଣା, ବିଦ୍ୱେଷ, ବିଦ୍ରୋହ ସବୁ ଏକାଠି ଅଭିବ୍ୟକ୍ତ ହେଉଥିଲା ।

"ଭାରି ତ ମୁହଁ ବଡ଼ି ବଡ଼ି କଥା କହୁଚୁ ତୁ ? ତମକୁ ସବୁ ବିକି ମୁଁ ଚଳୁଚି ନା ?"

"ହଁ...ହଁ...ତମେ ଆମକୁ ବିକି, ଭଡ଼ା ଲଗାଇ ଚଳୁଚ, ରହୁଚ ...ହେଲା ?"

ଚିତ୍କାର କରି କହୁଥିଲା ଅମାଳ । ଜନ୍ମକଲା ବାପକୁ ଯେ ସେ ଏତେ ଅଶ୍ରାବ୍ୟ, ଅଶ୍ଳୀଳ ଭାଷାରେ, ଏ ଧରଣର ଭୟଙ୍କର କଦର୍ଯ୍ୟ ଇଙ୍ଗିତ ଦେଇପାଉଛି, ଏ ଧାରଣା ସେ ଭୁଲିଯାଇଥିଲା ଏକାବେଳକେ । ଜନ୍ମଦାତା ବାପାର ସଂଜ୍ଞା ଅଲଗା । ସେ ମଧ୍ୟ ଝିଅ ସହିତ ଏପରି ବ୍ୟବହାର କରେ ନାହିଁ ।

"ଅମା" ! ...ବଡ଼ ପାଟିରେ ସୁମାଳ ଚିତ୍କାର କରି କହିଲା—"ଚୁପ୍ କର୍ ତୁ"...

ଆଉ କ'ଣ କିଭ ଅଗରେ ଲେଉଟି ଆସୁଥିଲା ଅମାଳାର । ପାଟି କରି ସେ କ'ଣ ଗୋଟାଏ କହି ଆସୁଥିଲା—ସୁମାଳାର ପାଟି ଶୁଣି

Digitized by srujanika@gmail.com

ଦବଗଲା—ଭୁମ୍ମା ହୋଇଗଲା ହଠାତ୍ । ପାଟିଗୋଳ ଶୁଣି ବୋଉ ରୋଷେଇ ଘରୁ ବାହାରି ଆସି ଛୁଟା ହୋଇ ମାରବରେ ସବୁ ଶୁଣୁଥିଲେ । ତାଙ୍କୁଇ ଲକ୍ଷ୍ୟ କରି ମଦନବାବୁ ଗୁହାରି କଲେ, ଦେଖ, "ଦେଖ ତମର ଯୋଗ୍ୟ ରୋଜଗାରିଆ ଝିଅଙ୍କ କଥା···ପାଟିରେ କେମିତି ତାଙ୍କର ବାଡ଼ବଚା ରହୁ ନାହିଁ ।"

"କ ଆଉକିଂ କଲା ଯେ ବାବା ସିଏ, ଆଉ କ'ଣ ମଣିଷ ମାନୁଚ ?" ବୋଉ ଟିପ୍ପଣୀ କଲେ । ତାଙ୍କର ମଧ ମର୍ମ ସ୍ପର୍ଶ କରୁଥିଲା ଅମଳାର ବ୍ୟବହାର, ତା'ର କେତେଟା କଥା । କୋଉଠୁ ଗୋଟାଏ ଗ୍ରେଟା, କଣା, କୁଜା ଲୋକକୁ ଧରିଆଣି, ତାକୁ ହାତକୁ ଦ' ହାତ କରିଦିଅନ୍ତ ଭଲା !···ସେଇଟା ପରା ଉଚ୍ଛୁଳିଲାଣି ।" ଯୋଗ କଲେ ବୋଉ ।

ସାହସ ପାଇ ମଦନବାବୁ ଏଥର କହିଉଠିଲେ—

"ନାଇଁ, ନାଇଁ···ତମେ ଶୁଣୁଚଟି ? କ'ଣ ଭଲ ସିଏ ନ କହିଗଲା ? କହିବଟି ? ମୁଁ ପୁଣି ଯ୍ୱାଙ୍କ ବାପା···ଧିକ୍ ମୋ ବାପା ଜନମରେ"—

—"ଓଃ ବାହା କରିଦବ ? ତା'ହେଲେ ତମର ଗେଫା ଚଳିବ କେମିତି ? ନା ଗୀତା ଏଥର ବଡ଼ ହୋଇ ଆସିଲାଣି ? କାମ ଚଳାଇବ ମ ?" —ବାହାରକୁ ଶୁଭୁଥିଲେ ବ ଅମଳା ଏଥର ଅପେକ୍ଷାକୃତ ଧୀର ଗଳାରେ କଥାଟା କହିଲା ।

ତା କଥାଟା ବାହାରକୁ ନ ଶୁଣାଇବା ଅଭିପ୍ରାୟରେ ସୁମାଳା ବଡ଼ ପାଟିରେ କହିଲା—"କାହିଁକି ତୁ ଉଲା ବକର ବକର ହଉଚୁ କହିଲୁ ଅମଳା ! କଣ୍ଟ ଲାଭ ମିଳୁଚ୍ଛି ଏଥିରୁ ?"

ଗର୍ ଗର୍ ହୋଇ ବାପା, ବୋଉ ଫେରିଗଲେ ନିଜ ନିଜ ଜାଗାକୁ—ବାପା ଘର ଭିତରକୁ, ଆଉ ବୋଉ ରୋଷେଇ ଘର ଭିତରକୁ ।

ପୋଷା କୁକୁର ତଡ଼ିଆସି, ଖାଉନ୍ଦ ଡାକଲେ ପୁଣି ଯେମିତି ଗେଁ ଗେଁ ହୋଇ ନିଜର ମୁନିବ ଘରକୁ ପଶିଆସେ, ସେମିତି ।

ସୁନେଲି ରଙ୍ଗ ଏଥର ପୂରାପୂରି ଧୋଇ ହୋଇଗଲାଣି ଆକାଶ-ପୃଷ୍ଠାରୁ । ସଫା ମାଳରଙ୍ଗ କଏ ବୋଳଦେଇ ଗଲାଣି ସେଠି ।

Digitized by srujanika@gmail.com

ଆଉ ଟିକେ ଗଲେ ସଂଜର ସଙ୍କେତ ନେଇ ଜୁଳୁଜୁଳିଆ ପୋକ ଭଳି ଅସଂଖ୍ୟ କୁନି କୁନି ତାରାରେ ଗୁଡ଼ଇଯିବ ସାରା ଆକାଶଟା । ଠେଲାପିଲା ବିଜୁଳିବତୀଗୁଡ଼ାକ ଜଳିଉଠିବ ରାସ୍ତାକଡ଼ଯାକ—ରାସ୍ତାରେ କ୍ରମଶଃ ଜନକୋଳାହଳ ବଢ଼ିଆସୁଛି—

ମଧ୍ୟାହ୍ନର ଗ୍ଲାନି ଧୋଇ ହୋଇଯାଉଛି ମନରୁ—

ଦାଣ୍ଡଦୁଆରେ ସାଇକେଲ ଘଣ୍ଟି ବାଜିଉଠିଲା । କାନ ଡେରି ରହିଥିବା ଭଳି ଅମିଳ ଧାଇଁଗଲା ଦାଣ୍ଡ ଆଡ଼େ । ସୁମିଳା ବି ମୁଣ୍ଡ କୁଣ୍ଡେଇ ସାରି ପ୍ରାୟ ପ୍ରସ୍ତୁତ ହୋଇ ଅପେକ୍ଷା କରିଥିଲା ବୁଲାକୁ । ଆଶା କରୁଥିଲା, ଏ ବେଲ୍ ନିଶ୍ଚେ ବୁଲାର ବୋଲି ।

ଉଚ୍ଛଳ ଚଟିମା ଭଳି ସୁମିଳାର ଉଚ୍ଛୃଙ୍ଖଳ ଖଳ ଖଳ ହସ ତାକୁ ନିଶ୍ଚିତ ଭାବରେ ସୂଚେଇଦେଲା ଯେ ଆଗନ୍ତୁକ ରସିକମୋହନ – ବୁଲାଭାଇ ନୁହେଁ ।

ଚମତ୍କାର, ମୋଲାୟମ ଆଗତପ୍ରାୟ ସନ୍ଧ୍ୟାଟା ଆଉ ଟିକକ ଆଗରୁ ଘଟିଥିବା ଘଟଣାରେ ଭାରାକ୍ରାନ୍ତ ହୋଇ ଉଠିଥିଲା ସୁମିଳାର ମନ ସହିତ ତାଳ ମିଳାଇ ।

ବୁଲାଭାଇର ବିଲମ୍ବ ତାକୁ ଆହୁରି ବିବର୍ଣ୍ଣ, ବିଷଣ୍ଣ କରୁଥିଲା । ଶତ ସନ୍ତାନ ଜଠରରେ ଧାରଣ କରିବାର ମୋହ ଧରି ବନ୍ଧ୍ୟା ନାରୀର ନିଷ୍ଫଳ ଆକ୍ରୋଶ ଭଳି ସୁନ୍ଦର ସଂଧ୍ୟାଟା ବୃଥା ହୋଇଗଲା ପରି ଲାଗିଲା ସୁମିଳାକୁ ।

ଅକସ୍ମାତ୍ ଏମିତି କ୍ଷଣେ କ୍ଷଣେ ସୁନ୍ଦର ବର୍ଣ୍ଣାଢ଼୍ୟ ସଂଧ୍ୟାର ରଙ୍ଗ ମଉଳିଯାଏ । ବଡ଼ ବିଚିତ୍ର ଭାବରେ ଫାଙ୍କା ଫାଙ୍କା ଲାଗେ ଜୀବନଟା — ସତେ ଯେମିତି ଜୀବନଟା ବ୍ୟର୍ଥ, ନିରର୍ଥକ ହୋଇଗଲା ସେଇ ଗୋଟିଏ ସଂଧ୍ୟା ପାଇଁ···କେତୋଟି ଘଣ୍ଟା ପାଇଁ—ଜୀବନରେ ମଧୁର କିଛି ଘଟି ନ ଥିଲା ବା ଘଟିବ ନାହିଁ··· ସେମିତି ଲାଗେ ।

ସେଇସବୁ ବିଷଣ୍ଣ ସଂଧ୍ୟାରେ ପୁଣି ଅଶୁଭକ ଭାବରେ ମନରେ ଘୁରିଯାଏ ଗୋଟାକ ପରେ ଗୋଟାଏ ବ୍ୟର୍ଥତାର, ହତାଶାର କାହାଣୀ । ଧାଡ଼ି ବାନ୍ଧି ଶୋଭାଯାତ୍ରାରେ ବାହାରିଲା ଭଳି ସେଗୁଡ଼ାକ ଗୋଟାକ ପରେ ଗୋଟାଏ ଆସନ୍ତି—ଭୁଙ୍କ ମାରନ୍ତି···ମନକୁ ଭାରାକ୍ରାନ୍ତ କରନ୍ତି··· ବେଦନାହତ କରନ୍ତି···

Digitized by srujanika@gmail.com

ଅମୀଲା ଆଜ ରସିକମୋହନ ଅଭଦ୍ର ଭଳି ହେଁ ହେଁ ହୋଇ ପଶିଆସିଲେ ଘରଭିତରକୁ । ଅମୀଲାର ଦମ୍ଭ ଅଶ୍ବସ୍ତି ଲାଗିଲା ତାକୁ । ଗତ ରାତିରେ ଦେଖିଥିବା ଘଟଣା ପରେ ସୁମୀଲା ରସିକମୋହନକୁ ସୁସ୍ଥ ଆଖିରେ ଦେଖିପାରିଲା ନାହିଁ—

ଭୟଙ୍କର ଅସୁସ୍ଥ ଲାଗିଲା ତାକୁ ସେମାନଙ୍କର ଉପସ୍ଥିତି । ତା'ର କେହି ଭଉଣୀ ନ ଥାନ୍ତେ କି !

କିନ୍ତୁ ସେମାନେ କ'ଣ ଯିବେ କୁଆଡ଼େ ବାହାରକୁ ? ବାପଙ୍କ ଆଗରେ ଏମିତି ଗପୁଛନ୍ତି ସେମାନେ ଅତି ବେଶ୍ୟାଙ୍କ ଭଳି ? କି ଦୁଃସାହସ ତା'ର !

ଏମିତିଗୁଡ଼ାଏ ଅଯଥା କଥା ମୁହୂର୍ତ୍ତକ ମଧ୍ୟରେ ସୁମୀଲାର ମସ୍ତିଷ୍କକୁ ଆଛନ୍ନ କଲା ।

ଅମୀଲାର ଉତ୍ଫୁଲ୍ଲ ମୁହଁ ତା' ଗୁଡ଼ରେ ସ୍ଥିର ବାନ୍ଧିଥିଲା···

କ୍ରମଶଃ ପାଉଁଶ ଗୋଳ ହୋଇଯାଉଥିବା ଆକାଶର ରୂପକୁ ଚାହିଁ ରହିଥିଲା ସୁମୀଲା । ଆକାଶ ଆଜ ନୀଳ ନାହିଁ—ଲାଲ୍ କିରଣ ଝଡ଼ିଗଲାଣି ଅନେକ ବେଳୁ ଏଥର ରବିର ଅପେକ୍ଷାରେ । ଆକାଶ ଦେହରେ କୋଳ ହୋଇଯାଉଛି ଗୁଡ଼ାଏ କଳା କଳା, ଡୋରିଆ ଡୋରିଆ ରଙ୍ଗ । ସିଂମଣ୍ଡ ପଲସ୍ତର ଭଳି ଦେଖାଯାଉଛି

ସମସ୍ତ ବାକ୍ବିତଣ୍ଡାର କଥା ଭୁଲିଯାଇଥିଲା ପରି ଆହୁରି ବିଚିତ୍ର ଭାବରେ ମଦନବାବୁ ଦାଣ୍ଡ ବଖରାରୁ ବାହାରି ରସିକମୋହନକୁ ପାଛୋଟିନେଲେ ପ୍ରାୟ । ମୁହଁରେ ତାଙ୍କର ବେହିଆ ହସ—

ହସି ହସି ରସିକମୋହନ ସିଗାରେଟ୍ ଯାଚିଲେ—ଆଉ ମଦନବାବୁ ସେମିତି ବେହିଆଙ୍କ ଭଳି ଖିଲ ଖିଲ ହସି ସିଗାରେଟ୍‌ଟା ନେଇ ଧରାଇଲେ ।

ତାଙ୍କୁ ସବୁ ଏଡ଼ାଇଯିବା ପାଇଁ ସୁମୀଳା ଘର ଭିତରକୁ ଉଠିଆସିଲା । ଅମୀଳା ସେମାନଙ୍କ ସହିତ ସେଇ ଘର ଭିତରକୁ ପଶିଗଲା—

ସେମାନେ କଥାବାର୍ତ୍ତା କରିବାକୁ ଆରମ୍ଭ କଲାମାତ୍ରେ 'ମୁଁ ଆସୁଛି' କହି ଅମୀଳା ବାହାରକୁ ଆସିଲା । ଏ ଘରଭିତରକୁ ପଶିଆସି ସୁମୀଳାକୁ

Digitized by srujanika@gmail.com

କୁଣ୍ଢାଇଧର ଡେଇଁ ଡେଇଁ ଅତି ଜାଳଙ୍କ ଭାବରେ କହିଲ—"ଅପା, ରସିକ୍ ଆଜ ସିନେମା ଯିବାକୁ ଡାକୁଛି···ଯିବା ? ତୁ-ମୁଁ ?"

ହାତ ଦୁଇଟା ତାର ଦେହରୁ ଖସାଇଦେଇ ସାମାନ୍ୟ ଗାମ୍ଭୀର୍ଯ୍ୟ ରଖି ସୁମିଳା କହିଲ—"ମୁଁ ଯବ ରେଡ଼ିଓ ଷ୍ଟେସନ ଯିବ ବୋଲ ବୁଲାଭାଇକୁ କହିଚ···?"

"ଗୁଲ୍ ନା ଅପା – ନ ହେଲେ ମୁଁ ଏକୁଟିଆ ଯିବ କେମିତି ?"

ସୁମିଳା ବୁଝିଥିଲା ଅତି ସ୍ପଷ୍ଟ ଭାବରେ ଯେ ଅମିଲା କେବଳ କଥା ରଖିବାକୁ ଡାକୁଛି । ତା'ର ସମସ୍ତ ଇନ୍ଦ୍ରିୟ ଏକାକାର ହୋଇ କହୁଛନ୍ତି, ସୁମିଳା ନ ଆସୁ···ସୁମିଳା ନ ଆସୁ···ଏ ସନ୍ଧ୍ୟାଟା ନିରବଚ୍ଛିନ୍ନ ଉପଭୋଗ ପାଇଁ ମିଳୁ ଆମକୁ···ସମସ୍ତ ସନ୍ଧ୍ୟା, ସମଗ୍ର ରାତି ରହୁ ଆମର ଉପଭୋଗ ପାଇଁ···ଆନନ୍ଦ ପାଇଁ···ହେ ଭଗବାନ୍ !

—"କାହିଁକି, ଏକୁଟିଆ ତ ସବୁ କରିପାରୁଚୁ···ସିନେମାଟା ଯାଇ ପାରିବୁ ନାହିଁ କାହିଁକି ? ସବୁ କାମରେ କ'ଣ ଅପାକୁ ଡାକବୁ ?"

ସୁମିଳାର ଶ୍ଳେଷ ଅମିଲା ବୁଝିଲା – ତଥାପି ପରିବେଶଟାକୁ ହାଲୁକା କରିଦେବାକୁ କହିଲା – "କେବେ ମୁଁ ଏକୁଟିଆ ଯାଇଛି ଭଲା ! ମିଛରେ ମୋ ଉପରେ ରାଗୁଚୁ କାହିଁକି କହିଲୁ ?"

"ନାଇଁ ନାଇଁ, ମୁଁ ଯାଇପାରିବ ନାହିଁ ।"

"ନ ହେଲେ ମୁଁ ଯିବ ନାହିଁ" – ଛଳନାର ଅଭିମାନ କଣ୍ଠରେ ଫୁଟାଇ କହିଲା ଅମିଲା ।

"ଏଁ:···ସତେ କ ମୋତେ ନବାକୁ ହୃଦୟରେ ଇଚ୍ଛା ବଳି ପଡ଼ିଚ ସ୍ୱାର – ଆଗରୁ ତ ଠିକ୍ କରିଥିଲ ଯିବାକୁ ଏକାଠି···ମଝିରେ ମୋତେ ପୁଣି ଡାକ ସଫେଇ ଦଉଚ କାହିଁକି ? ତୁ ତ ଚୋର ଯିବୁ ।"

ଚଡ଼ଯାଇ କହିଲା ସୁମିଳା—ଆଜ ଦିନଟା ତାର କେବଳ ଚଡ଼ିବାରେ, ବିରକ୍ତ ହେବାରେ ହିଁ ଗଲା ।

—"ଅପା !" କ'ଣଗୁଡ଼ାଏ କହିଯାଉଚୁ ତୁ ?"

—"ଯା···ଯା···ତୋ କାମଦାମ ସାରି ଲୁଗାପଟା ପିନ୍ଧ । ଡେରି ହୋଇଯାଉଚି···ରସିକବାବୁ ଚଡ଼ିବଣି ସେଣେ ।"

Digitized by srujanika@gmail.com

କେବଳ ଭଦ୍ରତା ଖାତିରରେ ଆଉ ଅଧିକ ନ ଡାକିବାକୁ ମନସ୍ଥ କରି ଅମିଲା ବାରିଆଡ଼କୁ ଚାଲିଗଲା—ବୋଧହୁଏ ଗାଧୋଇବାକୁ—

ଅମିଲା ଉପରେ ନିରର୍ଥକ ବିରକ୍ତିରେ ମନ ପୂରିଗଲା—ତାକୁ ଘୋଷାରି ଆଣି, ଓଟାରି, ଝିଙ୍କି, ଢ'ଚାରି ଚଟକଣି ମାରିବାକୁ ଇଚ୍ଛା ହେଲା ସୁମିଲାର ।

"ନିର୍ଲଜ୍ଜୀ···ମୋତେ ଆସି ପୁଣି ଡାକୁଛି···ମୁହଁ ରକ୍ଷା କରିବାକୁ—ସମସ୍ତେ ଗୋଡ଼େଇଯିବେ ଯା' ସାଙ୍ଗରେ ? ଏମାନେ ବସି ହସାହସି ହେବେ···ଯା'ଚ୍ଛା ତାଇ କରିବେ—ଆଉ ଯ୍ୱାଙ୍କ ପାଖରେ ମୂଢ଼ୁସୁଲି ହୋଇ ଆମେ ବସିଥିବୁ···ଯା···ଯା···ଫଳ ପାଇବୁ ଯେ··· !

ମନକୁ ମନ ବଡ଼୍ ବଡ଼୍ କରି କହିଗଲା ସୁମିଲା—ଘରଟା ଭିତରେ କେହି ନାହାନ୍ତି···

ବାପା, ରସିକମୋହନଙ୍କ କଥାବାର୍ତ୍ତା ଏ ପର୍ଯ୍ୟନ୍ତ ଶୁଣି ନ ଥିଲା ସେ । ରସିକମୋହନ ହୁଏତ ଅନୁମତି ମାଗୁଥିବ ।

ଅକାରଣ କୌତୂହଳୀ ହୋଇ ସେ କାନ ପାତିଲା ସେମାନଙ୍କ କଥା ଶୁଣିବାକୁ । ସେମାନଙ୍କ କଥାରୁ ଟିଏ ଶୁଣି ନିଜ ଉପରେ ଧିକ୍କାର ଆସିଗଲା ସୁମିଲାର । ତା'ର ନିଜର ଓ ଅମିଲାର କଳଙ୍କମୟ ଜୀବନ ପାଇଁ ଯେ ତାଙ୍କର ଏଇ ଲୋଭୀ, ହୀନ, ଜଘନ୍ୟ, ଅର୍ଥଗୃଧ୍ନୁ ବାପା ଦାୟୀ, ଏକଥା ବାରମ୍ବାର ମନେ ହେଲା ତା'ର । ମଦନବାବୁ କହୁଥିବାର ସେ ଶୁଣିଲା—

—"ଆପଣଙ୍କ ପାଖେ ଏକସ୍ତ୍ରା ଦଶଟା ଟଙ୍କା ହେବ କି ? ବଡ଼ ଅସୁବିଧାରେ ପଡ଼ିଛି ମୁଁ···ଆଜି ହଠାତ୍ ପଇସା ସରିଗଲା ବୋଲି ସୁମିଲା ବୋଉ ମୋତେ କହୁଛି—ଆଗରୁ ଟିକେ କହିବା ତ ଉଚିତ୍ ? ଗାଁରୁ, ଜମିଦାରୀରୁ ଯାହା ଆସେ, ସେଥିରେ ଚଳିବା କଥା—ସୁମିଲା, ଅମିଲା ନିଜ ନିଜର ଖର୍ଚ୍ଚ କରନ୍ତି···ବୁଝୁଥିବେ ତ, ଏମାନଙ୍କର ଷ୍ଟାଣ୍ଡାର୍ଡ଼ ରଖି, ଏଡ଼େ ବଡ଼ ପରିବାରଟିଏ ସହରରେ ଚଳାଇବା ଆଜିକାଲି କେତେ କଷ୍ଟ···?"

"ନିଶ୍ଚୟ···ନିଶ୍ଚୟ···ଆପଣ ବୋଲି ଚଳେଇଁ ନେଉଛନ୍ତି···"

"ମୁଁ କିଛି ଦିନ ପରେ ଦେଇଆସିବି ।"

Digitized by srujanika@gmail.com

"ହଉ, ସୁବିଧା ହେଲେ ଦେବେ···ସେଥିରେ ଗୋଟାଏ କ'ଣ ଅଛି ।"

ହେଜ ହେଲା ଦିନଠାରୁ ଆଜ ପର୍ଯ୍ୟନ୍ତ ସୁମାଳ ଶୁଣି ନାହିଁ କି ଜାଣେ ନାହିଁ, ସେମାନଙ୍କର ଗୋଟାଏ ଗାଁ କୋଉଠି, କୋଉ କାଳେ ଥିଲା ବୋଲି, ସେଠି ପୁଣି ଜମିଦାରୀ ଅଛି···ଆଉ ସେଠାଙ୍କ ଜମିଦାରୀରୁ କୁଆଡ଼େ ଧାନ, ଗୁଡ଼ଜଳ, ଟଙ୍କା ସବୁ ବୁହା ହୋଇ ଆସି ଏଠି ଘର ଚଳେ !

ରସିକମୋହନଠାରୁ ଟଙ୍କା ରଖିବା ଅର୍ଥ ଯେ କେତେ ନୀଚ, କେତେ ଘୃଣ୍ୟ ମନୋବୃତ୍ତିର ଚିହ୍ନ, ଏକଥା ମନେ ପକାଇ ସୁମାଳର ଦେହ ଶିର୍‌ଶିର୍ ହୋଇଗଲା । ପକେଟ୍‌ରେ ତାଙ୍କର କାଲିକାର ଆଡ଼୍‌ଭାନ୍‌ସ ଟଙ୍କା ଅଛି—ରାସ୍ତା ଖର୍ଚ୍ଚ ଅଧିକ କରି ଟଙ୍କା ରଖିଥିବେ । ତଥାପି···ତଥାପି କ'ଣ ପାଇଁ ସେ ଟଙ୍କା ମାଗୁଥିଲେ ?

ଦ' ଝିଅଙ୍କୁ ସିନେମା ନେଇଯିବାର ଅନୁମତି ଦେଇ ତାଙ୍କ ବାହ ସବୁତ ବାହ ଲଗାଇ ବସିବାର ଅନୁମତି ଦେଇଚନ୍ତି ବୋଲି, ଜଣକ ପିଛା ପାଞ୍ଚ ଟଙ୍କା ଟିକସ ଆଦାୟ କରୁଛନ୍ତି ସେ ?

ବିଷେଇଗଲା ତା'ର ଦେହ ମନ । ତମେ ମୋ ଝିଅଙ୍କୁ ନେଇ ଯାହା କରିବାର କର—ବିକି ଦେଇଯାଅ । ଏଇ ଅଶ୍ଳୀଳ ଇସାରା ଛଡ଼ା ଏ ଧାର ମାଗିବାର ଆଉ କ'ଣ ଅର୍ଥ ବା ଥାଇପାରେ ?

ଏ ଲୋକଟା ପୁଣି ତାକୁ ଜନ୍ମ ଦେଇଛି—ତା'ର ଜନ୍ମଦାତା··· ପିତା·· ଏଇ କାଳେ ସ୍ୱର୍ଗରୁ ମହୀସ୍ଥାନ୍···

ଧେତ୍···

ଏ ଅସ୍ୱସ୍ତିକର ବିଷାକ୍ତ ପରିବେଶରୁ ଦୌଡ଼ି ପଳାଇବାକୁ ଇଚ୍ଛା ହେଲା ସୁମାଳର ସେଇ ମୁହୂର୍ତ୍ତରେ ।

କିଏ ଯେମିତି ଗୁଡ଼ାଏ ବିଷର ଧୂଆଁ ଢେଇ ତାକୁ ଗୋଟାଏ ଅନ୍ଧାରୁଆ ଘରେ ଆବଦ୍ଧ କରି ରଖିଛି !

ବାପାଙ୍କର ମୁହଁଟା ସେଇ ମୁହୂର୍ତ୍ତରେ ଗୋଟାଏ ରାକ୍ଷସ ଭଳି ଭାସିଗଲା ତା ଆଖି ଆଗରେ—

"ହେଁ···ହେଁ···ହେଁ···ଗୋଟାଏ ସିଗାରେଟ୍ ଅଛି, ଦେଲେ···'

ସିଗାରେଟ୍ ଲଗାଇବାର ଶବ୍ଦ ହେଲା । ତା'ପରେ ପୁଣି ଶୁଭିଲା—

Digitized by srujanika@gmail.com

"ଆପଣଙ୍କ ଭଳି ଲୋକ ସତେ ମୁଁ ଆଉ ଦ୍ୱିତୀୟ କାହାକୁ ଦେଖୁ ନାହିଁ କି ଦେଖି ନାହିଁ ମୋ ଜୀବନ ଭିତରେ—"

ବିନୟରେ ବିଗଳିତ ହୋଇ ଭଳି ହେଁ ହେଁ ହେଁ ହସି ରସିକ-ମୋହନ କହିଲେ—

'—ଆପଣଙ୍କର କଳାର ଆଦର୍ଶ ଆଉ ଆଦର ଦେଖି ମୁଁ ଆପଣଙ୍କ ସହିତ ଆଳାପ ଆଲୋଚନା କରିବାପାଇଁ, ଭାରି ଭଲପାଏ । ଆପଣ କ'ଣ ଶୁଣି ନ ଥିବେ କି, ମୁଁ ସବୁ ଜାଗାରେ କହେ ଆପଣଙ୍କ କଥା ?"

ଦୁଇ ଜଣ ଶଠ ମିଳିଲେ ପରସ୍ପରର ଶଠତା ତୁଳନା କରି-ବସନ୍ତି—ଜ୍ଞାନୀ ବସିଲେ ଶିକ୍ଷାର ଆଲୋଚନା କରି ଦୁହେଁ ଦୁହିଙ୍କୁ କଲନ୍ତି—ଦୁଇଟି ଭଣ୍ଡ ତୋଷାମୋଦ କରି ପରସ୍ପରକୁ ନିଜ ନିଜର ବାଣରେ ଜର୍ଜରିତ କରନ୍ତି ।

ରସିକମୋହନ ହୁଏତ ଭାବୁଥିବ, କେଡ଼େ ସହଜରେ ନିଜର ଅଭିଳାଷ ପୂରଣ ପାଇଁ ବୁଢ଼ାଠାରୁ ଅନୁମତି ଆଦାୟ କଲି—ଏଇଟା କିଛି ବୁଝି ପାରୁ ନ ଥିବ ! ବିପରୀତ ପକ୍ଷରେ ମଦନବାବୁ ବୋଧହୁଏ କଳନା କରୁଥିବେ, ତୁଚ୍ଛାରେ ଏ ବଜାଗି ମୋ ଝିଅକୁ ନେଇ ଫୁର୍ତ୍ତି କରିବ ? ମୋତେ ଏତେ ବୋକା ବୋଲି ବିଚାରିଛି ? ମୁଁ ବି ମୋ ଫିସ୍ ବାବଦରେ ଦଶ ଟଙ୍କା ଆଦାୟ କରିନେଇଚି ଯେ !

ବେପାର କଲାବେଳେ ଦୁଇ ବ୍ୟବସାୟୀ ଚଞ୍ଚଳ କରନ୍ତି, ଏ ବେପାରରେ ତାଙ୍କର ଲାଭ ହୋଇ ନା କ୍ଷତି ହେଉଛି ?

"ଡେରି ହୋଇଯାଉଛି···ତାଙ୍କୁ ଟିକେ···"

"ହଁ ହଁ, ମୁଁ ଡାକ ଦେଉଚି ସାଙ୍ଗେ ସାଙ୍ଗେ" କହି ସିଗାରେଟ୍‌ରେ ଜୋର୍‌ରେ ଦମେ ନେଇ ମଦନବାବୁ ସେ ବଖରାରୁ ବାହାରିଆସି ଏ ବଖରା ଭିତରକୁ ପଶି ଆସି ସୁମାଲକୁ ହିଁ ଭେଟିଲେ ।

ଅମାଲ ମୁହଁଟା ପୋଛି ପୋଛି ବାହାରିଆଉ ଆସୁଥିଲା ।

"ତମେ ଦୁହେଁ କ'ଣ ସିନେମା ଯିବ ପରା ରସିକବାବୁଙ୍କ ସାଙ୍ଗରେ ?"

"ଅମାଲ ଯିବ ଯଦି ଯାଉ···ମୁଁ ଯିବ ନାହିଁ···"

"କାହିଁକି ?"

Digitized by srujanika@gmail.com

"ମୋର କାମ ଅଛି ଟିକେ···ରେଡ଼ିଓ ଷ୍ଟେସନ ଯିବ ।"

"ସେ କନ୍ତୁ ଅପେକ୍ଷା କରିଛନ୍ତି ।"

ଏପର୍ଯ୍ୟନ୍ତ ସୁମିତ୍ରା ଅସମ୍ଭବ ଭାବରେ ସଂଯତ ହୋଇ କଥାବାର୍ତ୍ତା କରୁଥିଲା । କିନ୍ତୁ ବାପାଙ୍କର ଏ ନିର୍ଲଜ୍ଜ ପ୍ରଶ୍ନରେ ସେ ଆଉ ସମ୍ଭାଳି ପାରିଲା ନାହିଁ ନିଜକୁ । ତାଙ୍କୁ ସେ ଆଦୌ ଡାକି ନାହିଁ କିମ୍ବା ସୁମିତ୍ରା ମଧ୍ୟ ରସିକକୁ କେତେବେଳେ ହେଲେ ସିନେମା ଯିବା କଥା କହି ନାହିଁ— ଅଥଚ ବାପାକୁ ଆସି ଜଣେ କହିବ, 'ଆପଣଙ୍କ ଝିଅମାନଙ୍କୁ ଟିକେ ମୋ ସାଙ୍ଗେ ସିନେମା ଛାଡ଼ନ୍ତୁ'—ଆଉ ବାପା ଆସି ସେଇ କଥା ଝିଅଙ୍କ ଆଗରେ କହିବେ ?

"ଏଇଟା କ'ଣ ଗୋଟାଏ ବେଶ୍ୟା ଘର ହୋଇଛି କି ? ଜଣେ ଆସି କହିବ, ଆଜ ଟିକେ ତମ ଝିଅଙ୍କୁ ନେଇ ସିନେମା ଯିବ···ଝିଅଙ୍କୁ କହ ମୋ ସାଥିରେ ସିନେମା ଯିବାକୁ···"

ଘର ଭିତରକୁ ପଶି ଆସୁଥିଲା ଅମିତା । ରସିକମୋହନ ନ ଶୁଣୁ ବୋଲି ଯେତେ କଣ୍ଠ ଚୁପି କହିଲେ ସୁଦ୍ଧା ଅମିତା ଅପାର ଏ କଥା କେଇ ପଦ ଶୁଣିପାରିଛି, ଆଉ ଯେ ସେ ଭାଷାରେ ଜଳପୋଡ଼ି ଯାଇ ଏମିତି କହୁଛି, ସିନେମା ଯିବାକୁ ରାଜି ହେଉ ନାହିଁ, ଏକଥା ସେ ଠିକ୍ କରି ନେଇଥିଲା ମନେ ମନେ ।

ତେଣୁ ତାର କଥାର କୌଣସି ପ୍ରତ୍ୟୁତ୍ତର ନ ଦେଇ ମାରବରେ ଯାଇ ଲୁଗା ପିନ୍ଧିଲା ସେ । ସୁମିତ୍ରା କାଢ଼ି ଥୋଇଥିବା ଗୋଲାପୀ ରଙ୍ଗର ଭଏଲଟାଏ ପିନ୍ଧାଇଦେଲା ସେ ପିନ୍ଧିବା ପାଇଁ । ତା' ଆଡ଼କୁ ଚାହିଁ ସୁମିତ୍ରା କହିଲା—"ମୋ ଶାଢ଼ୀ ଥୋଇଦେ···ତୋର ପିନ୍ଧି ତୁ ଯା"—

ଏଇ ଗୋଲାପୀ ଶାଢ଼ୀଟା ସୁମିତ୍ରାର, କିନ୍ତୁ ଅମିତାକୁ ସୁନ୍ଦର ମାନେ ଏଇଟା···ତେଣୁ ଅନୁନୟ କରି କହିଲା, "ତୁ ଆଉ ଗୋଟାଏ ପିନ୍ଧ, ମୋ ମାଲ ଭଏଲଟା ନ ହେଲେ ନେ···ମୁଁ ଟିକେ ପିନ୍ଧୁଛି ଏଇଟା"···

"ନାଃ···ଓହୋ···ଭାରି ସଉକ ତ ?"

"ତୁ ଯାଉଚୁ କି ନାହିଁ ସେ ?" ମଦନବାବୁ ଅମିତାକୁ ପଚାରିଲେ ।

"ହଁ, ଲୁଗା ପିନ୍ଧି ତ ବାହାରୁଛି ।" ମଦନବାବୁ ସୁମିତ୍ରାକୁ କିଛି ନ

Digitized by srujanika@gmail.com

କହି ବାହାରିଗଲେ । ସେ ସମ୍ଭବତଃ ଏଇଆ ହିଁ ଗୃହୁଁ ଥିଲେ—ଏତେ ବେଳଯାଏ ଅପେକ୍ଷା କରୁଥିଲେ ଅମଳ ଯିବ କି ନାହିଁ ଜାଣିବାକୁ—ସେ ତ ପୁଣି ଟିକସ ନେଇଛନ୍ତି !

ମା' ପଶିଆସିଲେ ଘର ଭିତରକୁ କ'ଣ ଗୋଟାଏ ଜିନିଷ ଖୋଜି ଖୋଜି । ତାଙ୍କୁ ମଧ୍ୟସ୍ଥ କରି ଅମଳ ଟିକେ ଗେହ୍ଲେଇ ହୋଇ କହି ଉଠିଲା, "ଦେଖିଲୁ ବୋଉ, ଏ ଲୁଗାଟା ଟିକେ ପିନ୍ଧିବି ବୋଲି କହିଲାରୁ, ଅପା କେମିତି ମନା କରୁଛି ।"

"ତୁ କୁଆଡ଼େ ଯାଉଚୁ କି ?" ଅମଳର ଆବଦାର୍ ଏଡ଼ାଇ ଦେଇ କହିଲେ ମା ।

"ସିନେମା ଯାଉଚି ପରା ?"

"କାହା ସାଙ୍ଗେ ?" ସେ ବୁଝିପାରିଲେ ଯେ ସୁମିଳା ଯାଉ ନାହିଁ ।

"ରସିକମୋହନବାବୁଙ୍କ ସାଙ୍ଗରେ ।"

"କୋଉ ରସିକ ସିଏ ବା ? ତୋ ବାପା ଜାଣିଚନ୍ତି ?"

ବିରକ୍ତ ହୋଇ ମା' ପଚାରିଲେ ।

"ବାପା ତ ପଠାଉଛନ୍ତି ଟଙ୍କା ଋଣ—" ରାଗରେ ସୁମିଳା କହିଲା । ତା'ର ରାଗ ସେତେବେଳଠାରୁ କମି ନ ଥିଲା ବର୍ତ୍ତମାନ ପର୍ଯ୍ୟନ୍ତ ।

ଅମଳା ଆଉ ମା ଦୁହେଁ ତା କଥାରେ ଚିଡ଼ିଉଠିଲେ—ଅବଶ୍ୟ ନିଜ ନିଜର କାରଣରୁ । "ଟଙ୍କା ନେଇ କ'ଣ ?" ଅମଳା ପଚାରିଲା ।

—"ତୁ ଆଗେ ଯା ତୋ ରସିକ୍ ସାଙ୍ଗେ, ପଛେ ଫେରିଲେ କହିବ ।" ବୁଝାଇଲା ଭଳି ସୁମିଳା କହିଲା । ଅମଳା ଆଉ କିଛି ପଚାରିଲାନି ।

"ତୁ ଯାଉନୁ ?"—ମା ପଚାରିଲେ ।

"ନାଁ ।"

"ସିଏ ଏମିତି ଏକା ଯିବ ଟୋକାଟା ସାଙ୍ଗରେ ?"

"ହଁ, କ'ଣ ହେଲା ସେଥିରୁ ?"

"ତା' ବାପ ଜାଣିଶୁଣି ଏକଥା କହିଲା ? କୋଉଠୁ ଗୋଟାଏ ଘଡ଼ୁଆଟାଏ ଜୁଟିଚି ଆସି ମୋ କପାଳକୁ କେଜାଣି ?"

ନିରୁପାୟ ହେଲେ ବି ମା ଆଦୌ ପସନ୍ଦ କରୁ ନ ଥିଲେ ଏ କଥାଟାକୁ । ତା'ର ଚିନ୍ତାର ମାନ ଭିନ୍ନ । ଝିଅ କହିଲେ ସେ ବୁଝେ ଆଉ ଗୋଟାଏ କଥା—ଯାହା ସେ ହୁଏତ ଥିଲା ତା'ର ବାହାଘର ଆଗରୁ ।

Digitized by srujanika@gmail.com

"କାଲେ ଅପା, ପିନ୍ଧିବ ?" ଅମୀଲା ପଚାରିଲା । ଭାବୁଥିଲା, ଏତେ ଆଲୋଚନା ପରେ ସେ ହୁଏତ ରାଜି ହେବ ।

"ନା ।"

"ମିଛେଟି ପିନ୍ଧିବ" କହି ଲୁଗାଟା ଘେରେଇ ହେଲା ସେ ।

"ନା କହୁଚ ପରା ?" କହି ତା' ପାଖକୁ ଲଗିଆସି ଲୁଗାଟା ଛଡ଼େଇନେବାକୁ ହାତ ବଢ଼ାଇଲା ସୁମୀଲା ଏବଂ ତା'ର କଥାକୁ ଭ୍ରୂକ୍ଷେପ ନ କରି ଅମୀଲା ପିନ୍ଧିଲାଗିଲା ଲୁଗାଟା ।

ଅଧାପିନ୍ଧା ଅବସ୍ଥାରୁ ଲୁଗାଟା ଘୋଷାରି ଆଣିଲା ସୁମୀଲା । କେବଳ ସାୟା ଓ ବଡ଼ଜ୍ ପିନ୍ଧି ଅମୀଲା ଦଣ୍ଡେ ଛିଡ଼ା ହୋଇ ରହିଲା । କାରଣ ସେତେବେଳ ପର୍ଯ୍ୟନ୍ତ ସେ ଅପା କଥାକୁ ଥଟ୍ଟା ବୋଲି ଭାବୁଥିଲା । ସୁମୀଲା ନିଜେ ନିଜେ ଅମୀଲାକୁ ଡାକି ଯାଚି ଯାଚି ଏ ଶାଢ଼ୀଟା ପିନ୍ଧାଇ କହେ, ତୋତେ ଏଇଟା ଭଲ ମାନୁଚି ।

ସୁମୀଲା ଲୁଗାଟା ଝିଙ୍କିଆଣି ସେମିତି ଗୁରେଇ ଭୁରେଇ ତା ସୁଟ୍‌କେଶ୍ ଉପରକୁ ଫୋପାଡ଼ିଦେଲା ।

ଆଉ ଗୋଟାଏ ଶାଢ଼ୀ ସୁଟକେଶ୍‌ରୁ କାଢ଼ି ପିନ୍ଧୁ ପିନ୍ଧୁ ଅମୀଲା ରାଗରେ କହିଲା, "ବୁଢ଼ୀ ଦାଣ୍ଡି କୋଉଠିକାର—ନିଜକୁ ତ କେହି ମିଳୁ ନାହାନ୍ତି···ରାଗରେ ଖାଲି ଗୁଡ଼ି ଫାଟିଯାଉଚି ସ୍ୱାର ।"

"କ'ଣ କହିଲୁ ?" ପଚାରିଲା ସୁମୀଲା । ସେ କିନ୍ତୁ ଅମୀଲାର କଥାଟା ପୂରାପୂରି ଶୁଣିଥିଲା । ବୋଉ ବସି ଘରୁ ବାହାରି ଯାଇଥିଲା ।

"କହିଲି, ତୁ ଈର୍ଷାରେ ଜଳିଯାଉଚୁ ।"

ଠୋ କରି ଗୋଟାଏ ଚଟକଣା ବସାଇଲା ସୁମୀଲା ଅମୀଲାର ଗାଲରେ—ଆଉ ତା' ପରମୁହୂର୍ତ୍ତରେ ତା'ଉପରେ ଝାମ୍ପିପଡ଼ି ତାକୁ ମନଇଚ୍ଛା ମାରିଦେଇଗଲା ଅମୀଲା···ତା' ପିଠିରେ, ଗାଲରେ, ମୁଣ୍ଡରେ, ମୁହଁରେ···ବାଧା ଦେଉ ଦେଉ ସୁମୀଲା ବି ମାରୁଥିଲା—

ପ୍ରାଗୈତିହାସିକ ଯୁଗର ଦି'ଓଟି ରମଣୀ ନିଜର ପ୍ରଣୟୀ ପାଇଁ ସଂଗ୍ରାମ କରୁଥିଲେ ,ସଚେତ କି ! ଅଥବା ଆଦିମ ପଶୁ ଭଳି ସେମାନେ ଯୁଝୁଥିଲେ ।

ରସିକମୋହନର ପାଟି ଶୁଭିଲା ବାରଣ୍ଡାରୁ—"ଅମୀଲା, ଆସ··· ବେଳ ହେଲାଣି ।"

Digitized by srujanika@gmail.com

ଜୋର୍‌ରେ ଜୋର୍‌ରେ ନିଶ୍ୱାସ ମାରି ମାରି, ଝାଳନାଳ ହୋଇ, ଉଭୟେ ଉଭୟଙ୍କୁ ଗୁଡ଼ ଛାଡ଼ିଦେଲେ—ପରସ୍ପରକୁ ଚାହୁଁଥିଲେ ସେମାନେ...

ରଣକ୍ଲାନ୍ତ, ଶ୍ରାନ୍ତ, କ୍ଷୁଧାର୍ତ୍ତ ଦଇଟି ଆଦିମ ରମଣୀ—

ମୃତ୍ୟୁପର୍ଯ୍ୟନ୍ତ ପରସ୍ପରର ବନ୍ଧୁ, ପୁଣି ଶତ୍ରୁ !

ମୁଁ ଆସେ, ତୋତେ ଦେଖୁଚି···ଡାଆଣୀ କୋଉଠିକାର—ନିଜର ତ ରୂପ ନାହିଁ କି ଭେକ ନାହିଁ, ଅନ୍ୟକୁ ଦେଖି ସହିପାରୁନୁ କାହିଁକି ? ମରି, ଝରିଯାଉଚୁ ?"

କହି କହି ଅମଳା ଲୁଗା ପିନ୍ଧିଲା ଯଥାଶୀଘ୍ର—ରସିକ ଉଦ୍ଦେଶ୍ୟରେ 'ଯାଉଚି ଯାଉଚି' କହି, ବ୍ଲାଉଜଟା ପିନ୍ଧିଦେଇ, ମୁହଁରେ ସ୍ନୋ ଉପରେ ପଫ୍‌ଟା ବୁଲାଇଆଣି, କୁଙ୍କୁମ ଟିପଟାଏ ଲଗାଇଦେଇ ବାହାରିଗଲା ସେ ।

ନୀରବ, ନିସ୍ପନ୍ଦ ପଥରମୂର୍ତ୍ତି ଭଳି ସେ ଅନ୍ଧାର ଘେରି ଆସୁଥିବା ଘର ଭିତରେ ଛିଡ଼ା ହୋଇଥିଲା ସୁମାଲା—ଅମାଲା ଚିମୁଟି ଆମ୍ପୁଡ଼ି ପକେଇଥିବା ଜାଗାଗୁଡ଼ାକରେ ଝାଳ ବାଜି ପୋଡ଼ୁଚି ।

ଅପେକ୍ଷମାଣ ରସିକମୋହନ ଅଶ୍ଳୀଳ ଆଖିରେ ଅମାଲାକୁ ଚାହିଁଦେଇ ଉଭୟେ ଘରୁ ବାହାରି ଯାଉ ଯାଉ କହିଲା—

"ଭାରି ସୁନ୍ଦର ଦିଶୁଚ ଆଜି ?"

"ଶୁଭିବ—ହେଃ, ଏଠି ଗୋଟାଏ କ'ଣ ?" କହି ଚଟି ମାଡ଼ି ଫଟ୍ ଫଟ୍ ହୋଇ ବାହାରିଗଲା ସେ—ରସିକ ଅନୁସରଣ କଲା ତାକୁ । ଶେଷ କଥା ମଦନବାବୁଙ୍କୁ ଶୁଭିଥିବ ନିଶ୍ଚିତ ଭାବରେ ।

ସନ୍ଧ୍ୟାର କୋଳାହଳ ଭିତରେ ସେମାନେ ହଜିଗଲେ, ମିଳାଇ-ଗଲେ ।

ରାଗ, ଦୁଃଖ, ଅଭିମାନ, ଅପମାନ, ମାଡ଼ର ଯନ୍ତ୍ରଣା, ସବୁ ମିଶି ଗୋଟାଏ ଅଦ୍ଭୁତ ମାନସିକ ପରିବେଶରେ ସେମିତ 'ଠିଆ ଠିଆ ସୁମାଲା ଦୁଇ ହାତରେ ମୁହଁଟାକୁ ଲୁଚାଇଧରି କହିଁ କହିଁ ହୋଇ କାନ୍ଦିପକାଇଲା ।

Digitized by srujanika@gmail.com

ଅନ୍ଧାର ଘେରି ଆସୁଥିବା ସେ କୋଠରୀ ଭିତରୁ ତାର କାନ୍ଦର ସ୍ୱର ଅଧିକରୁ ଅଧିକ ଶୁଭିଲା ।

ଯେତେ ଚେଷ୍ଟା କଲେ ମଧ୍ୟ ସେ କାନ୍ଦ ରୋକିପାରିଲା ନାହିଁ ସୁମିଲା । କୋଉଠି ଥିଲା ଏତେ ଲୁହ କେଜାଣି ? ସତେ କି ବନ୍ୟାର ସୁଅ !

ଦ' ଆଖିରୁ ଧାର ଧାର ଲୁହ ବହି ଆସି ତାର ଗାଲ ଭିଜାଇ-ଦେଲା—ପଣତ ଭିଜିଗଲା ।

ସୁମିଲା ନିଜେ କିନ୍ତୁ ବୁଝିପାରୁ ନ ଥିଲା ସେ କାହିଁକି କାନ୍ଦୁଥିଲା ବୋଲି—

ଅମିଲା ଏମିତି ବ୍ୟବହାର କଲା ବୋଲି ? ବାପା ତା'ର ଏମିତି ଜଘନ୍ୟ ଲୋକ ବୋଲି ? ତା'ର ନିଜ ଜୀବନର ଏ ପରିବେଶ ?

ଏସବୁ ତାର ବଡ଼ସୁଦ୍ଧା ଘଟଣା । କୌଣସିଠାରେ ବୈଚିତ୍ର୍ୟ ତ କିଛି ନାହିଁ...

ଘରଟା ସାରା ଅନ୍ଧାର ନେସି ହୋଇଗଲାଣି । ରାସ୍ତାର ବତୀଖୁଣ୍ଟର ଆଲୁଅ ତିର୍ଯ୍ୟକ୍ ଭାବରେ ଆସି ପଡ଼ୁଛି ଘର ଭିତରେ—ବାହାର ଅଗଣାରେ । ପିଲାଏ ବସି ପାଠପଢ଼ା ଆରମ୍ଭ କଲେଣି ।

ମଦନବାବୁ ବୋଧହୁଏ ସାନ୍ଧ୍ୟ ଭ୍ରମଣରେ ବାହାରିଗଲେ କୁଆଡ଼େ—ତାଙ୍କ ଜୋତା ଶବ୍ଦ ଶୁଭିଲା ।

ଆକାଶ ଛାତିରେ ଫୁଟି ଉଠିଲେଣି ଅସଂଖ୍ୟ ତାରା ।

ଝରକା ବାଟେ, ଯେଉଁ ଚେନାଏ ଆକାଶ ଦିଶୁଛି, ସେତିକି ଆକାଶକୁ ଚାହିଁ ଦେଖିଲା ସୁମିଲା—

ଆକାଶଟା ସତେ ଯେମିତି ମୁହଁ ଫଣ ଫଣ କରିଛି—କଳା ଶାଢ଼ୀଟାଏ ପିନ୍ଧିଛି ଆଉ ସେଥିରେ ଅଙ୍କା ହୋଇଛି ଜରିର ଫୁଲ—

ନିଜ ପଣତରେ ସୁମିଲା ଲୁହ ପୋଛିଲା—ଧୀରେ ଧୀରେ ବାହାରି ଆସିଲା ଘର ଭିତରୁ ।—

ବାହାରେ ବି ସେଇ କଳା ଅନ୍ଧାର—ଜୀବନ ଭଳି ଭୟଙ୍କର—ବିଭୀଷିକାମୟ—

ବୁଲାହୋଇ ଆସିଲା ନାହିଁ......

Digitized by srujanika@gmail.com

ମାରଦବାଳା କାନ୍ଦୁଥିଲା···। ନିର୍ଜନ, ନିଶବ୍ଦ ରାତିର ସ୍ତବ୍ଧତା ଭିତରେ ବେଳେବେଳେ ତାର କୋହ ଶୁଭୁଥିଲା···ଶୁଭୁଥିଲା ତା'ର ଥରି ଥରି ରୁନ୍ଧାଗଲାର ସ୍ୱର ।

ଯାନ୍ତ୍ରିକ ଜହ୍ନ ଆଲୁଅରେ ତାର ଶେଥା ମୁହଁ ଉପର ଦେଇ, କୋରଡ଼ିଆ ଆଖିରୁ ଝରି ଆସୁଥିଲା ଦ୍ୱ' ଧାର ଲୁହ । ସ୍ପଷ୍ଟ ଭାବରେ ବାରି ହେଉଥିଲା, କୋହର ଚାପରେ ମୁହଁ ତାର କେମିତି ବିକୃତ ହୋଇଯାଉଛି ।

ସନ୍ଧ୍ୟାର ବହଳ ପ୍ରସାଧନର ଚିହ୍ନ ଧୀରେ ଧୀରେ ଧୋଇ ହୋଇ-ଯାଉଛି, ପୋଛି ହୋଇଯାଉଛି ନିର୍ଜନ ରାତିର ଏ ବାହୁନା ଭିତରେ—ଏ ଲୁହଧାର ଭିତରେ ।

ଫାଙ୍କା ଆକାଶଟା ଭିତରେ ଜହ୍ନ ଦେଖାଯାଉଥିଲା, ଗୋଟାଏ ନିଷ୍ପ୍ରଭ, ମଇଳିଆ ବଣ୍ଟି ଭଳି—ଯାହାକୁ ଲିଭାଇବା ପାଇଁ, ବତିବାଲା ବୁଢ଼ା ଭୁଲିଯାଇଛି । ଝୁଲି ଝୁଲି, ଗୋଟାଏ କଣରେ ଆଲୁଅ ଦେଇ ଝୁଲୁଛି ଯେ—ବଡ଼ ମଳିନ, ବଡ଼ ନିଷ୍ପ୍ରଭ ସେ ଆଲୋକ !

ସୁନୀଲକୁ କୋଳରେ ଶୁଆଇ, ବିଗତ ଦିନର ମଞ୍ଜୁଷାମ୍ରାଜ୍ଞୀ, ପ୍ରୌଢ଼ା, ବିଗତଯୌବନା, ବାର୍ଦ୍ଧକ୍ୟର ପ୍ରଥମ ପାହାଚରେ ପାଦ ଦେଇଥିବା, ମାରଦବାଳା, କଇଁ କଇଁ ହୋଇ କାନ୍ଦି ପକାଉଥିଲା, ରୂପ-ରସରେ ଭରା ରଙ୍ଗବେରଙ୍ଗୀ ତାର ଅଭିନେତ୍ରୀ ଜୀବନର ମନମତାଣିଆ କାହାଣୀ ଶୁଣାଉ ଶୁଣାଉ—

ହଁ, ମନମତାଣିଆ ନିଶ୍ଚେ—

ବହୁ ରୋମାଞ୍ଚକର ଦୃଶ୍ୟ—ରୋମାଞ୍ଚକର ବର୍ଣ୍ଣିକା—ଲାଲସାର ଖୋଲା ନିର୍ଲଜ୍ଜ ରୂପ, ପ୍ରେମ, ଯୌନ ନିବେଦନର ବହୁ ନୂତନ ନବୀନ ଢଙ୍ଗରେ ପରିପୂର୍ଣ୍ଣ ଏଇ ପ୍ରୌଢ଼ାଟିର ଜୀବନକାହାଣୀ—

ଶୁଣି ଶୁଣି ସୁନୀଲର ଲୋମ ଠାକୁର ଉଠୁଥିଲା ନିଜ ଅଲକ୍ଷ୍ୟରେ । ନିଜ ଜୀବନର ଶତ ଗ୍ଲାନିମୟ କାହାଣୀ ପାଶୋରି ପକାଇ, ସମସ୍ତେ ଘୃଣା କରୁଥିବା ଏଇ ମାରଦବାଳାର କୋଳରେ ମୁଣ୍ଡ ରଖି, ତା'ର କଥା ଶୁଣି

Digitized by srujanika@gmail.com

ସୁମିଲ୍ ପଶଚ କାନରେ ନିଜର ଜକେଇ ଆସୁଥିବା ଆଖିପତା ଫୋଛୁ ପକାଉଥିଲା ।

ସୁନ୍ଦରପୁରର ଏ ନିର୍ଜ୍ଜନ ଗାଉଁଲି ଡାକବଙ୍ଗଲାଟି ନିଃଶବ୍ଦ ରାତିରେ ଏଓଟି ମଞ୍ଚକନ୍ୟାଙ୍କର ରୂପ ଦେଖୁଥିଲା—

ମଞ୍ଚରୁ ଓହ୍ଲାଇ ଆସିଲା ପରେ କେତେ ନିଃସହାୟା ଏମାନେ, କେତେ ଲାଞ୍ଛିତା ! କେତେ ନିର୍ଯ୍ୟାତିତ ଏମାନଙ୍କର ଜୀବନ ?

କାହିଁ ସେ ଜନକୋଳାହଳ ? କାହିଁ ସେ ଉଚ୍ଛଳ ଉଚ୍ଛ୍ୱାସ ? ତାଳି ମାଡ଼—ବାହାବ୍‌ବା···?

ଜାଲ୍ ଆଲୁଅର, ମିଛ ରଙ୍ଗର ମନଗଢ଼ା କାହାଣୀ ଭିତରେ, ଲକ୍ଷ ଜୀବନକୁ ତତାଇ ମତାଇ, ଉନ୍ମାଦ କରାଇ, ଏଓଟି ଅଭିନେତ୍ରୀ ନିଶୂନ୍ ନିସ୍ତବ୍ଧ ରାତିର ମଝି ପ୍ରହରରେ, ସମସ୍ତଙ୍କର ଅଲକ୍ଷ୍ୟରେ, ରଙ୍ଗ ସମାରୋହ ବାହାରେ, ନିଜ ନିଜର ଜୀବନର ଛାତିରେ ଜଳପୋଡ଼ି ଯାଉଥିଲେ—

ଜଣେ ପାଉଁଶ ହେଇଯାଇଛି···ଜଣେ ଜଳୁଛି···

ବଡ଼ ମାୟାବିନୀ ଏ ରାତି···! ସ୍ୱା'ର ମୋହ ଏଡ଼ି ନ ପାରି, ଏମାନେ ହା ହତାଶ ହୋଇ ଜଳି ପୋଡ଼ି ଛାରଖାର ହୋଇଯାଇଛନ୍ତି···

ଘର ଭିତରେ ଶୋଇ ଅମିଳା ଘୁଙ୍ଗୁଡ଼ି ମାରୁଛି—ବୁଲାଭାଇ ଏଇ ସନ୍ଧ୍ୟାରେ ଫେରିଯାଇଛି—ପୁଣି କାଲି ବା ପଅରଦିନ ଫେରିଆସି ସୁବିଧା ଅସୁବିଧା ସବୁ ବୁଝିଯିବ । ସୁମିଲ୍, ଅମିଲ୍‌ଙ୍କ ସହିତ ଆସିଛି ମଞ୍ଚର ସର୍ବଶ୍ରେଷ୍ଠ ଅଭିନେତ୍ରୀ ମାରୁଦିବାଲା । ସାଙ୍ଗରେ ତା'ର ଗ୍ଟେଟ ପିଲ୍‌ଟିଏ—ସେ ବି ଶୋଇଯାଇଛି ଅମିଲ୍ ପାଖରେ ।

ମାରଦ ପ୍ରତ୍ୟେକ ମଞ୍ଚରେ ଅଭିନୟ କରିଛି । ପେଶାଦାରୀ ମଞ୍ଚ-ଗୁଡ଼ାକରେ ତା'ର ବିଶେଷ ନାଁ ଥିଲା । ସତରେ ସେ ଥିଲା ମଞ୍ଚର ରାଣୀ—ତା'ରି ନାଁରେ ଥିଏଟର୍ ଟିକେଟ୍ ସରିଯାଉଥିଲା । ନାଚ, ଗୀତ, ଅଭିନୟ, ସବୁଥିରେ ଥିଲା ସେ ଅପ୍ରତିଦ୍ୱନ୍ଦୀ, ଅଦ୍ୱିତୀୟା···।

କିଛି ବର୍ଷ ଧରି ଗୋଟାଏ ପେଶାଦାରୀ ଦଳରେ ରହିଲା ପରେ ସେଇ ଆରମ୍ଭ କରିଥିବା ପଚାଶ-ଷାଠିଏ ଟଙ୍କା ନ ବଢ଼ିଲେ ସେ ବାଧ ହୋଇ ପାର୍ଟି ବଦଳାଏ—ସବୁଠାରେ ସେଇ ଏକା କଥା । ପୁଣି ଦେହର ଜ୍ୱଳା ଇଏ । ସବୁ ଝ୍ୱଳାରେ ପୁରୁଣା ହେଲେ ଦରମା ବଢ଼େ—ଏଥିରେ ଛୁଟେ । ଦେହର ଜାକଜମକ ସରି ସରି ଆସିଲେ, ପଚଳା ନହନହକଆ

Digitized by srujanika@gmail.com

ଅଣ୍ଟାରେ ଚର୍ବି ଲାଗିଲେ, ବହଳ ଓଠ ପତଳା ହୋଇ କଳା ପଡ଼ିଗଲେ, ଜଙ୍ଘା ଜଙ୍ଘା ସ୍ତନ ନଇଁ ଆସିଲେ, କ କୁନ୍ଦାକୁନ୍ଦ ଦେହ ଶିଥିଳ ହୋଇ-ଆସିଲେ, କଳା କୁଆଡ଼େ ମରି ହଜଯାଏ ଲୋକଙ୍କ ଆଖିରୁ—କହିବେ ବୁଢ଼ୀଟା ! କବର୍ କବର୍ ହୋଇ ଢେଉଁଛି ? ଦରମା କମିଯିବ । ହିରୋଇନ୍ ନ ହୋଇ ମା' ହବାକୁ ପଡ଼ିବ ।

ମାରଦର ବୟସ ବି ଢଳି ଢଳି ଆସୁଥିଲା ।

ଅର୍ଥ ପାଇଁ ସେ ପେଶାଦାର ମଞ୍ଚ ଛାଡ଼ି ଏଇସବୁ ଆମେଚର ଦଳମାନଙ୍କରେ ଧୁରି ଧୁରି ପାର୍ଟ କଲା । ପଇସା ମିଳିଲା କଷ୍ଟହନପାଏ—କିନ୍ତୁ ଏବେ ? ସୁମିଲା, ଅମିଲାଙ୍କ ଭଳି ପ୍ରାୟ ପଚାଶ କି ଷାଠିଏ ହେବ ଆର୍ଟିଷ୍ଟ ଅଛନ୍ତି ଆଜକାଲି—

ମା', ବୁଢୀ, କଳହୁଡ଼ୀ ସ୍ତ୍ରୀଲୋକ, ଏମିତି ସବୁ ରୋଲ୍ ନଥିଲେ, ଏବେ ଆଉ କେହି ପଚାରନ୍ତି ନାହିଁ, ମାରଦବାଲାକୁ—

ଆଖିରେ ଝଲଣା ଧରିଲାଣି ମାରଦର—ପାର୍ଟ ପଢ଼ିଲାବେଳେ ଚଷମା ପିନ୍ଧୁଚି—ତା'ପରେ ଖୋଲିଦେଉଛି···

ମୁହଁରେ ତାର ନାକ ଦୁଇକଡ଼ରୁ ଓଠ ପର୍ଯ୍ୟନ୍ତ ଦଇଟା ଚଉଡ଼ା କଳାକଳା ଗାର—ଆଖି ତଳଟାରେ କିଏ ଯେମିତି ଅଙ୍ଗାର ଲେପି ଦେଇଛି—ଭଙ୍ଗ ପଡ଼ିଚ ମୁହଁରେ—ଗାଲ ଠାକୁଆ ହେଲାଣି । ପୂର୍ବର ସେ ଖାରୁ ହରିଣୀର ଚାହାଣୀ, କୋଉକାନ୍ତୁ କୁଆଡ଼େ ହଜଗଲାଣି···କଜଳଗାର ସବୁଚ ଲଭିଗଲାଣି—ସ୍ତନ ନଇଁ ପଡ଼ିଲାଣି ।

ନା·· ମାରଦକୁ କେହି ପଚ଼ରୁ ନାହାନ୍ତି···ହନେ ସୁମିଲାକୁ ଲୋକେ ଏମିତି ଆଉ ଡାକିବାକୁ ଆସିବେ ନାହିଁ—ହନେ କାହିଁକି ?··· ଆଉ ଦୁଇ ଚାରି ବର୍ଷ ତଫାତ୍···ସେହିନ ଆଗେଇ ଆସିଲାଣି ଦ୍ରୁତ ହାବରେ ।

ତା'ପରେ ପଡ଼ିବ ଅମିଲାର ପାଳି । ଅନ୍ଧାର ନାହିଁ···ତୋଫା ଜହ୍ନ ଆଲୁଅ···ଜଣେ ଲୋକ ପାଖରେ ଅଛି । ତଥାପି ସୁମିଲାକୁ ଘାରି ଡର ମାଡ଼ିଲା···କାହିଁକି କେଜାଣି ? ଗୋଟାଏ ଭୟଙ୍କର କଣ୍ଟୁ ଦେଖି ଚମକି ପଡ଼ିଲା ପରେ ବା ଡରିଗଲା ପରେ ଯେମିତି ବହୁତ ସମୟ ପର୍ଯ୍ୟନ୍ତ ସେ ଭୟଟା ଲାଗି ରହିଥାଏ, ଏକାଟିଆ କଣ୍ଟୁ କରି ହୁଏନା ସେଇ ସ୍ଥାନଆରେ, ସେମିତି ଲାଗିଲା ସୁମିଲାକୁ—

Digitized by srujanika@gmail.com

ସେ ଭୂତ ଦେଖିଛି···ତା' ମନ ଭିତରର କଳା କଳା ଭୂତ । ହଠାତ୍ ତା'ର ଶୀତେଇ ଉଠିଲା—

ଆଗରେ ଡାକବଙ୍ଗଳାର ରାସ୍ତା···ଦୁ' କଡ଼ରେ ଧାଡ଼ି ଧାଡ଼ି ହୋଇ ଚଉଁଠ ଗଛ—ଝାଉଁ ଗଛ—ଲମ୍ବି ଯାଇଛି ଫାଟକ ଯାଏ । ବଡ଼ ଫାଟକ—ଧଳା ରଙ୍ଗ ବୋଳା ହୋଇଛି—ସଫା ଦେଖାଯାଉଛି । ତା' ଆରପଟକୁ ଗାଁ ବୋଲି—ସେ କଡ଼କୁ ସୁନ୍ଦରପୁର ଗାଁ । ଆରପଟେ ସୁନ୍ଦରପୁରର ଷ୍ଟେସନ ବଜାର । ଅନେକ ଆଗରୁ, ସୁନ୍ଦରପୁରର ଶେଷବତୀଟି ବି ଲିଭିଗଲାଣି କେତେବେଳୁ । ଦୋକାନ ବାରଣ୍ଡାରେ—ରାସ୍ତା କଡ଼ରେ ବେଞ୍ଚ ପକାଇ ଦୋକାନର ଚାକର ପିଲା, ଅଜଣା ବାଟୋଇ ଜଣେ ଦୁ' ଜଣ ଶୋଇ ମଝିରେ ମଝିରେ ନିଦ ଭିତରେ ବଲବଲେଇ ଉଠୁଛନ୍ତି— ଗୋଟାଏ ଗୋଟାଏ କୁକୁର ଭୋ ଭୋ ହୋଇ ଭୁକି ଉଠି ପୁଣି ଶୋଇ ଯାଉଛନ୍ତି—ପହଡ଼ କଳିଆ ବିଲୁଆଗୁଡ଼ାକ ବହୁତ ଆଗରୁ ଭୁକିସାରିଲେଣି— ପବନରେ କୋଉଠୁ ଭାସିଆସୁଛି ରଜନୀଗନ୍ଧାର ମନ୍ଦ ମନ୍ଦ ଗନ୍ଧ । ସଫା ଦୁଧ ଭଳି ଆକାଶଟାରେ ତାରାଗୁଡ଼ାକ ଦୁଣି ହୋଇଯାଇଛନ୍ତି ଫୁଲ ଭଳି ।

ଜହ୍ନଟା ଝୁଲିଝୁଲି ଆଲୁଅ ଦେଉଛି—ସମଗ୍ର ପ୍ରକୃତି ଶୋଇ ପଡ଼ିଛି । ବେଳେବେଳେ ରାତିର ଅନ୍ଧକାର ଭିତରେ, ନିଦ୍ରା ପ୍ରକୃତି ଭିତରେ ମଣିଷର ମନ ମଧ୍ୟ ନିସ୍ତବ୍ଧ ହୋଇଯାଏ—ଗତିହୀନ ହୋଇଯାଏ···

ସୁଶୀଳା କିଛି ଭାବିପାରୁ ନ ଥିଲା—କିଛି ଠିକଣା କରିପାରୁ ନ ଥିଲା ମନ ଭିତରେ—ଅସଂଖ୍ୟ ଅଗଣନ ଚିନ୍ତା ଆସି ଫେରି ଯାଉଥିଲେ—ମନ-ସାଗରରେ ତାର ତରଙ୍ଗ ଉଠୁଥିଲା···ସ୍ଥିର ତରଙ୍ଗ ।

ଗରମରେ ଘର ଭିତରେ ନ ଶୋଇ ପାରି ଶାରଦ ଓ ସୁଶୀଳା ଉଠି ଆସିଥିଲେ ବାହାରକୁ । ଆଜେବାଜେ କଥା ପଡ଼ୁ ପଡ଼ୁ ଶାରଦ ମନକୁ ମନ କହିଲା ବସି ତା' ନିଜ କଥା ।

ଅଥଚ ଆଶ୍ଚର୍ଯ୍ୟ, ଶାରଦ ସକାଳୁ ଏମାନଙ୍କୁ ଘୃଣାମତ ଈର୍ଷା କରୁଥିଲା—ଦୁଇ ଆଖିରେ ଦେଖି ପାରୁ ନ ଥିଲା – ଶହେସାଲ୍‌ରେ ଏମାନଙ୍କ ଆକ୍ଟିଂ ଦେଖି ଖୋଲାଖୋଲି ଭାବରେ ମୁହଁ ବୁଲେଇ ଦେଉଥିଲା ।

ଏ ଧରଣର ଈର୍ଷା ମଞ୍ଚ ଉପରକୁ ଆସିଲା ଦିନରୁ ସୁଶୀଳା, ଅମିଳା ଅନେକ ଦେଖିଛନ୍ତି – ଅଙ୍ଗେ ନିଭେଇଛନ୍ତି—ଦାଦାଘଷରା ହୋଇଗଲାଣି ଏଗୁଡ଼ାସବୁ । ଆଗରୁ ଯେଉଁମାନେ ହିରୋଇନ୍ ହେଉଥିଲେ,

Digitized by srujanika@gmail.com

ସେମାନେ ଏ ନୂଆ ହ୍ୱିରୋଇନ୍‌ମାନଙ୍କୁ ଦେଖିଲେ ଚିଡ଼ନ୍ତି···ନାକ ଟେକନ୍ତି··· ଜଣେ ଜଣେ ତ ଅତି କଦର୍ଯ୍ୟ ଭାଷାରେ ଗାଳି ଦିଅନ୍ତି—କାନରେ ଶୁଣି ହେବ ନାହିଁ ସେକଥା···।

ଖୁବ୍ କମ୍ ଜାଗାରେ ଅଜ୍ଞାତ ଭବିଷ୍ୟତକୁ ସହଜରେ ଗ୍ରହଣ କରିଯାଏ—ଇଏ ସେଇ ଚିରନ୍ତନ, ଆଦିମ ଈର୍ଷା ! ଭାରି ଜଣାଶୁଣା !

ଅମଳ ଆଉ ସୁମଳ ଏକା ମା'ପେଟରୁ ଜନ୍ମ···ତଥାପି ତାଙ୍କ ଭିତରେ ଯେଉଁ ଈର୍ଷା, ଯେଉଁ ମନାନ୍ତର ! ନିରଦର ସେଇଆ ଥିଲି··· ।

ଏ କାକରଝରା ରାତି—ଏକାକୀ ଏ ହତାଶ, ମଳିନ ଜହ୍ନ— ଭଗବାନ୍ ଏ ପବନ—ପାଖରେ ସୁମଳି···ସବୁ ମିଶି ନିରଦକୁ ବାଉଳି କରିଦେଲେ କେମିତି !

ମାୟାବିନୀ ଏ ରାତି, କଥା କହୁଥିଲି ଅବଶ୍ରାନ୍ତ ଭାବରେ—ଅବିରାମ ଭାବରେ— ।

ନୀରଦର ମନ ବଦଳାଇ ଦେଇଥିଲି ଏ ରାତି··ନିଶୂନ୍, ନିଝୁମ୍, ଦିନର ଆଲୋକର ପ୍ରସବବେଦନାରେ କାତର ଏ ରାତି···

ନୀରଦ ଗପି ଚାଲିଥିଲା—ରାତି କେତେ ହେଲାଣି କେଜାଣି ?

ଘରଭିତରୁ ଅମଳର ଊର୍ଦ୍ଧ୍ୱ ନିଶ୍ୱାସ ଶୁଭୁଥିଲା—ମଶା କାମୁଡ଼ାରେ ଅତିଷ୍ଠ ହୋଇ ନୀରଦର ପିଲାଟି ଗୋଡ଼ହାତ ବାଡ଼େଇ ଛଟପଟ ହେଉଥିଲା । ନିଦ ବାଉଳାରେ ଉଁ···ଉଁ···ହୋଇ ପୁଣି ଶୋଇପାଉଥିଲା ସେ—

ନୀରଦର ଆଖିରେ ଆଖିଏ ଲୁହ ଜକଜକ କରୁଥିଲା ଚନ୍ଦ୍ର-କିରଣରେ—ଆବଡ଼ା ଖାବଡ଼ା ହୋଇ ଆସିଥିବା ଗାଲ ଉପରକୁ ଦି'ଧାର ଲୁହ ଗଡ଼ିଆସି ଶୁଖିଯାଇଥିଲା···

ସୁମଳି ଭୟରେ କାତର ହୋଇ ଶୁଣୁଥିଲି, ତା'ରି ଭିତର କାହାଣୀ । ସେଇ କହିଯାଉଛି—

—"କେହି ନୁହଁ ଲୋ ସୁମଳି, କେହି ନୁହଁ—ଆମର ହେଲେ କେହି ଜଣେହେଲେ ନାହିଁ ଏ ଦୁନିଆଁଟାରେ··ବାପା ମା ତ ଆମକୁ ଟଙ୍କା ପାଇଁ ଘରୁ ପଦାକୁ ଠେଲିଦେଲେ—ଦୁନିଆ ସାରା ଦହ ପାଇଁ ନିଜର କରି, ଆଦର କରି, ଦିହ ଗେଲରୁ ପର କରିଦେଲେ··ଲେମ୍ବୁ ରୁ ରସ ଚିପୁଡ଼ିସାରି, ଚୋପାଟାକୁ ଫୋପାଡ଼ିଦେଲା ଭଳିଆ—କେତେ

Digitized by srujanika@gmail.com

ବକ୍ତୃତା ସବୁ ଶୁଣିବୁ ଆମ ନାଁରେ···ଅନ୍ଧାରରେ ଏକାଠିଆ ପାଇଲେ, ସେଇ ବକ୍ତୃତା ଦେଲାବାଲା ବି ଗିଳିଦେବାକୁ ଠାକେଇଛନ୍ତି···!

କାବ୍‌ବା ହୋଇ, ରାତିର ସ୍ତବ୍ଧଥିବା ବାସ୍ତୁନା ସୁର ଶୁଣୁଥିଲା ସୁମିଲା।

—ଏ ଅଙ୍ଗରେ ମୁଁ କ'ଣ ନ ନିଭେଇଛି ? ରାତିରେ ଆମ ରଙ୍ଗବୋଳା ଦେହକୁ ଲୋଭେଇ କେତେ ବଡ଼ ବଡ଼ ବାବୁ, ଅଫିସର, ଧାଇଁଆସନ୍ତି – କଳା ଦେଖିବାକୁ ନୁହେଁ ଲୋ ! କଳା ରାତିରେ ଆମ ନରମ ଦିହ ଦେଖିବାକୁ···

···ମଣିଷ ପୁଣି ଦିହ ଧରି ଏ ଦିହକୁ କେତେ ଜଗିବ କି ଲୋ ?···

—ଡାକୁଙ୍କ ଭିତରେ ଘର କରି କେତେ ସାଇତିବ ଜନିଷପତ୍ର ? କେତେ ଛପାଇବ ନିଜକୁ ?

—ମୁଁ ପାରିଲି ନାହିଁ ଲୋ ସୁମିଲା···ମୁଁ ପାରିଲି ନାହିଁ···ଶେଷକୁ ଗୋଡ଼ ମୋର ଖସିଗଲା—

—ହଁ, ସେଥିରେ ବି ସମ୍ମାନ ବଢ଼ିଲା—ସକାଳ ଆଲୁଅରେ ତୁ ସ୍ତୁକର ! ରାତି ଅନ୍ଧାରରେ କେତେ ସମ୍ମାନ !

ଛେପ ଢୋକି, ଲୁହ ପୋଛି, ଆକାଶକୁ ଚାହିଁ, ଗୋଟାଏ ଦୀର୍ଘ-ନିଃଶ୍ୱାସ ପକାଇଲା ମିରଦ। କାଲୁହା ରାତିର ପବନ ଭିତରେ କୁଆଡ଼େ ମିଳାଇଗଲା ତା'ର ତାତିଲା ଦୀର୍ଘଶ୍ୱାସ କ୍ଷଣକ ଭିତରେ। ସେ ପୁଣି କହିଲା —

—ଆଖିରେ ରଙ୍ଗର ଚଷମା ପିନ୍ଧି ଦୁନିଆକୁ ଚାହିଁଲେ ରଙ୍ଗ ଦେଖାଯାଏ ସାରା ଦୁନିଆଟା। ସେମିତି ସବୁ ଭଲକି ଭଲ ରଙ୍ଗବେରଙ୍ଗ ଦିଶୁଥିଲା ଆଖିକି—

ସେ ରଙ୍ଗ କେତେ କେତେଦିନ ? ମଣିଷ ଜୀବନରେ ଏବେ ଏ ବସନ୍ତ କେଇଟା ଦିନ ପାଇଁ ଆସେ ? ଆସୁ ଆସୁ ତ ହଜିଯାଏ। ପୁଣି, ଝିଅ ପାଇଁ ?

ଆମୋଦ ସରିଯାଏ – । ରାତିର ତାତି, ରଙ୍ଗ, ଆମୋଦ, ଖାଲି କ'ଣ ଏତିକି ଆମର ଦରକାର ? ଜୀବନଟା କ'ଣ ଆମର ଖାଲି ଛଳନା ? ଅଭିନୟ

···ମିଛ ମଣିବୁ ଲୋ···ଜୀବନରେ ମୁଁ ସବୁ ପାଇଛି—କେତେ ମଉଜ, ମଜଲିସ୍—କେତେ ସ୍ତବ୍ଧଥିବା ଦୀର୍ଘଶ୍ୱାସ···ଜହ୍ନରାତି – ତୁ ମୋର, ମୁଁ ତୋର ବଚନିକା···ସବୁ ଶୁଣିଛି···

Digitized by srujanika@gmail.com

କିନ୍ତୁ ମନ ମୋର ଉଦ୍‌ଭଳ ବିକଳ ହୋଇ ଲୋଡ଼ୁଥିଲା ଗୋଟାଏ ନିରାପଦ ଆଶ୍ରୟ । କାନ୍ଦି ଥିଲା ଭିତରେ ଭିତରେ । ଗୋଟାଏ ଆଶ୍ରୟ… ଯୋଉଠି ମୁହଁ ଗୁଞ୍ଜି ମୁଁ ଜୀବନଟା ପାଇଁ ଭରସା ପାଇବି—ନିର୍ଭରତା ପାଇବି ।

ଉଡ଼ାଜାହାଜର ବନ୍ଦର ଭଳି—ଯୋଉଠି ଉଡ଼ି ଉଡ଼ି ଆସି ଠାକିପିବ…ଯେଉଁଠି ସତରେ ଅଭିନୟକୁ ଜୀବନ୍ତ କରିନେବ—ମଜିଜ ନୁହେଁ, ନିରାପତ୍ତା ଖୋଜୁଥିଲି ମୁଁ…

ଖାଲି ମୁଁ ନୁହଁ, ଯେ କୌଣସି ଝିଅ ଖୋଜେ ସେଇଆ…ତୁମେ ଖୋଜୁଥିବୁ ।

ଉପଭୋଗ କରି କରି ଚଟା ଲାଗିଯାଏ—ମନ ଚାହେଁ ଗୋଟାଏ ସାଥୀ, ଯିଏ ଅସଜଡ଼ା ଜୀବନକୁ ସଜାଡ଼ିବ—ଆକଟ କରିବ…ଗାଳି ଦବ …ସରିକି ଦୋଷ କଲେ—ଚୁଡ଼ିଲେ ଦି'ପଦ କଡ଼ା କଥା କହି ଆଖି ଲାଲ୍ କରିବ—କିନ୍ତୁ ନ ହେଲେ ମାରି ମାରି ପିଠି ଫଟାଇଦବ…।

ମିଛ ଆଦର କରନ୍ତି ସଭିଏଁ—ଆକଟନ୍ତି ନାହିଁ କେହି । ଆଉରି ଆଉରି ଖସଡ଼ାକୁ ଟାଣିନିଅନ୍ତି । ଆମେ ଅକୂଳ ଦରିଆ ଭିତରେ ହେଲି ଭେଲିକୁ ଦେଖୁ, ସାହା କେହି ନାହିଁ—

କାହିଁ ? କାହାକୁ ଜଣକୁ ତ ପାଇଲି ନାହିଁ…ଏ ଜୀବନରେ ଗୋଟିକୁ ତ ଦେଖିଲି ନାହିଁ, ଯିଏ ହାତ ଧରି ଆମକୁ ଏ ଖସଡ଼ାରୁ ଉପରକୁ ଉଠାଇନବ—! ଜୀବନ ଦେଇ ଖୋଜିଚି ମୁଁ ସୁମାଲ୍—ସାରା ଜୀବନ ଦେଇ ଖୋଜିଚୁ…ହେଲେ, ଜଣେ ବି ଦେଖି ନାହିଁ—!

ଚାରି ଭଳି ମଞ୍ଚର ଜଣେ ପ୍ରୌଢ଼ା କନ୍ୟା, ଯାହାର ପଶ୍ଚିମ ପଥିକ ସେ, ଜୀବନର କରୁଣ କାହାଣୀରୁ ଅସରାଏ ଶୁଣାଉ ଶୁଣାଉ କାନ୍ଦି ପକାଉଛି—ସୁମାଲ ଆଖିକୋଣରୁ ଲୁହ, ପୋଛିଲା—ସୁମାଲର ଆଉ ଧୈର୍ଯ୍ୟ ନ ଥିଲା—ସାରା ଦୁନିଆକୁ ଧ୍ୱଂସ ବିଧ୍ୱସ୍ତ କରିଦେବାକୁ, ନଖରେ ବିଦାରି ଚିରି ଖଣ୍ଡବିଖଣ୍ଡ କରିଦେବା ପାଇଁ ଇଚ୍ଛାହେଲା ତାର ସେହି ମୁହୂର୍ତ୍ତରେ—

ନିଦାଘର ସେହି ନିରବଚ୍ଛିନ୍ନ ରାତିରେ, ସୁମାଲର ମନର ବନ୍ଧ ଭାଙ୍ଗିଯାଉଥିଲା—ମାରିଦର କଥା ଶୁଣୁ ଶୁଣୁ ମନ ତାର ଭାସିଯାଉଥିଲା କାହିଁ ଲୁଆଡ଼େ—ନିଜକୁ ମାରିବ ଜାଗାରେ ବସାଇ ସେ ତଉଲି ଦେଖୁଥିଲା !

Digitized by srujanika@gmail.com

ଆଜଠାରୁ କେତେ ବର୍ଷ ପରେ ହୁଏତ ଏକ ଶୀତାର୍ତ୍ତ ରାତ୍ରରେ, କାଲୁଆ ପବନରେ, ଉଷୁମ ଲୁହ କେଇ ବୁନ୍ଦା ମିଳାଇଦେବ ସେ ରୂପେଲି କାକରବୁନ୍ଦା ସହିତ—

ଲୁହ ଆଉ କାକର କେହି ବାରିପାରିବେ ନାହିଁ—କାନ୍ଦ କାନ୍ଦ ତା'ର କାନ୍ଦଣା ବି ଥମିଯିବ ଏମିତି । ସେ ଦିନ ବି ଆଜି ବେଶୀଦିନ ନାହିଁ—

ଘୋଷର ରାତିଟା ବଢ଼ିଚାଲିଛି । ଚନ୍ଦ୍ର କୁଆଡ଼େ ଲୁଚିଯାଇଛି । ଘଡ଼ିକ ପାଇଁ ବାଦଲ ଭିତରେ । ଝାପ୍‌ସା ଅନ୍ଧାର ଘୁଞ୍ଚିଯାଇଛି ।

ଅମାଲ ଘରଭିତରେ ଶୋଇ ଛଟପଟ ହଉଛି । ମନେପଡ଼ିଗଲା ତାର, ସୁମାଲ ଗତ କାଲି ଦେଖିଥିଲା, ଆଜି ବି ଦେଖିଛି, ଅମାଲ ନରହରି ସହିତ କେମିତି ମିଳାମିଶା କରୁଛି ଅତି ଘନିଷ୍ଠ ଭାବରେ । ନରହରି ଏଇ ଗାଁର ଅଧାପାଠୁଆ, ପଇସାବାଲା ପିଲାଟିଏ । ଗାଁର ଯାତ୍ରାଟା ମୁନ୍ଦ ଲଗାଇଛି—ଗାଁ ଥିଏଟର ଦଳକୁ ପଇସାପତ୍ର ସାହାଯ୍ୟ କରେ—ବାଗେଇ ବାଗେଇ ଚେହେରା ରଖିଛି । ଗାଁ ଡ୍ରାମାମାନଙ୍କରେ ହିରୋ ସାଜେଥାଏ ସେଇ । ସାଧାରଣ ଡାଇଲଗ ବି କହିବାକୁ ବେଳେବେଳେ ସେ ଅଟେଇ ଅଟେଇ ଯାଉଛି—ସାଧାରଣ ଡାଇଲଗ୍ ବି ବେଳେବେଳେ ତା ପାଟିରେ ପଶୁ ନାହିଁ ।

ପହଞ୍ଚିଲାବେଳେ ଏଇ ନରହରି କେତେ ସମ୍ମାନ ଦେଖାଇ କହିଥିଲା ନମସ୍କାର କରି, ଆପଣମାନେ ଆସି ଆମ ଗାଁ ଧନ୍ୟ କରିଦେଲେ । ଆପଣ ଆଧୁନିକା ମହିଳା—କଳାର ପୂଜାରିଣୀ—ଏମିତି କେତେ କଥା । ସେତିକ କଥା ସେ ଆଗରୁ ଅଭ୍ୟାସ କରି ରଖିଥିଲା ବୋଧହୁଏ । ସହରରେ କୌଣସି ନାଟକରେ ସେ ଏମାନଙ୍କର ଅଭିନୟ ଦେଖିଛି—ମୁଗ୍ଧ ହୋଇଛି । ସାରା ଓଡ଼ିଶାରେ ଏମାନେ ସର୍ବଶ୍ରେଷ୍ଠ ଅଭିନେତ୍ରୀ ବୋଲି ତାର ଧାରଣା କୁଆଡ଼େ । ସେକଥା ବି କହିଛି ।

ଏ ଧରଣର କୌଣସି କଥା ନୂଆ ନୁହେଁ । ପ୍ରତ୍ୟେକ ଜାଗାରେ ଏଇ କଥା ଠିକ୍ ନ ହେଲେ ବି ଏଇ ଧରଣର କଥା ଶୁଣିବାକୁ ପଡ଼ିଥାଏ । ଶେଷ ବେଳ କହନ୍ତି, 'ଫୁଟାଣି ଦେଖଉଛନ୍ତି ବେଶୀ···ଯୋଉ ତ ଆକ୍‌ଟିଂ କଲେ ।

ଖଗବେଳ ଭିତରେ ସେଇ ନରହର ଅମାଲା ସହିତ ଏତେ ବନ୍ଧୁତା କରି ପକେଇଲା ଯେ ଅମାଲା ତାକୁ ଗୀତ ଗାଇ ଶୁଣାଉଥିଲା । ଆଜି ସେ ଠେକା ତାଳ ଦେଇ ତାବଲା ବଜାଉଥିଲା । ବୁଲାଣ୍ଡିଗ ହସି ହସି କହିଦେଇଗଲା —"ଟିକେ ଆଖି ରଖିଥିବୁ··· ଏ ନରହରିଟିର ଅବସ୍ଥାଟା ତ ଭଲ ଜଣା ଯାଉ ନାହିଁ ! ନିଜେ ବି ତୁ ସାବଧାନ ରହିବୁ ।" ସୁମାଲା ହସିଥିଲା ତା' କଥାରେ ।

ସୁମାଲା ଲକ୍ଷ୍ୟ କରିଛି, କେବଳ ଏକା ଏ ନରହରି କାହିଁକି ? ଖଦଡ଼ପିନ୍ଧା ସେ ରଘୁନାଥ ବାବୁଟି ? ଯିଏ ଡାକବାକୁ ଯାଇଥିଲେ ? ଜାଣି-ଅଜଣାରେ ଟିକେ ଛୁଦ୍ଧରେ ହାତ ବଜାଇଦେବାକୁ ସେ ଠାକ ବସିଛନ୍ତି ! କୁଆଡ଼େ ଦେଶସେବକ ! ଭୁଜ୍ଞାଟାରେ ପାନଖଣ୍ଡେ ବଢ଼ାଇଦେଇ କି ଗ୍ଲାସ୍‌ଟା ବଢ଼ାଇଦେଇ ହାତ ଛୁଇଁଛନ୍ତି !

ଏମିତି ଢେର୍ ଲୋକ ସୁମାଲା ଦେଖିଛି । ଏମାନେ ଠିକ୍ ଗେଣ୍ଡା ଭଳି । ଧୀରେ ଧୀରେ ଖୋଳରୁ ମୁଣ୍ଡଟି କାଢ଼ିବେ···ସନ୍ତର୍ପଣରେ ଆଗେଇବେ । ଥରେ ଦୁଇ ଥର ହାତ ବଜାଇଦେଇ ଛୁଇଁଦେଇ ଦେଖିବେ—ପ୍ରତିବାଦ ଆସୁଛି କି ନାହିଁ ବୋଲି—ବାଧା ନ ଦେଲେ ଆଗେଇ ହାତ ଧରି ପକାଇବେ···

କିଛି ଟିକେ କହିଦେଲେ ରାଗି କରି ଗେଣ୍ଡା ଭଳି ମୁଣ୍ଡଟିକୁ ଭିତରକୁ ପୂରାଇନେଇ ସାଧୁପୁରୁଷ ଭଳି କ୍ଷମା ମାଗିନେବେ !

ପରେ କହିବେ ଦୁଷ୍ଟ ରଣ୍ଡୀଟା—ମୋତେ ହାତଫାତ ଛୁଇଁ ପାଲରେ ପକାଉଥିଲା – ମୁଁ ଖସିଆସିଛି !

ଏଗୁଡ଼ାଙ୍କୁ ଭୟ ନାହିଁ ସୁମାଲାର···କିନ୍ତୁ ଏ ଗାଁରେ ? ସେ କୁଜ ଗେଣ୍ଡାଟି ବି ବୁଢ଼ ବୁଢ଼ ପାଦ କାଟି ଘାଏଲ କରିଦେବେ ।

ମାରିଦ କେତେବେଳୁ ଭୁମା ହେଲାଣି । କାନ୍ଦୁଥିଲା କି କ'ଣ କେଜାଣି, କିଛି କହୁ ନ ଥିଲା । ସୁମାଲା ତା ନିଜ ମନ-ରାଜ୍ୟରେ ଘୁରି ବୁଲୁଥିଲା ।

ନିଦ ମଳମଳ ଆଖିରେ ଅମାଲା ଉଠିଆସିଲା ବାହାରକୁ ।

—"କିଲୋ ! ତମେ ଛଇଟା କ'ଣ ଏଠି ଏମିତି ଭୂତଙ୍କ ଭଳିଆ ବସିଚ ? କ'ଣ ମୋତେ ଶୋଇନ ?"

—"ତୁ କାହିଁକି ଉଠିଲୁ ? ବାହାରକୁ ଯିବୁ ?"

Digitized by srujanika@gmail.com

—"ମଶାଗୁଡ଼ାକ ତ ଶୁଆଇ ଦେଉ ନାହାନ୍ତି ମୋତେ – ତା' ଛଡ଼ା ନୂଆ ଜାଗାଟା, ମୋତେ ନିଦ ହେଉ ନାହିଁ— ଘର ଗରମ ହଉଛି ।"

ମାଧବ ଆଉ ସୁମଲା ଝାଡ଼ିଝୁଡ଼ି ହୋଇ ଉଠିଲେ ଏଥର । ଅମଲା ବାହାରକୁ ଯାଇ ଫେରିଲା ।

ଜହ୍ନ ପହଁରି ଚାଲିଛି ଆକାଶ ଛାତରେ— ଡାକବଙ୍ଗଳା'ର ଆଗରେ ଥିବା ଗଛଗୁଡ଼ାକରୁ କାକର ପଡ଼ୁଛି ଟପ୍ ଟପ୍ ହୋଇ – ସତେ କି ପ୍ରତ୍ୟେକଟି ଗୋଟିଏ ଗୋଟିଏ ପ୍ରାଗୈତିହାସିକ ମୂର୍ତ୍ତି !

ନୀରବ, ନିଷ୍ପ୍ରାଣ ଗାଁଟା ଭିତରୁ ମଝିରେ ମଝିରେ ଶୁଭୁଛି କାହାର ଜଣ ଜଣଙ୍କର କାଶ ଶବ୍ଦ – ଖୁଁ ଖୁଁ ହୋଇ କାଶି ପୁଣି ଚୁପ ହୋଇଯାଉଛି ।

ରାତି ବଢ଼ିଚାଲିଛି ।

"ଚାଲ, ଶୋଇବା ଚାଲ ।"

ଘରେ ପଶିଲେ ତିନିହେଁ ।

ତାରାର ମଉଚ୍ଛବ ଭାଙ୍ଗିବାକୁ ଆଉ ଅଳ୍ପ ବାକି ଅଛି !

ରାତି କେତେଟା ହବ କେଜାଣି ! ବାପା, ମା, ଗୀତା, ପିଲାଏ ସବୁ ଶୋଇ ପଡ଼ିଲେଣି । ବାପାଙ୍କ ଘୁଙ୍ଗୁଡ଼ି ଶୁଭୁଛି । ସାନ ଛୁଆଟା ବେଳେବେଳେ ମଶା କାମୁଡ଼ାରେ ବ୍ୟସ୍ତ ହୋଇ କାନ୍ଦଉଠୁଛି । ଛାରପୋକ କାମୁଡ଼ାରେ ସମସ୍ତେ ମଝିରେ ମଝିରେ ଫଟ୍‌ଫାଟ୍ ହୋଇ ପିଠି ହେଉଛନ୍ତି । କ୍ଷଣକ ପରେ ପୁଣି କଡ଼ ବୁଲାଇ ଶୋଇଯାଉଛନ୍ତି ।

ବସ୍ତିରେ ବୁଲା ମଦୁଆ କେତେଟା ପାଟି କରି ଉଠୁଛନ୍ତି । ପୁଣି ଚୁପ ହୋଇଯାଉଛନ୍ତି । କାଁ ଭାଁ ଗୋଟାଏ ଗୋଟାଏ ରିକ୍ସାର ଘଣ୍ଟି, କାର୍ କି ଟ୍ରକ୍‌ର ହର୍ଣ୍ଣ, ଅକସ୍ମାତ୍ ପଥଚାରୀର ପାଦଶବ୍ଦ ରାତିର ନିର୍ଜନତା ଭଙ୍ଗ କରୁଛି ।

ଶୋଇ ଶୋଇ ସୁମଲା କାନ ଡେରିଥିଲା ଅମଲା କେତେବେଳେ ଫେରିବ ବୋଲି । ଉତ୍କଣ୍ଠ ହୋଇ ରହି ଅପେକ୍ଷା କରୁଥିଲା ଦୂର ଅଫିସ ଘଣ୍ଟା ଶବ୍ଦରୁ ସମୟ କେତେଟା ଜାଣିବା ଲାଗି—

Digitized by srujanika@gmail.com

ନାଃ, ବଜାଇବା ଲୋକଟା ଶୋଇପଡ଼ିଚ କି କ'ଣ କେଜାଣି ! ଆଦୌ ଘଣ୍ଟାଟା ବାଜୁନି !

ମୁହୂର୍ତ୍ତେ ଡେର ଦଣ୍ଡେ ଭଳି ଲାଗୁଛି ।

ବାପାଙ୍କର ଘୁଙ୍ଗୁଡ଼ି ଶବ୍ଦରେ ଘରଟା କମ୍ପିଉଠୁଛି । ବାହାରକୁ ଉଠିଆସିଲା ସୁମୀଲା । ଚନ୍ଦ୍ର ନାହିଁ ଆକାଶରେ—

ଅଜସ୍ର ତାରା ବର୍ଷାଧାର ହୋଇ ପଡ଼ିଛନ୍ତି ଆକାଶ ସାରା— ବାଲି ମୁଠାଏ ହାତରେ ଧରି ଜୋର୍‌ରେ ଫିଙ୍ଗିଦେଲେ ଯେମିତି ପଡ଼େ ।

କଳା ଆକାଶଟା ମାଡ଼ି ପଡ଼ୁଚି ।

ମୁହଁ ଫୁଲେଇଚି ଯେମିତି ।

କାନରେ ବେକମନ୍ଧରୁ, କଲରୁ, କପାଳରୁ ଝାଳ ପୋଛିଲା ସୁମୀଲା । ବାରଣ୍ଡାତଳ ପାହାଚ ଉପରେ ଥକ୍‌କା ମାରି ବସିପଡ଼ିଲା ।

ବାପା, ମା ନିଶ୍ଚିନ୍ତରେ ଶୋଇଛନ୍ତି । ଟିକେ ହେଲେ ଦୟା ନାହିଁ ମନରେ ଝିଅଟା ପାଇଁ । ବଡ଼ ଭଉଣୀ ସୁମୀଲା ମନରେ ଏଭଳି ପିତୃଭକ୍ତି-ମାତୃଭକ୍ତି ପାଇଁ ଧିକ୍‌କାର ଆସିଲା ମନରେ ।

କେତେବେଳେ କିନ୍ତୁ ଆସିବ ଅମୀଳା ?···

ପବନ ଆଦୌ ନାହିଁ । ଗୁମ୍‌ସୁମ୍ ମାରି ରହିଛି ।

ଗଭୀର ଦୁଃଖରେ ବି ବେଳେବେଳେ ମଣିଷ ଆଖିକୁ ଲୁହ ଆସେ ନାହିଁ । ସେ ଥକ୍‌କା ହୋଇଯାଏ—ସେମିତି ଠିକ୍ କଳା ଆକାଶଟା ଯେମିତି ଥକ୍‌କା ମାରି, ମୁହଁ ଫୁଲେଇ ଚାହିଁ ରହିଛି । ଆଉ ଟିକେ ଗଲେ ଝରିପଡ଼ିବ ଲୁହଧାର ।

ଅମୀଳା ଆକାଶକୁ ଚାହିଁଲା । କଣିକିଆ ହୋଇ ଗୋଟିକିଆ ତାରାଟା ପାଖରେ ଆଖି ଲାଖିଗଲା । ତାରାଟା ଆଖିମିଟିକା ମାରୁଛି । କ'ଣ ଇସାରା କରୁଛି ଯେମିତି ! ପୁଣି ଆଖି ବୁଲେଇଲା—ଆକାଶ ପରଦା ଉପରେ, ତାରଗୁଡ଼ାକ ରେଖା ହୋଇ ଗୋଟାଏ ଗୋଟାଏ ଭୟଙ୍କର ମୁହଁ, ମୁଣ୍ଡ ଆଙ୍କି ହୋଇଯାଉଥାଏ ।

ଆଖି ଫେରାଇ ଆଣିଲା ସୁମୀଲା ।

କାହିଁ ଅମୀଳା ?

Digitized by srujanika@gmail.com

ମନେ ପଡ଼ିଲା ତାର ବର୍ଷଣମୁଖର ସେ କଳା ଅନ୍ଧାର ରାତିଟିର କଥା । ତା'ର ନିଜ ଜୀବନର ସେ କାହାଣୀ ଅମଳା ଜୀବନରେ ବି ଫଳିଲା ? ରୋକିପାରିଲା ନାହିଁ ସେ ?

କାହିଁକି କେଜାଣି ସାନ ଭଉଣୀ ପାଇଁ ହଠାତ୍ ଅତି ମମତା-ସିକ୍ତ ହୋଇଉଠିଲା ମନଟା ତାର—ଗୋଟାଏ କା'ର୍ ଆସି ଅଟକିଗଲା ତାଙ୍କ ଘର ଦୁଆର ମୁହଁରେ । ନା, ହର୍ଣ୍ଣ ବାଜିଲା ନାହିଁ—

ତା' ବଦଳରେ ଶୁଭିଲା ଖଲଖଲ ହସ । ନାରୀକଣ୍ଠରେ କିଏ ଜଣେ କହୁଛି—

—"ଆରେ, ଛାଡ଼ନ୍ତୁ···ଛାଡ଼ନ୍ତୁ···କିଏ ଯଦି ଦେଖିବ ?···ଏ ରାସ୍ତାଟାରେ···?"

ତା' ପର ଶବ୍ଦ ଶୁଣି ସୁମାଳା ନିଜେ ଲାଜେଇଯାଇ ନିଜ ଗାଲରେ ହାତ ମାରିଲା—

"ଇସ୍ କି ଅଭଦ୍ର !"

ଏଥର ଗୋଟାଏ ମୋଟା ପୁରୁଷ କଣ୍ଠର ଅଟ୍ଟହାସ୍ୟ ଶୁଭିଲା । ସେ କହିଲା—"ଧେତ୍, କାହିଁକି ମିଛଟାରେ ଡରୁଚ ମ ? କିଏ ଏତେ ରାତିରେ ତମ ପାଇଁ ଜଗି ବସିଥିବ ?"

—"ସ୍ୱା' ବୋଲି ରାସ୍ତାଟାରେ ?"

—"କ'ଣ ହେଲା ସେଠୁ ?"

ବାରଣ୍ଡା ପାହାଚ ଉପରେ ଚଟି ଧପ୍‌ଧପ୍ ଶୁଭିଲା । ଗାଡ଼ିର ଷ୍ଟାର୍ଟ ଦେବାର ଶବ୍ଦ ଶୁଭିଲା—

"ଟା···ଟା··

"ଟା···ଟା···ପୁଣି କେବେ ଦେଖା ?"

ଗାଡ଼ିଟା ଛାଡ଼ିଲା ବୋଧହୁଏ । ସେ ଶବ୍ଦକୁ ଭେଦ କରି ଶୁଭିଲା—"କାଲି ସନ୍ଧ୍ୟା ପରେ ବି ଛାଡ଼ିବାକୁ ଆସିବ—"

—"ନା ନା···ଆଉ ଏମିତି"—

ଗାଡ଼ିଟା ଆଗେଇ ଯାଇଥିଲା ।

ନିର୍ଜନ ରାତିର ନିସ୍ତବ୍ଧତା ଭେଦ କରି ଏ ପ୍ରତ୍ୟେକଟି କଥା ଧ୍ୱନିତ ହୋଇଥିଲା ସୁମାଳା କାନରେ—

Digitized by srujanika@gmail.com

କଡ଼ା ଖଡ଼୍ ଖଡ଼୍ ହେଲା ।

ଦୁଃଖ, ରାଗ, ଅଭିମାନ, ଅପମାନରେ ସୁମାଳା ବୁଡ଼ିଯାଉଥିଲା ସେଇ ମୁହୂର୍ତ୍ତରେ—

ରାତିର ଏ ଅନ୍ଧକାର ଆହୁରି ଗାଢ଼, ଆହୁରି କଳା ହୋଇ ତାକୁ ଘୋଡ଼ାଇ ପକାନ୍ତା କି !

ଅମଳାକୁ ନିଶ୍ଚିହ୍ନ କରିଦିଅନ୍ତା !

ଅମଳାର ଲାଜ ତାକୁ ଗ୍ରାସ କଲା । ସେ କେମିତି ମୁହଁ ଦେଖିବ ଅମଳାର ?

ସେ ଶୋଇ ପଡ଼ିଥିଲେ ଭଲ ହୋଇଥାନ୍ତା—ବାପା, ମା ଭଲ କରିଛନ୍ତି ଶୋଇପଡ଼ି !

କଡ଼ା ଖଡ଼୍ ଖଡ଼୍ ବଢ଼ିଚାଲିଛି ।

ଉଠି ଛିଡ଼ା ହେଲା ସୁମାଳା । ବାରଣ୍ଡାକୁ ଆସିଲା । କିନ୍ତୁ କବାଟ ଫିଟାଇବାକୁ ଇଚ୍ଛା ହେଉ ନ ଥିଲା ତାର ।

ପାଦ ଦୁଇଟାକୁ ସେଇ ମୁହୂର୍ତ୍ତରେ ଯେମିତି କିଏ ଅକାମୀ କରି ଦେଇଗଲା ! ବହୁ ପରିଶ୍ରମର କ୍ଲାନ୍ତି ଯେମିତି ଅବଶ କରିଦେଇଛି ତାର ସମସ୍ତ ଶରୀରକୁ—

ଅମଳା ଏ ରାତି ଅଭିସାର କରିଥିଲା ! ପୁଣି ଘର ଦୁଆର ମୁହଁରେ ? ଗୋଟାଏ ପ୍ରଚଣ୍ଡ ଥାପ୍‌ପଡ଼ରେ ତାର ସେ ଘୃଣିତ ଉଚ୍ଛିଷ୍ଟ, କାଟଦାଂଷ୍ଟ୍ର ମୁହଁକୁ ପଛକୁ ଘୁରାଇ ଦେବାକୁ ଇଚ୍ଛା ହେଲା ତାର ।

ଅମଳା—ତା'ର ସାନ ଭଉଣୀ ଅମଳା । ତଥାପି···ଆଗେଇଲା ସୁମାଳା ଦାଣ୍ଡ କବାଟ ଫିଟାଇ ଦେବାକୁ ।

ବିରକ୍ତ ହୋଇ ଅମଳା କଡ଼ା ବାଜେଇ ଲାଗିଛି ଜୋର୍‌ରେ ଜୋର୍‌ରେ—କ'ଣ କରୁଛନ୍ତି ସବୁ ଏତେବେଳଯାଏ ବୋଲି ଭାବୁଥିଲା ସେ ।

ନାଃ, ଖାଇବା ଦରକାର ନାହିଁ । ପେଟଟା ପୂରିରହିଛି ।

ଦେହ, ମୁହଁ ସବୁ କେମିତି ଉଷୁମ ଉଷୁମ ଲାଗୁଛି—କ୍ଷଣକ ପାଇଁ ତାତିଗଲା ଭଳି । ନିଜକୁ କେବଳ ବିଛଣାରେ ଗଡ଼ାଇଁ ଦେଇପାରିଲେ ରକ୍ଷା ! ଉଃ, କି କ୍ଲାନ୍ତି !

Digitized by srujanika@gmail.com

ଏ ରାଜେନ୍ଦ୍ରବାବୁଟା ନାରୀ ଦେହ ପାଇଁ ରାକ୍ଷସଟାଏ । ଅବିକଳ କାହାଣୀର ସେ ବକଟାଳ ଅସୁର ପରି କଞ୍ଚା ଚୋବାଇ ଚୋବାଇ ଖାଇଯିବ ଦେହଟା ସାରା । ପରାସ ଲାଗୁଛି ।

ଧେତ୍ ! ବିରକ୍ତିରେ ଅମାଳା ନିଜର ଅବଶ ହାତଟାକୁ କବାଟ ଉପରୁ ଖସାଇଆଣି ଚୂପ୍‌ହୋଇ ଠିଆହୋଇ ରହିବାକୁ ଭାବୁଥିଲା ।

ନିଦରୁ ଉଠିଆସିଲା ପରି ଆଖି ରଗଡ଼ି ରଗଡ଼ି କବାଟ ଖୋଲିଲା ସୁମାଳା । "କ'ଣ କରୁଥିଲ କି ସମସ୍ତେ ? ଓହୋଃ···ବାଡ଼େଇ ବାଡ଼େଇ କଢ଼ାଟାକୁ ଭାଙ୍ଗି ଦେଇଥାଆନ୍ତି ଆଉ ଟିକିକରେ ତଥାପି କେହି ଖୋଲୁ ନାହାନ୍ତି ? କି ଆଶ୍ଚର୍ଯ୍ୟ !"

କହି ଭିତରକୁ ଆସିଲା ଅମାଳା । ରାଜରାସ୍ତାର ସେଇ ସ୍ୱଳ୍ପ ଆଲୋକରେ ମଧ୍ୟ ତା'ର ସେଇ ମୁକୁଳା କେଶପାଶ, ଅଲରା ବେଶବାସ ସ୍ପଷ୍ଟ ବାରିହେଉଛି । ନିରିଖି ନିରିଖି ସୁମାଳା ଦେଖିଲା ତାକୁ – ଅମାଳା ନିଜ ଗାଲରେ ହାତ ରଖିଲା । ଲୁଚାଇଲା ଭଳି ଦେଖାଗଲା ।

ସୁମାଳା ପ୍ରଶ୍ନ କଲା—

—"କ'ଣ ହୋଇଛି କଲୋ ସେ ଗାଲରେ ?"

—"କାହିଁ କଛି ନାହିଁ ତ !" ଚମକି ପଡ଼ିଲା ଭଳି ହୋଇ କହି ଅମାଳା ଆଗେଇଲା ଘର ଭିତରକୁ । ପଛେ ପଛେ ତା'ର କବାଟ ବନ୍ଦ କରି ସୁମାଳା ମଧ୍ୟ ତାକୁ ଅନୁସରଣ କଲା ।

—"ଏତେ ଜୋର୍‌ରେ କବାଟ ପିଟୁଥିଲୁ କାହିଁକି ?"

—"ଶୁଣୁ ନ ଥିଲ କେହି, ଏଇନେ ପଚାରୁଚ କାହିଁକି କବାଟ ପିଟୁଥିଲ ?"

—"ଶୁଣୁ ନ ଥିଲ କ'ଣ ମ ? ତୁ ତ ଜମା ଦି'ଡାକ ଡାକିଚୁ ! ଥରେ କି ଦି'ଥର କବାଟ ବାଡ଼େଇଚୁ !"

—"ବାଡ଼େଇ ବାଡ଼େଇ ପଛେ ମୋ ହାତ ଥକିଗଲାଣି – ଡାକି ଡାକି ତଣ୍ଟି ପଡ଼ିଗଲାଣି ଆସି, କହୁଚ କ'ଣ ନା, ଦି'ଡାକ ଡାକିଚ, ଥରେ ଦି'ଥର ବାଡ଼େଇଚ—"

– ଘୂମନ୍ତ ଘରଟାସାରା ଆଖି ବୁଲେଇ ଆଣିଲା ଅମାଳା । ସତେ କି ଯାଦୁକର କିଏ ଆସି ଏମାନଙ୍କ ଦେହରେ ଯାଦୁକାଠି ଛୁଆଁଇ ଦେଇ ଯାଇଛି—ଜଣ ଜଣକୁ ଚାହିଁ ଚାହିଁ ଅମାଳା ଶାଢ଼ୀଟା ଖୋଲିପକାଇଲା ଆଗ ।

Digitized by srujanika@gmail.com

କେବଳ ସାୟା, ବ୍ଲାଉଜ ପିନ୍ଧି, ପାଦ ଚେକ ଚେକ ଆସି, ଗୋଟାଏ କଣରେ ଥୁଆହୋଇଥିବା ଆଲଣାଟାରୁ ମଇଳା ଶାଢ଼ୀଟାଏ ଟାଣିଆଣି ବଦଳାଇ—ତା'ପରେ ବ୍ଲାଉଜ, ବ୍ରେସିୟର ଗୋଟାକ ପରେ ଗୋଟାଏ କାଢ଼ିପକେଇ ସେଇ ଆଲଣା ଉପରକୁ ଫୋପାଡ଼ିଦେଲା । ମୁହଁରେ ହସ ଫୁଟାଇ ସୁମାଳକୁ ପଚାରିଲା—

—"କ'ଣ, ଖାଇବାକୁ କିଛି ଅଛି କଲେ ଅପା ?"

—"ହଁ ।" ଗମ୍ଭୀର ହୋଇ ଉତ୍ତର ଦେଲା ସୁମାଳ—ଅମାଳ ବୁଝିପାରୁଥିଲା ସେ ଅପା ବିରକ୍ତ । ତେଣୁ ପ୍ରମାଦ ଗଣି ଗଣି ଅତି ନରମ ଗଳାରେ ପଚାରିଲା ପୁଣି—

"ତୁ କ'ଣ ଏତେବେଳଯାଏ ଖାଇନୁ ?"

"ନା ।"—ଅତି ସଂକ୍ଷିପ୍ତ ଉତ୍ତର ।

"ଏତେବେଳଯାଏ ତୁ କାହିଁକି ଖାଇଲୁ ନାହିଁ ?"

"ତୋତେ ଅପେକ୍ଷା କରି"—ରୋଷେଇ ଘର ଆଡ଼କୁ ପାଦ ବଢ଼ାଉ ବଢ଼ାଉ କହିଲା ସୁମାଳ । ଯେତେ ଯେମିତି ଅମାଳର କୌଣସି କଥାର ଉତ୍ତର ଦେବା ପାଇଁ ସ୍ପୃହା ତା'ର ନାହିଁ ।

ଅମାଳ ତାକୁ ଅନୁସରଣ କରୁଥିଲା—ମିଞ୍ଜି ମିଞ୍ଜି ହୋଇ ଜଳୁଥିବା ଲଣ୍ଠନଟା ନେଇଦେଇ ରୋଷେଇ ଘର କବାଟ ଫିଟାଇଲା ସୁମାଳ । ଚୁଲି ଉପରେ ଘୋଡ଼ଆ ହୋଇ ଥୁଆହୋଇଥିବା ରୁଟି, ତରକାରି ନେଇଆସିଲା ସୁମାଳ । ଗ୍ଲାସରେ ପାଣି ଅଜାଡ଼ି ଆଣି ଖାଇବାକୁ ବସିପଡ଼ିଲା ଅମାଳ ।

କିଛି ସମୟ ପୂର୍ବରୁ ଘଟିଯାଇଥିବା ଘଟଣା ବିଷୟରେ, କାହିଁକି ସେ ଏତେ ଡେରିକରି ଫେରିଲା ସେ ବିଷୟରେ ଅମାଳକୁ ପଚାରିବ ପଚାରିବ ହୋଇ କିଛି ପଚାରି ପାରୁ ନ ଥିଲା ସୁମାଳା । ଏତେ ସମୟ ଧୈର୍ଯ୍ୟ ଧରି ରହିଥିଲା ସେ । ଖାଉ ଖାଉ ପଚାରିଲା—

"ତୋର ଏତେ ଡେରି ହେଲା କାହିଁକି ?"

"ରିହର୍ସାଲ ସରିଲେ ସିନା ଆସିବ !"—ରୁଟିପଟେ ଛିଡ଼ାଉ ଛିଡ଼ାଉ କହିଲା ଅମାଳା ।

"କାହିଁକି ? ତୁ କହିଦେଇନୁ, ମୁଁ ଦଶଟା ପରେ ଆଉ ରହିପାରିବ ନାହିଁ—ଯେମିତି ଆମେ ସବୁବେଳେ କରିଆସିଚେ ?"

Digitized by srujanika@gmail.com

—"ମୁଁ କ'ଣ କହୁ ନାହିଁ କି ?" ଦୋଷୀ ଭଳି ତଳକୁ ମୁହଁ ପୋତି ଗୁନ୍ଦୁରେଇବାକୁ ଇଚ୍ଛା କଲା ଅମିଲା । ସୁମିଲା ବୁଝୁଥିଲା ସେ ମିଛ କହୁଛି ଏବଂ ସେ ନିଜେ ବୁଝୁଥିଲା ଯେ ଏଇ ଅଭିଜ୍ଞା ବଡ଼ ଭଉଣୀଟି ତା'ର ବୁଝିପାରୁଛି ଯେ ସେ ମିଛ କହୁଚି ବୋଲି । ଏବେ ବୁଲେଇ ନ ପଚାରି ବଡ଼ ଭଉଣୀ ଭାବରେ ଅତି ଖୋଲାଖୋଲି ଏତେବେଳଯାଏ କାହା ସାଙ୍ଗରେ ଥିଲୁ ବୋଲି ପଚାରିଦେଲେ ବରଂ ସେ ରକ୍ଷା ପାଇଯାନ୍ତା ବୋଲି ଭାବୁଥିଲା ଅମିଲା ।

ସୁମିଲା କିନ୍ତୁ ହଠାତ୍ ଆଦୌ ପଚାରିପାରିଲା ନାହିଁ ଯେତେ ଚେଷ୍ଟା କଲେ ମଧ୍ୟ, ଯଦିଓ ସେ କିଛି ସମୟ ଆଗରୁ ସେମାନଙ୍କର ସମସ୍ତ କଥୋପକଥନ ତାକୁ କହି ସିଧାସଳଖ ପଚାରି ପାରିଥାଆନ୍ତା ! ବେଳେ ବେଳେ ଆଖିରେ ଜଣେ କିଏ ଜଣାଶୁଣା ଲୋକ ଚୋରି କରି ନେଇ ଯାଉଥିବାର ଦେଖିଲେ ମଧ୍ୟ ଲଜ୍ଜାରେ କିଛି କହିହୁଏନା କି ପଚାରି ହୁଏନା—ଚୋରର ହୁଏତ ଲାଜ ନ ଥାଏ—

—"ତୁ କହିଲା ପରେ ମଧ୍ୟ ସେମାନେ ଏମିତି ଡେରି କରୁଛନ୍ତି ?"

—"ହଁ, ପ୍ରଥମେ ପହଞ୍ଚିଲା ବେଳକୁ ସାତଟାବେଳେ ଜଣେ ଦି'ଜଣ କିଏ ଥିବେ, ଯାହାଙ୍କର ପାର୍ଟ ନାହିଁ, ଭଲେଣ୍ଟିଅରସବୁ—ବାବୁମାନେ ଆସିଲାବେଳକୁ ସାଢ଼େ ଆଠ କି ନଅ···ରାଗିଯାଇ ଚାଲିଆସିବାକୁ କହିଲେ ହାତ ଗୋଡ଼ ଧରି କ୍ଷମା ମାଗିବେ, ଖୋସାମତି କରିବେ, କେତେ ପ୍ରକାର ନେହୁରା ହୋଇ କହିବେ—"

କିଛି ସମୟ ନୀରବ ରହିଲା ସେ—ଲକ୍ଷ୍ୟ କରୁଥିଲା ଅପା ମୁହଁର ପରିବର୍ତ୍ତନ ହେଉଛି କି ନାହିଁ—

କୌଣସି ପରିବର୍ତ୍ତନ କିନ୍ତୁ ନାହିଁ ସୁମିଲା ମୁହଁରେ । ପାଣି ପିଇସାରି ବେଶ୍ ଗମ୍ଭୀର ଭାବରେ କହିଲା ସେ—

—"ତୁ କ'ଣ ନୂଆ ନୂଆ ପାର୍ଟ କରୁଚୁ, ନା ମୁଁ ଏସବୁ କିଛି ଜାଣେନା ? ବୁଢ଼ୀ ପରି ହେଲଣି ଆସି ତେର ଚଉଦ ବରଷ ହେବ । ରାମ ବନବାସ ଗଲା ପରି ମୁଁ ଏ ଲାଇନରେ ଆସି ଚଉଦ ବର୍ଷ ବିତେଇଲଣି । ମୋତେ କହୁଚୁ···'ସେମାନେ ଖୋସାମତି କରୁଛନ୍ତି ବୋଲି ତୁ ରାତି ଗୋଟାକରେ ଫେରିବୁ ?"

Digitized by srujanika@gmail.com

"ଗୋଟାଏ କ'ଣ ହେଲାଣି ?"—ଅନୁନୟ କରି ଗେହ୍ଲେଇ ହୋଇ କହିଲା ଅମଳା ।

—"କାନ ପାତିଥା ଶୁଣିବୁ ଯେ !"

—"ମୁଁ ଆଉ କ'ଣ କରିବି ? ସାଙ୍ଗରେ ତ କେହି ଯାଇ ନାହାନ୍ତି, ଏକୁଟିଆ ବା ମୁଁ କେମିତି ଫେରିବି, ସେମାନେ କିଏ ଛାଡ଼ିବାକୁ ନ ଆସିଲେ ?"

ବୃତ୍ତର ପରିଧିରେ ନ ଘୂରି କେନ୍ଦ୍ରକୁ ସହଜ ରାସ୍ତାରେ ଚାଲି ଆସିବାକୁ ସିଦ୍ଧାନ୍ତ କରି ଅମଳା ପ୍ରାୟ ସ୍ୱୀକାରୋକ୍ତି କଲା । ନିଜେ ନିଜେ ସେ କହିଦେଲା ଯେ, ଏ ରାତିରେ ସେ ଆଜି ଜଣକ ସାଙ୍ଗରେ ଆସିଥିଲା···

—"କିଏ ଆସିଥିଲା ଛାଡ଼ିଦେବାକୁ ? କାହିଁ ରିକ୍ସା ଫିକ୍ସା ତ କିଛି ନ ଥିଲା !"

ସନ୍ଦେହୀ ଦୃଷ୍ଟିରେ ଅପା ମୁହଁକୁ ଚାହିଁଲା ଅମଳା—ଅପା ଯେ ସବୁ ଜାଣିଛି ଓ ଶୁଣିଛି, ଏ ବିଷୟରେ ସେ ଏଥର ନିଶ୍ଚିତ ହେଲା ।

"ଜଣେ ଭଦ୍ରଲୋକଙ୍କର କାର୍ ଅଛି ତାଙ୍କ ଭିତରୁ, ସେଇ ଆମକୁ ସବୁ ଆଣି ଛାଡ଼ିଦେଇ ଯାଉଛନ୍ତି ରିହର୍ସାଲ ଶେଷରେ—"

—"ଆଉ ସବୁ ଲେଡ଼ି ଆର୍ଟିଷ୍ଟ କିଏ କଏ ଅଛନ୍ତି କି ?"

—"ଚନ୍ଦ୍ରମଣି, ପୂର୍ଣ୍ଣଶଶୀ, ଧୀରା—"

—"ତମେ ସମସ୍ତେ କ'ଣ ଏକାଠି ଆସିଲ ?"

—"ତାଙ୍କୁ ସବୁ ଛାଡ଼ି ମୁଁ ଏଠି ସବାଶେଷରେ ଓହ୍ଲାଇଲି ।"

—"ମଲା, ତୁ ତ ଏବାଟେ ଆସିଥିଲେ ପ୍ରଥମେ ଓହ୍ଲାଇ-ଥାଆନ୍ତୁ··"

ଗୋଟାଏ ବାଜିବାର ସମୟ-ସଙ୍କେତ ଶୁଭିଲା—

"ଶୁଣିଲୁ ?"—ଅମଳା ନୀରବ ରହିଲା ।

"ଉଠ ଏଥର"—ପୁଣି ସୁମିଳା ତାଗିଦ କଲା । ଥାଳିଆ, ଗାଡ଼ିଆ ଗୋଟାଏ କଡ଼କୁ ଠେଲିଦେଇ ପାଣି ପକାଇଦେଲା ସେ । ଉଠିଲେ ଦୁହେଁ ।

"ତୁଇ ତା'ହେଲେ କାର୍‌ରେ ଆସି ସେ ଭଦ୍ରଲୋକଙ୍କ ସାଙ୍ଗେ କଥାବାର୍ତ୍ତା ହେଉଥିଲୁ କି ?"

ବହୁ ଭୂମିକା ସରିଯାଇଛି । ଅମଳାର ମାନସିକ ପ୍ରସ୍ତୁତି ପର୍ବ ସରିଛି ଏ ଧରଣର ପ୍ରଶ୍ନ ପାଇଁ । ଆଉ ଟିକେ ଅପେକ୍ଷା ନ କରି ପଚାରିଲା

Digitized by srujanika@gmail.com

ସୁମାଲା –ଅମାଲା ମଧ୍ୟ ଏ ପ୍ରଶ୍ନର ଉତ୍ତର ମାରବତାରେ ଦେଇ ପାଲଟା ପ୍ରଶ୍ନ କଲା –

–''ତୁ କ'ଣ କରୁଥିଲୁ ?''

—"ଏଇ ବାରଣ୍ଡାରେ ବସିଥିଲି ।"

ଅମାଲାର ଛାତି ଧକ୍‌କ କରି ହେଲା । ଅଗ୍ଗା ତେବେ ସବୁ ଶୁଣିଚ ? ଜାଣିପାରିଚ ?···

ଫେଲ ହୋଇଥିବା ପିଲା ଫେଲ ହୋଇଯାଇଚ ବୋଲି ଆଗରୁ ଜାଣି ସୁଦ୍ଧା ପ୍ରଥମ କରି ସଠିକ ଖବର ପାଇଲେ ଯେମିତି ଚମକିଯାଏ –

ସୁମାଲକୁ ଛାଡ଼ି ଏକୁଟିଆ ପାର୍ଟ କରିବାକୁ ଯାଉଚି ଅମାଲି ଏଇ ପ୍ରଥମ ଥର ପାଇଁ—ମାରୁଆଡ଼ି ଡ୍ରାମାଟିକ୍ କ୍ଲବ ଗୋଟାଏ ହିନ୍ଦୀ ଡ୍ରାମା କରୁଛନ୍ତି । ସେଇଥିରେ ଅମାଲି ହିରୋଇନ୍ ହୋଇଛି । ସୁମାଲି ସେଥିରେ ପାର୍ଟ କରୁ ନାହିଁ, ହିନ୍ଦୀ ଡାଇଲଗ୍ ତା ମୁହଁରେ ଭଲକରି ପଇଟିବ ନାହିଁ ବୋଲି ।

କେବଳ ଗୋଡ଼ାଣିଆ ହୋଇ ଜଗିବାକୁ ଯାଇ, ସେଠି ବସିବା ପାଇଁ ଇଚ୍ଛା ନାହିଁ ସୁମାଲର—ସେଥିପାଇଁ ଯାଉ ନାହିଁ ତା ସାଙ୍ଗରେ—

ଅପା କ'ଣ କ୍ଷୁବ୍ଧ ? ଏକୁଟିଆ ତାକୁ ଗୋଟାଏ କଲ୍ ମିଳିଛି ବୋଲି ଅପା କ'ଣ ଅଭିମାନ କରୁଛି ? କ୍ଷଣକ ଭିତରେ ଲକ୍ଷେ ଭାବନା ଛୁଟିଗଲା ଅମାଲର ଫାଙ୍କା ମନର ଆକାଶକୁ –ଗ୍ରେଟ ଗ୍ରେଟକରି ଧରା ପଡ଼ିଗଲା ପରେ ବା ଗୋଟାଏ କୌଣସି ଲଜ୍ଜାକର ପରିସ୍ଥିତି ଘଟାଇ ମଣିଷର ମନ ଯେମିତି ହୁଏ, 'ଅମାଲି ସେମିତି ଅନୁଭବ କରୁଥିଲା ।

–"ସେ ଭଦ୍ରଲୋକ ପୁଣି କାଲି ଆସି ଡାକିବେ ବୋଲି କହିଯାଇଛନ୍ତି ଯେ···"

—"ମୁଁ ଶୁଣିଚି—"

ଅତି ଗମ୍ଭୀର ଭାବରେ କହିଲା ସୁମାଲି । ଜଣାଇଦେବାକୁ ସେ ଚାହୁଁଥିଲା ଯେ କେବଳ ଏତିକି ନୁହେଁ, ସେମାନଙ୍କର ପ୍ରତିଟି କଥା ସେ କାନପାରି ଶୁଣିଛି—ନିଜେ ନିଜେ, ନିଜ ତରଫରୁ କୈଫିୟତ ମାଗିଲେ ଅମାଲି ହୁଏତ ଭାବିବ ଯେ, ଅପା ତାର ଶ୍ରୀକାଟର ହୋଇ ଏମିତି କହୁଛି—ଅବା ତା' ପ୍ରତି ଘୃଣ୍ୟ ମନ୍ତବ୍ୟ କରୁଛି-–ସେଇଥିପାଇଁ ମାରବ ରହିଲା ସୁମାଲି···। ଅମାଲି ମନର ଛକାପଞ୍ଝାକୁ ଏଡ଼ାଇଯାଇ ସେ ସମ୍ପୂର୍ଣ୍ଣ

Digitized by srujanika@gmail.com

ବୀତସ୍ପୃହ ଭଳି ଟିକେ ଆଗରୁ ଘଟିଥିବା କୌଣସି କଥା ନିଜ ତରଫରୁ ଉତ୍ଥାପନ କରୁ ନ ଥିଲା—ବରଂ ଏଡ଼ାଇଯିବା ପାଇଁ ଚେଷ୍ଟା କରୁଥିଲା ବାରମ୍ବାର ।

ଏଥର ଥର ସତରେ ଆରମ୍ଭ ହେଲା । ଅମିଲାର ଏକାକୀ ଯାତ୍ରା—ଇଏ ଯାତ୍ରାରମ୍ଭ ମାତ୍ର···ଯାହା ବହୁଦିନ ଆଗରୁ କଳନା କରୁଥିଲା ସୁମିଲା, ନିଜକୁ ଆରସିରେ ଚାହିଁଚାହିଁ—

ଆଖି ଚାରିକଡ଼ର କଳା କଳା ଦାଗ—ମଟିଗାଲ ଉପରେ ଠିକ୍ ବେଆଡ଼ା ହାଡ଼ଖଣ୍ଡେ ଧୋଡ଼କା ଧୋଡ଼କା ବାହା—ନୋସଡ଼ିଲା ଗୁଣ୍ଡ··· ପତଳା ବାଳ···କଜଳ ଲିଭିଯାଇଥିବା ଆଖିର ଜ୍ୟୋତିହୀନ ଚାହାଣି, ସବୁ ମିଳିମିଶି, ଆଖିମିଟିକା ମାରି ସତେ କି କହୁଥିଲେ ବୁଢ଼ୀ ମାରଦବାଲା ଭଳି, ତୋ ଦିନକାଳ ସରିଆସିଲା ଏଥର···ଆଉ ନାହିଁ···ଆଉ ନାହିଁ··· ଆଉ ନାହିଁ

ସହଜ ମନରେ ଗୋଟାଏ କଥା ନେବାକୁ ଅନେକ ପ୍ରଯତ୍ନ କଲେ ବି କୋଉ ଗୋଟାଏ ଅଜଣା ତନ୍ତ୍ରୀ ଉପରେ ଆଘାତ ଲାଗି ଚହଲିଯାଏ ମନଟା!—କୋଉଠି ଗୋଟାଏ ଟଣକିଉଠେ—ବିନ୍ଧିଉଠେ । ନା···ସେ ହିଂସା କରେନା—ଈର୍ଷା କରେ ନାହିଁ—ନିଜର ବଡ଼ମ୍ବନାକୁ ଆଦରି ନେବା ପାଇଁ ତା'ର ସମସ୍ତ ପ୍ରଚେଷ୍ଟା—

କଥାର ମୋଡ଼ ଘୁରାଇବାକୁ ଚେଷ୍ଟା କଲା ଅମିଲା ଓ ସେଇଥିପାଇଁ ହଠାତ୍ ଆରମ୍ଭ କଲା, ସେ ପାର୍ଟ କରୁଥିବା ଡ୍ରାମାର କଥା—

—"ଏ ଡ୍ରାମାଟା ନିହାତି ବାଜେଟାଏ ମ—ଖାଲି ଗୁଡ଼ାଏ ବେଶପୋଷାକ ପିନ୍ଧି ଚେହେରା ଦେଖାଇବା କଥା ସିନା ହେବ—ହେଲେ ଆକ୍ଟିଂ କରିବାକୁ ଜମା ସ୍କୋପ୍ ନାହିଁ—ତା' ଛଡ଼ା ସେ ମାରୁଆଡ଼ି ଟୋକାଗୁଡ଼ାକ ଯୋଉ ବାଜେ ଆକ୍ଟିଂ କରୁଛନ୍ତି !"

—"କି ବହି ସେଇଟା ? କ'ଣ ଏଇଠାର କାହାର ଓରିଜିନାଲ ବହି ନା ଛପା ହିନ୍ଦିବହି ମ ? ବହୁ ନାଟକ, ନାଟ୍ୟକାର, ଥିଏଟର ସହିତ ମିଶି ଏମିତି କେତେକ ଶବ୍ଦ ରପ୍ତ ହୋଇଗଲାଣି ପୂରାପୂରି । ଶବ୍ଦଗୁଡ଼ାକ ଧସର ହୋଇଯାଇ ସରଳ ହୋଇଗଲାଣି କ୍ରମଶଃ—"

—"ଏଇଠି କିଏ ଲେଖିଚି ।"

—"କେବେ ହଉଚି ତମର ?"

Digitized by srujanika@gmail.com

—"ଉନଶଇଶ ତାରିଖ ଠିକ୍ ହୋଇଛି ଯେ, ଏଯାଏ ତ ଗୋଟାଏ ବି ସୁଦ୍ଧା ପୂରା ରିହର୍ସାଲ ହେଲା ନାହିଁ । କିଏ ଦୋକାନରୁ ଆସିପାରୁ ନାହିଁ ତ କିଏ ମାଲଗୋଦାମ ଯାଉଛି—କିଏ ଟ୍ରଙ୍କ୍‌କଲ ଜବାବ ଦବାକୁ ଗଲାଣି ଚୁଲି—କିଏ ଦିଲ୍ଲୀରୁ ଜରୁରୀ ଖବରକୁ ଅପେକ୍ଷା କରି ରହିଛି । ପ୍ରତିଦିନ ଏଇଆ ଚାଲିଛି—ମାରୁଆଡ଼ି ତ ସହଜେ ! ବାକୀ କେଇ ଜଣ ରେଗୁଲାର୍ ଆର୍ଟିଷ୍ଟ ଅଛନ୍ତି, ସେଇମାନେ ଯାହା ଆସନ୍ତି ସବୁଦିନେ—ଏଥିରେ କି ଡ୍ରାମା କରିବେ କେଜାଣି ?"

—"ଏ ଭଦ୍ରଲୋକ କ'ଣ ଆର୍ଟିଷ୍ଟ ?"

—"କୋଉ ଭଦ୍ରଲୋକ ?"

ସୁମିଲା କେଉଁ ଭଦ୍ରଲୋକ କଥା ପଚାରୁଛି ସ୍ପଷ୍ଟ ବୁଝିପାରିଲେ ମଧ୍ୟ ଅମିଲା ନ ବୁଝିପାରିବାର ଛଳନା କରି କହିଲା କଥାଟା ।

—"ଯିଏ ତୋତେ ଗ୍ରୁଡ଼ିଦବାକୁ ଆସିଥିଲେ ମ !"

—"ହଁ, ସିଏ ପାର୍ଟ ତ କରୁଛନ୍ତି—ଏ କ୍ଲବର ପ୍ରେସିଡ଼େଣ୍ଟ ବି ସେଇ । ଜାଣିନୁ ସେଇ ଯୋଉ ବଜରଙ୍ଗଲାଲ୍ ଲୁଗା ଦୋକାନ ? ତା'ର ପୁଅ ପରା—ଦୋକାନରେ ବସି ନ ଥାଏ !"

କଥାଟା ଅତି ସହଜରେ କହି ପରିଚୟ ପର୍ଯ୍ୟନ୍ତ ଦେଇପାରିଛି ବୋଲି ଅମିଲ ମନେ ମନେ ଅତି ଆଶ୍ୱସ୍ତ ହେଲା ।

—"ଓଃ, ସେଇ ତା'ହେଲେ ତୋତେ ସେଦିନ ସେ ନୂଆ ଲୁଗାଟା ଦେଇଥିଲା ?"

ପ୍ରଶ୍ନବାଣ ବନ୍ଦ ହୋଇଗଲା ବୋଲି ସ୍ଥିରନିଶ୍ଚିତ ହୋଇସାରିଲା ପରେ ତା'ର କଥାରେ ଏପରି ଏକ ଆଗ୍ନେୟଗିରି ଲୁଚି କରି ଥିଲା ବୋଲି ଅମିଲ ଭାବିପାରି ନ ଥିଲା—ସେଥିପାଇଁ ପ୍ରଶ୍ନଟା ଶୁଣିବା ମାତ୍ରେ ଅମିଲ ଥାଆ ମାମା ହୋଇଗଲା । ପୁଣି ଆଗରୁ ସେ କହି ଦେଇଥିଲା ଯେ, ସେ ନିଜେ ଲୁଗାଟା କିଣି ଆଣିଛି ବୋଲି, ଯଦିଓ ସୁମିଲାକୁ ଅତି ସ୍ପଷ୍ଟ ଭାବରେ ଜଣା ଯେ ତା' ପାଖରେ ଆଦୌ ଟଙ୍କା ନ ଥିଲା । ଅଥଚ ସେ ଆଜି ମିଛ ମଧ୍ୟ କହିପାରୁ ନାହିଁ—

କ'ଣ କହିବ ଭାବୁଛି ଠିକ୍ କରି ନ ପାରି ଅମିଲା କହିଲା—

—"ହଁ, କିନ୍ତୁ ତୁ ତାଙ୍କର କଥା ଫଟେଇ ଫଟେଇ ଏତେ ଥର ପଚାରୁଛୁ କାହିଁକି ଯେ ? ଆ ମ ଶୋଇବା—ଭାରି ନିଦ ଲାଗିଲାଣି ।"

Digitized by srujanika@gmail.com

ଆଉ କୌଣସି କଥା ନ କହି କବା ଏ କଥାର ଜବାବ ନ ଦେଇ ସୁମିଲା ଉଠିପଡ଼ିଲା—ଅମିଲା ତାକୁ ଅନୁସରଣ କଲା । ବିଛଣାଟା ପକା ହୋଇଥିଲା ଆଗରୁ—ତାକୁ କେବଳ କାନିପଣତରେ ଝାଡ଼ିଦେଇ ପାଖାପାଖି ହୋଇ ଗଡ଼ିପଡ଼ିଲେ ଦୁହେଁ ।

ଯାଦୁକରୀ ରାତି ବଢ଼ିଚାଲିଚି—

କିଛି ସମୟ ବିତିଗଲା ନୀରବରେ ।

"ଶୋଇଲୁଣି ?"

"ନା ।"

ଅମିଲା ଉତ୍ତର ଦେଲା ।

ପୁଣି କିଛି ସମୟ ସୁମିଲା ନୀରବ ରହିଲା । ରାତ୍ରିର ନିସ୍ତବ୍ଧତା ଭେଦ କରି ଶୁଭୁଥିଲା କେବଳ ସେମାନଙ୍କର ନିଶ୍ୱାସ ପ୍ରଶ୍ୱାସର ଶବ୍ଦ । ଅନ୍ଧାର ଘରଟାରେ କାହାରି ମୁହଁ ଦେଖାଯାଉ ନ ଥିଲା । ଗୋଟାଏ ଗାଢ଼ ଦୀର୍ଘଶ୍ୱାସ ପକାଇ ସୁମିଲା କହିଲା—

—"ଗୋଟାଏ କଥା କହିବି, କିଛି ଭାବିବୁ ନାହିଁ ?"

—"କହୁନୁ, ଏତେ ଭୂମିକା ଦଉଚୁ କାହିଁକି ମ ? ମୁଁ କ'ଣ ଜାଣି ନାହିଁ, ତୁ କ'ଣ କହିବୁ ?"

ଅମିଲା ବୋଧେ ସେ ନିରନ୍ଧ୍ର ଅନ୍ଧକାର ଭିତରେ ବୁଡ଼ି ରହିଥିଲା ନିଜସ୍ୱ ଭାବନା ଭିତରେ—ସେ ଭାବନା ତା'ର ଭବିଷ୍ୟତର ନିରାପତ୍ତା ପାଇଁ ଗମ୍ଭୀର ନୁହେଁ—ରଙ୍ଗ ବେରଙ୍ଗୀ ଜୀବନର ସୁନେଲି ସ୍ୱପ୍ନ—ଯାହା ସେ ଅଙ୍ଗେ ନିଭଉଚି—ତେଣୁ ତା'ର ସ୍ୱରରେ ସୁମିଲାର କରୁଣତା ବା କୋମଳତା ନ ଥିଲା ।

—"କ'ଣ ମୁଁ କହିବି, କହିଲୁ ?"

—"ସେଇ ବଜରଙ୍ଗଲାଲ ପୁଅ କଥା—ତା' ନାଁଟା କ'ଣ ମୋର ମନେ ନାହିଁ । ମୁଁ ଆଗରୁ କହିଦଉଚି, ମୋର କିନ୍ତୁ ତା' ଛଡ଼ା ଆଉ କୌଣସି ଉପାୟ ନ ଥିଲା ।"

ଏକା ନିଶ୍ୱାସରେ କଥାଗୁଡ଼ାକ କହିଗଲା ଅମିଲା—ସୁମିଲା ବିସ୍ମିତ ହୋଇ ଟିକେ ମୁଣ୍ଡଟା ଟେକି, ମୁହଁ ବୁଲାଇ ପଚାରିଲା—

"କ'ଣ ତୁ କରିଚୁ କି ?"

"ସବୁଠେଇଁ ଯା ହୁଏ ।"

Digitized by srujanika@gmail.com

"ଅମୀ !"— ଶିହରି ଉଠିଲା ଭଳି କହୁଥିଲା ସୁମୀଲା ।

ନିଶ୍ଚଳ ପାଣିରେ ହଠାତ୍ ବଡ଼ ଜିନିଷ ଗୋଟାଏ ପଡ଼ିଲେ ଜୋର୍‌ରେ ତରଙ୍ଗ ଉଠିଲା ଭଳି ସତେ ଯେମିତି ନିଥର ରାତିଟା ଅସହାୟ ହୋଇଉଠିଲା ଅମୀଲାର କଥା ପଦକରେ—

ଯାଦୁକଣ୍ଠ ଏ ରାତି ଅଶାନ୍ତ ହୋଇଉଠିଲା । ନିସ୍ତବ୍ଧ ରାତିଟା ଯେମିତି ହଠାତ୍ କୋଳାହଳମୁଖରିତ ହୋଇଗଲା !

—"ଅପା ! ରାତିର କଳା ଅନ୍ଧାରରେ ଯିଏ ସବୁ ଉପରେ ପଡ଼ି କଥା କହନ୍ତି, ଆବୋରି ବସନ୍ତ ଦେହକୁ, ଲୋଭମୀୟ ଖାଇବା ଜିନିଷ ଭଳି—ଶିକାରୀ କୁକୁର ଭଳି ଇସାରା ଦେଲା ମାନେ ମାଡ଼ିବସନ୍ତି, ସେମିତି ଅନେକ···ଅନେକ ଭଦ୍ରଲୋକଙ୍କ ସାଙ୍ଗେ ଆମେ ମିଶିଛେ । ଜାଣିଚେ—ଦିନ ଆଲୁଅରେ ସେମାନେ କଥା ହେବା ଦୂରର କଥା, ଚିହ୍ନିବେ ନାହିଁ ସୁଦ୍ଧା । ଆମେ ଉପରେ ପଡ଼ି କଥା କହିଲେ ଏଡ଼ାଇଯିବେ—କହିବେ···"

ଅମୀଲା ଏକାଦମ୍‌ରେ କଥାଗୁଡ଼ାକ କହି ନୀରବ ରହିଲା । ସେ ଆଉ କ'ଣ କହିବାକୁ ଯାଉଥିଲା, କହିପାରିଲା ନାହିଁ—କଣ୍ଠ ତାର ଅଜ୍ଞାତରେ ବାଷ୍ପରୁଦ୍ଧ ହୋଇଉଠିଲା—କ୍ଷଣକ ପୂର୍ବରୁ ସେ କିନ୍ତୁ ଦେଖୁଥିଲା ରଙ୍ଗୀନ୍, ମଧୁର ସବୁ ସ୍ୱପ୍ନ—!

ରାତିର ସେ ମାୟାବୀ ବାତାବରଣ ଭିତରେ ମନ ଖୋଲି କଥା କହିବା ପାଇଁ ଟିକେ ସହାନୁଭୂତି ଦେଖାଇବା ପାଇଁ କେହି ଜଣେ ଅବଲମ୍ବନ ମିଳିଗଲେ ବୋଧହୁଏ ପ୍ରତ୍ୟେକ କଣ୍ଠ ଏମିତି ବାଷ୍ପରୁଦ୍ଧ ହୋଇଉଠନ୍ତା !

—"ତାଙ୍କୁ ସବୁ ଏଡ଼ାଇ ଚଳିଲେ କ'ଣ ଆମର ଚଳନ୍ତା ନାହିଁ ?"

"ଦେହ ବ୍ୟବସାୟୀ କରି ଏସବୁ କଥାରେ ବା ଲାଭ କ'ଣ ? କାହିଁକି ଏଡ଼ାଇ ଚଳିବି ? ଆଜି କିଛି ଦିନ ଗଲେ ତ ସେମାନେ ପଚାରିବେ ନାହିଁ ଆଉ—ଯେତିକି ଛଟକ ଦେଖାଇ ଏବେବେଳେ ରୋଜଗାର କରିହୁଏ, ସେତେ ଲାଭ—ରାତିକେ ତ ଆମର···"

ଗୋଟାଏ କ'ଣ ଅତି ଅଶ୍ଳୀଳ କଥା କହିଆସୁଥିଲା ସେ, ନୀରବ ହୋଇଗଲା ହଠାତ୍—

ସୁମୀଳା କହିଲା—"ଛି—ତୋର କ'ଣ ମୁଣ୍ଡ ଖରାପ ହୋଇଯାଇଚି ଅମୀ ? କାହିଁକି ଏଗୁଡ଼ାକ ଗପୁଚୁ ?"

Digitized by srujanika@gmail.com

ଛୁଆଟାଏ କଏ କର ମୋଡ଼ଲା – ବାପା କ ସୁରେଶ କେହ୍ବ ଜଣେ କାଶିଉଠିଲେ ।

ସେମାନେ ଦଣ୍ଡକ ପାଇଁ ଚୁପ ରହ୍ବଲେ । ଘର୍ଘଶ୍ବାସ ପକାଇ ଅମାଲ ପଗୃର ଉଠିଲା—

—"ଆଚ୍ଛା, ଅପା ! ତୋର ବାହ୍ବା ହବା ପାଇଁ ମନ ହୁଏ ନାହ୍ବିଁ ? ବାହ୍ବା ସାହ୍ବା ହୋଇ, ଘର ଦୁଆର କର ରହ୍ବବା ପାଇଁ ତୋର ମନ ହୁଏ ନାହ୍ବିଁ ? ବାହ୍ବାଘରଟାଏ କ ବୋହୂଟାଏ ଦେଖିଲେ କ ସାଙ୍ଗ ଝିଅପିଲା କଏ ବାହ୍ବା ହୋଇଯାଇ ଛୁଆ, ସ୍ବାମୀ ଧର ଗବରେ ବୁଲୁଲାବେଳେ ତୋ ମନ ଭିତରଟା କ'ଣ ହୋଇଯାଏ ନାହ୍ବିଁ ?"

ଆଘାତଟା ଶୁଖିଯାଇ କଳା ପଡ଼ଯାଇଥିଲା ବେଳେ ଉପରକୁ ଜଣାଯାଏ ଦରଜ ନ ଥିଲା ଭଳି । କଏ ଜଣେ ଘା'ଟାକୁ ଚିପିଦେଲେ ଟଣକିଉଠେ – ଜଣାଯାଏ ଏବେ ବ କେତେ ଦରଜ...ପରସ...!

ମନଭିତରର ଗୁଡ଼ାଏ ଅନ୍ଧାରିଆ ଅନ୍ଧକନ୍ଧ ଅଛି—ଯାହା କେହ୍ବ ଦେଖି ନାହାନ୍ତ – କାହାକୁ ବ ଦେଖାଇ ହୁଏ ନାହିଁ—ଖର ସୂକ୍ଷ୍ମ, କୋମଳ ସେ କନ୍ଧଗୁଡ଼ାକ !

ଠିକ୍ ସେଇଠି କଏ ଜଣେ ପହଞ୍ଚିଗଲେ ଆଉ ସମ୍ଭାଳ ହୁଏ ନାହ୍ବିଁ !

ବଚତ୍ର ଏ ମଣିଷର ମନ ! ସଯତ୍ନରେ ସେଇ ଅନ୍ଧକାରଛନ୍ନ ସ୍ଥାନଗୁଡ଼ିକ ମଣିଷ ସାଇତ ରଖିଥାଏ – କେହ୍ବ ନ ଦେଖନ୍ତୁ—କେହ୍ବ ନ ଜାଣନ୍ତୁ—କେହ୍ବ ନ ଶୁଣନ୍ତୁ ! କନ୍ତୁ ସେଇଦନ, ତାର ପାଖେ ପାଖେ କହ୍ବଗୃଲଥାଏ କେହ୍ବ ଟିକେ ସେଠି ପହଞ୍ଚନ୍ତା ନାହ୍ବିଁ ! କେହ୍ବ ପଦେ ଆହା ବାଣୀ ଶୁଣାନ୍ତା ନାହ୍ବିଁ ! ଜଣେ କେହ୍ବ ସେ କଳା କଳା ଟଳକନ୍ଦର କଥା ଥରକ ପାଇଁ ହେଲେ ଜାଣନ୍ତା ନାହ୍ବିଁ !"

ସୁମାଳ ମନର କଳା ଚଳା କୁଜ କୁଜ ସାପଗୁଡ଼ାକ ସେଇ ଅନ୍ଧାରିଆ କୋଣରୁ କଲକିଲ ହୋଇ ବାହାର ଆସିବାକୁ ଗୃହ୍ବିଁଲେ !

ଅଜାଣତରେ ଅମାଲ ସେଇ ଅନ୍ଧକାର ଗଳିରେ ପାଦ ପକାଇ ଦେଇଥିଲା !

Digitized by srujanika@gmail.com

ଉଦ୍‌ଗତ କୋହକୁ ଚାପିରଖିବା ପାଇଁ ସୁମିଲା ଚୁପ ରହିଲା । ଅମିଲାର କଥାର କୌଣସି ଉତ୍ତର ଦେଲା ନାହିଁ । ଦୁହେଁ କିଛି ସମୟ ସେମିତି ରହିଲେ ।

ରାତି ଧୀରେ ଧୀରେ ବଢ଼ିଚାଲିଥିଲା ।

ସୁମିଲା ଓ ଅମିଲା ଦୁହେଁ ଚେଇଁ ଚେଇଁ ସ୍ୱପ୍ନ ଦେଖୁଥିଲେ । ଏକା ସ୍ୱପ୍ନ ଦୁହେଁ ଦେଖୁଥିଲେ ଦୁହିଁଙ୍କର ଅଜ୍ଞାତରେ—

ବର ଆସୁଛି ! ଶୋଭାଯାତ୍ରା କରି, ବାଜା ବଜାଇ, ଲୋକଗହଳି ଭିତରେ, ସାଜସଜ୍ଜା ହୋଇ ବସିଚି ଲୋକଟାଏ—ବର ! ନାରୀର ବହୁ ଈପ୍‌ସିତତମ, ସମସ୍ତ କାମନାର କେନ୍ଦ୍ରବିନ୍ଦୁ ବର ! ବଉଘର ! ନିରାପତ୍ତା ! ଜୀବନ—ଛୁଆପିଲାଙ୍କର କଳରୋଳ ! ଶ୍ରେଷ୍ଠ ଗୋଟିଏ ଘର !

ତା'ପରେ ବୁଢ଼ୀ ହୋଇଯିବ ସେ ! କାମନା ତାର ଅଣ ଅଣ ଝିକଲାଙ୍ଗ ନ ହୋଇ, ସେଇ ବୁଢ଼ୀ ଦିନେ ପୁଣି ନୂଆ ରୂପରେ, ଝିଅର ବର, ପୁଅର ବୋହୂ ହୋଇ, ସୁନା ନୌକାରେ ଭାସିଆସିବ, ଆଶା-ସାଗରର ଆରପାରିରୁ !

ଆଃ···କି ସୁନ୍ଦର, ଲୋଭନୀୟ ସେ ଜୀବନ !

ସେମାନେ ବିବାହ କରୁଛନ୍ତି । ବେଦୀରେ ବସି ବ୍ରାହ୍ମଣ ମନ୍ତ୍ର ପଢ଼ୁଛି—ଶ୍ଳୋକରେ ବଉଘର ଭଳି ହାତଗଣ୍ଠି ପଡ଼ୁଛି । ଅଜଣା ହାତଟାଏ ତାଙ୍କ ହାତକୁ ସମସ୍ତଙ୍କ ଅଲକ୍ଷ୍ୟରେ ଟିକେ କୋମଳ ଭାବରେ ଚାପ ଦେଉଛି । ଦେହ ମନରେ ଫୁଟିଉଠୁଛି ଶତଶତ କଦମ୍ବ !

ସେ ବୋହୂ ହୋଇଛନ୍ତି !

ବରର ମୁହଁଟା କିନ୍ତୁ ସେ ସ୍ୱପ୍ନରେ ଝାପ୍‌ସା ଝାପ୍‌ସା ହୋଇଯାଉଛି । ପୁଣି ବେଳେ ବେଳେ ବଦଳି'ଯାଉଛି ! କିଏ—କିଏ ସେ ବର ?

ଜଣେ ଅଜାଣତରେ ପ୍ରତ୍ୟେକଟି ପୁରୁଷଙ୍କୁ ସେଠି ବସାଇ, ସଜାଇ ଭାବୁଥିଲେ ଅମିଲା ଓ ସୁମିଲା ! ନାଃ, କେହି ନୁହନ୍ତି—କେହି ନୁହନ୍ତି ସେଥିପାଇଁ···

ସ୍ୱପ୍ନ ଭାଙ୍ଗିଗଲା—

ଆଖି ବୁଜିଦେଲାବେଳେ ଉଭୟେ ଅନୁଭବ କଲେ ସେମାନେ କାନ୍ଦୁଛନ୍ତି ! ଆଖିକୋଣରେ ତାଙ୍କର କେଇ ବିନ୍ଦୁ ଲୁହ !

Digitized by srujanika@gmail.com

ସ୍ୱପ୍ନର ସେ ଦୁଇଟିଯାକ ବୋହୂ କାନ୍ଦୁଛନ୍ତି, ଗୁମୁରି ଗୁମୁରି ବାହୁନି ଉଠୁଛନ୍ତି, ଜୀବନରେ କେବେହେଲେ ସେମାନେ ବୋହୂ ହେବେ ନାହିଁ ବୋଲି—ବର ତାଙ୍କର କେବେହେଲେ ଆସିବ ନାହିଁ ବୋଲି !

ଲୁହ ଗୁପି ସୁମାଲା ପଚାରିଲା—

—"ତୁ ବାହା ହବୁ ?"—

ସେ ଅଣ୍ଟା କରୁଛି ବୋଲି ଭାବି ସେମିତି କଣ୍ଠରେ ଅମାଲା ଉତ୍ତର ଦେଲା—

—"କାହାକୁ ?"

—"ଯାହାକୁ ତୋ ମନ ପାଉଛି ?"

—"କିନ୍ତୁ ମୋତେ କିଏ ବାହା ହବ ?"

ବଡ଼ କରୁଣ ସ୍ୱରରେ କହିଲା ଅମାଲା ହତାଶାର ଭଙ୍ଗୀରେ ।

—"କାହିଁକି ? ତୁ ଯାହାକୁ ଭଲ ପାଉଚୁ ?"

କଥାଟାର କୌଣସି ଉତ୍ତର ନ ଦେଇ ଅମାଲା ହୋ ହୋ ହୋଇ ହସିଉଠିଲା । ଖୁବ୍ ଜୋରରେ ଜୋରରେ ହସୁଥିଲା ସେ—ସତେ ଯେମିତି ବହୁତବେଳୁ ତା'ର ଏ ହସର ସୁଅକୁ କିଏ ରୋକି ଦେଇଥିଲା । ସୁବିଧା ପାଇ ସବୁ ଏକାଠି ସାରି ଦେଉଛି ! କାବା ହୋଇ ସୁମାଲା ତାକୁ ପ୍ରଥମେ କଡ଼େଇ କଡ଼େଇ ଚାହିଁଥିଲା କାହିଁକି ହସୁଛି ବୋଲି ବୁଝି ନ ପାରି । ତାପରେ ସନ୍ତର୍ପଣରେ କହିଲା ଚାପା ଗଳାରେ—

—ହେ, ଅମା ! କାହିଁକି ଏମିତି ପାଗଳୀଙ୍କ ଭଳି ହସୁଚୁ ତୁ ରାତିଟାରେ ! ହେ ଅମା ! ଅମା ! ଚୁପ୍ କର । ଏଇନେ ସମସ୍ତେ ଉଠି ପଡ଼ିବେଟି !—

ତା' କଥାରେ ଅମାଲା ବନ୍ଦ ନ ହେଲେ ମଧ୍ୟ ପରେ ପରେ ତା'ର ସେ ହସର ସୁଅ ହଠାତ୍ ବନ୍ଦ ହୋଇଗଲା ଓ ତାର ସହିତ ତାଳ ମିଳାଇ ଝରିଆସିଲା କାନ୍ଦର ଝରଣା—ସେ କହିଁ କହିଁ ହୋଇ କାନ୍ଦିଉଠିଲା । ଗୁମୁରି ଗୁମୁରି କାନ୍ଦିଲା—ଅଜସ୍ର ଲୁହ ଝରିଆସିଲା ତା'ର ଦୁଇ ଆଖିରୁ—

ବିସ୍ମିତ, ବିବ୍ରତ ସୁମାଲା ଚାହିଁ ରହିଥିଲା ତା ମୁହଁକୁ ।

ଏ ପ୍ରଗଲ୍‌ଭତା । ତଟିନୀର ଗତିରୋଧ କରିବ କିଏ ?

ଗଭୀର ରାତିର ନିସ୍ତବ୍ଧତା ଭଙ୍ଗ କରୁଛି ଅମାଲାର କାନ୍ଦ । ଅଥଚ ଆଉ ମୁହୂର୍ତ୍ତକ ପୂର୍ବରୁ ସେ ହସୁଥିଲା କାହିଁକି ? ପୁଣି ଏମିତି କାନ୍ଦୁଛି କାହିଁକି ?

Digitized by srujanika@gmail.com

ଥର ଥର ଉଠୁଛି ଚନ୍ଦନରଚା ଅମୀଲର ଦେହବଲ୍ଲରୀ ।

କିଛି ନ ବୁଝିପାରି ତାକୁ କୋଳକୁ ଭିଡ଼ି ଆଣିଲା ସୁମୀଲ । ଲୁହଧାରରେ, ଲାଜରେ ଓଦା ହୋଇଗଲା ସୁମୀଲର ଛାତି । ଥର ଥର ଉଠିଲା ତାର ଦେହ ।

ମନେ ମନେ ସେ ଭାବୁଥିଲା, ଆଜି କ'ଣ କିଛି ଘଟିଛି ?···ଘରେ ପହଞ୍ଚିଲାବେଳେ ଏଇ ଅମୀଲ ପୁଣି ହସି ହସି ପ୍ରେମରେ ଲେଟିଯାଇ କାହା ସାଙ୍ଗେ କଥା କହୁଥିଲା ?

ସେ ଭୁଲିଗଲା ତା'ର ରାଗ । ଭୁଲିଗଲା ଯେ, ଆଉ ଟିକିଏ ଆଗରୁ ଅମୀଲକୁ ଦୃଢ଼ ଭାବରେ ଶାସନ କରିବା ପାଇଁ ଏପରି କି ଲଜ୍ଜାକର, ଅପ୍ରୀତିକର ଅନେକ କଥା କହିବା ପାଇଁ ସେ ବଦ୍ଧପରିକର ଥିଲା—

ଅମୀଲର ସମସ୍ତ ଦୋଷ, ତ୍ରୁଟି, ଦୁର୍ଗୁଣ ସବୁ ସେ ରାତି ଅନ୍ଧାରରେ ଅପସରି ଯାଇ ସୁମୀଲ ଆଖି ଆଗରେ ରହିଲା, ତା'ର ସାନ ଭଉଣୀଟି ବିକଳରେ, ଦୁଃଖରେ କାନ୍ଦୁଛି । ମନ କଥା ସେ ଖୋଲି କହିପାରୁନି—

ଅନ୍ଧାର ରାତିଟାରେ, ସେ ଅନ୍ଧାର ଘର ଭିତରେ, ଅମୀଲର ଅବୁଝା କଇଁ କଇଁ କାନ୍ଦ ବଡ଼ କରୁଣ, ଭୟଙ୍କର ପରିବେଶ ସୃଷ୍ଟି କରୁଥିଲା । ଜଣେ ହେଲେ କେହି ଉଠୁ ନ ଥିଲେ । ଯେମିତି ଯମନିଦ ସଭିଙ୍କୁ ଘାରିଛି । ପୁଣି ପର ମୁହୂର୍ତ୍ତରେ ଭାବୁଥିଲା, ଭଲ ହୋଇଛି ନ ଉଠୁଛନ୍ତି କେହି । କାହିଁକି ମିଛରେ ଉଠିବେ— ଜାଣିବେ ତାଙ୍କର ଜୀବନର କରୁଣ କାହାଣୀ !

ବଡ଼ ବିବ୍ରତ ବୋଧକଲା ସୁମୀଲ । ତାକୁ ରାତିରେ ସେମିତି ଜାକିଧରି କୁନି ଛୁଆକୁ ଗେଲ କଲାପରି ମୁଣ୍ଡ ଆଉଁସି ଦେଇ କହିଲା—

—କାନ୍ଦ ନାହିଁ ଅମୀ ! ···ଆମ ଜୀବନ ଏଇଆ ଲୋ, କାହିଁକି ତୁ କାନ୍ଦୁଚୁ ମିଛଟାରେ ?

—"କ'ଣ କରିବି ମୁଁ ?···ମୋତେ ଉପାୟ କହିପାରିବୁ ?···" ସେମିତି କାନ୍ଦ କାନ୍ଦ କହିଲା ଅମୀଲ ।

ଅମୀଲକୁ ଟେକିଧରି, ତା ମୁହଁକୁ ଦେଖିବାକୁ ଚେଷ୍ଟା କରି ସୁମୀଲ ପଚାରିଲା—"କ'ଣ ହୋଇଛି ତୋର ?···କହୁନୁ ? କାନ୍ଦୁଚୁ କାହିଁକି ? କହ ମୋତେ !"

Digitized by srujanika@gmail.com

—"ମୋର…"କହି ଆହୁରି ଜୋର୍‌ରେ ଜୋର୍‌ରେ କାନ୍ଦି ପକାଇଲି ଅମୀଳା ।

ସେଇ ଅନ୍ଧାର ଭିତରେ ବିସ୍ମୟାନ୍ୱିତ କରି ସୁମୀଳା ପଚାରିଲା —"କ'ଣ ? କ'ଣ ହୋଇଚି ତୋର ?"

କଣ୍ଠରେ ତା'ର ପୁଞ୍ଜୀଭୂତ ଆଶଙ୍କା । ଭୟଙ୍କର କିଛି ଶୁଣିବାକୁ ସେ ଅପେକ୍ଷା କରୁଥିଲି ।

—"ଅପା…ମୋ…ମୋ ପେଟ ଭିତରେ କ'ଣ ଗୋଟାଏ ଘୁରୁଛି ।"

—"ଅଁ !" ଭୟ ପାଇ ଚିତ୍କାର କରିଉଠିବା ଭଳି କଣ୍ଠରେ କହିଲି ସୁମୀଳା । ପୁଣି ସେ ସାବଧାନ ହୋଇଉଠିଲି, କାଳେ ସମସ୍ତେ ଉଠିପଡ଼ିବେ ।

—"ଭଲ ପାଇ ବାହା ହେବି ବୋଲି ପଚାରୁଥିଲୁ ପରା ! ଭଲ ପାଇବାର ଫଳ ପାଇ ମୁଁ କ'ଣ କରିବି, ସେକଥା ବୁଝିପାରୁ ନାହିଁ ଆଜି । କାହାକୁ ମୁଁ କହିବି ?"…ଅରି ଅରି ଗଳାରେ କହିଲି ଅମୀଳା । ତା'ର କାନ୍ଦ କିଛି କମି ଆସିଲିଣି ।

ମନୋବେଦନା ପ୍ରକାଶିତ ହୋଇଗଲେ ବେଦନାର ଭାର ଲାଘବ ହୋଇଯାଏ । ଦୁଃଖ କମିଯାଏ ।

ସୁମୀଳର ମନ କୋମଳ ହୋଇଉଠିଲି । ଘୃଣା, ବିରକ୍ତି, ଦୁଃଖ, ଅବସାଦ ପୁଣି ଭରିଗଲି ପରମୁହୂର୍ତ୍ତରେ— •

ଅମୀଳାକୁ କୋଳରୁ ଛାଡ଼ି ତା' ନିଜ ବିଛଣାରେ ତାକୁ ଶୁଆଇ-ଦେଲା ସୁମୀଳା—

ତା କାନ୍ଦ ବନ୍ଦ ହୋଇଗଲାଣି । ମନକୁ ମନ ଏଥର ହସି ଉଠିଲା ସୁମୀଳା । କାହିଁକି କେଜାଣି, ଅବସାଦଗ୍ରସ୍ତ ମନରେ ରାତିର ସେ ଶେଷ ପ୍ରହରରେ ଅମୀଳା ଜୀବନର ଏ ଦୁଃଖ ଶୁଣି ତାକୁ କାନ୍ଦ ନ ଲାଗି ଭୟଙ୍କର ଭାବରେ ହସ ମାଡ଼ିଲା । ହସି ହସି ସେ ଥକିଗଲି—

ପାଗଳୀଙ୍କ ଭଳି ସେ ହସିଚାଲିଲା— ଏଥର ଅମୀଳାର ପାଳି । ଅପାଟା ପାଗଳୀ ହୋଇଗଲା ନା କ'ଣ ? ଭାବିଲା ସେ । କାହିଁକି ଏମିତି ହୋ ହୋ ହୋଇ ହସୁଛି ? କ'ଣ ହେଲା ତା'ର ?

Digitized by srujanika@gmail.com

ତା'ର ସମସ୍ତ ମନୋବେଦନା ଭୁଲି ଅମଲା ଭାବୁଥିଲା ତା' ଅପା କଥା । ରାତ୍ରଟାରେ, ତା'ର ଏ ଅସୀମ ଦୁଃଖ ଭିତରେ ସୁମଲା, ହସୁଛି କାହିଁକି ?

ସୁମଲାର ହସ କିନ୍ତୁ କ୍ଷଣକ ଭିତରେ ମିଳେଇଗଲା ତା'ର ଝର ଝର କାନ୍ଦ ଭିତରେ । ହସୁ ହସୁ ସେ ଯେ କେତେବେଳେ କାନ୍ଦୁଛି, ନିଜେ ଜାଣେ ନାହିଁ ।

ଅମଲା ଓ ସୁମଲା ଦୁହେଁ ଦୁହିଙ୍କ କୋଳରେ ମୁଣ୍ଡ ଗୁଞ୍ଜି କାନ୍ଦୁଥିଲେ—

କେହି ବୁଝାଇବାକୁ ଉଠୁ ନ ଥିଲେ ।

ଆକାଶ ଉପରେ ରାତିର କଳା ପରଦା—ଫୁଟା, ଛିଣ୍ଡା କଳା ପରଦାଟା ଭେଦି ଦିଶୁଛି ଛୋଟ ଛୋଟ ଛିଦ୍ରଗୁଡ଼ାକ—ତାରା !

ସମବେଦନା ଦେଖାଇବା ପାଇଁ କେହି ନ ଥିଲେ, କାନ୍ଦି କାନ୍ଦି ମଣିଷ ଗୁଏଁ ଗୁଏଁ କାନ୍ଦ ବନ୍ଦ କରେ—ଦୁଃଖ ତା'ର ଲୁହଧାର ଭିତରେ ଲାଘବ ହୋଇଯାଏ ।

—"ଶୋଇପଡ଼, ରାତି ବେଶୀ ହେଲାଣି"—ଭଙ୍ଗା ଭଙ୍ଗା ଗଳାରେ ଆଖିରୁ ଲୁହ ପୋଛି କହିଲା ସୁମଲା ।

—"ମୋ ଆଖିରୁ ନିଦ ମରିଗଲାଣି ।"

—"ତଥାପି ତ ଶୋଇବାକୁ ହେବ !"

—"ଅପା, ମୁଁ କିନ୍ତୁ ବଞ୍ଚିବି କେମିତି ?"—ଓଦା ଓଦା ସ୍ୱରରେ ସୁମଲାର କଣ୍ଠ ଜଡ଼ାଇ ଧରି ପଚାରିଲା ଅମଲା—

—"ଲକ୍ଷେ ଲୋକ ଯେମିତି ବଞ୍ଚୁଛନ୍ତି !"

—"ଅପା !"

"—ଏଥିରେ ବଡ଼ କଥା କ'ଣ ଅଛି ଲୋ ! ଆଶ୍ଚର୍ଯ୍ୟ ହେଲା ଭଳି ବଡ଼ ଘଟଣା କ'ଣ ବା ଘଟିଛି ? ଆମ ସମସ୍ତଙ୍କ ଜୀବନରେ ଏମିତି ଥରେ ଅଧେ ଘଟେ ! ରୂପ ପରା ଆମ ପେଶା ଲୋ—"

ଖୁବ୍ ବଡ଼ କଥା କହିଚି ବୋଲି ଆତ୍ମତୃପ୍ତିରେ କଡ଼ ଲେଉଟାଇଲା ସୁମଲା । ରାତିର ନିଜାଞ୍ଜନତା ଭିତରେ ଭୟଙ୍କର ଭାବରେ କର୍କଶ, ରୁକ୍ଷ ଶୁଭୁଥିଲା ତା'ର ଗଳା ।

ପୁଣି ସେ କହିଲା—

Digitized by srujanika@gmail.com

—"ଆମ ଜୀବନରେ ଏ ଘଟଣା ବହୁତ ଆଗରୁ ଘଟିପାରିଥାନ୍ତା— ଘଟିବାର ଥିଲା । ତଥାପି ନିଜେ ସାବଧାନ ହେବାର ଥିଲା—ମୁଁ କେତେ ଥର ତୋତେ କହିଛି—"

—"ମୁଁ କିନ୍ତୁ ଚାହୁଁଥିଲି, ଏ ଜୀବନରୁ ପଳେଇ ବଞ୍ଚିବାକୁ—"

—"ଏବେ ?"

—"ଜୀବନ ଗଲେ ଆଉ ବଞ୍ଚିବାର ପ୍ରଶ୍ନ ଉଠୁଚି କୋଉଠି ?"

—"ଆଜି ବି ତ ତୁ ବେଶ୍ ହସଖୁସିରେ ଆସୁଥିଲୁ—"

—"ମୋତେ କାନ୍ଦ ଆସୁ ନାହିଁ ବୋଲି—ତା' ଛଡ଼ା ଆଉ ଯେତେ ଜଣଙ୍କୁ ସମ୍ଭବ ଜାଣିନେବା ପାଇଁ—"

ବେଶ୍ ଦମ୍ଭର ସହିତ କହିଲା ଅମୀଲା । ନିକଟ ଅତୀତର ସେ ଗ୍ଲାନି ବା କ୍ଲାନ୍ତି ଧୋଇଗଲଣି ମନରୁ ତା'ର ।

ସୁମୀଲ କଡ଼ ଲେଉଟାଇ ପୁଣି ତାକୁ ଚାହିଁଲା । ବଡ଼ ବିଚିତ୍ର ତା'ର ଏ ସାନ ଭଉଣୀଟି । ତାକୁ ବୁଝି ସୁଦ୍ଧା ବୁଝି ହୁଏନା ।

ହସି ହସି ସେ ଜଗତଟାକୁ ପରାଜିତ କରିବାକୁ ଚାହୁଁଛି ! ପରାଜୟ ପାଇ ସୁଦ୍ଧା ସେ ମାନିନେବାକୁ ଚାହେଁନା । ସେଇ ମୁମୂର୍ଷୁ ଅବସ୍ଥାରେ ବି ସେ ତା'ର ସନ୍ଧାନ କରି ଆଉ କେତେ ଜଣଙ୍କୁ ଯନ୍ତ୍ର ଘାଏଲ୍ କରିପାରେ !

—"ଏତେ ଜାଣି ସୁଦ୍ଧା ହେଲା ନାହିଁ ! କ'ଣ ଦେଇ ଆଉ ତୁ ଜାଣିବୁ ସମସ୍ତଙ୍କୁ ?"

—"ସବୁ ଦେଇ—"

—"ଆଉ କ'ଣ ବାକି ଅଛି ତୋର ଅଁନ ?"

—"ଜୀବନଟା ତ ଅଛି ! ଶେଷ ପର୍ଯ୍ୟନ୍ତ ଖେଳିଯିବି—"

ଆତ୍ମପ୍ରତ୍ୟୟ ନ ଥିଲେ ବି ତା କଥାରେ ଜିଦ ସୁସ୍ପଷ୍ଟ ।

ଅନ୍ଧାର ଭିତରେ ଗୁରୁଣ୍ଡି ଗୁରୁଣ୍ଡି ରାତି କେତେବେଳେ ବଢ଼ି ଚାଲିଛି । ଦୂର ଘଣ୍ଟାରେ ବାଜିଲା ତିନି ।

—"ଶୋଇପଡ଼ ।"

—"ହଉ—"

କ୍ଲାନ୍ତ, ଶ୍ରାନ୍ତ ଉଭୟେ ଅନେକ ସମୟ ପର୍ଯ୍ୟନ୍ତ ନୀରବରେ ପଡ଼ିରହିଲେ ଯେମିତି ନିଦକୁ ଅପେକ୍ଷା କରି । ନିଦ ଆସିଲେ ତାଙ୍କ ମନର କ୍ଲାନ୍ତି ଧୋଇ ହୋଇଯିବ । ଅପସରିଯିବ ଗ୍ଲାନି ନିଦର ସେ କଅଁଳ

Digitized by srujanika@gmail.com

ପୂର୍ଣ୍ଣରେ । ଆଗାମୀ କାଲିର ସକାଳ ପର୍ଯ୍ୟନ୍ତ ଅନ୍ତତଃ ଭୁଲିଯିବେ ଦୁହେଁ ଏ ବିଷାଦମୟ ପରିବେଶକୁ ।

କିନ୍ତୁ କାହିଁ ନିଦ ?

ଅମିଲା ଭାବୁଥିଲା ତା'ର ପରବର୍ତ୍ତୀ କାର୍ଯ୍ୟକ୍ରମ । ସୁମିଲା ଭାବୁଥିଲା, ଇଏ କ'ଣ ହେଲା ? କ'ଣ ହେବାକୁ ଯାଉଛି ?

ଚେଇଁ ଚେଇଁ ଦୁହେଁ ଶୋଇବାର ଛଳନା କରି ସ୍ୱପ୍ନ ଦେଖୁଥିଲେ —ନିଜ ନିଜର ଭାବନାର ଗୁଡ଼ିକୁ ସ୍ୱପ୍ନ ଆକାରରେ ଉପଭୋଗ କରୁଥିଲେ ।

କିଏ ସବୁ ଏମାନେ ! କେତେ ମଣିଷ, କେତେ ଗାଁ, ସହର, ଭାସି ଆସି ବୁଲିଯାଉଥିଲା ସେମାନଙ୍କ ମୁଦ୍ରିତ ଆଖି ଆଗରୁ—

ନିଦର ସୁଅ ଭସାଇନେଲା ଦୁହିଙ୍କୁ । ନିଦର ବନ୍ୟାରେ ଭାସିଗଲା ସେ ସ୍ୱପ୍ନ ! ହଜିଗଲା ସବୁ ଅବସାଦ, ବିଷାଦର କାହାଣୀ—ମିଳେଇଗଲା କ୍ଲାନ୍ତି ।

ନିଦ ମାଉସୀ ତା'ର କଅଁଳ ହାତ ବୁଲାଇଆଣି ପରି ଭଲ ନରମ ପଣତକାନି ତା'ର ବିଛାଇଦେଲା ଦୁହିଙ୍କ ଉପରେ··· ।

ରାତି ଧୀରେ ଧୀରେ ବଢ଼ି ଚାଲିଲା-- ସକାଳ ହେବାକୁ ତଥାପି ଅନେକ ଡେରି···

୭

ଅମିଲା ନାହିଁ—ସାନ ସାନ ଭାଇ ଭଉଣୀଗୁଡ଼ାକ କିଚିର ମିଚିର ହେଉଥିଲେ । ସେମାନେ ସବୁ ଯିଏ ଯୁଆଡ଼େ ଗଲେଣି—ସୁରେଶ ଯାଇଛି, କୋଉ ଗୋଟାଏ ସାହିର ନାଟ୍ୟ ସଂଘର ନାଟକରେ ନିର୍ଦ୍ଦେଶ ଦେବା ପାଇଁ —ଆଜିକାଲି ସେ ଏଇଆ ହିଁ କରୁଛି ।

ଖାଁ ଖାଁ ଲାଗୁଛି ଘରଟା—ଅମିଲାହୀନ ଜୀବନ ବିତାଇବାରେ ଅଭ୍ୟସ୍ତ ନୁହେଁ ସୁମିଲା । ଅମିଲା କେବଳ ତା'ର ସାନ ଭଉଣୀ ନ ଥିଲା—ବାନ୍ଧବୀ, ସହକର୍ମୀ—ନିଜ ମନର ସବୁ ନ ହେଲେ ବି କିଛି ଗୋପନୀୟ କଥା ପ୍ରକାଶ କରିଦେବା ପାଇଁ ଏକମାତ୍ର ସହଚରୀ ଥିଲା—

Digitized by srujanika@gmail.com

ସିଏ ଯେତେ ଖରାପ କହୁଥିଲେ ବି ଏକାଠି ଏକାବାଠରେ ଦୁଇଟି ଭଉଣୀ, ବଡ଼ଠି ଝିଅ ରହୁଥିଲେ । ଅପରକୁ ଭଲ ଲାଗୁ କି ନ ଲାଗୁ, ଜଣେ ନିର୍ବିଘ୍ନରେ ନିଦ୍ୱନ୍ଦ୍ୱରେ ନିଜ ମନକଥା, ମନର ଗୁରୁଭାର ଅପର ନିକଟରେ ଖୋଲିଦେଇ ନିଶ୍ଚିନ୍ତ ହୋଇପାରୁଥିଲା ।

ଦୁର୍ବହ ଜୀବନର ଭାର ଲଘୁ କରିବା ପାଇଁ ସାହାଯ୍ୟ ନ ମିଳୁ, ଆଶ୍ୱାସନା ମିଳୁଥିଲା—ମିଳୁଥିଲା ସମବେଦନା ।

ମନଖୋଲି କାନ୍ଦିବା ପାଇଁ, କାନ୍ଦ ଶୁଣାଇବା ପାଇଁ ଲୋକଟାଏ ଅନ୍ତତଃ ଥିଲା !

ସୁମୀଲାର ମନେପଡ଼ିଲା ସେ ରାତିର କାନ୍ଦ ? ଲୁହବୋଳା ସେ ରାତିର ପ୍ରତିଟି କଥା !

ଅମୀଲାଟା ଚାଲିଗଲା ! କାହା ଆଗରେ ସେ ଆଉ କାନ୍ଦିବ ? କାହାକୁ ବା ଅପେକ୍ଷା କରି ଉପଦେଶ ବଖାଣିବ ?

କ'ଣ ଗୋଟାଏ ହଜିଗଲା ଭଳି, ଗୋଟାଏ ବାହା କଟିଗଲା ଭଳି ଲାଗୁଛି ସୁମୀଲାକୁ ।

ଆଉ ଅଧିକ କଲ୍ ବି ମିଳୁ ନାହିଁ ଆଜିକାଲି । ବହୁ ଅଳସ ମଧ୍ୟାହ୍ନ, ବିଷଣ୍ଣ ସନ୍ଧ୍ୟା, ଘରବାନ୍ତ ରାତି ବିତାଇବାକୁ ପଡ଼ୁଛି ସୁମୀଲାକୁ, କେବଳ ଦୂର ଦୂରାନ୍ତର ଝାପ୍‌ସା ଝାପ୍‌ସା ଶୁଭୁଥିବା କୋଳାହଳ, ଘଣ୍ଟାର ଶବ୍ଦ, ରିକ୍‌ସାର ହର୍ଣ୍ଣକୁ କାନ ପାତି ପାତି ।

ସମୟଟା ଘୁଷୁରି ଘୁଷୁରି ଚାଲିଚି ସତେ କି !

ଅମୀଲା ମାଇ ଯୋଗ ଦେଇଛି ଗୋଟାଏ ପେଶାଦାର ରଙ୍ଗମଞ୍ଚରେ —ପ୍ରଫେସନାଲ୍ ଷ୍ଟେଜ୍‌ରେ – ସେଇ ତା'ର ଅଭୟ ଆଶ୍ରୟ । ରାତି ପରେ ରାତି ରଙ୍ଗ ବେ ଲ ମଞ୍ଚରେ ଓହ୍ଲାଉଚି । ଦୁଃଖ ଭିତରୁ ବି ମଣିଷ ଗୋଟାଏ ପ୍ରକାର ଆନନ୍ଦ ପାଏ ବୋଧହୁଏ ! ଅଧିକ ଦୁଃଖ ଭିତରେ ବଞ୍ଚି ରହିବାକୁ ଚାହେଁ । ଅମୀଲାକୁ ବୋଧହୁଏ ସେମିତି ଦୁଃଖ ଭଲ ଲାଗୁଚି !

ବହୁ ଚେଷ୍ଟା କରି ସୁଦ୍ଧା ଅମୀଲାକୁ ଅଟକାଇ ପାରିଲା ନାହିଁ ସୁମୀଲା ।

•

ପେଶାଦାର ମଞ୍ଚ ତାକୁ ଆଦର ନେଇଛି, ଆଉମାନଙ୍କୁ ନେଇଛି ।

ନା, ସେଠାରେ ବିବାହର ସ୍ୱାକ୍ଷରର ଆବଶ୍ୟକତା ପଡ଼େ ନାହିଁ । ରେଜିଷ୍ଟ୍ରେସନ୍ ଦଲିଲ୍ କେହି କେବେ ଖୋଜନ୍ତି ନାହିଁ । କିଏ କାହାର ପିଲା, ତା'ର ପିତୃପରିଚୟ କ'ଣ, କୋଉଠି ହେଲା, କାହା ଆଉ ହେଲା, ଏସବୁ ଜାଣିବା ପାଇଁ କେହି ସେଠି ଆଗ୍ରହ ପ୍ରକାଶ କରନ୍ତି ନାହିଁ । ଘୃଣାର ପ୍ରଶ୍ନ ଉଠେନା । ବହୁ ଝିଅ ପେଶାଦାର ମଞ୍ଚରେ ଅଛନ୍ତି । ନିଜ ନିଜର ସନ୍ତାନ ସନ୍ତତିଙ୍କୁ ଧରି– ବାପର ପରିଚୟ ସେ ପିଲାଏ ଜାଣନ୍ତି ନାହିଁ । ଅନ୍ତତଃ ସେ ପରିଚୟରେ ପରିଚିତ ହୁଅନ୍ତିନି ସେମାନେ ।

ସେମାନେ କିଏ ଚନ୍ଦ୍ରାର, କିଏ ସରୋଜମାର, କିଏ କୁମୁଦମାର, କିଏ ବିନୋଦମାର, କିଏ ବା ଗରିଣୀର ପିଲା ! ଦୁନିଆ ରଙ୍ଗମଞ୍ଚର ଉପୃ ଦନ ସେମାନେ ! ମାନବ ଶିଶୁ । ସେଇ ଚିରନ୍ତନ ଶାଶ୍ୱତ ସତ୍ୟକୁ ସ୍ୱୀକାର କରି ହିଁ ବଞ୍ଚିରହନ୍ତି ସେମାନେ । ବଡ଼ ହୁଅନ୍ତି । ରଙ୍ଗମଞ୍ଚର କଳାକାର, କର୍ମଚାରୀଙ୍କର ସଂଖ୍ୟା ବୃଦ୍ଧି ହୁଏ ।

ଏକ ବହୁ ଆଦମ, ସାମ୍ୟବାଦୀ ପରିବାର । ନାରୀ ଯେଉଁଠି କେବଳ ଭୋଗ୍ୟା ! ଭୋଗ ପାଇଁ ସଞ୍ଚିତ । ପୁରୁଷ ଭୋଗ କରେ – ଉପଭୋଗ କରେ —ଭୁଲିଯାଏ । ଆଉ ଜଣେ ଆସେ, ଭୋଗ କରେ—ଭୁଲିଯାଏ ।

ଜୀବନର ନିରାପତ୍ତା ଖୋଜି ଖୋଜି, ଟିକେ ଆଶ୍ରୟ ଖୋଜି ଖୋଜି, କି ଆଉଜିବା ପାଇଁ ଭଙ୍ଗା କାନ୍ଥ ପଟେ ଦଉଡ଼ି ଦଉଡ଼ି, ଅସ୍ଥିର ହୋଇ-ଯାଉଥିବା କେତୋଟି ହତଭାଗିନୀ ନାରୀ ନିଜ ରୂପ ବିକି ସେଠି ସମାଜକୁ ଆମୋଦିତ କରନ୍ତି ! ଶିକ୍ଷା ଦିଅନ୍ତି ! ନିରାପତ୍ତା ନ ପାଇ, ପୁଣି ସନ୍ତାନ କାମନାରେ ଅଧୀର ହୋଇ ସନ୍ତାନ ଖୋଜିବୁଲନ୍ତି ।

ପିତୃପରିଚୟହୀନ ସନ୍ତାନକୁ କୋଳରେ ଜାକି ଜଗତ ଭୁଲନ୍ତି !

ଏକ ପେଶାଦାର ରଙ୍ଗମଞ୍ଚକୁ ଓହ୍ଲାଇଯାଇଚି ଅମିଲି । ନିଜର ସଉକକୁ ପେଶାରେ ପରିଣତ କରିବା ପାଇଁ ।

ସୁମୀଲ ସେଦିନ ଯାଇଥିଲା ରଙ୍ଗମଞ୍ଚକୁ ଅମିଲକୁ ଦେଖିବା ପାଇଁ । ମନ ଭିତରେ ତା'ର କ'ଣ ଅଛି କେଜାଣି, ଉପରକୁ ଅମିଲା ଦେଖାଇଲା ଯେ, ସେ ଖୁସିରେ ଅଛି । ଦୁନିଆକୁ ସେ ଆଉ ଭୟ କରୁ ନାହିଁ—ଆଗ ଭଳି ଆଉ କୁଆଡ଼େ କାନ୍ଦୁ ନାହିଁ । ଲୁଚି ଲୁଚି ପ୍ରେମ କରିବା ଅପେକ୍ଷା ଏମିତି ଦଳରେ ମିଶିଯିବା ଭଲ— ଆଉରି କେତେ କ'ଣ କହିଗଲା ଅମିଳା — ସୁମୀଲକୁ ଆହ୍ୱାନ ଜଣାଇଲା ମିଶିଯିବାକୁ ।

Digitized by srujanika@gmail.com

ଚେଷ୍ଟା କରି ବି ଯଦି ସୁମିଲ ତା' ଭଳି ହୋଇପାରନ୍ତା ! ଜଗତ ବିରୁଦ୍ଧରେ ଅଭିଯୋଗ ନେଇ ସେ ଯଦି କାହାକୁ ଧମକାଇବା ପାଇଁ ମଧ୍ୟ ଆକଣ୍ଠ ବିଷପାନ କରିବାର ଜିଦ୍ ପାଇପାରନ୍ତା ଅମିଲ ଭଳି !

ବୋକାଙ୍କ ଭଳି ସୁମିଲ ଶୁଣୁଁ ରହିଥିଲା ପ୍ରଗଲ୍‌ଭ ଅମିଲ ମୁହଁରୁ—ଶୁଣିଯାଉଥିଲା ତା'ର କଥାଗୁଡ଼ାକ—

ଦିନ କେତେଟାରେ ଅମିଲ ବଡ଼ ହୋଇଯାଇଛି—ବୟସରେ, ଅଭିଜ୍ଞତାରେ ।

ଆଜି କେତୋଟି ଝିଅ ବି ଆସି ସୁମିଲକୁ ଘେରି ବସିଥିଲେ । ସେମାନଙ୍କ ଭିତରୁ ଅନେକଙ୍କୁ ସୁମିଲ ଜାଣେ—ତା'ର ପ୍ରଥମ ଜୀବନରେ ଯେତେବେଳେ ସେ ପେଶାଦାର ରଙ୍ଗମଞ୍ଚରେ ହାତରେ ଖଡ଼ି ଧରିଥିଲା, ସେତିକିବେଳେ ଏମାନଙ୍କ ମଧ୍ୟରୁ କେତେକ ଥିଲେ—ବାକି ସମସ୍ତଙ୍କ ସାଙ୍ଗରେ ଏଇ ଷ୍ଟେଜ୍‌ରେ ଅକାଳେ, ସକାଳେ ପାର୍ଟ କରିବା ପାଇଁ ଆସିଥିଲାବେଳେ ଦେଖା-ଚାହାଁ । ଏବେ କେତେ ଜଣ ପ୍ରୌଢ଼ାଙ୍କୁ ଛାଡ଼ିଦେଲେ ବାକି ସମସ୍ତେ ତାକୁ ଅପା ଡାକୁଛନ୍ତି । ଅମିଲର ଅପା ସେ, ତେଣୁ ।

ଜଙ୍ଗଲୀ ହାତୀ ପୋଷା ମାନିସାରିଲା ପରେ ତାରି ସାହାଯ୍ୟରେ ଆଉ ହାତୀ ଧରାଯାଏ—ବିଚରା ହାତୀ ଜାଣେନା ଯେ, ସେ ବଂଶ କୁଟୁମ୍ବ ସମସ୍ତଙ୍କୁ ଆଣି ତା'ରି ଭଳି ବନ୍ଧନରେ ପକାଉଛି !

ଆଜି ସମସ୍ତେ ବି ସୁମିଲକୁ ଅନୁରୋଧ ଜଣାଇଥିଲେ ମଞ୍ଚରେ ଯୋଗଦେବା ପାଇଁ—ଭାରି ମଜାହେବ !

ସୁମିଲ ସେମାନଙ୍କୁ କେବଳ ଦେଖୁଥିଲା—ନା, ସେ ଘୃଣା କରେନା ଏମାନଙ୍କୁ—ଘୃଣା କରିବାର ବି କିଛି ନାହିଁ—ସେ ଏଇ-ମାନଙ୍କ ଭିତରୁ ଜଣେ । ସମସ୍ତ ଦୋଷଦୁର୍ବଳତାର ସେ ବି ଶିକାର ହୋଇଛି ।

ଫେରିଲାବେଳେ ରଙ୍ଗମଞ୍ଚର ସେ ପୁରୁଣାକାଳିଆ ନିର୍ଦ୍ଦେଶକ, ଯାହାକୁ ପିଲାଟିବେଳେ ସୁମିଲ ଜାଣିଥିଲା, ତାଙ୍କୁ ବି ,ଦେଖିଲା—

ହସି ହସି ସୁମିଲ ପିଠିରେ ହାତ ଥାପୁଡ଼େଇ ଦେଇ, ସେ ବି କହିଲେ—"ଏଥର ଗ୍ଭଲିଆ—ଭଲ ହବ ।" ସୁମିଲ କିଛି ଜବାବ୍ ନ ଦେଇ କେବଳ ହସିଥିଲା । ତାଙ୍କର ବୟସର ସତେ କି କୌଣସି

Digitized by srujanika@gmail.com

ପରିବର୍ତ୍ତନ ହୋଇ ନାହିଁ ! ଆଜକୁ ଦଶ ବର୍ଷ ତଳେ ଯାହା ଥିଲେ, ଏବେ ବି ସେମିତି !

ଯିଏ ଥିଲେ ବୁଢ଼ା ଧୃଷ୍ଟଦ୍ୟୁମ୍ନ, ସଦାନନ୍ଦ ବାବୁ, ସବୁବେଳେ ହସ ହସ ମୁହଁ, ତାଙ୍କୁ ବି ଭେଟିଥିଲା । ଟିକେ ପେଟ ବଢ଼ିଗଲାଣି । ଆଗର ସେ ଚେହେରା ହୁଏତ ଆଉ ନାହିଁ, ତଥାପି ସେ ଥିଏଟର ହେଉଛନ୍ତି ସବୁ ବିଷୟରେ ।

ଆଉ ଜଣେ ବାବୁ, ରାଧାକାନ୍ତ । ସେ କ'ଣ କୋଉଠି କରନ୍ତି; କିନ୍ତୁ ନାଟକ, ରଙ୍ଗମଞ୍ଚ ପାଇଁ ପାଗଳ । ମସିଆ ଜାମା, ଛିଣ୍ଡା ଚଟି, ମଇଳା ଧୋତି କି ତେଲଚିକଟା ପେଣ୍ଟ ପିନ୍ଧି, ବାଳ ନୁଖୁରା କରି ସେ ସଦାବେଳେ ସେଠି ଥାଆନ୍ତି । ସମସ୍ତଙ୍କର ଭାଇ—ସମସ୍ତଙ୍କ ବନ୍ଧୁ—ସମସ୍ତଙ୍କର ପୁଣି ଶତ୍ରୁ! ବଡ଼ିଆ ଚରିତ୍ରଟିଏ ! କୋଉ ଗୋଟିଏ ଝିଅ ଏଥିଭିତରୁ କାଳେ ରଖିଛନ୍ତି ! ପିଲାପିଲି, ସବୁ ଅଛନ୍ତି ତାଙ୍କର—

ସେ ବି ସୁମିତ୍ରକୁ ଦେଖି କହିଲେ, "ଆସ, ମିଶିଯାଅ ଏଥର ।"

ଚକ୍ରବ୍ୟୂହରେ ପଡ଼ି ଅଭିମନ୍ୟୁ କ'ଣ ଭାବିଥିବ କେଜାଣି, ସୁମିତ୍ରର ମୁଣ୍ଡ ଖରାପ ହୋଇଗଲା ।

ମନେପଡ଼ିଲା ଅସହାୟା ମା'ର କଥା । ଚୁଙ୍ଗୁଡ଼ି ବାଛୁରୀ ପିଲାଗୁଡ଼ାଙ୍କୁ ଧରି ଘାଣ୍ଟିହେଉଛି—ବର୍ଷକୁ ବର୍ଷ ଛୁଆ ! ଆଖି ଆଗରେ ଦିଶିଲା ବେକାର ବାପା ମଦନବାବୁଙ୍କ ମୁହଁ । ଅମିଳ, ସୁମିତ୍ର ତାଙ୍କ ବ୍ୟବସାୟ ତାଙ୍କ ପୁଞ୍ଜି—ବିଚରା ଏଥର ଏଣ୍ଡ଼ଗଲେଣି । ଆଉ ସିଗାରେଟ୍ ପିଉ ନାହାନ୍ତି । ଧାର୍ ମାଗି ମାଗି ବୁଲୁଚନ୍ତି ଘର ଚଳାଇବା ପାଇଁ । ସୁମିତ୍ରର କଣ୍ଟ୍ରାକ୍ଟ ନାହିଁ—ଅମିଳ୍ ରଙ୍ଗମଞ୍ଚରେ ଯୋଗଦେଇ ପଇସା ଦେବା ଅବସ୍ଥାରେ ନାହିଁ ।

ସୁମିତ୍ରର ଦୟା ଆସେ ବେଳେ ବେଳେ ! କ'ଣ ବା ଆଉ ସେ କରିବେ ? ପୁଅ ବେକାର୍—ନିଜେ ବେରୋଜଗାରୀ ! ତଥାପି ବଞ୍ଚିବାକୁ ହେବ । ଜୀବନର ମୋହ ବଡ଼ ଟାଣ—ତା'ର ଆକର୍ଷଣ ବଡ଼ ଭୟଙ୍କର । ସେଇଥିପାଇଁ ମଣିଷ ଚୋରି କରେ—ଖୁନ୍ କରେ—ବଞ୍ଚି-ରହିବାର ଦୁର୍ବାର ଆକାଙ୍‌କ୍ଷା ତାକୁ ମରଣ ଆଡ଼କୁ ଠେଲିନିଏ ।

ସତେ, ବଡ଼ ଦୟନୀୟ ଜୀବନଟିଏ ବାପା ତା'ର ! ଘୃଣା, ବିରକ୍ତି ସବୁ ଦୂରକୁ ଠେଲିଦେଇ ସୁମିତ୍ର ତାଙ୍କୁ ଦୟାକରି ଭଲପାଏ ।

Digitized by srujanika@gmail.com

ସୁମାଲ୍ ମଞ୍ଚରେ ଯୋଗଦେଲେ ସେ ବଞ୍ଚେବ କେମିତି ? ଅମାଲର ରଙ୍ଗମଞ୍ଚରେ ଯୋଗଦେବା ତାଙ୍କୁ ଭାଙ୍ଗିଦେଇଛି ଏକାବେଳକେ ।

ବୁଝିବା ପାଇଁ ବା ବୁଝାଇବା ପାଇଁ ଆଦୌ କୌଣସି ସୁଯୋଗ ନ ଦେଇ ସେଦିନ ଅମାଲ୍ ବାହାରିଲା । ସୁମାଲ୍ ଅବଶ୍ୟ ଆଶଙ୍କା କରିଥିଲା ଏମିତି କିଛି ଗୋଟାଏ ଘଟିବ ବୋଲି । ଏପରିକି ସୁମାଲ୍କୁ ମଧ୍ୟ କିଛି କଥା ଜଣାଇ ନ ଥିଲା ସେ—ରିକ୍ସା ଡାକିସାରିବା ପରେ ଅତି ସାଧାରଣ ଘଟଣା ଭଳି ସହଜ, ସରଳ, ବଡ଼ ନିର୍ଲିପ୍ତ ଭାବରେ ସେ ଘୋଷଣା କଲା— "ମୁଁ ଆଜିଠାରୁ ପ୍ରଫେସନାଲ୍ ଷ୍ଟେଜ୍‌ରେ ଯୋଗଦେଉଛି । ସେଠି ରହିବାକୁ ପଡ଼ିବ । ମୁଁ ଯାଉଛି ଅପା !"

ସେ ଅପାଠାରୁ ହିଁ କଥାଟା ଆରମ୍ଭ କରିଥିଲା । ସେଦିନ ଭଳି ଆଜି ବି ସୁମାଲ୍ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିଲା ତାକୁ । କେବଳ ତା' ପାଟିରୁ ବିସ୍ମୟସୂଚକ "ଏଁ, କ'ଣ କହିଲୁ?" ଏତିକି ମାତ୍ର ବାହାରିଥିଲା । ହସିହସି ଅମାଲ୍ ତାକୁ କହିଥିଲା, "ବିଶ୍ୱାସ ହେଉ ନାହିଁ ? ମୁଁ ପରା ରିକ୍ସା ଡାକିଆଣିଛି !" ଆସୁନୁ ବାହାରକୁ ?

ମଦନବାବୁ ବ୍ୟସ୍ତବ୍ୟସ୍ତ ହୋଇ ବାହାରକୁ ଉଠି ଆସିଥିଲେ ଏମାନଙ୍କ କଥା ଶୁଣି ।

—"କାହାକୁ ନ ଜଣାଇ ଏମିତି କରିବା କ'ଣ ଭଲ ହେଲା ?"

—"ଆଉ କ'ଣ ବା ଭଲ ହେଉଛି ଯେ, ଏଇଟା କେବଳ ଖରାପ କଥା ହୋଇଗଲେ ବାଧିବ ? ଏତେ ଖରାପରେ ଆଉ ଗୋଟାଏ ଖରାପ ମିଶୁ ଏବେ !"

"ଅମା !" ବୋଉ ଆସି ପହଞ୍ଚିଥିଲା, "ତୁ କ'ଣ ସତରେ ମିଶୁଚୁ ସେଥିରେ ?'

—"ହଁ, ଏଇନେ ଯାଉଚି ।"

ଝର ଝର ହୋଇ ଲୁହ ବହିଯାଇଥିଲା ବୋଉ ଆଖିରୁ ।

—"ନ ଗଲେ କ'ଣ ଚଳନ୍ତା ନାହିଁ ?" ସେ କାନ୍ଦ କାନ୍ଦ ସ୍ୱରରେ ପଚାରିଥିଲା—

—"ନା ବୋଉ, ମୋତେ ମିଛରେ ବାରଣ କରନା—ତା' ଛଡ଼ା, ଏଇଠିତ ରହୁଚ, ସବୁ ଦିନେ ମୁଁ ଆସିପାରିବି, ଦେଖିଯିବି ତମମାନଙ୍କୁ—" ଗୃହକାମକୁ ଯାଉଥିବା ପୁଅ ଭଳି କହୁଥିଲା ସେ ।

Digitized by srujanika@gmail.com

—"ଏଇଠି ରହି ଏବେ ପାର୍ଟ କରୁଥିଲେ ?" ବାପା ପଚାରୁଥିଲେ ।

—"ନା, ତାଙ୍କର ନମ୍ବର ନାହିଁ—ଆଉ ଡେରି କରି ଲାଭ ନାହିଁ । ମୁଁ ଯାଉଚି ତେବେ ?"

ସତେ ସମସ୍ତଙ୍କୁ କାବାକରି ଅମୀଳା ମୁଣ୍ଡିଆ ମାରିଲା । ଅପାକୁ ଓାକ କାହାରିଲା ତା ଚଟିଟା ଗୋଡରେ ଗଳାଇ ।

ଗୋଟାଏ ଗୋଟାଏ ଆକସ୍ମିକ ଦୁର୍ଘଟଣା ଘଟିଗଲେ ମଣିଷ କ'ଣ କରିବ ସ୍ଥିର କରିପାରେନା । ଅନ୍ତତଃ, ଉପସ୍ଥିତ ବୁଦ୍ଧି ତାର କିଛୁ ଆସେ ନାହିଁ କ'ଣ କରିବ ବୋଲି । ସେ କାନ୍ଦେନା, ହସେନା—ଦୁଃଖ କରେନା । କିଛି କରେନା—ଦୁର୍ଘଟଣାର ଗୋଟାଏ ମୂକ ସାକ୍ଷୀ ପାଲଟିଯାଏ । ଏପରି କି ସେ ଦୁର୍ଘଟଣାଟା ତାକୁଇ କେନ୍ଦ୍ର କରି ଘଟି ଯାଉଥିଲେ ମଧ୍ୟ । ଆଉ ସେତେବେଳେ ସେ ଜାଣିପାରେନା ଦୁର୍ଘଟଣାରେ କ୍ଷତି କେତେ ଗଭୀର ! କ୍ଷତି କେତେ ହୋଇଛି ବୋଲି !

ବହୁ ପରେ ତାର ଚେତା ପଶେ ।

ସମସ୍ତେ ଆଉ କିଛି ନ କହି ନୀରବରେ ଏ ଦୃଶ୍ୟ ଦେଖୁଥିଲେ ।

ରିକ୍ସାରେ ବସିବା ଆଗରୁ ସୁମୀଲାକୁ ପ୍ରଣାମ କଲା ଅମୀଳା, ଯାହା ସେ କେବେ ଜୀବନରେ କରିନି । ସୁମୀଲା ଲୁହ ରୋକିପାରିଲା ନାହିଁ ଆଉ । ଅମୀଲାକୁ କୁଣ୍ଢାଇ କାନ୍ଦି ପକାଇଥିଲା ।

—"ଯାଉଚି ଅପା, ଏଥର ଜୀବନକୁ ପରୀକ୍ଷା କରି ଦେଖିବି ।"

ରିକ୍ସାରେ ବସିଲା ସେ । ରିକ୍ସା ତାକୁ ନେଇ ଗଳି ମୋଡ଼ ବୁଲିଲା—ଅଦୃଶ୍ୟ ହୋଇଗଲା ।

ମଦନବାବୁ କାନ୍ଦୁଥିଲେ । ମା' କାନ୍ଦୁଥିଲା । କାହିଁକି କେଜାଣି ? ତାଙ୍କର ଝିଅ ଚାଲିଗଲା ବୋଲି ନା ପେଶା ମାଟି ହୋଇଗଲା ବୋଲି ?

କେହି କାହାରିକୁ କିଛି କହୁ ନ ଥିଲେ କିନ୍ତୁ—

ଅମୀଲା ଯିବା ପରେ ମଦନବାବୁ ଅନେକ ଥର କହିଛନ୍ତି, "ଅମୀଲାଟା ଏମିତି ଧୋକା ଦବ ଜାଣିଥିଲେ " "ଅମୀଲାଟା ବାପ ମାଙ୍କୁ ଦଗା ଦେଲା –" ଇତ୍ୟାଦି ଆଗରୁ ବି ଜାଣିଥିଲେ କ'ଣ ସେ କରିଥାନ୍ତେ କେଜାଣି ?

Digitized by srujanika@gmail.com

ନିଜ ବିଷୟରେ ଚିନ୍ତା କରିବାକୁ ସୁମିତ୍ରାକୁ ଏବେ ଢେର୍ ସମୟ ମିଳୁଛି । ଏକାକୀ ବସି ବସି କେବଳ ଭାବିବାକୁ ହିଁ ଭଲ ଲାଗେ ।

କେତେ ଅସରନ୍ତି, ଅସଂଲଗ୍ନ, ଅଛିଣ୍ଡା ଭାବନାସବୁ ଜୁଟେ । ବହୁ ବ୍ୟକ୍ତିଙ୍କର ମୁହଁ ଭାସିଯାଏ—ତାଙ୍କ କାମ, ତାଙ୍କ ହସ, ସବୁ ଝଲସିଉଠି ପୁଣି ମିଳେଇଯାଏ—ଅଙ୍ଗେନିଭା ହଜାରେ ଘଟଣା ମନକୁ ଆସେ ।

ଯେତେ ମନେପଡ଼େ, ସେତେ ବିରକ୍ତ ଲାଗେ । ସେତେ କ୍ଷୁବ୍ଧ ହୁଏ ସେ ନିଜ ଉପରେ, ନିଜ ଗତାୟୁ ଯୌବନ ଉପରେ—ନିଜର ନାରୀତ୍ୱ ଉପରେ ।

କାହିଁକି ସେ ଝିଅ ହୋଇ ଜନ୍ମ ହେଲା ?

ମନରେ ଦୁଃଖ ଜମାଟ ବାନ୍ଧି ରହିଥିଲା ବେଳେ କିମ୍ବା ଜୀବନରେ କୌଣସି ଦୁର୍ବିପାକ ଆସିଲା ବେଳେ ଯୁଏଁ ଯୁଏଁ ଜଣେ ହିତାକାଂକ୍ଷୀ ଲୋକଙ୍କ ମୁହଁ ଆଖି ଆଗରେ ଭାସିଯାଏ । ସାଧାରଣ ବେଳେ ତା କଥା ମନେ ପଡ଼େ ନାହିଁ । ତାର ସତ୍ତା ହୁଏ ତ ହଜଯାଇଥିଲା ଭଳି ଲାଗେ ।

ଭଗବାନବିଶ୍ୱାସୀ ଲୋକେ ଏମିତି ସମୟରେ ଭଗବାନଙ୍କୁ ସ୍ମରଣ କରନ୍ତି ।

ସେଦିନର ବିଷଣ୍ଣ ସନ୍ଧ୍ୟାରେ ଯେତେବେଳେ ରାଜପଥର ସମସ୍ତ ଆଲୋକ ସୁମିତ୍ରା ଆଖିରେ ବିବର୍ଣ୍ଣ ହୋଇ ଉଠୁଥିଲା, ଦୁନିଆଟା ସାରା ଯେତେବେଳେ ତାକୁ ଜୀର୍ଣ୍ଣ, ଫଲସ୍ତରଛଡ଼ା ଘରର କାନ୍ଥ ଭଳି ଜଣାଯାଉଥିଲା, ଠିକ୍ ସେତିକବେଳେ ତା'ର ଅକସ୍ମାତ୍ ମନେପଡ଼ିଲା ବୁଲାଭାଇର କଥା । ବୁଲାଭାଇଟା ଥାଆନ୍ତା କି ? ମନର ସମସ୍ତ ବିଷାଦ ତା'ର ଆଗରେ ହୁଏତ ବଖାଣି ହୁଅନ୍ତା—ଅନ୍ତତଃ ଚେଷ୍ଟା କରିଥାଆନ୍ତା ସେ ଏକାନ୍ତରେ ବୁଲା ଭାଇ ଆଗରେ ସବୁ କଥା କହିବା ପାଇଁ—ଥରେ ସେ ତା'ର ଜୀବନର ସମସ୍ତ ଗ୍ଲାନି ପ୍ରକାଶ କରିଛି ବୁଲା ଆଗରେ - ବହୁ ଥର କହିବାରେ ତେଣୁ ଲଜ୍ଜା କ'ଣ ?

କିନ୍ତୁ କାହିଁ ବୁଲାଭାଇ ? ପରକୁ ଆପଣାର କରି ସେ ବଞ୍ଚେ, ଜଗତଃସାରା ଯାହାର ଘର, ତାକୁ କୋଉ ଘରେ, କୋଉଠି ଏବେ ଖୋଜିବ ସୁମିତ୍ରା ?

Digitized by srujanika@gmail.com

କେବେ ତ ତା'ର ଠିକଣା ପର୍ଯ୍ୟନ୍ତ ବୁଝି ନାହିଁ—କୌଣସି ସମୟରେ ତ ପଚାରି ନାହିଁ, ବୁଲାଭାଇ ତମେ ରୁହ କୋଉଠି ବୋଲି ? କିଏ ତା'ର ଅଛନ୍ତି ?

ଅମିତ୍ତର ଖବର ହୁଏତ ସେ ଶୁଣିଥିବେ । ହୁଏତ ଅମିତ୍ତ ସେଇ ବୁଲାଭାଇଙ୍କୁ ବି ସାଙ୍ଗରେ ନେଇ ରଙ୍ଗମଞ୍ଚକୁ ଯାଇ ଯୋଗ ଦେବାପାଇଁ ଯୋଗାଡ଼ କରିଥିବ ।

ଏମିତି ଲୋକ ଅଛନ୍ତି, ଯେଉଁମାନେ ନିଜର ମତାମତ ନ ଜଣାଇ ସହଯୋଗ କରନ୍ତି – ଏପରି କି ବିରୁଦ୍ଧ ମତ ସତ୍ତ୍ୱେ । ବୁଲା ସେଇ ଗୋଷ୍ଠୀର ଅଧିନାୟକ ବୋଲି ସୁମିତ୍ରାକୁ ଜଣା – ନ ହେଲେ ଏତେ ଆପଣାର ହୋଇ ଅରେ ହେଲେ ସେତେବେଳେ ସେ ଚେତେଇ ଦେଇ ନ ଥାନ୍ତେ ସ୍ଥାନିବାସର କଥା ! ପଦେ ହେଲେ କହି ନ ଥାନ୍ତେ ତା'ର ବିରୁଦ୍ଧରେ ?

କିନ୍ତୁ ଅମିତ୍ତ ଯିବାର ବହୁତ ଦିନ ପୂର୍ବରୁ ବୁଲା ଆସି ନ ଥିଲା । ତା'ପରେ ମଧ୍ୟ ଏ ଯାଏ ଆସି ନାହିଁ ସେ ।

ଅଭିମାନ ନୁହେଁ – କିଛି ନୁହେଁ । କୋଉଠି ହୁଏତ କ'ଣ କାମରେ ବ୍ୟସ୍ତ ହୋଇଯାଇଥିବ—ସେଇଥିପାଇଁ ଆସିପାରିନି ।

ତଥାପି···ତଥାପି କାହିଁକି କେଜାଣି ସେଇ ପରିଚୟହୀନ, ଠିକଣାବିହୀନ, ସମସ୍ତଙ୍କର ସବୁ, ବୁଲାଭାଇଠାରୁ ବି ଅଭୟ ମିଳିବ, ଆଶ୍ୱାସନା ମିଳିବ ବୋଲି ସୁମିତ୍ରାର ଦେହ, ମନ, ଚୈତନ୍ୟ ସବୁ ଜାଗ୍ରତ ହୋଇଉଠିଲା ।

ବୁଲାଭାଇକୁ ଥିକେ ଦେଖିପାରନ୍ତା କି ? ହଠାତ୍ ଉଠିଯାଇ ସେ ବାପାଙ୍କୁ ତା ର କହିଆସିଲା—

—"ବାପା, ବୁଲାଭାଇଙ୍କୁ ଥିକେ କୋଉଠି ଦେଖିଲେ କହିଦେବ ଆସିବା ପାଇଁ—କାମ ଅଛି ।"

—"ହଉ" ବୋଲି ମଦନବାବୁ କହିଥିଲେ ।

ପରେ ପରେ ସୁମିତ୍ରା ସଜାଗ ହୋଇଉଠିଲା—ବୁଲାଭାଇକୁ କ'ଣ ସେ କହିବ ?

ଗତ କେତେ ଦିନ ତଳେ ବୁଲାଭାଇ ଆସିଥିଲା ? ମନେ ମନେ ହିସାବ ଦେଖିଲା, ହିସାବ କଲା ସୁମିତ୍ରା । ଯୁଗେ ବିତିଗଲାଣି ଅସି ।

Digitized by srujanika@gmail.com

କାହିଁକି କେଜାଣି ଏମିତି ଖାମଖିଆଲ ମନରେ ମନେପଡ଼େ ବୁଲାଭାଇ—ଯାହାକୁ ଦିନେ ବି ପଦେ ମିଠାକଥା କହିନାହିଁ ସୁମିଲା। ଯାହାର ବହୁ ସାହାଯ୍ୟର, ଦାନର କୌଣସି ପ୍ରତିଦାନ ଦେଇ ନାହିଁ କି ଦେବା କଥା ଚିନ୍ତା କରିନାହିଁ କେବେ। ବରଂ କାରଣ ଅକାରଣରେ ଉପରେ ପଡ଼ି ଉପଦେଶ ଦିଏ ବୋଲି ଅନେକ ସମୟରେ ଅପମାନ ହିଁ ଦେଇଛି ତାକୁ।

ସେଇ ଲୋକଟିକୁ ମନେପକାଏ ସୁମିଲା ଏମିତି ହତାଶ ହୋଇଗଲେ। ଯେତେବେଳେ ଜୀବନରେ କୌଣସି ଅବଲମ୍ବନ ନ ଥାଏ, ଯେତେବେଳେ ବିଷାଦଗ୍ରସ୍ତ, ଅବସନ୍ନ ଦେହ, ମନ ନେଇ, ସୁମିଲା ସାରା ଦୁନିଆକୁ, ତା'ର ବାପା-ମା, ଭାଇ-ଭଉଣୀ ସମସ୍ତଙ୍କୁ ଘୃଣା କରେ, ସେତିକିବେଳେ। ସେତିକିବେଳେ ଠିକ୍ ଏଇ ଚିର ଅବହେଳିତ ଲୋକଟିକୁ ସବୁଠାରୁ ନିଜର, ଆପଣାର ବୋଲି ମନେହୁଏ।

କାହିଁକି ? କ'ଣ ପାଇଁ !

ଅଶିକ୍ଷିତ ମନ ତା'ର ବିଶ୍ଳେଷଣ କରିପାରିଲା ନାହିଁ କାହିଁକି ଏମିତି ହୁଏ ବୋଲି।

ତେବେ, ବୋଧହୁଏ...ବୋଧହୁଏ ସୁମିଲା ଏ ବହୁ ନାଗର ଜୀବନରେ ତା'ର ଜଣକୁ ଭଲ ପାଏ। ବୁଲାଭାଇକୁ। ସମ୍ଭବତଃ ସେଥିପାଇଁ ଏମିତି ମନେପଡ଼େ।

'ଭଲପାଇବା' ଶବ୍ଦଟି ତା' ନିକଟରେ, ଏକ ସମ୍ପୂର୍ଣ୍ଣ ଅର୍ଥହୀନ ଆଉ ନାଟକର ଡାଇଲଗ ଭଳି ଅତି ଘୋଷିତ ଶବ୍ଦ ହୋଇଥିଲେ ବି ହଠାତ୍ ସେହି ଶବ୍ଦଟି ମନେପଡ଼ି ସୁମିଲାର ମନ ଏକ ଅଦ୍ଭୁତ ଅଜଣା ଉନ୍ମାଦନାରେ ଭରିଗଲା, ଯାହା ସେ କେବେହେଲେ ଅନୁଭୋଗ କରିନାହିଁ।

ବହୁ ପରିବେଶରେ, ଶତ ସହସ୍ର ରାତିରେ ତା'ର ଏ ବିଗତପ୍ରାୟ ବସନ୍ତର ଜୀବନରେ ସେ ଏ ଶବ୍ଦଟି ଶୁଣିଛି। କିଏ ତା ଗୁଣ୍ଡରେ ଢଳି ପଡ଼ି କହିଛି, କେହି ଅବା ତା'ର ହାତ ପାପୁଲିକୁ ଚୁପିଚୁପର ଚୁମା ଦେଇ କହିଛି, କିଏ ପୁଣି ବିଜନ ନିର୍ଜନ ରାତିରେ, ଜହ୍ନକୁ ଚାହିଁ ଚାହିଁ ତା' ମୁହଁ ସହିତ ତୁଳନା କରି କରି କହିଛି—କେତେବେଳେ ପୁଣି ମଞ୍ଚ

Digitized by srujanika@gmail.com

ଜମରେ ହଠାତ୍ ଆଲୋକ ଲିଭିଗଲେ ଅତି ଅଶ୍ଳୀଳ ଭାବରେ ଗ୍ରୀବା ଉପରେ ଚାପି ଧରି କାନରେ ଚୁମା ଚୁମା କହିଦେଉଛି କିଏ ।

ଅତି ବାହାଘରର ପୁରୁଣା ଡ୍ରାମାର ବୋଲି ଭଳି ଲାଗିଛି ସେସବୁ । ଭିନ୍ନ ଭିନ୍ନ ରାତିରେ, ବିଭିନ୍ନ ପୋଷାକ ପିନ୍ଧି ଏକା ଅଭିନୟ କଲାଭଳି ।

ପରେ ପରେ ଘୃଣା, ଅବସାଦ ଭରିଯାଇଛି ସୁମିଲାର ମନରେ ।

ଏ ଉନ୍ମାଦନା, ଏ ଅନୁଭୂତି ତା'ର ସମ୍ପୂର୍ଣ୍ଣ ନୂଆ ।

ବିଷଣ୍ଣ, ବିବର୍ଣ୍ଣ, ପାଣ୍ଡୁର, ଆଗତପ୍ରାୟ ସନ୍ଧ୍ୟା ହଠାତ୍ ସୁମିଲା ଆଖିରେ ଶତ ଇନ୍ଦ୍ରଧନୁର ଝଲକ ଖେଳାଇଦେଲା । ନିଜ ଅଜାଣତରେ, ଅଜ୍ଞାତରେ ସେ ଖୁସି ହୋଇଉଠିଲା । ଟିକକ ଆଗରୁ ଯେଉଁ ଯେଉଁ ପରିବେଶ, ଯେଉଁ ଘର ତାକୁ ହାଇରାଣ କରିଦେଇଥିଲା, ସେଇ ପରିପାର୍ଶ୍ୱ ତା' ଦେହରେ ଜୀବନର ଏକ ନୂଆ ଅପୂର୍ବ ଆନନ୍ଦ ଆଣିଦେଲା ।

ସେ ନିଜକୁ ନିଜେ ଅବିଶ୍ୱାସ କରିବାକୁ ଆରମ୍ଭ କଲା ।

ସୁମିଲା ପୁଣି ଭଲ ପାଇପାରେ ? ତାକୁ କେହି ଭଲ ପାଇପାରେ ?

ଜୀବନ ତା'ର ଏ ପ୍ରାଣପ୍ରାଚୁର୍ଯ୍ୟରେ ପରିପୂର୍ଣ୍ଣ ହୋଇପାରେ କେବେହେଲେ ?

ବିବାହ, ନାରୀତ୍ୱ, ମାତୃତ୍ୱ, ଘର, ଐହିକ ସବୁ ସୁଖସମ୍ଭୋଗ, କିଛି···କିଛି କାମ୍ୟ ନୁହେଁ ତା'ର । କେବଳ ଥରୁଟିଏ, ଥରୁଟିଏ ଯଦି ବୁଲାଭାଇ ତାକୁ ଏଇ କଥା ପଦକ କହିଦିଏ—କେବେ ବି ଯଦି ଶତଶଯ୍ୟାର ନାୟିକା ସୁମିଲା ଏଇ ରୋମାଞ୍ଚ ଅନୁଭବ କରିପାରେ ତା'ର ଲୋମକୂପରେ, ତେବେ ସାର୍ଥକ ହେବ ତାର ଜୀବନ ।

ରେଖାରୁ ଊର୍ଦ୍ଧ୍ୱକୁ ଉଠି ଏକ ବିନ୍ଦୁରେ ପରିଣତ ହୋଇଯିବ ସେ ! ଭୁଲିଯିବ···ଭୁଲିଯିବ ସବୁ ।

ସବୁ ମିଥ୍ୟା ଭିତରେ ପଦିଏ ସତ୍ୟ—ଥରୁଟିଏ ସତ ଭଲପାଇବା କ'ଣ କେବେ ତା'ର ଜୀବନରେ ଆସିବ ନାହିଁ ? ବିନ୍ଦୁରେ ସେ ପରିଣତ ହୋଇପାରିବ ନାହିଁ ?

Digitized by srujanika@gmail.com

ଆଃ···ଏଇ ଶବ୍ଦଟିଁ ଯଥେଷ୍ଟ । ଲକ୍ଷ ରଜନୀଗନ୍ଧାର ମହକ ଭରିଗଲା ତାର ନିଶ୍ୱାସରେ । ପୁଲକିତ ହୋଇଉଠିଲା ମଞ୍ଜୁକନ୍ୟା ସୁମୀଲା ।

ମଦନବାବୁ ପାଠିକରି କମ୍ପାଉଥିଲେ । ଘରସାରା ଆଜି ସମସ୍ତେ ନୀରବ । ମଝିରେ ମଝିରେ ରୋଷେଇଘରୁ ମା' ଗୁଣୁଗୁଣୁ କରି ତାଙ୍କ ପାଠି ସହିତ ତାଳ ମିଶାଇ କ'ଣ କହୁଥିଲା । ହୁଏତ ତାଙ୍କ କଥାକୁ ସମର୍ଥନ କରୁଥିଲା—ବେଳେ ବେଳେ ପୁଣି କହୁଥିଲା, ତମରି ପାଇଁ ତ ଏସବୁ ହେଲା—ନ ହେଲେ···

ସୁରେଶ ଠିକେ ଆଗରୁ ଆସି ପହଞ୍ଚିଛି । ତା' ଉପରେ ବି ଚଢ଼ାଗଲାରେ ବେଶ କିଛି ସମୟ ଗାଳିବର୍ଷଣ ଫଳରେ ଭୁମୀ ହୋଇ ଦାଣ୍ଡ ବାଖରାରେ ଚେକା ମାରି ସାପ ଭଳି ପଡ଼ିରହିଛି । ଉଁ କି ଚୁଁ କିଛି କହୁ ନାହିଁ । ସାନ ସାନ ପିଲାଏ ଏଯାଏ ସ୍କୁଲରୁ ଫେରି ନାହାନ୍ତି । ବେଳ ହୋଇଆସିଲାଣି । ଫେରିଆସିବେ ବୋଧହୁଏ ଆଜି ଠିକେ ଗଲେ ।

ମା' ରାତି ପାଇଁ ତରକାରୀ ହରକା କରିଦେବାକୁ ଆଉ ମଦନ-ବାବୁଙ୍କର ଏ ପାଠିରୁ ରିହାତି ପାଇବାକୁ ରୋଷେଇ ଘର ଭିତରେ ପଶିଯାଇଛି ।

ଶୋଇବାର ଅଭିନୟ କରି, ଝାଳନାଳ ଆଣ୍ଠୁଏ ହୋଇ, ଗରମଟାରେ ଶୋଇଲା ଘର ଭିତରେ ତଳେ ପଡ଼ିରହି ଉପରକୁ ଚାହିଁ ରହିଥିଲା ସୁମୀଲା । ବହୁତ ବେଳୁ ତା ନିଦ କେବଳ ଭାଙ୍ଗି ଯାଇ ନାହିଁ, ଚେଷ୍ଟା କଲେ ମଧ୍ୟ ଆଉ ନିଦ ଫେରିଆସୁ ନାହିଁ । ରାତିରେ ନିଦ ହେବ କି ନାହିଁ, ସେ ବିଷୟରେ ବି ସନ୍ଦିହାନ ସେ ।

ତାର ବାପା ମଦନବାବୁ । ବାପା, ଯିଏ ଜନ୍ମ ଦେଇଛି, ଯାହାର ଔରସରୁ ଜନ୍ମ ହୋଇଛି ସେ, ତାଙ୍କ ବିଷୟରେ ଖରାପ ଭାବିବା ହୁଏତ ଉଚିତ ନୁହେଁ । ସମସ୍ତେ ତ ସେଇଆ କୁହନ୍ତି । କ'ଣ ଗୋଟାଏ ବଡ଼ ସଂସ୍କୃତ ଶ୍ଲୋକ ଅଛି ସେ ବିଷୟରେ । ନାଟକରେ ଥରେ ଶୁଣିଥିଲା ସୁମୀଲା । ମନେ ନ ପଡ଼ିଲେ ବି ଖିଆଲ ଆସୁଛି, କୁଆଡ଼େ ବାପା ସ୍ୱର୍ଗଠାରୁ

Digitized by srujanika@gmail.com

ମହାନ, ବାପା ପରମ ଧର୍ମ —ସର୍ବଶ୍ରେଷ୍ଠ, କ'ଣ ସବୁ ଏମିତି ବଡ଼ ବଡ଼ କଥା ।

ଏଇ ବାପାମାନଙ୍କ ବିଷୟରେ ଏ ବଡ଼ ବଡ଼ କଥା କ'ଣ ଲେଖାଯାଇଛି ?

ଜନ୍ମଦାତାମାନେ ସବୁ ଏତେ ଇତର, ଏତେ ନିଷ୍ଠୁର, ଏତେ ଘୃଣ୍ୟ, ମିଛ ହୋଇପାରନ୍ତି ? ଏତେ ମିଛ ଯେ ଯାହା ଭାବି ହେବ ନି ନାହିଁ ?

ଗ୍ରେଟଲେକ କୋଉଠିକାର···

ନିଜ ମନକୁ ମନ ଆଉଡ଼େଇଲା ସୁମୀଲ୍ । ତାର ଇଚ୍ଛା ହେଉଥିଲା, ଏଇ ମୁହୂର୍ତ୍ତରେ ଉଠିଯାଇ ଦୁଇ ଗାଲରେ ଠାସ୍ ଠାସ୍ ଚଟକଣା ଦୁଇଟା ବସାଇ ଏ ଘରୁ ବାହାରି ଚାଲିଯିବାକୁ । ଚାଲିଯିବାକୁ ସାରା ଜୀବନ ପାଇଁ ।

ନିଜ ଭାବନାରେ କ୍ରମଶଃ ସେ ଏତେ ବୁଡ଼ିଯାଉଥିଲା ଯେ, ମଦନବାବୁଙ୍କର ପାଟିର ଶବ୍ଦ କେବଳ ଶୁଭିବା ବ୍ୟତୀତ ସ୍ପଷ୍ଟ ଭାବରେ ଆଉ କିଛି ଶୁଣୁ ନ ଥିଲା ସେ । ଶୁଭୁ ନ ଥିଲା ତାକୁ ।

ମନ ଦେଇ ଆଉ ଗୋଟାଏ କାମ କରୁଥିଲା ବେଳେ, ନିକଟରେ ରେଡ଼ିଓଟାଏ ବାଜୁଥିଲେ ସେ କାମରେ ବୁଡ଼ି ରହି ଯେମିତି ରେଡ଼ିଓର ଶବ୍ଦଟା କେବଳ କାନରେ ବାଜୁଥାଏ ଆଉ ମଝିରେ ମଝିରେ ହଠାତ୍ ଧ୍ୟାନ ଭାଙ୍ଗି ଆସିଲାବେଳେ ଗୋଟାଏ ଗୋଟାଏ ଜଣାଶୁଣା ଶବ୍ଦ କାନରେ ବାଜିଯାଏ, ସେମିତି ଶୁଭୁଥିଲା ତାକୁ ।

ଅମୀଲ ଭଲ କରିଛି । ବେଳେବେଳେ ଅମୀଲର ଏ ବ୍ୟବହାରକୁ ସେ ସମର୍ଥନ ନ କରିପାରୁଥିଲେ ମଧ୍ୟ ଏଇ ମୁହୂର୍ତ୍ତରେ ତାର ଧାରଣା ହେଲା, ସ୍ତ୍ରୀ'ଠାରୁ ଭଲ କାମ, ଉଚିତ କର୍ତ୍ତବ୍ୟ ବୋଧହୁଏ ଅମୀଲ ପକ୍ଷରେ ଆଉ କିଛି ନ ଥିଲା । ମନପ୍ରାଣ ଦେଇ ଅମୀଲକୁ ସମର୍ଥନ କରୁଥିଲା ସେ । ଆଜି ଭାବୁଥିଲା, ଆଜି ସନ୍ଧ୍ୟା ପରେ ରଙ୍ଗମଞ୍ଚକୁ ଯାଇ ଅମୀଲକୁ ଦେଖି ଆସିବ ସେ ଏବଂ ଜଣାଇଦେଇ ଆସିବ ତାର ମନକଥା । ଏକାନ୍ତରେ ଏ ଗ୍ରେଟଲେକର କାହାଣୀ କହିଆସିବ ସମ୍ଭବ ହେଲେ ।

ମଦନବାବୁ ପାଟି କରି କହୁଥିଲେ ସେମିତି, "ଏତିକୁ ଏତିକିଟିଏ କଲି, ବଢ଼ାଇଲି କୁଢ଼ାଇଲି, ଏବେ ଜବାନ୍ ହୋଇଗଲାକ୍ଷଣି ଚାଢ଼ିଆ ଦେ ଫୁଟିକୁ ? ଆରେ···ମୋତେ କ'ଣ କରି ପାଇଲେଣି କି ଏମାନେ ? ଦେଖି

Digitized by srujanika@gmail.com

ହୋ, ମୁଁ ଡାକିଲି, ବୁଝାଇଲି; ମୋତେ ପୁଣି କୁହାହଉଛି କ'ଣ ନା ମୋ ଦାୟିତ୍ୱ ମୋତେ ମୁଣ୍ଡାଇବାକୁ ଦିଅ ! କିଏ···ତମ ଦାୟିତ୍ୱ ଏମିତି ତମେ ମୁଣ୍ଡାଇବାର ଥିଲା ତ ଆମ ଦାୟିତ୍ୱ ମୁଣ୍ଡେଇବ କିଏ ? ଆମେ କ'ଣ ଫୋପଟ୍ ପଇସା ସାର ଏଡ଼େଟିଏ କଲୁ ତମକୁ ?"

ଅମୀଙ୍କୁ ଡାକିବାକୁ ରଙ୍ଗମଞ୍ଚ ଯାଇ ଫେରି ଆସିଛନ୍ତି ଯେ, ଅମୀ ଏଇ ଦାୟିତ୍ୱ କଥାଗୁଡ଼ିକ କହିଥିଲା । ହୁଏତ ଆଉ ସବୁ ଲୋକେ ଥିବେ ପାଖଆଖରେ । ନ ହେଲେ ଅମୀ ଏଡ଼େ ଉଦ୍ଧତଭାବରେ କଥା ନ କହି, ଫେରାଇ ଦେଇଥାଆନ୍ତା । ଆଜି କ'ଣ ଅଶ୍ଳୀଳ ଭାବରେ ଶୁଣାଇଦେଇ ଗଲା ।

ସୁସ୍ଥ, ସବଳ, ପୁଣି ବୃଦ୍ଧ ନୁହଁନ୍ତି ଅକର୍ମଣ୍ୟ ନୁହଁ । ସିଏ ବଞ୍ଚିଛନ୍ତି, ତାଙ୍କର ଔରସରୁ ସୃଷ୍ଟ ଝିଅମାନେ ନିଜକୁ ବିକିଭାଙ୍ଗି ପଇସା ଆଣିବେ, ଏପରି କି ଦେହ ବିକି ପଇସା ଆଣିଲେ ବି ତାଙ୍କର ଆପତ୍ତି ନାହିଁ ! କିନ୍ତୁ ସିଏ ନିଜେ କିଛି କରିବେ ନାହିଁ । ଯୁବକ ଭାଇଟିଏ, ସିଏ ବି ନିର୍ଲଜ୍ଜ ଭାବରେ ଭଉଣୀର ଯୌବନ କଥା କହି, ତାଙ୍କର ରୂପ ବର୍ଣ୍ଣନା କରି ଅବା ଜୁଟାଇ ଦେଇ ବଞ୍ଚିପାରିବାକୁ ଚାହେଁ ।

କି ବିଚିତ୍ର ଜୀବନ ! ଶତାବ୍ଦୀର ସର୍ବଶ୍ରେଷ୍ଠ ଗ୍ଲାନି ବୋଧହୁଏ ଏଇଆ ହିଁ । ପିତା ଚାହେଁ, ଭରଣପୋଷଣ ପାଇଁ କନ୍ୟା ତାର ଦେହଜୀବିକା ହେଉ । ଭାଇ ଚାହେଁ, ଭଉଣୀ ଅପରର ଉପଭୋଗ୍ୟା ହୋଇ ତାକୁ ଅର୍ଥ ଦେଉ, ତାକୁ ବଞ୍ଚାଇରଖୁ !

ଶତ ଶତ ଲୋଲୁପ ଆଖି, କ୍ଷୁଧିତ ବାଘ ଭଳି ପୁରୁଷଙ୍କର ପଞ୍ଝାରୁ ନିଜକୁ ବଞ୍ଚାଇବା ପାଇଁ ଝିଅଟିଏ ଧାଇଁ ବୁଲେ । ରକ୍ଷା କରିପାରେନା । ଦେହ ତା'ର କାଳ ହୁଏ । ଯୌବନ, ଯାହା ନାରୀଙ୍କର ପରମ ସମ୍ପଦ, ମାନବିକତାର ଶ୍ରେଷ୍ଠ ଅବଦାନ, ସେଇ ହୁଏ ତାର ମରଣବେଳ ।

ନା, ଦର୍ଶନ ନୁହେଁ । ସୁମୀଙ୍କୁ ଜୀବନ ଏତେ ଉପ୍ସାହିତ, ଏତେ ଅବସାଦମୟ ପୂର୍ବରୁ କେବେ ଲାଗି ନ ଥିଲା ।

ବୋଷେଇ ଘରୁ ବୋଧହୁଏ ମା କହିଲା, "କାହିଁକି ମିଛଟାରେ ପାଟି କରୁଛ ମ ? ସିଏ ତ ଗଲା ଗଲା ।"

"ପାଟି କରିବି ନାହିଁ ? କଅଣ ମିଛରେ ଖାଇବା ପିଇବାକୁ ଦେଇଥିଲି ? ଏତେ ଶିଖେଇଲି, ଏତେ ବୁଝେଇଲି । ପଦେ ହସରେ

Digitized by srujanika@gmail.com

ତାଙ୍କର ଟଙ୍କା ଝରୁଛି । ଘଣ୍ଟାଏ ଗଲେ ଏବେ ତାଙ୍କର ହାଣ୍ଡିଏ ମିଳୁଛି । ଟିକିଏ ହାତକୁ ହାତ ବଜାଇଦେଲେ ଦଶ ଟଙ୍କା ହୋଇଯିବ ! ଏତିକିବେଳେ ସିଏ ଭୁଲିଯିବ ?”

ଇସ୍···କି ଜଘନ୍ୟ ଲୋକଟା ! ଝିଅ ବିଷୟରେ ଏମିତି କହିପାରୁଛି ! ବେଶ୍ୟାର ଦଲାଲ୍ ବି ସ୍ୱାମୀଠାରୁ ଉଚ୍ଚରେ !

“ଏଥର ତ ଏମିତି ସମସ୍ତେ ଯିବେ । ଆମେ ଚଳିବା କେମିତି ? ଖଣ୍ଡିଏ ଉଡ଼ା ତାଙ୍କୁ ଶିଖାଇଲା କିଏ ? କାଲି···ତୋର ଯଦି ଏତେ ମନ ଉଚ୍ଛନ୍ନ ହେଉଥିଲା, ଏଇଠିକି ଏବେ ନାଗର ଡାକିଥିଲେ କ’ଣ ଚଳି ନ ଥାନ୍ତା ! କିଏ ଏବେ ମନା କରୁଥିଲା ? ନାହିଁ···ନାହିଁ···ଅଲଗା ଖଞ୍ଜା କରି ରହିବେ ଆମର···”

“କ’ଣ ଝିଅ ବିଷୟରେ ଏମିତି କହୁଚ ମ ?” ମା’କୁ ବାଧିଲା ବୋଧହୁଏ ଏଥର ।

“ଏଁ, ନିଜ କଥା ଭାବୁନ । ଝିଅ ଝିଅ କ’ଣ ? କିଓ ସୁନାଟା ତ ସାନ । ଆଜି ତ ଗୋଟାଏ ବୁଢ଼ୀ ହେଲାଣି ଆସି – ତାକୁ କେହି ଆଉ ଆଖିରେ ବି ପସନ୍ଦ କରୁ ନାହାନ୍ତି । ଏଇଟା ହେଲେ ଯାଇଥାଆନ୍ତା !”

ହଁ କାନରେ ହାତ ଦେଇ ସୁମିଲା ଏଥର ତଳକୁ ମୁହଁମାଡ଼ି କଇଁ କଇଁ ହୋଇ କାନ୍ଦିଉଠିଲା ।

ବ୍ୟବସାୟ କରିବା ପାଇଁ କୋଉଠୁ ନେଇଆସିଛି କି କିଣିକରି ? ସୁମିଲାର ଧାରଣା ହେଲା ସେଇଆ ।

ସେ ଜାଣିଥିଲା, ଯାହାକୁ ବାପା ବାପା ଡାକେ ତା’ର ଇଚ୍ଛରଚା, ତା’ର ମାତବା । କିନ୍ତୁ ଏଇଟା ତ ପଶୁଟାଏ । ପଶୁଠାରୁ ବି ହୀନ ! କୁକୁର ବି ନିଜ ସନ୍ତାନକୁ ସ୍ନେହ କରେ ।

ଆଜି ଶୁଣିବା ତା’ ପକ୍ଷରେ ସମ୍ଭବ ନୁହେଁ ।

ସୁମିଲାର କାନ୍ଦବାଟା ହଠାତ୍ ଶୁଭିଗଲା ବୋଧହୁଏ ।

—“ନା, ନା···ମୁଁ ଯାହା କୁହେ ସେକଥା କୁହେ—ଲୁଚୁଛପା କରୁ ନାହିଁ । କାହାକୁ ବାଧୁ କି ଯାହା ହଉ । ଦେଖୁନ, ସ୍ୱାଙ୍କୁ କ’ଣ ଆଜି କେଉଁଠି ମିଳିବ ? କେହି ଭଲ ଚଇତନ୍ୟ ଆସି ? ଇଏ ଯଦି ଉଙ୍ଗମଣ୍ଡିକୁ ଯାଆନ୍ତା କି କୁଆଡେ ଯାଆନ୍ତା ସିନା !”

Digitized by srujanika@gmail.com

ଧୈର୍ଯ୍ୟର, ସହନଶୀଳତାର ବି ଗୋଟାଏ ସୀମା ଅଛି । ଅତି ଅସହାୟ ଚରିତ୍ରଟିଏ ବି ଧୈର୍ଯ୍ୟଚ୍ୟୁତି ଘଟିଲେ କାମୁଡ଼ି ପାରୁ କି ନ ପାରୁ, ଝୁମ୍ପି ଦେବାକୁ ଦଉଡ଼ିଆସେ ପରିଣତି କ'ଣ ହେବ ନ ଜାଣି ।

କୋହ, କାନ୍ଦ, ଲୁହ ସବୁକୁ ଏଡ଼ାଇ ଦେଇ ନିଜର ସମସ୍ତ ଶକ୍ତି, ସବୁ ଜୋର୍ ଧରି ସୁମିଲି ଉଠିଆସିଲା ହଠାତ୍ । ସମ୍ଭାଳି ରହିବା ଆଉ ତା' ପକ୍ଷରେ ସମ୍ଭବ ନ ଥିଲା ।

—"ବଦମାସ୍ କୋଉଠିକାର୍—ତମେ ପୁଣି ବାପ ହେଇଚ ? ଲଜ୍ଜା ଲାଗୁ ନାହିଁ ? ଝିଅର ଦେହବିକା ପଇସାରେ ଚଳିବ ? ଝିଅକୁ ବଢ଼େଇ କୁଢ଼େଇ, ତାର ବଢ଼ିଲା ଦେହକୁ କାଟି କାଟି, ଟିକିଟିକି କରି ବିକି ଖାଇ ବଞ୍ଚିବ ? ପଶୁ ! ତମକୁ ଟିକେ ଲାଜ ଲାଗୁ ନାହିଁ କହିବାକୁ ଯେ ମୋ ପାଖକୁ କେହି ଆଜି ଆସୁ ନାହାନ୍ତି ବୋଲି ? ଯାଉନ, ରାସ୍ତାରେ ଠିଆ ହୋଇ ଲୋକ ଡାକି ଆଣିବ, ଯିଏ ମୋ ପାଖରେ ରାତିରେ ଶୋଇବ— ଆଉ ତମକୁ ପଇସା ଦେଇଯିବ ? କହିବ, ମୋ ଝିଅ ପାଖରେ ଶୋଇବ ଆସ—ରାତିକର ଫିସ୍ ଏତେ ଟଙ୍କା ! ନିର୍ଲଜ୍ଜ—ଘୃଣ୍ୟଲୋକ କୋଉଠିକାର"—

ସେପଟେଇଘରୁ ବୋଉ ଉଠିଆସିଲା । ଧଣ୍ଡ ସାପ ଭଳି, ନିର୍ଜୀବ ଭଳି ପଡ଼ିଥିବା ସୁରେଶ ବି ଉଠିଆସିଲା ଦାଣ୍ଡଘରୁ । ଜଣେ ଦୁଇ ଜଣ ପଥଚାରୀ ବି ହୁଏତ ରାସ୍ତା ଉପରେ ଦଣ୍ଡେକ ପାଇଁ ଥକ୍‌କା ମାରି ଛିଡ଼ା ହୋଇଯାଇଥିବେ ସୁମିଲିର ଚିତ୍କାର ଶୁଣି । ସୁମିଲି ତା'ର ସମସ୍ତ ଶକ୍ତି ଦେଇ ଚିତ୍କାର କରି କହୁଥିଲା । ଆଖିରୁ ତା'ର ନିଆଁ ବାହାରୁଥିଲା ଆଉ ଲୁହ ଝରି ପଡ଼ୁଥିଲା । ଲୁହ ବହୁ ନ ଥିଲେ ସେ ହୁଏତ ମଦନବାବୁଙ୍କୁ ଆଖି ନିଆଁରେ ଜାଳି ଦେଇଥାଆନ୍ତା !

ଶାନ୍ତ, ଶିଷ୍ଟ, ପାଉଁଶ ଭଳି ଶୀତଳ ସୁମିଲି ଯେ କେବେ ଏମିତି ଉତ୍ତଳନିଆଁରେ ପରିଣତ ହୋଇଯାଇପାରେ, ଏକଥା ମଦନବାବୁ ବୋଧହୁଏ ଭାବିପାରି ନ ଥିଲେ । ନିଜର ମନକଥା ସେ ତ ଥରେ ମାତ୍ର ଏମିତି ଅତି ଖୋଲାଖୋଲି ଭାବରେ ପ୍ରକାଶ କରି ପକାଇଥିଲେ । ତେବେ ବାଦ କରିବ ଅମିଲା । ସୁମିଲି ସବୁ ସହିଯାଏ—ଅମିଲାକୁ ବୁଝାଏ । ଅମିଲାର ଅନୁପସ୍ଥିତି ତାଙ୍କୁ ଏତେ ସାହସ ଦେଇଥିଲା ହୁଏତ ।

Digitized by srujanika@gmail.com

ଦଣ୍ଡକ ପାଇଁ ସ୍ତମ୍ଭୀଭୂତ ହୋଇ ରହିଗଲେ ସମସ୍ତେ । ନୀରବ ହୋଇଗଲା ସବୁ । ମଦନବାବୁ କେବଳ ନୀରବରେ ଦମ ନେଇ ନେଇ ଉତ୍ତେଜିତା ସୁନୀଲାକୁ ଚାହିଁ ରହିଥିଲେ । କିଛି କହିପାରୁ ନ ଥିଲେ ।

ଉଦ୍‌ଭ୍ରାନ୍ତ ଭଳି କଥା କେଇ ପଦ ଏକାଦମରେ କହିଦେଇ ସାରିଲା ପରେ ସୁନୀଲା ଅଣନିଶ୍ୱାସୀ ହୋଇଗଲା ଭଳି ଜୋର୍‌ରେ ଜୋର୍‌ରେ ଦମ୍ ନେଲା । ଉତ୍ତେଜନା ଫଳରେ ଅଣନିଶ୍ୱାସୀ ହୋଇଯାଇଥିଲା ସେ ।

ସେହି ଅଳ୍ପ ସମୟ ନୀରବତା ବହୁତ ସମୟ ଭଳି ଲାଗିଲା ପ୍ରତ୍ୟେକଙ୍କୁ । ତା' ପରର ଅବସ୍ଥାଟା ସମ୍ବନ୍ଧ ମନରେ କେହି ଚିନ୍ତା କରି, ଠିକ୍ କରି ପାରୁ ନ ଥିଲେ ବୋଧହୁଏ ।

ହଠାତ୍ ବିସ୍ଫୋରଣ ଘଟିଗଲା ପରର ଅଶାନ୍ତ ନୀରବତା ।

ମଦନବାବୁ ନୀରବତା ଭାଙ୍ଗିଲେ ଏଥର ନିଜର ପିତୃତ୍ୱ ଜାହିର କରିବା ଉଦ୍ଦେଶ୍ୟରେ । ସୁନୀଲକୁ ନ ଚାହିଁ ମା'ଙ୍କ ଆଡ଼କୁ ଅନାଇ କହିଲେ, "ଦେଖୁଚ, ଶୁଣୁଚଟି ? କେଡ଼େ କେଡ଼େ କଥା କହିଯାଉଛି ଝିଅ ? ଟୋକି ମୁହଁରେ ବଡ଼ କଥା ! ଟିକେ ବି ଲାଜସରମ ନାହିଁ, ବାପ ଆଗରେ ପୁଣି କଥା କୁହା ହେଉଛି ?"

—"ଲାଜସରମ ? ପୁଣି ତମ ଆଗରେ ? ଯୋଉ ବାପ କହିପାରେ ଝିଅ ବୁଢ଼ୀ ହୋଇଗଲାଣି, ତାକୁ ଆଉ ଭଡ଼ା ମିଳିବ ନାହିଁ ? ଝିଅ ନ କମେଇପାରିଲେ ଯୋଉ ବାପ କୁହେ ଘରୁ ବାହାରିଯିବାକୁ—?"

ଏଥର ଉତ୍ୟକ୍ତ ହୋଇ ମଦନବାବୁ କହିଉଠିଲେ, "ଦେଖ ଯେ ଇଏଟା ଥୋଇ, ବେଶୀ ମୁହଁ ବଢ଼ି ବଢ଼ି କଥା କହୁଚୁ ? ଆ...ରେ...,ହଁ, କହିଲ ତ ଭଲ କଲ, କ'ଣ ହେଲା ସେଠୁ ? କ'ଣ ମୁଁ ମିଛ କଥା କହିଲ ?"

"ନାହିଁ, ଯୋଗ୍ୟ କଥାଗୁଡ଼ାକ ସବୁ କହୁଚ, ଆଉ.. ମାରିବ ତ ମାର—ହେତକ ତ ବାକି ରଖିଛ । ହାତରେ ହାତଲଗେଇବ ବଡ଼ ଝିଅକୁ ମାରିବା ପାଇଁ...ମାର, କାହିଁକି ଆଉ ରହିଲ—?" ଆଗେଇ ଆସିଲା ସୁନୀଲା ମଦନବାବୁଙ୍କ ଆଡ଼କୁ, ଆଉ ଆଗେଇଆସି ସେମିତି କହିଚାଲିଲା —"ଆମ ଭଡ଼ା ପଇସାରେ ଏତେ ଦିନ ଚଳିଲ, ତମକୁ ଟିକେ ଲାଜସରମ ନାହିଁ ? ଆମକୁ ପରପୁରୁଷଙ୍କ ସାଙ୍ଗେ ଜୁଟେଇଦେଇ ଭଡ଼ୁଆ ଭଳି ଲୁଚି ପଳେଇ ଆସିବ...ସେଥିପାଇଁ ତମକୁ ଲାଜ ଲାଗୁ ନାହିଁ...ପୁଣି କହୁଚ —?'

Digitized by srujanika@gmail.com

ଉତ୍କ୍ଷିପ୍ତ ମଦନବାବୁ କାଣ୍ଡଜ୍ଞାନଶୂନ୍ୟ ହୋଇ ସୁମୀଲା ଗାଲରେ ହଠାତ୍ ଜୋର୍‌ରେ ଗୋଟାଏ ଚଟକଣି କଷିଦେଲେ ଓ ସୁମୀଲା ଲେଟିପଡ଼ିଲା ଚଳେ ।

ମା' ଆଉ ସୁରେଶ ଦଉଡ଼ିଆସି ତାକୁ ଉଠାଇଦେଲେ ତତ୍‌କ୍ଷଣାତ୍ । ମଦନବାବୁ ଆଉ କିଛି କରିବାର ବା କହିବାର ସାହସ ନ ପାଇ ରାଗ ଗର୍‌ଗର୍ ହୋଇ କଠଉ ଠକ୍ ଠକ୍ କରି ବାହାରିଆଡ଼କୁ ଚାଲିଗଲେ ।

ଧୀରେ ଧୀରେ ଉଠିଲା ସୁମୀଲା । ନାଁ, ସେ କାନ୍ଦୁ ନ ଥିଲା । ଗାଲରେ ତା'ର ପାଞ୍ଚ ଆଙ୍ଗୁଳିର ଦାଗ । ଗୋରା ମୁହଁଟା ଫୁଲିଗଲା ଭଳି ଦିଶୁଛି । ବ୍ଲାଉଜ୍‌ର କିଛି ଅଂଶ ଝାଳରେ ଭିଜିଯାଇଛି । ବାଳଗୁଡ଼ାକ ମୁକୁଳା ।

କାହାକୁ କିଛି ନ କହି, କାହାକୁ ନ ଚାହିଁ, ଧୀର ଅଥଚ ଦୃଢ଼ ଭାବରେ ପାଦ ପକାଇ ଘର ଭିତରକୁ ପଶିଗଲା ଦେହ ମୁହଁରେ ଅସମ୍ଭବ କାଠିନ୍ୟ ପ୍ରକଟିତ କରି ।

କ'ଣ ସେ ଭାବୁଥିଲା କେଜାଣି ? ମା' ରୋଷେଇଘରକୁ ଫେରିଗଲେ । ଦଣ୍ଡକ ପରେ ସୁରେଶ ସୁମୀଲା ଥିବା ଘର ଭିତରକୁ ଉଙ୍କିମାରି ଦେଖିଲା, ସୁମୀଲା ଚିତ୍ ହୋଇ ଶୋଇରହିଛି ଆକାଶରେ ଯେଉଁ ଫାଳକ ଦେଖାଯାଉଛି, ତାକୁଇ ଚାହିଁରହି ।

ସନ୍ତର୍ପଣରେ ଫେରିଆସୁଥିଲା ସୁରେଶ । ତା'ର ପାଦଶବ୍ଦରେ ସୁମୀଲା ଫେରି ଚାହିଁଲା । ସୁରେଶ ନିରିଖି ଚାହିଁ ଦେଖିଲା, ସୁମୀଲାର ଆଖିପତାରେ ଲୁହ ଜକେଇ ନାହିଁ । ଉନ୍ମାଦଗ୍ରସ୍ତ ହୋଇଥିଲା ଭଳି ଫାଙ୍କା, ଅଭିବ୍ୟକ୍ତିହୀନ ଚାହାଣୀରେ ଚାହିଁରହିଛି ସେ ।

ସୁରେଶର ଆଖି ସହିତ ଆଖି ମିଳିଲା ତା'ର । ମୁହଁରେ କିଛି କଥା ନ କହି, ମୁଣ୍ଡ ହଲାଇ, ଆଖିରେ ଠାରି ସୁମୀଲା ତାକୁ ଡାକିଲା ପାଖକୁ । ସୁରେଶ ଆସି ଛିଡ଼ା ହେଲା ଖଟ କଡ଼ରେ ।

—"ବୁଲବୁଲିର ବସା ଦେଖିଚୁ ?" ଅତି ସହଜ ଗଳାରେ ପଚାରିଲା ସେ ।

—"ଡାକଦେବ ?"

—"ନା, ଦେଖିଚୁ କି ?"

—"ହଁ ।"

—"ମୋତେ ଟିକେ ନେଇଯିବୁ ?"

Digitized by srujanika@gmail.com

—"ହଁ ।"

—"ଆଜ ଯିବା । "

—'ଗଲାବେଳକୁ ଡାକବୁ, ନେଇଯିବ—'

ସୁରେଶ ଫେରଯାଉଥିଲା ଏଥର । ସୁମାଲ ତାକୁ ପୁଣି ପଛରୁ ଡାକଲା । କହଲା—

—"ନାହିଁ, ତୋ ଯିବାର ଦରକାର ନାହିଁ, ମୋତେ ତାଙ୍କ ଠିକଣାଟା କହଦେ ଖାଲ ।" ସୁରେଶ ତାକୁ କହଦେଲା ଠିକଣାଟା ତା'ପରେ କେଜାଣି କାହିଁକ ଆଶ୍ଚର୍ଯ୍ୟ ପ୍ରଶ୍ନବାଚକ ଦୃଷ୍ଟିରେ ଅନାଇଁ ରହିଲା ତା ଆଡ଼କୁ । ତାର ମୁହଁକୁ ଚାହିଁ ଚାହିଁ କ'ଣ ଖୋଜୁଥିଲା କେଜାଣି ସେଥିରୁ ? ବୋଧହୁଏ ଜାଣିବା ଦେଖିବାକୁ ଚେଷ୍ଟା କରୁଥିଲା କେତେ କଷ୍ଟ ଲାଗିଛି ଆଜ ତାର ମନରେ କ'ଣ ଅଛି ସେକଥା ଜାଣିବା ପାଇଁ ।

"କ'ଣ ଦେଖୁଚୁ ମୋତେ ?"

"ନାହିଁ···" କହି ଚାଲିଯାଉଥିଲା ସୁରେଶ । ସୁମାଲ କହଲା— "ଶୁଣ୍, ତୁ ବାହାରେ ଯଦ ବୁଲାଭାଇଙ୍କୁ ଦେଖୁ, ତାଙ୍କୁ କହଦବୁ, ତାଙ୍କ ଘରେ ଅପେକ୍ଷା କରଥିବେ ମୋତେ ଆଜ ସନ୍ଧ୍ୟା ପରେ ।"

"ହଉ—"

ସୁମାଲ ଆକାଶକୁ ଚାହିଁଲା ପୁଣି । ମଧ୍ୟାହ୍ନର ଆଲୋକ ଏଥର ଧୀରେ ଧୀରେ ମଳିନ ପଡ଼ିଆସୁଛି । ଖରା ମଉଳି ଆସୁଛି । ଆଉ ଟିକକ ପରେ ଲାଲିମା ଛାଇଯିବ ଆକାଶ ଛାତିରେ । ତା'ପରେ ଆସିବ କଳା କଳା ରାତି । ଅନ୍ଧାର ।

ଘର ଭିତରକୁ ମୁହଁ ବୁଲାଇ ଚାହିଁଲା ସୁମାଲ । ଅମାଲର ଟ୍ରଙ୍କଟା ନାହିଁ । ସେ ଜାଗାଟା ଖାଲି ପଡ଼ିଛି । ଏପର୍ଯ୍ୟନ୍ତ ସେ ଜାଗାରେ, ଅଉ କଛି ରଖା ହୋଇ ନାହିଁ । ଫାଙ୍କା ଫାଙ୍କା ଜଣାଯାଉଛି ସେତକ ଶୂନ୍ୟସ୍ଥାନକୁ ଚାହିଁଲେ ।

ତା'ପାଖରେ ଥୁଅ ହୋଇଚ ସୁମାଲର ଟ୍ରଙ୍କ୍‌ଟା । ଆଖିବୁଜ ସେଠି ସେଇଟା ନାହିଁ ବୋଲି କଳନା କଲା ସୁମାଲ ।

ଏଇ ଘର, ଚାଳ । ଯା'ର ତଳେ ବହୁ ରଜନୀର ଅସୁନ୍ଦର ପୁଣି ମନୋରମ ଦିନ ବିତାଇଛି ସେ । ଦରିଦ୍ରର ଭାଷା ଶିଖିଛି ଏଇଠି । ମଣିଷ ହୋଇଛି ଏଇଠି । ମଣିଷକୁ ଭଲ ପାଇଛି, ପୁଣି ଘୃଣାକରି ଶିଖିଛି ।

Digitized by srujanika@gmail.com

କୌଣସି ବୈଶିଷ୍ଟ୍ୟ ନାହିଁ । ସାଧାରଣ ଭାବରେ ଗ୍ଲେଟ ସ୍କୁଲଘର ଖଣ୍ଡେ ସାଙ୍ଗ ଭିତରେ । ନୂଆଣିଆ । ରାସ୍ତାକଡ଼ର ବଟଗଛର ଆଲୁଅ ଗୋଟାଏ ଝରକା ଦେଇ ଘର ଭିତରେ ପଡ଼େ । ଜହ୍ନ, ଆକାଶ ଗୁଡ଼ାରେ, ଟିକେ ବଙ୍କେଇ ତଳ ପଡ଼ିଲ ବେଳେ ମେଞ୍ଚା ମେଞ୍ଚା କରଣ ନେଇଦିଏ ଏଇ ଘର ଭିତରକୁ । ରାସ୍ତାର ନାଲ ଧୂଳିର ଝଡ଼ ପଶିଆସେ । ଜନ-କୋଳାହଳ, ପଥଚାରୀଙ୍କର ପାଦଶବ୍ଦ, ରିକ୍‌ସା, ସାଇକେଲ୍‌ର ଘଣ୍ଟି, ଲଡ଼ବା କେମିତି କାର୍‌ ବା ଜିପ୍‌ ହର୍ଣ୍ଣ ଶୁଭେ ।

ସୁମାଲର ଦେହ ଭଲ ମଳିନ, ଜାର୍ଣ୍ଣ, ରଙ୍ଗଧଇଲା ଖସିଯାଇଛି ଠା’ ଠା’ କରୁ । ଲୁଗା ଦେହରୁ ରୁମ ଉପୁଡ଼ିଗଲା ପରେ ଯେମିତି ଦିଶେ, ସେମିତି ଦିଶୁଛି ।

ବରଣ୍ଡ, ପ୍ରାଚୀନ ଗ୍ଲେଟ ଗୋଟିଏ ସ୍କୁଲଘର ! ମ୍ୟୁନିସିପାଲିଟିର ମୋଟାଖାତା ଭିତରେ ତାର ହୁଏତ କିଛି ଅଲଗା ପରିଚୟ ଥିବ ।

କାର୍ତ୍ତିକ କେଜାଣି ଘରଟାର ଶରୀଆଡ଼କୁ ଆଖି ବୁଲାଇ ବୁଲାଇ ଚାହିଁଲ ସୁମାଲ । ମା’ ଛୁଆକୁ ଯେମିତି ସ୍ନେହ ଆଖିରେ ଚାହେଁ, ତା’ର ବଳକାଙ୍ଗ ଦେହ ବ ମା’କୁ ସୁନ୍ଦର ଲେଭମାପ୍ୟ ଦିଶେ, ଆଖି ତା’ର ଛୁଇଁ ଛୁଇଁ ଯାଏ ଦେହସାରା, ସେମିତି ଚାହିଁଲ ସୁମାଲ ।

ଗୋଟାଏ ଅଫୁରନ୍ତ, ଅସରନ୍ତି ମାୟା, ମମତାରେ ଭରିଗଲା ମନ ତାର । ଅଜଣାରେ କୋହ ଉଠିଲା ତା’ର । କାନ୍ଦପକାଇଲା ସେ । ଫୁଲି ଫୁଲି ଉଠୁଥିଲା ତା’ର ଦେହ ।

ମଣିଷ ପାଇଁ ନୁହେଁ । ଏ ଘରର ମଣିଷ, ଯାହା ପାଇଁ ତା ଜୀବନରେ ଘୃଣା ଛଡ଼ା ଅଚଳ ଆଉ କିଛି ନାହିଁ, ତାଙ୍କ ପାଇଁ ନୁହେଁ— ଅଥଚ ମାଟିକାନ୍ଥ, ଚୂନ ପଲସ୍ତରା ହୋଇଥିବା ଏଇ ଜାର୍ଣ୍ଣ, ପ୍ରାଚୀନ ଘରଟା ପ୍ରତି ତା’ର ଅସମ୍ଭବ ମମତା ଜାଗିଉଠିଲା । ,,

ଏ ଘରକୁ ସେ ଆଉ କେବେ ଫେରିବ ନାହିଁ । ତା’ ପାଇଁ ଏ ଘରର କୌଣସି ପରିଚୟ ରହିବ ନାହିଁ ।

ଏଇ ଘରର ଲୋକେ ତାକୁ ଅଲୋଡ଼ା ଅନାବଶ୍ୟକ ଭାବୁଛନ୍ତି ।

ଅଲୋଡ଼ା ବୋଲି ମୁହଁଖୋଲି କହିସାରିଲା ପରେ ତା’ର ଯେ କୌଣସି ମୂଲ୍ୟ ନାହିଁ ଏଠି, ସେକଥା ଜାଣିସାରିଲା ପରେ ସୁମାଲ କ’ଣ ରହିପାରେ ? ରହିବା କ’ଣ ଉଚିତ ?

Digitized by srujanika@gmail.com

ଆଉ କେବେ···କେବେ ସେ ଏ ଘରର ଚତୁଃସୀମା ଭିତରକୁ ଫେରିବ ନାହିଁ । ଏ ଘର ତା' ପାଇଁ ପର ହୋଇଯିବ ।

ଖିନା, ବୁଝୁ ହରିକା ଫେରିଲେ ସ୍କୁଲରୁ । ବହିବସ୍ତାନି ପକେଇ ଦେଇ ସେମାନେ ଖାଇବାକୁ ଦେବାକୁ ପାଟି କଲେ । ଖିନା ଆସି ଚାହିଁଦେଇଗଲା ତା' ଅପାକୁ । ଏ ବେଳଟାରେ ଯେ ସେ କାହିଁକି ମୁହଁ ମାଡ଼ି ଶୋଇରହିଛି, ବୁଝିପାରିଲା ନାହିଁ । ସାଧାରଣତଃ ସୁମିଲି ହିଁ ଖାଇବାକୁ ଦେଇଥାଏ । ମା' ଉଠି କାମଦାମ କରିପାରେନା, ସାନ ଛୁଆଟାକୁ ଛାଡ଼ି । ଖିନା ଚାହିଁଦେଇ ଫେରିଗଲା । ଡାକିଲା ନାହିଁ ।

ବୁଝୁ ବି ପଶିଆସିଲା ଘର ଭିତରକୁ । ସେମିତି ଆଶ୍ଚର୍ଯ୍ୟ ହୋଇ ଚାହିଁଲା ସୁମିଲିକୁ । ଧୀରେ ଧୀରେ ତା ପାଖକୁ ଆସିଲା ସେ । ସୁମିଲିର କହିଁ ସେତେବେଳଯାଏ ବି ବନ୍ଦ ହୋଇ ନ ଥିଲା । ଅପା ପିଠିରେ ହାତ ରଖି ବୁଝୁ ଡାକିଲା —"ଅପା, ତୋ ଦେହ କ'ଣ ହଉଛି ?"

ଆବେଗରେ ସୁମିଲି ତାକୁ କୋଳକୁ ନେଇ ଆସି ନିଜର ଲୁହବୋଳା ମୁହଁରେ ବୁଝୁକୁ ଗାଲରେ, ଓଠରେ ଚୋକ ପରେ ଚୋକ ଦେଇଗଲା । କାବା ହୋଇ ଯାଉଥିଲା ବୁଝୁ । କ'ଣ ହୋଇଛି ଅପାର ଆଜି ?

କାବା ହୋଇ ବୁଝୁ ସେମିତି ଚାହିଁଥିଲା ସୁମିଲିକୁ । କିଛି କହୁ ନ ଥିଲା କି ଅମିଲିର ଏପରି ଉଦ୍‌ଭ୍ରାନ୍ତ ବ୍ୟବହାରର କୌଣସି ପ୍ରତିବାଦ ମଧ୍ୟ କରୁ ନ ଥିଲା ।

"ମୋତେ ମନେ ରଖିବୁ ?"—ସେମିତି କାନ୍ଦ କାନ୍ଦ ସାନଭାଇକୁ କୋଳରେ ଜାକି ଧରି ପଚାରିଲା ସୁମିଲି । ଏଭଳି ପ୍ରଶ୍ନର କୌଣସି ଅର୍ଥ ନ ବୁଝିଲେ ବି ଅପାର ଆଦର, ସୋହାଗ ସବୁ ମନେ ପକାଇ ସାନପିଲାଟା ସୁମିଲିର ଆଖିପତାରେ ଲାଗିଥିବା ଲୁହକୁ ପୋଛି ଦେଇ କହିଲା—"ହଁ···ସବୁଦିନେ ମନେରଖିବି"— "ତୋ ଅପାକୁ ଆଉ ଖୋଜିବୁ ନାହିଁ ରେ"···ବୁଝୁ କୌଣସି ଉତ୍ତର ଦେଲା ନାହିଁ । ଶେଷ ଥର ପାଇଁ ଚୋକ ଦେଇ ତାକୁ ଛାଡ଼ିଦେଲା ସୁମିଲି । ମା' ଡାକୁଥିଲା ତାଙ୍କୁ ଖାଇବା ପାଇଁ । ପଛକୁ ଚାହିଁ ଚାହିଁ ସେ ଫେରିଗଲା ସେ ଘର ଭିତରୁ ।

Digitized by srujanika@gmail.com

ଅପରାହ୍ଣ ସରିଆସିବା ଉପରେ । ଆଉ ଟିକେ ପରେ ନଇଁ ଆସିବ ସନ୍ଧ୍ୟା । ଟିକି ଟିକି ଅଗଣନ ତାରାରେ ପୁରିଯିବ ଆକାଶ । ଆସନ୍ନ ସନ୍ଧ୍ୟାରେ ଆକାଶଟା କେମିତି ମୁହଁ ଫୁଲାଇଲା ପରି ବିଷଣ୍ଣ ଦିଶୁଥିଲା ।

ଧୀରେ ଧୀରେ ଉଠିଲା ସୁମିତ୍ରା ।

ଗୋଟାଏ କୋଣରେ ସାନପିଲାଟା ଭୂଇଁରେ କନାରେ ଗଡ଼ୁ-ଥିଲା । ତାକୁ କୋଳରେ ଧରି, ଗେଲ କଲା, ପୁଣି ଶୁଆଇଦେଲା ।

ଘର ଭିତରଟା ଅନ୍ଧାରିଆ ହୋଇ ଆସିଲାଣି ।

ଲଣ୍ଠନଟା ପୋଛି ସେଥିରେ କିରାସିନି ପକେଇ ଜାଳେଇଦେଲା ସେ । ଘର ଭିତରେ କମାଇଦେଇ ରଖି ବାହାରକୁ ଆସିଲା । ବାହାରର ଖୋଲା ପବନ ତା'ର ବିଷଣ୍ଣ ମନକୁ ହାଲୁକା କରିଦେଲା ।

ଆକାଶରୁ ଆଲୋକ ଲିଭି ଲିଭି ଯାଉଛି । ତାକୁ ପ୍ରସ୍ତୁତ ହେବାକୁ ପଡ଼ିବ । ନିଜର ଭବିଷ୍ୟତ, ଯାହା ଅନିଶ୍ଚିତ, ସେ ବିଷୟରେ ଭାବିବାକୁ ଭଲ ଲାଗିଲା ନାହିଁ ତାକୁ । କାରଣ କିଛି ଭାବି ପାରିଲା ନାହିଁ ସେ । କେବେ କେବେ ଆଖି ଆଗରେ ଭାସିଆସୁଛି ଗୋଟାଏ ମଧୁର ସ୍ୱପ୍ନ ଭଳି ପରିବେଶ । ନୂଆ ଗୋଟାଏ ଅନାସ୍ୱାଦିତ ପୁଲକରେ ଭରି ଯାଉଛି ତାର ଦେହ ମନ । ଚମକି ଆସୁଛି ମନରେ, ସେ ରମଣୀସୁ ଲଭର ରୋମାଞ୍ଚକର କଳନାରେ ।

ପୁଣି କେବେ କେବେ ଦେଖାଦେଉଛି ଦୁଃସ୍ୱପ୍ନ, ଗୋଟାଏ ଦୁର୍ଦ୍ଦିନର କଳାଛାଇ ।

ତେଣୁ ଲଭି ନାହିଁ ଭାବି ସେ କଥା । କୁଆଡ଼େ ସେ ଯିବ ? କ'ଣ କରିବ ? କାହାକୁ···କାହାକୁ···ଖୋଲି କହିପାରିବ ତାର ଜୀବନର ଏ ଅକଥନୀୟ ଗ୍ଲାନିର କାହାଣୀ ?

ସେ ଅଲେଡ଼ା, ଅଫାକ୍ଟେସ୍···ହୌଡ଼ା— ବିଗତଯୌବନା !

ଆଖି ରେବାଇସାରି ଛିଦା ଫିଙ୍ଗିଦେଲା ପରି ସମସ୍ତ ସମାଜ ତାକୁ ଫୋପାଡ଼ି ଦେଇଛି । ନାଃ, ଭାବି ଲଭି ନାହିଁ କିଛି । ତାର ଥଳକୂଳ କିଛି ନାହିଁ ।

କୂଅମୂଳକୁ ଆସି ନିଜ ଉପରେ ଅଜସ୍ର ପାଣି ଢାଳିଦେଲା ସେ ବହୁ ସମୟ ପର୍ଯ୍ୟନ୍ତ । ଖିଆଲ ନାହିଁ କେତେବେଳଯାଏ କେତେ

Digitized by srujanika@gmail.com

ବାଲ୍‌ଟି ପାଣି ସେ ଢାଳନ୍ତି ମୁଣ୍ଡରେ । ସତେ କି ସାରା ଜୀବନର ଅବସାଦ ଧୋଇ ହୋଇ ଯାଉଥିଲା ତାର ଦେହ ମନରୁ !

ଝିଅଟିଏ ଭଜିଲା ମା' ଡାକରେ ।—"କିଲୋ···ସଞ୍ଜବେଳଟାରେ ବୁଡୁ ହୋଇ କେତେ ପାଣି ଅଜାଡୁଚୁ···ଇଲୋ···ପୁଣି ମୁଣ୍ଡଟାରେ ଢାଳୁଚୁ ପାଣିଗୁଡ଼ାକ···? ଥଣ୍ଡା ଖରାପ ହବ ନାହିଁ···?"

ସଙ୍କୁଚିତ ହୋଇଗଲା ସୁମିଲା । ଦେହରେ ଲୁଗା ନାହିଁ । ବହୁ ଅଂଶ ଅନାବୃତ ।

ନାଃ, କେହି ଆସୁ ନାହାନ୍ତି ଏଣେ । ମା' ଦେଖିଦେଇ, ପାଟିକରି ଡାକି ପୁଣି ଫେରିଯାଇଛନ୍ତି । ସନ୍ଧ୍ୟାର ଶୀତଳ ହାଲୁକା ପବନ ଏଥର ଶିହରଣ ଆଣି ଦେଲା ଦେହରେ ତାର । ଦେହ ଶୀତେଇ ଉଠିଲା ଅବଶ ଭାବ ।

ପୋଛିପାଛି ହୋଇ, ଶୁଖିଲା ଲୁଗାଟାଏ ଦେହରେ ଜଡ଼ାଇ, ଘର ଭିତରକୁ ପଶି ଆସିଲା ସୁମିଲା ।

ସୁରେଶ, ବାପା ବାହାରକୁ ଗଲେଣି ବୁଲି । ପିଲାଏ ପଢ଼ିବାକୁ ବସିଲେଣି ।

କେତେବେଳ ହେଲାଣି ଆସି କେଜାଣି ? ରାତି ହେଲାଣି ।

ନିଜ ଟ୍ରଙ୍କ ଫିଟାଇଲା ସୁମିଲା । ବାଛି ବାଛି ଭଲ ଶାଢ଼ୀଟାଏ କାଢ଼ିଲା । ଫିକା ନାଲି, କଦଳୀପତ୍ର ରଙ୍ଗର ଶାଢ଼ୀଟାଏ—ତାକୁ ବେଶ ମାନେ ଶାଢ଼ୀଟା । ତା' ସାଙ୍ଗକୁ ଖାପ ଖାଇଲା ରଙ୍ଗର ବ୍ଲାଉଜ ପିନ୍ଧିଲା ।

ଲଣ୍ଠନ ମୁହଁପାଖକୁ ଟେକି ଧରି, ଅଇନାରେ ମୁହଁ ଦେଖି, ବହୁ ସମୟ ଧରି ପ୍ରସାଧନ କଲା । ଆଖିରେ ସେ ପ୍ରାୟ କେବେ କଜଳ ଲଗାଏ ନାହିଁ । ଆଜି ଲଗାଇଲା କଜ୍ଜ । କ'ଣ ଭାବି, ଟ୍ରଙ୍କ କଣରୁ ସେଣ୍ଟ ଏସେନ୍‌ସ ଶିଶିଟା କାଢ଼ିଲା । ଏଇଟା ରଖିଥିଲା ଏ, ବାହାରକୁ କଲେଜରେ ଗଲାବେଳେ, ଅଭିନେତ୍ରୀର ଠାଟ ବଜାୟ ରଖିବା ପାଇଁ । ମନକୁ ମନ ହସିଦେଇ, ଅଧା ଶିଶିଟା ନିଜ ଶାଢ଼ୀରେ ଢାଳିଦେଲା । ଆଃ···କିଛି ନିଜେ ଜୋରରେ ଦମେ ନିଶ୍ୱାସ ନେଇ, ଶସ୍ତା ଏସେନ୍‌ସର ମହକ ନେଲା । ଘରସାରା ଖେଳି-ବୁଲିଲା ସେ ସୁବାସ ।

Digitized by srujanika@gmail.com

ପ୍ରସାଧାନ ସାରି ପୁଣି ଥରେ ନିଜ ମୁହଁକୁ ଦେଖିଲା ସେ । କୁଙ୍କୁମ ଶିଶିଟା କାଢ଼ି କପାଳରେ କୁଙ୍କୁମ ବିନ୍ଦୁଏ ଦେଲା ।

ନିଜ ରୂପରେ ନିଜେ ମୁଗ୍‌ଧ ହୋଇଉଠିଲା ଏଥର ।

ସତେ କି ଆଜି ଚାଲିଛି ସେ କେଉଁ ଅଭିସାରରେ ।

ଟ୍ରଙ୍କ ତଳୁ ଶାଢ଼ୀ, ଜାମାପଟାସବୁ ଟେକି ବାହାର କଲା କିଛି ଟଙ୍କା । ସାରା ଜୀବନର ସଂଚୟ ତାର ବିଭିନ୍ନ କଳ୍‌ରୁ, ବାପାଙ୍କର ଶ୍ୟେନ-ଦୃଷ୍ଟିରୁ ବଞ୍ଚାଇ ଉଦ୍‌ବୃତ୍ତ ରହିଛି ଏତକ । ସୁନୀଲ ଆଉ ଅନୀଲ ଛଡ଼ା କେହି ଜାଣନ୍ତି ନାହିଁ ଏ ଟଙ୍କା କଥା । ଅନୀଲର ବି କିଛି ସଞ୍ଚୟ ଏମିତି ଥିଲା । ତା'କୁ ସେ ନେଇଯାଇଛି ।

ଛୋଟ ଭ୍ୟାନିଟି ବ୍ୟାଗରେ ରଖିଲା ସେତକ । କେତେ ହେବ କେଜାଣି ? କେବେ ସାହସ କରି ଗଣି ନାହିଁ ସେ । କାଳେ କିଏ ଦେଖି ଦେବ ! ନିଜର ଉପାର୍ଜନ ନିଜେ ଚୋରି କରିଛି !

ହାଲୁକା ପାଦରେ ବାହାରକୁ ଆସିଲା । ମା'କୁ ଯାଇଁ କହିଲା, ମୁଁ ଏଇଠୁ ଆସୁଚି ଟିକେ ।

ରୋଷେଇଘରର ଛୋଟ ଡିବିରିର ଆଲୁଅର ଯେଉଁ କ୍ଷୀଣ ରେଖା ବାହାରେ ଆସି ପଡ଼ୁଥିଲା, ସେଥିରେ ସୁନୀଲର ରୂପ, ବେଶପୋଷାକର ବହର ଦେଖିବା ମା' ପକ୍ଷରେ ସଂଭବ ନ ଥିଲା । କିନ୍ତୁ, ଏସେନ୍‌ସର ତୀବ୍ର ଗନ୍ଧରେ ସେ ମୁହଁ ଟେକି ଚାହିଁଲେ ।

କିଛି ଉତ୍ତର ଦେଲେ ନାହିଁ କିନ୍ତୁ । ଉତ୍ତରକୁ ଅପେକ୍ଷା ନ କରି ସୁନୀଲ ଚାଲିଆସିଲା ସେଠାରୁ । ବାରଣ୍ଡାରେ ମଞ୍ଜପ ପକାଇ ସୀନା ଓ ବୁଲୁ ପାଠ ପଢ଼ୁଥିଲେ । ସେମାନେ ଲଣ୍ଠନର ଆଲୋକରେ ଦେଖି ପାରୁଥିଲେ ଅପାର ରୂପସଜ୍ଜା । ସୀନାର ମନରେ ଚମକ ଲାଗିବାର ବୟସ । ବୁଲି ବୁଲି ଚାହୁଁଥିଲେ ସେମାନେ ।

ବାହାରି ଯାଉ ଯାଉ ପୁଣି କ'ଣ ଭାବି ଘର ଭିତରକୁ ପଶି-ଆସିଲା । ଟ୍ରଙ୍କ୍ ଫିଟାଇ ଆଉ ଦୁଇ ତିନି ଖଣ୍ଡ ଶାଢ଼ୀ, କେଇ ଖଣ୍ଡ ବ୍ଲାଉଜ, ବ୍ରେସିଅ, ସାୟା କାଢ଼ିନେଲା । ସେସବୁକୁ ଖଣ୍ଡେ କାଗଜ କାଢ଼ି ଗୁଡ଼ାଇଲା, ଲଣ୍ଡ୍ରିକୁ ନେବା ପ୍ୟାକେଟ ଭଳି । ଧାନ କୁଣ୍ଡାଟା ପାଖରେ ଲଣ୍ଠନଟାକୁ କମାଇ ରଖିଦେଲା ।

Digitized by srujanika@gmail.com

ବାରଣ୍ଡାରେ ବସିପଡ଼ ବୁଝୁଟୁଲୁ, ସୁନାକୁ ଦୁଇ ଥର ଗେଲ କରିଦେଲା । ବୁଝୁ ବୋକାଙ୍କ ଭଳି ବୁହିଁ ରହିଲେ ବି ସୁନା ଚୁମା ପାଇବା ସାଙ୍ଗେ ସାଙ୍ଗେ ଗାଲଟାକୁ ପୋଛିପକାଇ 'ଇସ୍' ବୋଲି କହିଲା ।

ସୁମୀଲା ତାଙ୍କୁ ହାତ ଉଠାଇ ଟା', ଟା' କରିବା ଭଙ୍ଗୀରେ କହିଲା 'ଯାଉଛି' ।

କଣ୍ଢ, ଖାତାରୁ ମୁହଁ ଉଠାଇ ସେମାନେ ସୁମୀଲାକୁ ଗ୍ରହିଁରହି ମୁଣ୍ଡ ଟୁଙ୍ଗାରି ସମ୍ମତି ଜଣାଇଲେ । ଫିକ୍‌କିନା ହସିଦେଲା ସୁମୀଲା । ଚଟି ପାଦରେ ଗଳାଇ ବାହାରିଗଲା ।

ଗଲାବେଳେ କାହିଁକି କେଜାଣି ଘର ଦୁଆର ମୁହଁରେ ଠିକ୍ କପାଳ ଠୁକାଇ ମୁଣ୍ଡିଆଟିଏ ମାରିଲା ସେ ।

ତା'ପରେ ରାଜପଥକୁ ବାହାରି ଆସିଲା । ରାସ୍ତା ଉପରେ ଛିଡ଼ାହୋଇ ଦୁଇ କଡ଼କୁ ଗ୍ରହିଁଲା ।

ସେତେବେଳକୁ ସନ୍ଧ୍ୟା ଅତିକ୍ରାନ୍ତ ହେଲାଣି । ରାଜରାସ୍ତାର ଠୋଲ-ପିଛା ବଣିଗୃହଗୁଡ଼ାକ ଗ୍ରରିକଡ଼େ ଅଜସ୍ର ପତଙ୍ଗର ଭିଡ଼ । ଆକାଶରେ ଜହ୍ନ ନାହିଁ । ଅଗଣନ ଟିକି ଟିକି ତାରା ଆଖି ମିଟିକା ମାରୁଛନ୍ତି । ରାଜରାସ୍ତାର ଜନ କୋଳାହଳ ବଢ଼ିଉଠିଛି । ଆଉ ଟିକକ ପରେ ମିଳେଇଯିବ । ଗଳିରୁ, ଯେଉଁଠି ରାସ୍ତାଟା ବାହାରି ପ୍ରଧାନ ରାସ୍ତାରେ ମିଶିଛି ଓ ସେଥିରୁ ଯେଉଁ ଅଂଶତକ ଦେଖାଯାଉଛି, ସେଠି ଅସଂଖ୍ୟ ନୀଳ ନାଲି ବତି ଜଳିଉଠିଛି । ରିକ୍‌ସା, ମଟର, ପଥଗ୍ରରୀଙ୍କର ଶବ୍ଦରେ ମୁଖରିତ ହୋଇଉଠିଛି ମହାନଗରୀ ।

ପ୍ରଥମ ରାତିର ପବନ ହାଲୁକା ହୋଇ ଉଠିଛି । ସୁମୀଲା, ଆଗକୁ ପାଦ ବଢ଼ାଇଲା । ଦେହ, ମନ ତା'ର ଅଜଣା ପୁଲକରେ ଭରିଯାଇଛି । ଏତେ ହାଲୁକା ମନ, ଏତେ ଖୁସି ସେ କେବେ ହୋଇ ନ ଥିଲା ।

ଦିନର ସେ ଶ୍ରାନ୍ତିକ୍ଳାନ୍ତ ମନ କୁଆଡ଼େ···କାହିଁ କୁଆଡ଼େ ଅପସରି ଯାଇଛି ଏ ମାୟାବିନୀ ରଜନୀର ସ୍ପର୍ଶରେ ।

କିନ୍ତୁ କୁଆଡ଼େ ଯିବ ସେ ? ଯୁଆଡ଼େ ହେଉ···ଏଥର ସେ ପ୍ରଧାନ ରାଜରାସ୍ତାର ଜନକୋଳାହଳକୁ ସ୍ପର୍ଶ କଲା । କୋଳାହଳମୁଖରିତ ମହାନଗରୀର ରାତି ଭିତରେ ମିଳାଇଗଲା ସୁମୀଲା···

Digitized by srujanika@gmail.com

—"ଶୋଇଲୁଣି ?"

—"ଉଁ..."

—"ନିଦ ଲାଗୁ ନାହିଁ ?"

—"ଉଁ...ହୁଁ..."

—"ରାତି କେତେ ହେଲାଣି ଜାଣିଚୁ ?"

—"ସରି ନାହିଁ ତ !"

—"ଏ ରାତି କ'ଣ ସରିବ ନାହିଁ ?"

—"ନ ସରୁ...ନ ସରିଲେ ଭଲ ହୁଅନ୍ତା...ଦିନର ଆଲୁଅରେ ଯଦି ଏ ସ୍ୱପ୍ନ ଭାଙ୍ଗିଯାଏ ?"

—"ଇଏ କ'ଣ ସ୍ୱପ୍ନ ?"

—"କେଜାଣି ?...ମୁଁ କିଛି ଜାଣେ ନାହିଁ—"

—"ସ୍ୱପ୍ନ କ'ଣ କେବେ ଏତେ ସୁନ୍ଦର ଆଉ ଏତେ କରୁଣ ହୁଏ ?"

—"ଦିନରେ ତମେ ବଦଳିଯିବ ନାହିଁ ତ ? ମୋତେ ଏମିତି... ଏମିତି ତମ ମୁଠିରେ ଧରି ରଖିବ ତ ?"

—"ଅବିଶ୍ୱାସ ହେଉଛି ?"

—"କାଲେ ଯଦି ବଦଳିଯାଅ ତମେ ? ମୋର...ମୋର ଆଉ କେହି ନାହାନ୍ତି...ବଡ଼ ନିଃସହାୟ ମୁଁ...କିଛି ନାହିଁ ମୋର—"

—"ଛିଃ...ତୋର ସବୁ ଅଛି...ମୁଁ ନାହିଁ ? ମୁଁ ତୋର କ'ଣ କେହି ନୁହେଁ...?"

—"ତମେ ମୋତେ ପର କରିଦେବ ନାହିଁ ତ ? ଭାରି ଡର-ମାଡୁଛି..."

—"ଛିଃ କାନ୍ଦ ନାହିଁ...ଆଜି ପରା ଆମର ପହିଲ ରାତି... ମଧୁବାସର..."

—"ତମେ...ତମେ ମୋତେ ସତରେ ଗ୍ରହଣ କରିପାରିବ ? କେବେ ଏଡ଼ାଇ ଦବ ନାହିଁ ? ମୁଁ ମରିଯିବ ତା'ହେଲେ...ଆତ୍ମହତ୍ୟା କରିବ—"

Digitized by srujanika@gmail.com

—"ତୁ ବଞ୍ଚିବୁ ଲୋ···ତୋତେ କ'ଣ ମରିବାକୁ ଛାଡ଼ିଦେବି ?
—ମୋର ପର କେହି ନାହାନ୍ତି ତିନି କୂଳରେ !"

—"ସେମାନେ ଯଦି ଆସନ୍ତି ?"

—"କୋଉମାନେ ?

—"ବାପା···"

—"ଆଉନ୍ତୁ···"

—"ତମେ ତାଙ୍କୁ କ'ଣ କହିବ ?"

—"କଣ କହିଲେ ତୁ ଖୁସି ହବୁ ?···"

ବୁଲାର ଛାତିରେ ଲୋଟି ପଡ଼ି, ତାର ଲୋମଶ ଛାତିରେ ମୁହଁ ଘଷି କାନ୍ଦ କାନ୍ଦ କହୁଥିଲା ସୁଶୀଲା । ବୁଲାର ଛାତି ସୁଶୀଲାର ଲୁହରେ ଭିଜି ଯାଇଥିଲା । ତା'ର ଦୁଇ ହାତ ସୁଶୀଲାର ପିଠି ଉପରେ ପଡ଼ିଥିଲା, ଆଉ ମଝିରେ ମଝିରେ ସେ ସ୍ନେହ ଛୁଆଙ୍କୁ ବୋଧ ଦେଲା ଭଳି ସୁଶୀଲାର ପିଠି ଥାପୁଡ଼ାଇ ଦେଇ ଆଉ ତାର ଗହଳ କେଶରାଶିରେ ଆଙ୍ଗୁଠି ବୁଲାଇ ବୁଲାଇ କହୁଥିଲା ।

ଏଥର ସୁଶୀଲାର ଲୁହବୋଳା, ଶୀର୍ଣ୍ଣ ମୁହଁକୁ ଦୁଇ ହାତରେ ଟେକିଧରି ତା ମୁହଁକୁ ଚାହିଁରହି ପଚାରିଲା ବୁଲା—

—"ଏଃ···ମୋତେ ଅନା···ଅନା ଇଆଡ଼େ ମୋ ମୁହଁକୁ··· ମୁହଁକୁ ଚାହିଁ କହିଲୁ ଦେଖି କ'ଣ ତୁ ଚାହୁଁଚୁ ?···ମୁଁ କ'ଣ କହିଲେ ତୁ ଖୁସି ହବୁ ?"

ଆଖିପତା ଧୀରେ ମେଲି ସୁଶୀଲା ଚାହିଁଲା ବୁଲା ମୁହଁକୁ ।

ଲଣ୍ଠନଟା ଜଳଜଳ କଳା ପଡ଼ି ଆସିଲାଣି । ସେଇ ଈଷତ୍ ଆଲୋକରେ ବୁଲା ଦେଖିଲା, ସୁଶୀଲାର ଆଖିପତା କାନ୍ଦକାନ୍ଦ ଫୁଲି ଯାଇଛି । ଏବେ ବି ଦୁଇ ବିନ୍ଦୁ ଲୁହ ମୁକ୍ତା ଭଳି ବହିଆସୁଛି ତା'ର ଦୁଇଆଖି କୋଣରୁ । ଆଖି ମୁଦିଲେ ଝରିପଡ଼ିବ ଅପ୍‌କରି ।

ହାତ ବଢ଼ାଇଲା ବୁଲା ଲୁହଧାରକୁ ପୋଛିଦେବାକୁ, ପୁଣି ହାତ ଫେରାଇନେଲା ନାଃ···କାନ୍ଦୁ ସେ । ଏ ଲୁହଧାରରେ ତା'ର ଜୀବନର, ଶତ ଶତ ଗ୍ଳାନିର କାଳିମା ଧୋଇ ହୋଇଯାଉ । କଳଙ୍କର ମସି ଧୋଇ ହୋଇଯାଉ ତା'ର ମନରୁ । ତା'ର ଭିତରୁ ହସି ହସି ଦେଖାଦେବ ଅମ୍ଳାନ ସୁଶୀଳା ।

Digitized by srujanika@gmail.com

ଯେଉଁ ସୁମିତ୍ରା ହେବ, ଯୁଗ ଯୁଗାନ୍ତରର ଚିରନ୍ତନୀ ନାରୀ !

ସୁମିତ୍ରା ଆଖିକୋଣରୁ ଉଦ୍‌ଗତ ଲୁହଧାର ପୋଛିଦେଲା ନାହିଁ ସେ ।

ଦୁଇ ହାତ ପାପୁଲିରେ ସୁମିତ୍ରାର ଶୀର୍ଣ୍ଣ ମୁହଁକୁ ଟେକି ଧରି ଥରିଲା ଓଠରେ ତା'ର ଚୁମାଟିଏ ଦେଲା । ସୁମିତ୍ରା ଆଖି ବୁଜିଦେଲା କେବଳ । ମନା କଲା ନାହିଁ, କି କିଛି କହିଲା ନାହିଁ ।

—"ମୋର ବି କେହି ନାହିଁ ଲୋ···ତୁ' ବି ମୋତେ ଦୟା କରିଚୁ···"

—"ଛିଃ, ଇଏ କ'ଣ କହୁଚ ?"

—"ହଁ ସତେ ଲୋ···ମୋ ପାଖକୁ ତୋ ଛଡ଼ା ଆଉ କିଏ ଆସନ୍ତା ? ପୁଣି ମୋ ଘର କରିବାକୁ ? ମୋଠୁଁ ଅଲୋଡ଼ା କ'ଣ କାହା ଜୀବନ ଆଉ ଅଛି ?"

ସୁମିତ୍ରା ବୁଲାର ଓଠରେ ହାତ ଦେଲା ତାକୁ କଥା ନ କୁହାଇ ଦେବା ପାଇଁ । ତା' ହାତଟାକୁ ନିଜ ଓଠରୁ କାଢ଼ି ପୁଣି ବୁଲା କହିଲା—

—"ତୁ ମୋର କେତେ ଜାଣିଚୁ ? ମୋ ଜୀବନ କଥା···ମୁଁ କିଏ, ମୋର ପରିଚୟ କ'ଣ, ଏସବୁ କ'ଣ କେହି ଜାଣିଛି ?"

ଏଥର ଗୋଟାଏ ଶିହରଣ ଖେଳିଗଲା ସୁମିତ୍ରା ଦେହରେ । ଚମକି ପଡ଼ିଲାଭଳି ହୋଇ ସେ ବୁଲାର ଓଠକୁ ଦି' ହାତରେ ବୁଜିଦେଇ କହିଉଠିଲା –

—"ଆଉ···ଆଉ, ଏସବୁ କ'ଣ କହୁଚ ? ତମ ପରିଚୟ ତ ମୋ ପାଖରେ କେବଳ ତମେ !···ତମ ଛଡ଼ା ମୁଁ ଆଉ କାହାକୁ କି ଆଉ କିଛି ଜାଣିବା ଲୋଡ଼ା ନାହିଁ ।"

—"ଶୁଣ, ଜୀବନଟା ଆମର ନାଟକ ନୁହେଁ···ନାଟକରେ ସବୁ ନାୟକ, ନାୟିକା ଏମିତି କହନ୍ତି ।"

—"ଏସବୁ କ'ଣ ନାଟକ ?"···

—"ନାଁ···ସେଗ ନାହିଁ···ଇଏ ନାଟକ ନୁହଁ···ନାଟକସବୁ ଏଇଥିରୁ ହୁଏ ।"

—"ତମେ ଏମିତି ସବୁ କଥା କୁହ ନାହିଁ···ମୋତେ ଖାଲି ଡର ଲାଗୁଛି···"

Digitized by srujanika@gmail.com

—"କାହିଁକି ?···"

—"ନାଟକର ଦୃଶ୍ୟ ଭଳି ଏସବୁ ଯଦି ସରିଯାଏ ? ନାଟକ ସରିଗଲେ ଆମେ ସବୁ ଯେମିତି ଅଲଗା ହୋଇଯାଉ, ସେମିତି ଯଦି···"

—"ସମସ୍ତେ ତୋ ସାଙ୍ଗେ ଖେଳ ଖେଳି ତୋ ମୁଣ୍ଡ ଖରାପ କରିଦେଇଛନ୍ତି···ତୁ କାହାରିକୁ···ଏପରି କି ମୋତେ ବି ବିଶ୍ୱାସ କରିବାକୁ ପ୍ରସ୍ତୁତ ନୋହୁ ।"

ସୁମୀଲକୁ ନିଜର ପ୍ରଶସ୍ତ ବକ୍ଷ ଉପରେ ଆହୁରି ନିବିଡ଼ ଭାବରେ ଚାପି ଧରି କହୁଥିଲା ବୁଲି—"ତୋ ମନର ଭୂତ ତୋତେ ଡରାଉଛି । ତୁ ନିଜେ ଅବିଶ୍ୱାସର ନିଆଁରେ ଜଳୁଛୁ···ଆଉ ଭାବୁଛୁ, ମୁଁ ବି ମିଛ···"

—"ସେମିତି କୁହନା···ତୁମେ କ'ଣ ମୋ କଥା, ମୋ ଜୀବନ କଥା ଜାଣ ନାହିଁ ?···ତମକୁ ସବୁଠୁଁ ବେଶୀ ବିଶ୍ୱାସ କରେ ବୋଲି ତ ଆଜି ସବୁଠାରୁ ଗୋଇଠା ଖାଇ, ବିଶ୍ୱାସ ରଖି ତୁମ ପାଖକୁ ଧାଇଁ ଆସିଛି ।"

—"ମୁଁ ଜାଣିଥିଲି, ତୁ ଆସିବୁ···ସେଇଥିପାଇଁ ମୁଁ ଅପେକ୍ଷା କରିଥିଲି । ଦିନେ ନା ଦିନେ ତୁ ଆସିବୁ ବୋଲି···ମୁଁ କେବେ କାହା ନାହିଁ··· ପ୍ରେମର ପ୍ରତିଯୋଗିତାରେ କେବେ ଭାଗ ନେଇ ନାହିଁ···ଭାବୁଥିଲି, ଯାଚି ହୋଇ ଗଲେ ତୁ କାଳେ ଏଡ଼ାଇଦେବୁ, ଅବିଶ୍ୱାସ କରି···ଆଜି, ସେଇଥି-ପାଇଁ ସବାଶେଷରେ ସମସ୍ତେ ଦୂରେଇ ହୋଇଗଲା ପରେ ପହିଲି ଥର ପାଇଁ ମୁଁ ତୋତେ କହୁଚି···ମୁଁ ତୋତେ ଭଲପାଏ···ବହୁ ଦିନରୁ···ଯେବେ ତୋତେ ପ୍ରଥମେ ଦେଖିଥିଲି ସେଇ ଦିନଠାରୁ ।"

ଅନୂଢ଼ା ବଧୂଟିଏ ଭଳି ସୁମୀଲା ଲାଜରେ ମୁହଁ ଲୁଚାଇଲା ବୁଲାର ଛାତିରେ । ତା'ପରେ କ୍ଷୀଣ ସ୍ୱରରେ କହିଲା—

—"ମୁଁ ବି ତ ତୁମକୁ ଭଲପାଏ···ନ ହେଲେ ତୁମେ କାହିଁକି ମୋର ମନେ ପଡ଼ିଲ ?"

ସେମିତି ମୁହଁ ଘଷି ଘଷି କହିଲା ପୁଣି—"ଆଜି କୋଉଠିକି ନ ଯାଇ···ଆଉ କାହା କଥା ମନେ ନ ପଡ଼ି ମୋର ତ ତମରି କଥା କେବଳ ମନେପଡ଼ିଲା । ସିଧା ଚାଲିଆସିଲି—ମୋତେ ଡର ଭୟ କିଛି

Digitized by srujanika@gmail.com

ଲଗିଲା ନାହିଁ । ସତେ ଯେମିତି ବହୁତ ଆଗରୁ ମୁଁ ଆସିଥିଲି, କି ନିଜ ଘରକୁ ମୁଁ ଆସୁଛି...”

—“ହଁ, ମୁଁ ସେଇଆ ଜାଣିଥିଲି । ଆଉ ଜାଣିଥିଲି ଯେ, ଯେଉଁଦିନ ତୋ ଆଗରୁ ସମସ୍ତେ ଅପସରିଯିବେ—ଆଉ କେହି ବୋଲି କେହି ରହିବେ ନାହିଁ...ସେଇଦିନ ମୁଁ ସବା ଆଗେ ମନେପଡ଼ିବ । ସେଇଥିପାଇଁ ଏଇ ଦିନଟିକୁ ମୁଁ ଅପେକ୍ଷା କରି ଏତେ ଦିନ ରହିଥିଲି ।”

—“ତମେ ମୋତେ ଏତେ ଭଲପାଅ ? ଆଗରୁ କହିଲ ନାହିଁ କାହିଁକି ? ତା'ହେଲେ ତ ମୋ ଜୀବନ ଏମିତି ଖିନ୍‌ଭିନ୍ ହୋଇଯାଇ ନ ଥାନ୍ତା...”

—“ସେତେବେଳେ ତୁ ମୋତେ ଅବିଶ୍ୱାସ କରିଥାଆନ୍ତୁ—କହିଥାଆନ୍ତୁ ଯେ ମୁଁ ବି ସମସ୍ତଙ୍କ ଭଳି ତୋର ଦେହ ଚାହେଁ...ତୋର ରୋଜଗାର ଚାହେଁ...ଆଉ ତୁ କେବେହେଲେ ମୋର ହୋଇ ନ ଥାନ୍ତୁ...”

ରାତି ସେତେବେଳକୁ ସରିଆସିଲାଣି ବୋଧହୁଏ । ଶେଷ ରାତିର କାଲୁଆ ପବନ ଦଲକାଏ ଦଲକାଏ ପଶି ଆସୁଛି ଘର ଭିତରକୁ । ସକାଳ ହେବାପାଇଁ ଆଉ ଘଡ଼ିଏ କି ଦି'ଘଡ଼ି ବେଳ ଅଛି ବାକି । ଜହ୍ନଟା ବହୁତ ବେଳୁ ଲୁଚିଗଲାଣି ବିଶାଳ ଆକାଶର କୋଉ କୋଣରେ । ଲଣ୍ଠନଟା ଲିଭିଗଲାଣି । ରାସ୍ତା ବତିଖୁଣ୍ଟରୁ ତିର୍ଯ୍ୟକ ଭାବରେ ଆଲୁଅର ଗୋଟାଏ ଖିଅ ଆସି ପଡୁଛି ସୁମାଳୀର ଗଣ୍ଡଦେଶରେ । ସେତିକି ଆଲୁଅରେ ବୁଲୁର ମୁହଁର କିଛି ଅଂଶ ଝାପ୍‌ସା ଭାବରେ ଦେଖାଯାଉଛି ।

—“ରାତି ସରିଆସିଲାଣି ସୁମାଳୀ !...” ବୁଲୁ କହିଲା । ତା' କଥାରେ କାନ ନ ଦେଇ ସୁମାଳୀ ନିଜ ଭାବନାରେ ମଗ୍ନ ରହି ପଚାରିଲା—

—“ତମେ କ'ଣ ମୋତେ ଗ୍ରହଣ କରିପାରିବ ?”...

—“ବେଶୀ ବଡ଼ି ବଡ଼ି କଥା କହୁଛୁ ଲେ ? ତୋତେ ଗ୍ରହଣ କରିପାରିବି କ'ଣ ?...ଏବେ କ'ଣ ଲାଗୁଚି ?”—କଥାର ଗୁରୁତ୍ୱକୁ ହାଲୁକା କରିଦେଇ ଦୁଇ ହାତରେ ପୁଣି ଥରେ ସୁମାଳୀର ମୁହଁକୁ ଟେକି ଧରି ପଚାରିଲା ବୁଲୁ ।

—“ମୋ ଗୁଣ୍ଡି ଉପରେ ଶୋଇ...ମୋ ପାଖରେ ରହି ପଚାରୁଚୁ ଏକଥା ? ଏସବୁ ତା'ହେଲେ କ'ଣ ହଉଛି ? ତୁ ମୋତେ ଅବିଶ୍ୱାସ କରୁଚୁ ନା ?”—

Digitized by srujanika@gmail.com

—"ନା, ତମେ ମୋ କଥା ବୁଝିବ ନାହିଁ···ତମକୁ ଅବିଶ୍ୱାସ କରୁ ନାହିଁ—ମୋ ଜୀବନର କଳଙ୍କ, ମୋର ଗ୍ଲାନିର ସବୁ ଛିକନଖି କଥା, ସବୁ ତ ତମେ ଜାଣିଚ ? ମୁଁ ତ ଅନୂଢ଼ା କୁମାରୀ ନୁହେଁ···ତମେ···ତମେ କ'ଣ ଜାଣନା ବୁଲିଭାଇ ଯେ, ମୁଁ ବହୁ ଲୋକଙ୍କ ଛଳନାର ଶିକାର ହୋଇ ବହୁ ଶଯ୍ୟାର ସଙ୍ଗିନୀ ହୋଇଛି···ସେସବୁ ମନେ ପଡ଼ିଲେ ମୋ ଦେହ ବି ଶିହେରି ଉଠୁଛି···ସେସବୁ ଜାଣି ସୁଦ୍ଧା ତମେ କ'ଣ ମୋତେ ଗ୍ରହଣ କରିପାରିବ ?"

କୋହ ଉଠାଇ କାନ୍ଦକାନ୍ଦ କହୁଥିଲା ସୁମିଲା, ଆଉ ତା'ର କଥା ଶେଷ ହେବା ମାତ୍ରେ ବୁଲି ହୋ ହୋ ହୋଇ ହସିଉଠିଲା । ସୁମିଲାର ଗୋଟାଏ ହାତ ଓଟାରି ଆଣି ନିଜର ଅଧାଅଧି ଚନ୍ଦା ହୋଇ ଆସିଥିବା କପାଳରେ ବୁଲାଇଦେଇ କହିଲା ସେମିତି ହସି ହସି—

—"ମୁଁ କ'ଣ କିଶୋରଟିଏ ? ନା ତରୁଣଟିଏ ? ଦେଖୁନୁ, ବାଳସବୁ ଉପୁଡ଼ିଗଲାଣି ? ଆଉ, କହିଲ ପରା, ତୁ ମୋ କଥା ଜାଣିନୁ ବୋଲି ଏମିତି କହୁଚୁ ଗୁଡ଼ାଏ କଳଙ୍କ···ଗ୍ଲାନି···ଏସବୁ ବଡ଼ ବଡ଼ କଥା—

"ତୁ ମୋତେ ଗ୍ରହଣ କରିପାରିବୁ ସୁମିଲା ?···ତୁ ଯଦି ଜାଣୁ ଯେ ତୋ ବୁଲିଭାଇ ଜାରଜ ସନ୍ତାନ—କେଉଁ ତରୁଣ-ତରୁଣୀଙ୍କର ପାପପ୍ରଣୟ, ଅବୈଧ ଦେହଲିପ୍ସାର ଫଳ ବୋଲି ? ତୁ ଜାଣିଚୁ ମୋର ବାପ ମା'ର ଠିକଣା ନାହିଁ ।"

—"ବୁଲିଭାଇ !"

—"ଚମକି ପଡ଼ିନା, ଶୁଣ୍—ତୁ ନିଜେ ଭାବୁଚୁ ତୋ ଜୀବନ ଅଲୋଡ଼ା ତୋତେ ଆଉ କେହି ପଚାରୁ ନାହାନ୍ତି···କାନ୍ଦୁଚୁ ଗଡ଼ଗଡ଼ ଧାର···ଆଜି ମୁଁ କାନ୍ଦୁ ନାହିଁ···କେବଳ ହସି ହସି ଦୁନିଆଁକୁ ମୋ ହସରେ ଉଡ଼ାଇଦେବି ବୋଲି ବସିଛି—କେବଳ ଏଇଥିପାଇଁ ମୁଁ ହସେ, ଲୋ ସୁମିଲା ! କାନ୍ଦିଲେ କେହି ଶୁଣିବେ ନାହିଁ । ସମସ୍ତେ କାନ୍ଦୁଛନ୍ତି । କିଏ କୋଉଥିପାଇଁ କେଜାଣି ?"

ନିଶ୍ୱାସ ନେଇ ପୁଣି ବୁଲି କହିଲା—

—"ବାପା ମୋର ମୋ ମା'କୁ ଭଲପାଇ ତା ଗର୍ଭରେ ମୋତେ ଦେଇ ତାକୁ ଛାଡ଼ି ଦେଇଥିଲେ—ସେ ଦାସୀ କି ବେଶ୍ୟା ମୁଁ ଜାଣେନା···

Digitized by srujanika@gmail.com

ତଥାପି···ତଥାପି ମୁଁ ବଞ୍ଚିଛି । ମୋର କେହି ନାହିଁ···ସେଇଥିପାଇଁ ସମସ୍ତେ ମୋର···"

ବୁଲାର କୋହ ଉଠି ଆସୁଥିଲା । ଉଦ୍‌ଗତ କୋହ ଆଉ ଲୁହକୁ ରୋଧ କରି ଭାବକାନ୍ତ କଣ୍ଠରେ ସେ କହିଲା—

—"ଘୃଣ୍ୟଃ···ଏଥର ତୋ ପାଳି···ଏସବୁ ଜାଣି ସୁଦ୍ଧା ତୁ ମୋତେ ଗ୍ରହଣ କରିପାରିବୁ ? ମୋତେ ଘୃଣା କରିବୁ ନାହିଁ ତ ?"

—"ଛିଃ, ଏସବୁ କ'ଣ କହୁଚ ତମେ ?"

ସୁମାଲାର କଣ୍ଠରେ ଯୁଗଯୁଗାନ୍ତରର ପ୍ରଣୟିନୀ, ନାରୀ, ମା'ର ସ୍ୱର । ବୁଲାର ଆଖିଲୁହ ପୋଛିଦେଇ ସେ କହିଲା, "ଏଇଥିପାଇଁ ତମେ ଆଜ ରାତିରେ କାନ୍ଦୁଚ ?"

—"ନାଇଁ ନାଇଁ···ତୁ ମୋତେ କହ ସୁମାଲା···ଥରକ ପାଇଁ ମୋତେ ତୁ କହ ଯେ, ତୁ ମୋତେ ଭଲପାଉ···ଆଜି ତୁ ମୋତେ ଗ୍ରହଣ କଲୁ ।"

ସୁମାଲାକୁ ନିଜ ଛାତିରେ ଚାପି ଧରି ଅବୋଧ ଶିଶୁ ଭଳି ଅସ୍ଫୁଟ ସ୍ୱରରେ ତାକୁ ଦୋହଲାଇ ଦୋହଲାଇ ପଚାରୁଥିଲା ବୁଲା । ପାଗଳ ଭଳି, ଉନ୍ମତ୍ତ ଭଳି ଜାକି ଧରିଥିଲା ତାକୁ ।

ବୁଲାର ଓଠ ଉପରେ ନିଜର ଗାଲ ଥାପିଦେଇ ସୁମାଲା ଥରଥର କଣ୍ଠରେ ଅତି ଧୀର ସ୍ୱରରେ କହିଲା—

—"ତମ ଛଡ଼ା ଆଉ କାହାକୁ ମୁଁ ଭଲ ପାଏ ନାହିଁ···ଆଗରୁ ଜାଣିଥିଲେ ଆମେ କେତେ ସୁଖୀ ହୋଇଥାଆନ୍ତେ !"

"ସୁମାଲା ! – ତୁ ମୋତେ ଭଲ ପାଉ···ଆଜି···ଆଉ ଥରେ କହ··· କେହି···କେହି ଜଣେ ହେଲେ ଏ ଦୁନିଆରେ ମୋତେ ଏଇ ପଦକ କହି ନାହିଁ ଲୋ···ମୋ ମାଆ ବି ନୁହଁ···"

"ମୁଁ·· ମୁଁ ତୁମକୁ ଭଲପାଏ !"

ଆନନ୍ଦରେ ଉନ୍ମତ୍ତ, ଅଧୀର ହୋଇ ସୁମାଲାର ଗାଲ, ଓଠ, କପାଳ, ଅର୍ଦ୍ଧଉନ୍ମୁକ୍ତ ବକ୍ଷରେ ଅଜସ୍ର, ଅସଂଖ୍ୟ ଚୁମ୍ବନ ଦେଇଗଲା ବୁଲା ଉନ୍ମାଦ ଭଳି ।

ଯୁଗ ଯୁଗାନ୍ତରର ତୃଷ୍ଣା ତା'ର ମେଣ୍ଟିଗଲା ଭଳି ଚୁମ୍ବନରେ ସେ ଅତିଷ୍ଠ କରିପକାଇଲା ସୁମାଲାକୁ ।

Digitized by srujanika@gmail.com

"ହେଃ...ଏ କ'ଣ ହଉଛି...ଛାଡ଼, ଛାଡ଼ ମୋତେ—ଦୁଷ୍ଟ—" ଛଳନାରେ ନବୀନା ପ୍ରଣୟିନୀଟିଏ ଭଳି କହୁଥିଲା ସୁମୀଲ । କିନ୍ତୁ ତାର ଦେହ, ମନ, ପ୍ରାଣ-ସବୁ କି ଅଧୀର ଆଗ୍ରହରେ ଅପେକ୍ଷା କରିଥିଲା ତୃଷିତ ବୁଲାର ଓଠକୁ ।

ଆବେଗରେ ବୁଲା ତାକୁ ତଳକୁ ଓଲଟାଇ ଦେଇ ତା'ର ମୁହଁକୁ ଚାହିଁରହିଲା ହସହସ ମୁହଁରେ । ଦୁଷ୍ଟାମି ଲାଗିରହିଛି ହସରେ ତା'ର ।

"ଉହୁଁ..." କହିଲା ସୁମୀଲ୍..."ଦେଖିଲ ଝରକା ବାହାରକୁ, ରାତି ସରିଗଲାଣି ।"

ସୁମୀଲା ଛାତିରେ ମୁଣ୍ଡ ରଖି ବୁଲା ଚାହିଁଲା ଝରକା ବାଟେ । ଆକାଶଟା ପାଉଁଶିଆ ହୋଇ ଆସିଲାଣି । ତାରଗୁଡ଼ାକ ହଜିଗଲେଣି ଆକାଶ-ବୁକୁରୁ । ଜହ୍ନଟା ନିସ୍ତ୍ରଭ ହୋଇଗଲାଣି । ମୁହଁଅନ୍ଧାର ଅଛି । ଭୋର୍ ହେବାକୁ ଅଳ୍ପ ସମୟ ବାକି । ଆସନ୍ନ ସକାଳର ଫିକା ପାଣ୍ଡୁର ଆଲୋକରେ ଘରଟା ଅସ୍ପଷ୍ଟ ଭାବରେ ଦେଖାଗଲାଣି ଏଥର ।

ରାତି ଆଉ ନାହିଁ । ଆଗାମୀ ସକାଳକୁ ପଥ ଛାଡ଼ିଦେଇ ଧୀରେ ଧୀରେ ଅପସରି ଯାଉଛି ।

ସୁମୀଲର ମୁହଁରେ ଦୁଷ୍ଟାମିର ହସ । "ଉଠ ଏଥର ..." ବୁଲା ଉଠିପଡ଼ିଲା ।

ଆକାଶଟାକୁ ଚାହିଁ ଛିଡ଼ାହେଲା । ଶେଯରୁ ଉଠି ସୁମୀଲ ବୁଲା ନିକଟକୁ ଗଲା । ବେକରେ ଲୁଗାକାନି ଗୁଡ଼ାଇ ଦେଇ ହଠାତ୍ ବୁଲାର ପାଦ ଛୁଇଁ ପ୍ରଣାମ କଲା । ବୁଲା ତାକୁ ତଳୁ ଉଠାଇନେଲା । ତା' କାନ୍ଧରେ ହାତ ପକାଇ ସେଇଠି ସେମିତି ଛିଡ଼ାହୋଇ ରହିଲା ।

ସକାଳ ଆସୁଛି । ନୂଆ ସୂର୍ଯ୍ୟ ଉଦୟ ହେବ ।

ବୁଲା ଓ ସୁମୀଲ ଦୁହେଁ ଖୋଲା ଝରକା ବାଟେ ଚାହିଁରହିଲେ ଦୂର ଖୋଲା ଆକାଶକୁ ।

ନାଃ, ଆଖିରେ ତାଙ୍କର ତନ୍ଦ୍ରା ନାହିଁ ।

ଭୋରର ଆଲୋକ କ୍ରମଶଃ ଧୀରେ ଧୀରେ ସ୍ପଷ୍ଟ ହୋଇଉଠିଲା । ବୁଲା ସୁମୀଲକୁ ଛାତି ଉପରକୁ ଆଉଜାଇ ଆଣିଲା ।

Digitized by srujanika@gmail.com

ଦଲକାଏ ଦଲକାଏ ପାହାନ୍ତ ପବନ ପଶି ଆସୁଥିଲା ଘର ଭିତରକୁ ।

ଧୀରେ ଧୀରେ ନିଜର ଅବସନ୍ନ ଆଖିପତା ମେଲଲା ଅମାଳୀ । ସାରା ଦେହରେ ଅସୀମ ବ୍ୟଥା — ବେଦନା । ବିଛଣା ଉପରୁ ଦେହ ଉଠାଇ ହେଉ ନାହିଁ ।

ପ୍ରସୂତି ଭବନର ଗୋଟିଏ ବେଡ଼୍‌ରେ ଶୋଇଥିଲା ସେ । ପାଖରେ ତା'ର ଗୋଟିଏ ଶ୍ଳେଟ କଅଁଳ ଛନଛନିଆ ଶିଶୁ ।

ବହୁ କଷ୍ଟରେ ମୁଣ୍ଡ ବୁଲାଇ ନିଜ ଶଯ୍ୟାର ଦୁଇ କଡ଼କୁ ଚାହିଁଲା ସେ । ଚାରିପଟେଯାକ ଆହୁରି ଅନେକ ବେଡ଼୍‌ରେ ତା'ରି ଭଳି ଆଉ କେତୋଟି ଯନ୍ତ୍ରଣାକାତର ପ୍ରସୂତି—ନଚେତ୍ ଆସନ୍ନପ୍ରସବା ନାରୀ ।

ଇସ୍‌...କି ଲଜ୍ଜା !

ନିଜ ଶଯ୍ୟାପାର୍ଶ୍ୱରେ ହାତଗୋଡ଼ ଜାକିଜୁକି ନିଶ୍ଚଳ ଭାବରେ ଶୋଇଥିବା ମାଂସପିଣ୍ଡୁଳାଟି ଆଡ଼କୁ ପୁଣିଥରେ ଚାହିଁଦେଇ ଅପରିସୀମ ଲଜ୍ଜାରେ, ଗ୍ଳାନିରେ ଭରିଗଲା ଅମାଳୀର ମନ ।

ସେ ଆତ୍ମହତ୍ୟା କରିପାରିଲା ନାହିଁ...? କାହା ଆଗରେ...? କମିତି...କମିତି ସେ ଏ ମୁହଁ ଦେଖାଇବ ?

ସେ ଯାହା କରିଛି, ତା' ସାହସ ନୁହେଁ—ଦୁଃସାହସ ।

ହସି ହସି ନିଜର କୁମାରୀତ୍ୱକୁ ନିର୍ବିରୋଧରେ ବଳି ଦେଇ ସେ ଆହ୍ୱାନ କରିଆଣିଛି ମାତୃତ୍ୱ ।

କିନ୍ତୁ...କିନ୍ତୁ ଏ ସନ୍ତାନର ପିତୃପରିଚୟ କ'ଣ ହେବ ? କିଏ ତାକୁ ସ୍ୱୀକାର କରିବ ଏ ସଂସାରରେ ?

ପ୍ରଥମେ ପ୍ରଥମେ ସେ ଏ ମାତୃତ୍ୱକୁ ଅସ୍ୱୀକାର କରିବା ପାଇଁ, ଏ ସନ୍ତାନକୁ ଭୂମିଷ୍ଠ ହେବା ପୂର୍ବରୁ ନିଃଶେଷ କରିଦେବା ପାଇଁ ବହୁ ଯତ୍ନ କରିଛି । ବହୁ ବ୍ୟର୍ଥ ପ୍ରଚେଷ୍ଟା କରିଛି । ତା'ର ଜୀବନକୁ ଅତଳାନ୍ତ ଅନ୍ଧକାରର ଗହ୍ୱରରେ, ତଳତଳାନ୍ତ କରିଦେବା ପାଇଁ ବୋଧହୁଏ ତା'ର

Digitized by srujanika@gmail.com

ଏ ରକ୍ତକଣିକାର ସୃଷ୍ଟି ! ନାଃ, ତାର ସମସ୍ତ ପ୍ରଚେଷ୍ଟା, ତା'ର ସମସ୍ତ ପ୍ରୟାସ, ଯତ୍ନ ବ୍ୟର୍ଥ ହୋଇଛି ।

ତା'ପରେ ନ ଚାହିଁଲେ ବି ସେ ବାଧ୍ୟ ହୋଇ ସ୍ୱୀକାର କରିନେଇ-ଥିଲା । ବନ୍ଧୁ ଧରି ବଞ୍ଚିବାକୁ ଚାହିଁଥିଲା ।

ଜୀବନ···ଆଲୋକ ଭଳି ଆଗକୁ ଆଗକୁ ବାଟ କଢ଼ାଇନିଏ । ସେଇ ଜୀବନ ପାଇଁ ବଞ୍ଚିରହିବାର ଦୁର୍ବାର ଆକାଙ୍‌କ୍ଷାକୁ ଏଡ଼ାଇଦେଇ ପାରି ନାହିଁ ବୋଲି ଏ ଦୁର୍ଯୋଗ ଏ ଆତ୍ମାଧିକାରକୁ ଜାଣିଶୁଣି ଦିନ ଗଣି ଗଣି ସ୍ୱୀକାର କରିନେଇଛି ।

କିନ୍ତୁ···ଏବେ···? ଏବେ ତାର ଗତି କ'ଣ···? କଣ କରିବ ସେ ? ଚାରିଆଡ଼ ଅନ୍ଧାର ଦେଖାଗଲା ତାକୁ ନିଜର ଭବିଷ୍ୟତ ନିଜର ଜୀବନ କଥା ଚିନ୍ତା କରି !

ସେ ବଞ୍ଚିବାପାଇଁ ଜୀବନ ପ୍ରତି ଦୁର୍ବାର ମୋହ ନେଇ ଏ ଦୁଃସାହସ କରିଥିଲା । କିନ୍ତୁ ସେହି ଜୀବନକୁ ନେଇ ସେ ବଞ୍ଚିରହି ପାରିବ କି ?

ନା କୁମାରୀ···ନା ବିବାହିତା ? କ'ଣ ବୋଲି ତାକୁ ସ୍ୱୀକାର କରିବ ଏ ଦୁନିଆ ?

ସେ ମାଆ । ବିବାହ କରିବାର କୌଣସି ପ୍ରମାଣ ନ ଥାଇ ସେ ମାତୃତ୍ୱକୁ ସ୍ୱୀକାର କରିନେଇଛି ।

ଏଠିକି ବା ତାକୁ ଆଣିଲା କିଏ ? କିଏ ପଚାରିଲେ କ'ଣ କହିବ ? କାହାକୁ କ'ଣ ଉତ୍ତର ଦେବ ଅମଳା ?

ଓଃ···ଭୟଙ୍କର ଏ ଚିନ୍ତାରେ ତା'ର ମୁଣ୍ଡଟା ଟଣ୍‌ଟଣ୍ ହୋଇ-ଉଠିଲା । ଶିରା-ପ୍ରଶିରାଗୁଡ଼ାକ ଯେମିତି ଜଟିଳ ହୋଇ ଟାଣି ହୋଇ ଯାଉଛନ୍ତି !

ତାର ମନେପଡ଼ିଲା ଗତ ରାତିର କଥା । ସେତିକି କେବଳ ତା'ର ମନେ ଅଛି । ମଞ୍ଚ ଉପରେ ଅଭିନୟ କରୁ କରୁ ହଠାତ୍ ସେ ପେଟରେ ଅସୀମ ଯନ୍ତ୍ରଣା ଅନୁଭବ କଲା । ଯନ୍ତ୍ରଣା କ୍ରମଶଃ ବଢ଼ିବାକୁ ଲାଗିଲା । ତାକୁ ଚାରିଆଡ଼ ଧୀରେ ଧୀରେ ଅନ୍ଧାର ଦିଶିବାକୁ ଲାଗିଲା । ଅଭିନୟର ସମସ୍ତ ମଧୁରତା ହରାଇ କ'ଣ ଯେ ସେ କହିବାକୁ ଲାଗିଲା···ତା'ର ସେସବୁ ମନେ ପଡୁ ନାହିଁ ! ପରେ ପରେ ତାର ଥିଲା ଏକ କଠିନ ଦୃଶ୍ୟ ।

Digitized by srujanika@gmail.com

ତାକୁ ନଦୀରେ ଝାସଦେବା ପାଇଁ ପଡ଼ବ । ସେଥିପାଇଁ ମଞ୍ଚଉପରେ ସୃଷ୍ଟ କୃତ୍ରିମ ନଦୀବନ୍ଧ ଉପରୁ ନଦୀ ଭିତରକୁ ସଜୋରରେ ଲମ୍ଫ ଦେବାର କଥା ଥିଲା ।

ସେ ନଦୀବନ୍ଧରେ ଚଢ଼ିଲା ଆବହ ସଙ୍ଗୀତର ତାଳେ ତାଳେ । ବେହେଲାର କରୁଣ ମୂର୍ଚ୍ଛନା ସେତେବେଳେ ବ ମନରେ ତାର ଆଣି ଦେଉଥିଲା ଏକ ସକରୁଣ ପରିବେଶ । ଆବେଶ । କିନ୍ତୁ ଯନ୍ତ୍ରଣାଟା ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି···କ୍ରମଶଃ ଅସହ୍ୟ ବୋଧହେଉଛି ଏ ଯନ୍ତ୍ରଣା । ସେଥିପାଇଁ ଭ୍ୱରାନ୍ୱିତ କଲା ନିଜର ଅଭିନୟର ଆକ୍‌ସନ୍ ।

ହିଁ, ତାର ସ୍ପଷ୍ଟ ମନେ ଅଛି ସେ ଡେଇଁପଡ଼ଲା । ତା'ପରେ··· ତା'ପରେ, ହଠାତ୍ ସବୁ ଅନ୍ଧାର ହୋଇଆସିଲା । ମଞ୍ଚଉପରର ସବୁଯାକ ଆଲୁଅ ଯେମିତି ଏକାବେଳକେ ଲିଭିଗଲା । ସେତେବେଳ ଯାଏ ମନେଅଛି ତାର, ସେଇ ବେଦନାଟା ବଢ଼ି ବଢ଼ି ଯାଉଥିଲା ।

ତା'ପରେ ସବୁ ଅନ୍ଧାର···!

ତା'ପରେ···? ତା'ପରେ ନିଜକୁ ଆବିଷ୍କାର କରୁଛି ସେ ଏଠି ! ଏ ପ୍ରସୂତି ଭବନର ମଧ୍ୟସ୍ଥଳରେ । ପଳାଇବାକୁ···ମୁହଁ ଲୁଚାଇବାକୁ କି ଅପସରିଯିବାକୁ ଦେହରେ ବଳ ନାହିଁ ଆଉ ! ପରେ ପରେ ବୋଧହୁଏ ତାକୁ ନେଇ ଆସିଛନ୍ତି ଏଠିକି !

ନା—ମଞ୍ଚରେ କୌଣସି ଲଜ୍ଜା ନାହିଁ ତାକୁ । ସେଠି ସେ ବଞ୍ଚିପାରିବ ଆଉ ପାଞ୍ଚ ଜଣ ଅଭିନେତ୍ରୀଙ୍କ ପରି···

ମନେପଡ଼ଲେ ତାର କୁନି କୁନି ମଞ୍ଚ ଚତ୍ୱରରେ ଘୁରିବୁଲୁଥିବା ଉପେକ୍ଷିତ ଗୁଡ଼ିଏ ଛୋଟ ଛୋଟ ଛୁଆଙ୍କ କଥା—ନିଷ୍ପାପ ସରଳ ଶିଶୁ କେତୋଟି ! ତାଙ୍କର ବା କ'ଣ ତ୍ରୁଟି ଥିଲା ଏ ସଂସାରକୁ ଆସିବାରେ ? କେହି ଜାଣିବେ ନାହିଁ ତାଙ୍କର ପିତୃପରିଚୟ—ବଂଶ ପରିଚୟ । କାହାର ସହୋଦର ଭାଇ ଗୋଟିଏ ଔରସରୁ ଆଉ ଗୋଟିଏ ସଂଜ୍ଞା ନେଇ ବଞ୍ଚୁଛି— ତା'ର କନିଷ୍ଠର ଆଉ ଏକ ସଂଜ୍ଞା ! ବିଚିତ୍ର ଏ ଜୀବନ ! ନ ଦେଖିଲେ, ନ ଜାଣିଲେ ଅବିଶ୍ୱାସ୍ୟ !

ରଙ୍ଗମଞ୍ଚର ପାଦ ପ୍ରଦୀପକୁ ଚିରଦିନ ଆଲୋକିତ, ପ୍ରଜ୍ୱଳିତ କରି ରଖିବା ପାଇଁ ବୋଧହୁଏ ଏ ଅବହେଳିତ କେତୋଟିଙ୍କର ସୃଷ୍ଟି !

Digitized by srujanika@gmail.com

ଈଷତ୍ ଆଖି ମେଲାଇ କଣେଇ କଣେଇ ଚାହିଁଲା ଅମାଲା ନିଜର ସନ୍ତାନ ଆଡ଼କୁ ।

ଇଏ ବି ସେମିତି ବଞ୍ଚିବ ଏ ଦୁନିଆରେ ! ପରିଚୟହୀନ—ଜାରଜ—ଅବହେଳିତ ଜୀବନ ନେଇ !

ଓଃ···ଇଏ କ'ଣ ସେ କଲା ?

ଆଖିବୁଜି ଦେଇଥିଲେ ବି ଭାବନାରେ ଭାରାକ୍ରାନ୍ତ ହୋଇ କପାଳ ତା'ର କୁଞ୍ଚିତ ହୋଇ ଉଠୁଥିଲା । କପାଳ ଉପରେ ଚିନ୍ତାର ଆତିଶଯ୍ୟ ଯୋଗୁଁ ବିନ୍ଦୁ ବିନ୍ଦୁ ଝାଳ ଦେଖା ଦେଉଥିଲା । ତଣ୍ଟି ତା'ର ଅଠା ଅଠା ହୋଇ ଆସୁଥିଲା ।

ନାଃ, ସେ ଏ କଳୁଷିତ, କଳଙ୍କମୟ ଦୁନିଆରେ ଏ ନିଷ୍ପାପ ପୁଷ୍ପଟିକୁ ରଖାଇ ଦେବ ନାହିଁ—ଏ କଳଙ୍କିତ ଇତିହାସରେ ତା'ର ନାମୋଲ୍ଲେଖ ରହିବ ନାହିଁ । ସେ ବଞ୍ଚି ରହିବ ନାହିଁ । କାରଣ ସେ ଅଧିକାର ଅମାଲା ହରାଇଛି ବୋଧହୁଏ ।

ହଁ, ସେ ତାହା ହିଁ କରିବ, ଯାହା ଏତେଦିନଯାଏ କରିପାରି ନାହିଁ ବଞ୍ଚିବାର ଲୋଭରେ ।

ସେ ଆତ୍ମହତ୍ୟା କରିବ !

ନିଜ ମନ ଭିତରର ଅତଳାନ୍ତ ଅନ୍ଧକାର ଭିତରେ ଧୀରେ ଧୀରେ ଆଚ୍ଛନ୍ନ ହୋଇ ବୁଡ଼ି ଯାଉଥିଲା ସେ । ସବୁ ଅନ୍ଧକାର । କେଉଁ କୁଆଡ଼େ କାହାନ୍ତି । କିଛି ଦିଶୁ ନାହିଁ ତାକୁ ।

ବଡ଼ ଭୟଙ୍କର, ବଡ଼ କରୁଣ, ଆଉ ବଡ଼ ନିଦାରୁଣ ଏ କଳା ଅନ୍ଧାର । ସେଇଥିରେ ବୁଡ଼ି ବୁଡ଼ି ଯାଉଥିଲା ଅମାଲା ।

ନିଦାରୁଣ, ଭୟଙ୍କର ଭାବନାର କଳା ଅନ୍ଧକାର ଭିତରେ ଧୀରେ ଧୀରେ ତଳକୁ ତଳକୁ ବୁଡ଼ି ଯାଉଥିଲା ଅମାଲା ।

—ସେ ଭୁଲିଯାଉଥିଲା ତା'ର ପରିବେଶ—ଭୁଲିଯାଉଥିଲା ସବୁ କିଛି······

ତା'ର ଅଲକ୍ଷ୍ୟରେ କେତେବେଳେ ଦୁଇ ଧାର ଲୁହ ଆଖିକୋଣରୁ ବହିଆସିଛି । କେତେବେଳେ ସେ କାନ୍ଦିବାକୁ ଆରମ୍ଭ କରିଛି ସେଇ ପ୍ରସୂତିଭବନର ବିଛଣା ଉପରେ ଶୋଇ ଶୋଇ, ପୁଣି କହିଁ କହିଁ ହୋଇ କାନ୍ଦୁଛି, ତାର ଖିଆଲ ନାହିଁ ।

Digitized by srujanika@gmail.com

କାହାର କୋମଳ ହାତର ସ୍ପର୍ଶରେ ହୋସ ଆସିଲା ଅମାଲାର । କିଏ ଜଣେ ତାର କପାଳରେ କଅଁଳ ହାତ ବୁଲାଉଛି । ଲୁହବୋଳା ଆଖି ମେଲା ଚାହିଁଲା ସେ । ନିଜର ହାତ ପାପୁଲି ପଛପଟେ ଲୁହ ପୋଛି ଦେବାକୁ ଗଲାବେଳକୁ ସେ ହାତଟା ତାର ଆଖି ଲୁହ ପୋଛିଦେଲା ।

ଏଥର ଆଖି ଖୋଲି ଚାହିଁଲା ଅମାଲା । ଶୁଭ୍ର ପୋଷାକ ପିନ୍ଧି ସିଷ୍ଟର ଛିଡ଼ା ହୋଇଛନ୍ତି । ହସହସ ମୁହଁରେ ଅମାଲାକୁ ଚାହିଁ ସେ କହିଲେ, "ଛିଃ କାନ୍ଦ ନାହିଁ—କଷ୍ଟ ତ ଚାଲିଗଲାଣି, ଏଥର ଖୁସି ହେବା ବେଳ··· ଆଉ କାନ୍ଦୁଛ କାହିଁକି ?···"

ଅମାଲା ବୋକାଙ୍କ ଭଳି କେବଳ ଅନାଇ ରହିଲା ତାଙ୍କୁ, ଉଦ୍‌ଗତ ଲୁହଧାରକୁ କୌଣସିମତେ ରୋଧ କରି ।

ମନେ ମନେ ଭାବୁଥିଲା, ଇଏ କୁଆଡ଼ୁ ଜାଣିବେ ତା'ର ମନ କଥା ? କାହିଁକି ସେ କାନ୍ଦୁଛି ?

ମାତୃତ୍ୱ···ଯାହା ନାରୀର ପରମ ଆଉ ଚରମ କାମ୍ୟ···ଯାହା ନାରୀଜୀବନର ସଫଳତାର ପ୍ରତୀକ···ସମସ୍ତ ସାର୍ଥକତା, ପରିପୂର୍ଣ୍ଣତାର ଗୌରବରେ ଉଦ୍ଭାସିତ—ମହିମାନ୍ୱିତ···ସେଇ ମାତୃତ୍ୱ ପୁଣି ନାରୀ ଜୀବନରେ ଏପରି ଚରମ ଗ୍ଲାନି, ବିପର୍ଯ୍ୟୟ ଆଣି ଦେଇପାରେ ?···ମାତୃତ୍ୱ ପୁଣି ନାରୀ ଜୀବନରେ ଏପରି ଭୟଙ୍କର, ନିଦାରୁଣ ଅଭିଶାପର ରୂପ ନେଇ ଆସିପାରେ ?···

ସିଷ୍ଟର୍ ଜଣକ ସେମିତି ତାର ଶଯ୍ୟାପାର୍ଶ୍ୱରେ ଛିଡ଼ା ହୋଇ ରହି-ଥିଲେ ତାର କପାଳରେ ହାତ ରଖି ।

ସେ କହିଲେ—"ହଁ, ତମର ଭଉଣୀ···ଭଣୋଇ ଆସିଛନ୍ତି ତମକୁ ଦେଖିବାକୁ—ଏଠିକି ପଠାଇଦେବି ?"

ଆତୁର ବିସ୍ମୟକର ଏ ସମ୍ବାଦ ! ଅପା କ'ଣ ବିବାହ କରିପାରେ ? ଅପା ବିବାହ କରିଛି ? କେବେ···? କାହାକୁ···? ଆସିଛି ପୁଣି ତାକୁ ଦେଖା କରିବାକୁ···?

ସେଇ ମୁହୂର୍ତ୍ତକ ପାଇଁ ନିଜ ଜୀବନର ସବୁ ଦୁର୍ଘଟଣା ବିସ୍ମୃତ ହେଲା ଅମାଲା ।

Digitized by srujanika@gmail.com

ତାର ବସ୍ତୁସ୍ବକୁ ଆହୁରି ଦ୍ୱିଗୁଣିତ କରି ସିଷ୍ଟର୍ ଜଣକ କହିଲେ, ''ସେଇ ଭଉଣୋଇ ତ ତାଙ୍କୁ ଗତ ରାତିରେ ସଂଜ୍ଞାହୀନା ଅବସ୍ଥାରେ ଏଠିକି ଆଣିଥିଲେ । ଇସ୍, ସିଏ ଯେଉଁ ଅବସ୍ଥା!…'

ସିଏ ପୁଣି ଏଠିକି ଆଣିଥିଲେ ତାଙ୍କୁ ? ଆଶ୍ଚର୍ଯ୍ୟ ! ଅମଲ କିଛି ଜାଣେନି – ତାଙ୍କୁ ଜାଣେନା ପର୍ଯ୍ୟନ୍ତ !

ଭଙ୍ଗମଞ୍ଚର କେହି ବନ୍ଧୁ ବାନ୍ଧବୀ ଆସିଥାଇପାରନ୍ତି ହୁଏତ— ଏମିତି ଗୋଟାଏ ପରିଚୟ ଦେଇ ଦେଇଛନ୍ତି ! ଅପା କାହିଁକି ଆସିବ…?

ଅମଲର ବୋକା ବୋକା ମୁହଁକୁ ଦେଖି କ'ଣ ସେ ସିଷ୍ଟରଟି ଭାବିଲା କେଜାଣି, କହିଲା —''ଡାକି ଦେଉଛି…''

କିଛି ସ୍ଥିର କରିବା ପୂର୍ବରୁ ଅମଲ ସମ୍ମତି ଜଣାଇ ମୁଣ୍ଡ ଟୁଙ୍ଗାରି ଦେଲା—ତା'ର ବାକ୍‌ସ୍ଫୂର୍ତ୍ତି ହେଲା ନାହିଁ ।

ପ୍ରସୂତିଭବନର ପ୍ରଧାନ ପ୍ରବେଶଦ୍ୱାରର ଯେଉଁ ଅଂଶତକ ଦିଶୁଥିଲା, ତାକୁଇ ଚାହିଁରହିବା ପାଇଁ ଅମଲ ବେକ ମୋଡ଼ି କଡ଼େଇ ହୋଇ ରହିଲା ।

ମୁହଁରେ ହସ ଫୁଟାଇ, ମୁଣ୍ଡରେ ଲୁଗା ଦେଇ ପଶିଆସିଲା ସୁମିଲା । ଅମଲ ଆହୁରି ଭଲଭାବରେ ଲକ୍ଷ୍ୟ କଲା, ସୀମନ୍ତରେ ତା'ର ଗାରେ ସିନ୍ଦୂର । ଉଜ୍ଜ୍ୱଳ ଦିଶୁଛି, ଲଲାଟ ଉପରେ କୁଙ୍କୁମର ବଡ଼ ଟିପାଟାଏ । ସକାଳର ସୂର୍ଯ୍ୟ ଭଳି ଲାଲ୍ ଆଉ ଉଜ୍ଜ୍ୱଳ । ପ୍ରାଣପ୍ରାଚୁର୍ଯ୍ୟରେ ଅପା ତା'ର ସ୍ୱାସ୍ଥ୍ୟବତୀ ଦିଶୁଛି । ମୁହଁରେ ତାର ପ୍ରଶାନ୍ତିର ହସ ।

ଏଥର ଅମଲ ମୁହଁକୁ ଚାହିଁ ଚାହିଁ ହସି ହସି ସୁମିଲା ଆଗେଇ ଆସିଲା ଅମଲ ଶଯ୍ୟା ପାଖକୁ । ବିଛଣାର ଗୋଟାଏ କଡ଼ରେ ବସି ଯାଉ ଯାଉ ଅମଲର ହାତଟା ଚପିଧରି କହିଲା, ''କଲେ, ଏମିତି ଅନେଇଛୁ କ'ଣ, ମୋ'ତେ ଚିହ୍ନିପାରୁନୁ ?''

କାହିଁକି କେଜାଣି ଅମଲ ସେଇ ମୁହୂର୍ତ୍ତରେ ନିଜର ମନ ଖୋଲି ଅପାକୁ ଏତେ ଦିନ ପରେ ଏପରି ଅବସ୍ଥାରେ ଦେଖି, ବହୁତ… ବହୁତ କଥା କହିବାକୁ ମନରେ ଭାବୁଥିଲେ ମଧ୍ୟ ପଦେ ହେଲେ କଥା କହି ପାରିଲା ନାହିଁ । ଏପରିକି ସ୍ପଷ୍ଟ ଭାବରେ ସୁମିଲାର ମୁହଁକୁ ମଧ୍ୟ ଚାହିଁ ପାରିଲା ନାହିଁ ।

Digitized by srujanika@gmail.com

ଅକସ୍ମାତ୍ ତା'ର ଦୁଇ ଓଠ ଥର ଥର ଉଠିଲା, ଆଉ ମୁହଁ ଆରକଡ଼କୁ ବୁଲାଇନେଲା ସେ । କୋହରେ ଭାଙ୍ଗିପଡ଼ିଲା । ଗୁମୁରି ଗୁମୁରି କାନ୍ଦିଉଠିଲା ସେ । ହାତଟି ତାର ସୁମିଳାର ହାତ ଭିତରେ ସେମିତି ରହିଥିଲା । ବଢ଼ିଲା ନଈ ଭଳି ଦେହ ତାର ଫୁଲି ଫୁଲି ଉଠୁଥିଲା । କୌଣସି ବାଧାବନ୍ଧନ ନ ମାନି ତା'ର ଲୁହଧାର ବହିଚାଲିଲା ଅବିରଳ ଭାବରେ—

ଅମିଳାର ଆଖିରୁ ଲୁହଧାର ପୋଛିଦେବା ପାଇଁ ପିନ୍ଧାଲୁଗାର କାନିଟାକୁ ବଢ଼ାଇ ଦେଇ ଦେଇ ସୁମିଳାର ମଧ୍ୟ କୋହ ଉଠିଲା ।

ସାନ ଭଉଣୀକୁ ସାନ୍ତ୍ୱନା ଦେବା ପାଇଁ, ବୁଝାଇଦେବା ପାଇଁ ସବୁ ପ୍ରଚେଷ୍ଟା ତାର ବ୍ୟର୍ଥ ହେଲା । ସେ କ୍ଷଣକାଳ ପାଇଁ କିଛି ଭାଷା ଖୋଜି ପାଇଲା ନାହିଁ ।

ଜୀବନଯୁଦ୍ଧରେ କ୍ଷତ ବିକ୍ଷତ ଦୁଇଟି ତରୁଣୀ, ତାଙ୍କର ପାର୍ଶ୍ୱ ବିଦାର୍ଣ୍ଣ ହୃଦୟ ଖୋଲି କାନ୍ଦୁଥିଲେ—କାନ୍ଦି ଚାଲିଥିଲେ । ଅମିଳା ବୋଧହୁଏ ତାର ଲୁହଧାରରେ ନିଜର କରୁଣ କାହାଣୀ ଶୁଣାଉଥିଲା, ଆଉ ସୁମିଳା ସେହି ଉଦ୍‌ଗତ ଲୁହଧାର ଭିତରେ ସାନ୍ତ୍ୱନା ଦେଇ ଚାଲିଥିଲା ।

ଅତି ପରିଚିତ ଗୋଟାଏ କଣ୍ଠସ୍ୱର ଶୁଣି ଅମିଳା ନିଜ କୋହ ଚାପିଧରି ଚାହିଁବାକୁ ଚେଷ୍ଟା କରୁଥିଲା ।

ବୁଲା କହୁଥିଲା—"ବାଃ, ଆଉ କାନ୍ଦିବାକୁ ତମକୁ ସବୁ ଜାଗା ମିଳିଲା ନାହିଁ ? କି ବେଳ ମିଳିଲା ନାହିଁ ? ଏଇ ହସପିଟାଲ୍ ଭିତରେ ଲକ୍ଷେ ଲୋକଙ୍କ ଆଗରେ, କାନ୍ଦି ଚାଲିଛ···?

ବୁଲାଭାଇର ସ୍ୱର ଶୁଣି ଧୀରେ ଧୀରେ ଅମିଳା ମୁହଁ ବୁଲାଇ ଚାହିଁଲା, ଆଉ ଅପାର ସଲଜ୍ଜଭାବ, ମୁକ୍ତ ଉର୍ଦ୍ଧକୁ ଓଢ଼ଣୀଟାକୁ ଟିକେ ବେଶୀ ଟାଣିଦେବାର ପୁଣି ଆଖିରୁ ଲୁହଧାର ପୋଛି ଦେଇ ହଠାତ୍ ସପ୍ରତିଭ ହୋଇ ଉଠିବା ଦେଖି ଅପାକୁ ଯାହା ପଚାରିବାକୁ ଚାହୁଁଥିଲା ଆଉ ଯାହାକୁ ଦେଖିବ ବୋଲି ଟିକକ ଆଗରୁ ଉଦଗ୍ର ଆବେଗ ନେଇ ଚାହିଁରହିଥିଲା, ତାର ଉତ୍ତର ଗୁଏ ଗୁଏ ପାଇଗଲା ସେ ।

ନିଜର ସମସ୍ତ ଅବସାଦ ଭୁଲିଯାଇ ସେହି ମୁହୂର୍ତ୍ତିକ ପାଇଁ

Digitized by srujanika@gmail.com

ଅନ୍ତତଃ ମନ୍‌ ତାର ପ୍ରସନ୍ନ ହୋଇଉଠିଲା । ସେ ଖୁସି ହୋଇଗଲା ହଠାତ୍ ।

ଏ ଦୁର୍ଦ୍ଦିନ ଭିତରେ ମଧ୍ୟ ବୁଲାଭାଇକୁ ଦେଖି ତା' ମୁହଁକୁ ଚାହିଁ ଦେଲା ମାତ୍ରେ ଅମୀଲା ତା'ର ବିବର୍ଣ୍ଣ ପାଣ୍ଡୁର ମୁହଁରେ ଫିକ୍‌କିନା ହସିଦେଲା । ତା' ପରେ ଲାଜରେ ମୁହଁ ଲୁଚାଇଲା ।

ବୁଲାଭାଇ ପାଖରେ ଦୁଃଖ କରିବାର କୌଣସି ଅର୍ଥ ହୁଏନା । ଅବସାଦ କ'ଣ ସେ ନିଜେ ଜାଣେନା କି କାହାର ମୁହଁରେ ବିଷାଦ ଦେଖିବା ପାଇଁ ସେ ଅଭ୍ୟସ୍ତ ନୁହେଁ ।

—"କହାକଣ୍ଠା ସରିଲା କି ? ଏଥର ଏଗୁଡ଼ାକ ଟିକେ ଧର···ମୁଁ କେତେବେଳ ଯାଏ ଏ ବୋଝ ବୋହିବି···?"

ସୁମୀଲା ଛୁଡ଼ା ହୋଇଯାଇ ବୁଲା ହାତରୁ ନେଇଗଲା ଜିନିଷଗୁଡ଼ାକ, ଆଉ ଅମୀଲାର ଶଯ୍ୟାପାର୍ଶ୍ୱରେ ରଖାଯାଇଥିବା ମିଡ୍‌ସେଫ୍ ଉପରେ ରଖିଦେଲା ସେଗୁଡ଼ାକ ।

ଲୁଗାଫାଙ୍କରୁ ଈଷତ୍ କଣେଇ ଚାହିଁ ଅମୀଲା ଦେଖିଲା, ଗୋଟାଏ ହରଲିକ୍‌ସ ଶିଶି, କ'ଣ ଗୋଟାଏ ଦୁଇଟା ଔଷଧ, ସାନ ସାନ ଜାମା ଗୋଟାଏ ଦୁଇଟା—ତା'ପରେ ବୁଲାଭାଇ ତା'ର ପକେଟ୍‌ରୁ ବାହାର କଲା ଗୋଟାଏ ଫିଡ଼ିଂ ବୋତଲ, ଗୋଟାଏ ଗ୍ଲାକ୍ସୋ/ଡେକ୍ସ ଡବା ମଧ୍ୟ ଆଣିଥିଲା ।

ସେସବୁ ରଖିସାରିଲା ପରେ ପାଖରେ ପଡ଼ିଥିବା ଗୋଟାଏ ଟୁଲ୍ ଓଟାରି ଆଣି ବସିଲା ବୁଲାଭାଇ । ତା'ପରେ ହସି ହସି ଅମୀଲାକୁ ଚାହିଁ କହିଲା, "ଆଉ ଲାଜ କାହିଁକି ? ମୁହଁ ଖୋଲ ।"

ଅମୀଲା ଆହୁରି ଅଧିକ ମୁହଁ ଲୁଚାଇଲା । ବୁଲାର କଥାରେ କିନ୍ତୁ ବିରକ୍ତି ପ୍ରକାଶ କଲା ନାହିଁ, କି ଦୁଃଖ କଲା ନାହିଁ ।

—"କାହିଁ, ଖାଇବାକୁ ଦେ କହିଲେ, ମାଗଣାରେ ମାହାଲିଆକୁ ମା' ହେଲୁ, ଖାଇବାକୁ ଦବୁ ନାହିଁ ନା କ'ଣ—"

—"ଓଃ କାହିଁକି ତା ସାଙ୍ଗରେ ଲାଗିଚ ? ତା' ଦେହ ପରା ଭଲ ନାହିଁ !"—ସୁମୀଲା କହିଲା ।

—"କାଲି ଯୋଉ ଅବସ୍ଥାରେ ତାକୁ ମୁଁ ଏଠିକି ଆଣିଛି, ମୁଁ ଜାଣିଚ ନା···ନାକେଦମ ମଣିଷ—ଷ୍ଟ୍ରେଚରଟା ଉପରେ ପଡ଼ଯାଇଥିଲା । ବେହୋସ୍···ସେଥିରେ ପୁଣି ସେମାନେ ସବୁ ବିଗୁରି କରୁଛନ୍ତି ବସି,

Digitized by srujanika@gmail.com

କାଲେ କଏ କ'ଣ କହିବ, ତାକୁ ଡାକ୍ତରଖାନା କେମିତି ନବା···? ମୁଁ ଯୋଗକୁ ସେଇ ବାଟେ ଆସୁଥିଲି ବୋଲି ସିନା···!"

ମୁହଁ ଲୁଗ୍ରଇ ଅମଲା ଶୁଣୁଥିଲା ସବୁ । ସେ ଏଠିକି କମିତି ଅବସ୍ଥାରେ ଆସିଲା, ସେକଥା ମଧ୍ୟ ପଗ୍ଚରିବା ଦରକାର ପଡ଼ିଲା ନାହିଁ ତାକୁ ।

—"ତମେ ଏକାକି ନେଇଆସିଲ···?"—ସୁମାଲା ପ୍ରଶ୍ନ କଲା ।

—"ଆଉ ବୋକାଟିଏ କୋଉଠୁ ଆଣିଥାନ୍ତି ? ଘରେ ସବୁ କଣ ଏତେବେଳେ ଥାଆନ୍ତି ? ତାକୁ ଆଣି, ଆଡ଼ମିଟ୍ କରି, ଶେଷକୁ ସାରରାତି ଜଗିବସିଛି ନାଁ ବାହାରେ—ଅବଶ୍ୟ, ବେଶି କଷ୍ଟ ହୋଇନି—ଗୋଟାଏ ବେଳକୁ ହୋଇଗଲା···ତା'ପରେ ଏଇ ଶୋଇପଡ଼ିଲା ନା—ବେହୋସ ହୋଇଥିଲା, ଗୁଡ଼ାଏ ରକ୍ତସ୍ରାବ ହୋଇଥିଲା, ତା'ପରେ ଶୋଇପଡ଼ିବା ଦେଖି, ଭୟରେ, କାଲେ କଣ ହବ ବୋଲି, ରାତିସାରା ଜଗିବସିଲି । ନ ହେଲେ ତ ରାତିରେ ତମକୁ ଯାଇ ଡାକିଆଣିଥାଆନ୍ତି···ଯାହା ହଉ ହୋଇଗଲା ତ !"

ବୁଲାଭାଇ ପ୍ରତି ଅସୀମ ଶ୍ରଦ୍ଧା ଆଉ କୃତଜ୍ଞତାରେ ଭରିଗଲା ଅମଲାର ମନ । ମନେ ମନେ ପ୍ରଣାମ କଲା ସେ ବୁଲାଭାଇକୁ—ତାର ଜୀବନଦାତାକୁ ।

ସୁମାଲା ଆତ୍ମତୃପ୍ତି, ଗର୍ବରେ ମୁରୁକି ମୁରୁକି ହସୁଥିଲା ସେମିତି । ବୋଧହୁଏ ବୁଲା ପାଇଁ ମନରେ ତାର ଗୌରବ ବୋଧ ଆସୁଥିଲା ।

କିଛିକ୍ଷଣ ନୀରବତା ପରେ, ଅମଲା ନିଜ ଭିତରେ ଦୃଢ଼ତା ସଂଚୟ କରି ପଗ୍ଚରିଲା—

—"ଏସବୁ କାହିଁକି ଆଣିଲ···?"

—"ତୋ ପାଇଁ କଏ ଆଣିଚି ? କାଲେ···ଆମ ଝିଆପାଇଁ, ଆମେ ଆଣିଚୁ ନା—"

ଏପର୍ଯ୍ୟନ୍ତ ଶିଶୁଟିକୁ ବୋଧହୁଏ କେହି ଲକ୍ଷ୍ୟ କରିନଥିଲେ—ବୁଲାର କଥାରେ ସେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କଲା—

କଅଁଳିଆ ପୁଅଟିଏ—ଗ୍ଳେଠ ଗ୍ଳେଠ ସଦ୍ୟଫୁଟା ଆଖିମେଲି ଚାହୁଁଛି । ଆଲୋକ ସହ୍ୟ କରିନପାରି ଥରକୁ ଥର ଆଖି ବୁଜି ଦେଉଛି

Digitized by srujanika@gmail.com

ହାତଗୋଡ଼ ହଲାଇବାକୁ ଚେଷ୍ଟା କରୁଛି ଅସଂଯତ ଭାବରେ—କେବଳ ଛନଛନିଆ ବାଳ ମୁଣ୍ଡରେ ତାର ।

—"ଅଛା କରୁଚ ? ଲାଜ ଲାଗୁନାହିଁ ଏ ଛୁଆ ପାଇଁ ପୁଣି ଦରଦ...?"

ଏଥର ଅସମ୍ଭବ ଭାବରେ ଗମ୍ଭୀର ହୋଇଉଠିଲା ବୁଲା । ମୁହଁରୁ ତାର ହସ ମିଳେଇଗଲା ।

—"ତା'ର ଦୋଷ କଣ ? ତମେ ପାପ କରିବ, ଆଉ, ସିଏ ଭୋଗିବ ତମ ପାପର ଫଳ ? ତୋତେ ଉପଭୋଗ କରିବାକୁ ସମସ୍ତେ ତ ବାହାରି ଆସୁଥିଲେ...କାହିଁ, କାହାରି ଜଣକର ତ ଦେଖା ନାହିଁ ଏଠି... କେହି ଜଣେ ହେଲେ ତ ଆଗେଇ ଆସୁ ନାହାନ୍ତି, ଏ ସନ୍ତାନର ପିତୃତ୍ୱ ଦାବୀ କରିବାକୁ ?"

ଛୁଆର ମୁଣ୍ଡରେ ମମତାବୋଳା ହାତ ବୁଲାଇ ଦେଉ ଦେଉ ବୁଲା କହିଲା କଥାଗୁଡ଼ାକ, କେମିତି ଉତ୍ତେଜିତ ହୋଇଗଲା ସେ ।

—"ହେଃ, ଆଉ ହସପିଟାଲ୍ଟାରେ କଣ ସେମିତି କହୁଚ ? କିଏ ଶୁଣିବ !" ସୁମାଲା ବଡ଼ ସନ୍ତର୍ପଣରେ କହିଲା ।

—"ଶୁଣନ୍ତୁ—ମୋର କାହା ଶୁଣାକୁ ଡର ନାହିଁ—ଏମିତି... ଏମିତି ଦିନେ ମୋତେ ବି ମୋ ବାପା ମା' କୋଉଠି ଛାଡ଼ିଯାଇଥିଲେ, ହତାଦର କରି । ତାଙ୍କର ପାପର ଫଳ ମୁଁ ଭୋଗୁଛି—!" ଆଖି ତାର ଛଳଛଳ ହୋଇଆସିଲା ହଠାତ୍ "ଆଉ ଆଜି...ଆଜି ମୋଭଳି ଆଉ ଗୋଟାଏ ଜୀବନ ଏମିତି ନଷ୍ଟ ହୋଇଯିବ । ସତ୍ରି, ପଚାରିବ ମୁଁ ତାକୁ ସେମିତି ସହିଯିବ   ସେ କଥା ହୋଇପାରିବ ନାହିଁ । ଏକା ନିଃଶ୍ୱାସରେ କଥାଗୁଡ଼ାକ କହିଗଲା ସେ । ହୃଦ୍‌ଗତ ଲୁହବିନ୍ଦୁକୁ ରୋକିବା ପାଇଁ, ଅନ୍ୟ ଆଡ଼କୁ ବୁଲି ରହିଲା ।

ସୁମାଲା, ଝର ଝର କାନ୍ଦିପକାଇଲା ଏଥର । ତା' ପକ୍ଷରେ ଅସହ୍ୟ ହେଉଥିଲା ବୁଲାର କଥା, ବୋଧହୁଏ ।

ଥରି ଥର ଗଳାରେ ସେ, ପଚାରିଲା ।

—"କିନ୍ତୁ ମୁଁ...? ମୁଁ କଣ କରିବ...? ମୋ କଥା ଟିକେ ଭାବ...ମୁଁ ବଞ୍ଚିବି କେମିତି—?"

Digitized by srujanika@gmail.com

—"କାହିଁକି ? ଯେମିତି ବଞ୍ଚୁଚୁ ? ଏ ସଂସାର ଏତେ ବିଚିତ୍ର ଲୋ ଅମି, ଏଠି ମରିଯିବା ଭାରି କଷ୍ଟ । ସାହସ ଥିଲେ, କେହି ଏଠି ମରେନାହିଁ । ବଞ୍ଚିବା ତ ସହଜ—ମରିଯିବା କଷ୍ଟ !"

ଅମଲା ଏଥର ଆହୁରି ଜୋର୍‌ରେ ଜୋର୍‌ରେ କାନ୍ଦିଉଠିଲା ।

—"ମୁଁ ଭୁଲ କରିଚି ବୁଲାଭାଇ···କିନ୍ତୁ ଏ ଭୁଲକୁ ତ ମୁଁ ଆଉ ସୁଧାରିପାରିବି ନାହିଁ ! ଜୀବନଟା ସାରା କଣ ଗୋଟାଏ ଭୁଲପାଇଁ ଜଳିପୋଡ଼ି ମରିବି···? ମୁଁ କଣ କରିବି···ବୁଲାଭାଇ ମୁଁ କଣ କରିବି—"

କାନ୍ଦଣାରେ ଭାଙ୍ଗିପଡ଼ୁଥିଲା ଅମଲାର କଣ୍ଠସ୍ୱର । କଣ୍ଠ ତାର ରୁଦ୍ଧ ହୋଇଯାଉଥିଲା । ସୁମିଳି ବି, କାନ୍ଦୁଥିଲା ତା କଥା ଶୁଣି ।

ଅମଲାର ମୁଣ୍ଡ ଆଉଁସି ଦେଇ ଦେଇ ବୁଲା କହିଲା,—କାହିଁକି କାନ୍ଦୁଚୁ ଭଉଣୀ···? ଯେ କୌଣସି ନାରୀ ଏ ସମାଜରେ ଏ ଭୁଲ କରିପାରେ···କରୁଛନ୍ତି ! କିଏ ଜଣେଇ କିଏ ନ ଜଣେଇ—ଏଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି ? ନାରୀ ମା' ହୁଏ—ଆଉ ତୁ ମା' ହୋଇଚୁ—ନ ଥାଉ ତାର ପିତୃପରିଚୟ—ନ ଥାଉ ତୋର ସ୍ୱାମୀ ! ଏଇ କଣ ତୋର ଗୌରବ ନୁହେଁ ! ଏଥିରେ ଜଳିଯିବାର କଣ ଅଛି ଲୋ ! ଯେ କୌଣସି ପୁରୁଷର ଔରସରେ ଏ ଶିଶୁ ଜନ୍ମ ହୋଇପାରନ୍ତା ! ତାକୁ କେମିତି ମଣିଷକରି ଗଢ଼ିବୁ, ସେଇକଥା ଭାବ । ଆମର ଜୀବନର ଏ କଳଙ୍କ, ଏ ପାପ ଯେମିତି ତାକୁ ସ୍ପର୍ଶ ନ କରେ !"

ବୁଲାର ହାତଟା ଧରିନେଇ, ଅମଲା ଆହୁରି ଜୋର୍‌ରେ ଜୋର୍‌ରେ କାନ୍ଦିବାକୁ ଲାଗିଲା । ଦୁଇକୂଳ ନମାନି, ଲୁହର ବନ୍ୟା ତାର ଦୁଇ ଆଖିରୁ ବହିଚାଲିଲା । ବୁଲା ଆଖିରୁ ବି ଲୁହ ବହିଆସୁଥିଲା, ତାକୁ ରୋକିନେଇ, ବାଷ୍ପରୁଦ୍ଧ କଣ୍ଠରେ ବୁଲା କହିଲା ।

—"ତୁ କିଛି ଭାବନାହିଁ, ଅମି, ଏ ଶିଶୁ ମୋର । ତାକୁ ମଣିଷ କରିବାର ଦାୟିତ୍ୱ ମୋ ଉପରେ ଦେଇ ନିଶ୍ଚିନ୍ତ ହୋଇ ରହିପାରିବୁ ନାହିଁ ଭଉଣୀ···?"

—"ବୁଲାଭାଇ···" ବାଷ୍ପଗଦ୍‌ଗଦ କଣ୍ଠରେ କହିଲା ଅମଲା ।

—"ହଁ, ଏ ପୁଅ ତୋର ନୁହେଁ, ମୋର—ତୁ ଭୁଲିଯା, କେବେ ଏ ତୋର ଥିଲା ବୋଲି—ସେଇଥିପାଇଁ ତ [illegible] ଅପାକୁ ନେଇ

Digitized by srujanika@gmail.com

ଆସିଛ ଏଠିକି—ମୋ ପୁଅକୁ ନେଇଯିବାକୁ—ତାକୁ ହତାଦର କରିବ ନାହିଁ ମଁ!"

ଛୁଆଟା ଗୋଡ଼ହାତ ହଲଉଥିଲା ସେମିତି । ପ୍ରସୂତିଭବନର କାଚଝରକା ବାଟେ ସୂର୍ଯ୍ୟର ପ୍ରଖର କିରଣ ଆସି ବୁଲାର ମୁହଁ ଉପରେ ପଡ଼ୁଥିଲା ।

ନଇଁପଡ଼ି କୁନିପୁଅର ଗାଲରେ ବୋକ ଦେଲା ସେ । ତା'ପରେ କହିଲା—

—"ମଣିଷ ପୁଣି ପଶୁଠାରୁ ବି ହୀନ ହୋଇ ପାରନ୍ତି ଏମିତି ? ପଶୁ ବି ନିଜ ଜାତିର ଶିଶୁକୁ ହତାଦର କରେନାହିଁ—ଆପଣାର କରିନିଏ—ମଣିଷ କିନ୍ତୁ···"

ସୁମିଲା ଉଠିଆସି ଛୁଆକୁ କୋଳରେ ଧରିଲା ।

—"ମୋ ପୁଅ କେଡ଼େ ସୁନ୍ଦର ହୋଇଛି ଲୋ—"କହି ତା' ଗାଲରେ ବୋକଦେଲା । ପରିତୃପ୍ତିର ହସ, ମୁହଁରେ 'ଫୁଟାଇ ବୁଲା ସୁମିଲାକୁ ଚାହିଁ ଦେଖୁଥିଲା । ବିଜୟୀର ଗର୍ବରେ ମୁହଁ ତାର ଉଦ୍‌ଭାସିତ ।

—"ଆମେ ଆମ ପୁଅକୁ ନେଇ ଯାଉଚୁ—ତୁ ତ କାଲି ଡିସଚାର୍ଜ ହବୁ । ଆମ ଘର ଦେଖିଚୁ ତ···? ନ ହେଲେ, ଠିକ୍ ଅଛି, ତୁ କେତେବେଳେ ବଦାହେବୁ ଏଠୁ, ମୁଁ ଲେଡି ଡାକ୍ତରଙ୍କ ଠାରୁ ବୁଝି ଯାଉଛି—ସେତିକି ବେଳକୁ ଆସିବି—ତୋତେ ନେଇଯିବି···"

—"ଚାଲ, ଆଉ କଣ ଦରକାର ଅଛି ? ମାଗଣାରେ ସ୍ୱାମୀ, ପୁଅ ସବୁ ତ ମିଳିଲା···ଏଥର ବାହାର ଏଠୁ—"

—"ବେହିଆ···" ଲାଜରେ ସୁମିଲାର ଗଣ୍ଡଦେଶ ଆରକ୍ତିମ ହୋଇଉଠିଲା । "ଲାଜ ସରମ କଣ ସବୁ ପୋଡ଼ି ଖାଇଲଣି ? ଡାକ୍ତରଖାନା-ଟାରେ କଣ ବୋଲି କଣ କହିଯାଉଚ···?"

—"ଯାଉଚୁଁ ଲୋ ଧମିଲା—?" ସୁମିଲା କହିଲା, ଅମିଲାର କପାଳରେ ହାତବୁଲାଇ ଆଣି—

—"ଏଥର ହସ—ଆଉ କାହିଁକି ମୁହଁ ଶୁଖାଇଚୁ ?" ବୁଲା କହିଲା ।

ମୁହଁରେ [illegible] ଫୁଟାଇଲା ଅମିଲା, ଶୀର୍ଣ୍ଣ ହାତଟା ବଢ଼ାଇ ସୁମିଲାର [illegible] ଧରିଲା । ତା'ପରେ ଧୀରେ ଧୀରେ, ସୁମିଲାର କୋଳରେ

Digitized by srujanika@gmail.com

ଥିବା ଶିଶୁର ଦେହରେ ମମତାବୋଳା ହାତ ବୁଲାଇଆଣିଲା, ଅତି ସନ୍ତର୍ପଣରେ ।

ମଞ୍ଚର ପାଦପ୍ରଦୀପର ଆଲୋକ ନୁହେଁ, ବନର ଆଲୋକର ସଜୀବତା ଭିତରେ, ପ୍ରତ୍ୟେକେ ମୂର୍ତ୍ତି ଦିଶୁଥିଲେ ।

ସୁମୀଲା ଓ ଅମୀଲା, ପରସ୍ପରକୁ ଚାହିଁଲେ କ୍ଷଣକପାଇଁ । ମୁହଁରେ ତାଙ୍କର ଭାଷା ନାହିଁ ।

ଜୀବନ ସେମାନଙ୍କ ସାଥିରେ ଲୁଚକାଳି ଖେଳୁଛି ।

ରଙ୍ଗବେରଙ୍ଗୀ ଆଲୁଅର ଛଳନାରେ ଅଭିନୟ ଜୀବନ ହୋଇଯାଇଛି—ପୁଣି ଜୀବନ ଟା ସାରା ଅଭିନୟ ପାଲଟି ଯାଇଛି ।

ଶୀର୍ଣ୍ଣ ଲୁହଭିଜା ଆଖିପତା ମେଲି ଅମୀଲା ଚାହିଁରହିଥିଲା ।

ବୁଲାଭାଇ ଓ ସୁମୀଲା ଆଗେଇ ଯାଉଥିଲେ । କ୍ରମଶଃ, ପ୍ରେକ୍ଷା-ଭବନର, ପ୍ରଧାନ ଦ୍ୱାର ପାରହୋଇ, ସେମାନେ ଅଦୃଶ୍ୟ ହୋଇଗଲେ ।

ବହୁ ସମୟ, ଚାହିଁ ଚାହିଁ ଆଖିପତା ବୁଜିଦେଲା ଅମୀଲା ।

ମଞ୍ଚକନ୍ୟା ଅମୀଲାର ଦୁଇ ଆଖିରୁ ଦୁଇବିନ୍ଦୁ ଲୁହ ଗଡ଼ିଆସିଲା··· ତାର କ୍ଲାନ୍ତ ଅନ୍ତରୁ ଗୋଟାଏ ଦୀର୍ଘଶ୍ୱାସ ବାହାରିଆସିଲା—

ନାଃ···ସେ କାନ୍ଦିପାରିଲା ନାହିଁ । ଅଜସ୍ର ଲୁହଧାର ତାର ଝରି ଝରି ଶୁଖିଯାଇଛି···

କଡ଼ଲେଉଟାଇ ଶୋଇଲା ଅମୀଲା···। ଜୀବନ···! ଆଲୋକଭିତ ଆଗକୁ, ଆଗକୁ ବାଟ କଢ଼ାଇ ନିଏ—

———

Digitized by srujanika@gmail.com